

୨୦୨୫ ଭାଲେଣ୍ଟାଇନ୍ସ ଡେ'ରେ ଆସିବ
'ଦେବା'
▶ପୃଷ୍ଠା ୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-28 ♦BHUBANESWAR ♦TUESDAY ♦23 JULY 2024 ♦PAGE-16 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୨୮ ♦ଭୁବନେଶ୍ୱର ♦ମଙ୍ଗଳବାର ♦୨୩ ଜୁଲାଇ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦




# ଆରମ୍ଭରୁ ଝଡ଼



## ସଂସଦର ବଜେଟ ଅଧିବେଶନ

### ନିଟ୍ ପ୍ରସଙ୍ଗକୁ ନେଇ ଲୋକସଭାରେ ହଙ୍ଗାମା

## ରାହୁଲ-ଧର୍ମେନ୍ଦ୍ର କଥା କଟାକଟି

■ ନୂଆଦିଲ୍ଲୀ,୨୨।୭ (ଏଜେନ୍ସି): ଯଦି ଜଣେ ଧନୀ ଏବଂ ପ୍ରଚୁର ସଂପଦର ଅଧିକାରୀ ହୋଇଥାଆନ୍ତି ତେବେ ସେ ଭାରତୀୟ ପରୀକ୍ଷା ବ୍ୟବସ୍ଥାକୁ ପ୍ରଭାବିତ କରିପାରିବେ। ଯେକୌଣସି ପରୀକ୍ଷା ପ୍ରଶ୍ନପତ୍ର ମଧ୍ୟ କିଣିପାରିବେ। ଏଭଳି ମନ୍ତବ୍ୟ ଦେଇଛନ୍ତି ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ସୋମବାର ସଂସଦର ବଜେଟ୍ ଅଧିବେଶନ ଆରମ୍ଭ ହେବା ପରେ ନିଟ୍-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ବିରୋଧୀ କେନ୍ଦ୍ର ସରକାରଙ୍କୁ ନିଶାଣ କରି ବର୍ଷିଥିଲେ। ଯାହାକୁ ନେଇ ଗୃହରେ ହଙ୍ଗାମା ହୋଇଥିଲା। ଏହି ସମୟରେ ରାହୁଲ ଗାନ୍ଧୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନିଶାଣ କରି କହିଥିଲେ ଯେ କେବଳ ନିଟ୍ ପରୀକ୍ଷା ନୁହେଁ, ଏଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ଯେଭଳି ବିଭ୍ରାଟ ଦେଖାଯାଇଛି ତଦ୍ୱାରା ଦେଶର ଲକ୍ଷ ଲକ୍ଷ ଯୁବକଙ୍କ ଭବିଷ୍ୟତ ଦୁର୍ବିସହ ହୋଇପଡୁଛି। ଯଦି କାହା ନିକଟରେ ପ୍ରଚାର ଅର୍ଥ ରହିଛି ତେବେ ସେହି ବ୍ୟକ୍ତି ଜଣକ ପରୀକ୍ଷା ପ୍ରଶ୍ନପତ୍ର କିଣିପାରୁଛି। ଏହା ପରୀକ୍ଷା ଆୟୋଜନ ନେଇ ରହିଥିବା ବ୍ୟବସ୍ଥା ପ୍ରତି ଏକ ବଡ଼ ପ୍ରଶ୍ନ। ଯଦି ପରୀକ୍ଷା ଆୟୋଜନ ପ୍ରକ୍ରିୟାରେ ଅନିୟମିତତା କରାଯାଏ ତେବେ ଏହା ଦାୟିତ୍ୱରେ ରହିଥିବା ସଂସ୍ଥା ଏବଂ ଶିକ୍ଷା ମନ୍ତ୍ରାଳୟ କ'ଣ କରୁଛି ବୋଲି ରାହୁଲ ପ୍ରଶ୍ନ କରିଥିଲେ। ତେବେ ରାହୁଲଙ୍କ ଏଭଳି ଅଭିଯୋଗକୁ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଖଣ୍ଡନ କରିବା ସହିତ ପରୀକ୍ଷା ବ୍ୟବସ୍ଥା ସହ ରାହୁଲ ଅର୍ଥକୁ ଯେଭଳି ଯୋଡିଛନ୍ତି ତାହା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ସେ କହିଥିଲେ ଯେ, ରାହୁଲ ଯାହା କହୁଛନ୍ତି ତାହାର କୌଣସି ପ୍ରମାଣ ନାହିଁ। ଏପରିକି ବିଗତ ୭ ବର୍ଷ ମଧ୍ୟରେ କୌଣସି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେବାର ପ୍ରମାଣ ନାହିଁ। କିନ୍ତୁ ରାହୁଲ ସବୁ ପରୀକ୍ଷାକୁ ନେଇ ଯେଭଳି ମନ୍ତବ୍ୟ ଦେଇଛନ୍ତି ତାହା ▶ପୃଷ୍ଠା-୯



ଟଙ୍କା ଥିଲେ ପ୍ରଶ୍ନପତ୍ର କିଣିବା ବଡ଼ କଥା ନୁହେଁ: ରାହୁଲ

ରାହୁଲଙ୍କ ମନ୍ତବ୍ୟ ଦୁର୍ଭାଗ୍ୟଜନକ: ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର

## ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ଗର୍ଜିଲା ବିଜେଡି

■ ଭୁବନେଶ୍ୱର, ୨୨।୭ (ସମିସ): ଆଜି ରାଜ୍ୟସଭାରେ ପୁଣି ଉଠିଛି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରସଙ୍ଗ। ବିଜେଡି ରାଜ୍ୟସଭା ସାଂସଦ ମୁନା ଖାନ୍ ଗୃହରେ ଏହି ପ୍ରସଙ୍ଗ ଉଠାଇଛନ୍ତି। ଶ୍ରୀ ଖାନ୍‌ଙ୍କ ଦାବିକୁ ସମର୍ଥନ ଜଣାଇଛନ୍ତି ସାଂସଦ ଡ଼ ସସ୍ମିତ ପାତ୍ର। ଶ୍ରୀ ଖାନ୍ ଗୃହରେ କହିଛନ୍ତି ବ୍ୟାପକ ସମ୍ଭାବନାର ରାଜ୍ୟ ଓଡ଼ିଶାର ୭ଟି ଜିଲ୍ଲା ସମୁଦ୍ର ସହ ସଂଲଗ୍ନ ହୋଇ ରହିଛି। ୧୯୯୯ ମହାବାତ୍ୟାରୁ ଆରମ୍ଭ କରି ୨୦୧୯ରେ ଫନି ପର୍ଯ୍ୟନ୍ତ ବିଗତ ୨୫ ବର୍ଷରେ ଓଡ଼ିଶା ୪ଟି ବଡ଼ ବାତ୍ୟାର ସମ୍ମୁଖୀନ ହୋଇଛି। କିନ୍ତୁ ୨୦୦୦ ମସିହା ପରେ ନବୀନ ପଟ୍ଟନାୟକଙ୍କ ସରକାର ଆସିବା ପରେ ପ୍ରାକୃତିକ ବିପର୍ଯ୍ୟୟକୁ ଓଡ଼ିଶା ମୁକାବିଲା କରିବାରେ ସକ୍ଷମ ହୋଇଛି। ଶ୍ରୀ ପଟ୍ଟନାୟକଙ୍କ ଶୂନ୍ୟ ଜୀବନହାନି ନୀତି ସମଗ୍ର ଦେଶ ପାଇଁ ଆଲୋକବର୍ତ୍ତିକା ହୋଇଛି। ତାଙ୍କର ଏହି ସଫଳ ଉଦ୍ୟମକୁ ବିଶ୍ୱବ୍ୟାପୀ ପ୍ରଶଂସା କରାଯାଇଛି। ବାରମ୍ବାର ପ୍ରାକୃତିକ ବିର୍ଯ୍ୟୟର ସାମ୍ନା କରୁଥିବାରୁ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ କରାଯାଇ ଅନୁଦାନ ଦିଆଯିବାର ଯଥେଷ୍ଟ ଆବଶ୍ୟକତା ଅଛି ବୋଲି ସେ ଦାବି କରିଛନ୍ତି।

ସେ କହିଛନ୍ତି ଯେ ଏଥି ପାଇଁ କିଛି ସ୍ୱତନ୍ତ୍ର ଆଇନ ଥିଲେ ମଧ୍ୟ କେନ୍ଦ୍ର ▶ପୃଷ୍ଠା-୯

## ବିଧାନସଭାର ମୌସୁମୀ ଅଧିବେଶନ

## ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ: ରାଜ୍ୟପାଳ



■ ଭୁବନେଶ୍ୱର, ୨୨।୭ (ସମିସ): ଆରମ୍ଭ ହୋଇଛି ବିଧାନସଭାର ମୌସୁମୀ ତଥା ବିଜେଟ୍ ଅଧିବେଶନ। ରାଜ୍ୟପାଳ ରଘୁବର ଦାସଙ୍କ ଅଭିଭାଷଣ ସହ ସପ୍ତଦଶ ବିଧାନସଭାର ଏହି ପ୍ରଥମ ଅଧିବେଶନ ବେଶ୍ ସରଗରମ ରହିଛି। ରାଜ୍ୟରେ ମୋହନ ନେତୃତ୍ୱାଧୀନ ବିଜେପି ସରକାର ଆସନ୍ତା ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଗଠନ ନିମନ୍ତେ ଲକ୍ଷ୍ୟ ରଖିଛନ୍ତି ବୋଲି ରାଜ୍ୟପାଳ ଘୋଷଣା କରିଛନ୍ତି।

- ୨୦୨୯ ସୁଦ୍ଧା ରାଜ୍ୟରେ ୩.୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ
- ଗ୍ରାମାଞ୍ଚଳରେ ୧୦ ଲକ୍ଷ ଏବଂ ସହରାଞ୍ଚଳରେ ୫ ଲକ୍ଷ ଘର ନିର୍ମାଣ ଲକ୍ଷ୍ୟ
- ଓଡ଼ିଶାକୁ ପୂର୍ବ ଭାରତର ଶକ୍ତିଶାଳୀ ରାଜ୍ୟରେ ପରିଣତ କରିବାକୁ ପରିକଳ୍ପନା
- ଦୁର୍ନୀତି ଅଭିଯୋଗର ସମାଧାନ ଓ ତଦାରଖ ପାଇଁ ପ୍ରଚଳନ ହେବ ୱେବ୍ ପୋର୍ଟାଲ

ଏହି ବିକଶିତ ଓଡ଼ିଶାରେ କୃଷକମାନଙ୍କର ଉନ୍ନତି ହେବ, ଯୁବକ ଯୁବତୀମାନେ ରୋଜଗାର ପାଇବେ ଏବଂ ମହିଳାମାନେ ସଶକ୍ତ ହେବେ। କୃଷକ, ଶ୍ରମିକ, ଜନଜାତି, ଯୁବଶକ୍ତି, ଅନ୍ନଦାତା ଓ ନାରୀ ଶକ୍ତିକୁ ସବୁ ଦିଗରୁ ପ୍ରାଥମିକତା ଦିଆଯିବ। ସଂସ୍କାର, ପ୍ରଦର୍ଶନ, ଏବଂ ରୂପାନ୍ତର ମୋ ସରକାରଙ୍କ ଉଦ୍ଦେଶ୍ୟ ହେବ ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି।

ବିଧାନସଭାରେ ନିଜ ଅଭିଭାଷଣରେ ରାଜ୍ୟପାଳ କହିଛନ୍ତି ଯେ ଓଡ଼ିଶାର ୭୦ ପ୍ରତିଶତ ଲୋକେ କୃଷି କାର୍ଯ୍ୟରେ ▶ପୃଷ୍ଠା-୯

## ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ: ନବୀନ



■ ଭୁବନେଶ୍ୱର, ୨୨।୭ (ସମିସ): ଦୀର୍ଘ ୨୪ ବର୍ଷ ମୁଖ୍ୟମନ୍ତ୍ରୀ ରହିବା ପରେ ଏବେ ବିରୋଧୀ ଦଳ ନେତା ଆସନରେ ବସିଥିବା ନବୀନ ପଟ୍ଟନାୟକ ଅନେକ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଜବାବ୍ ତଲବ କରିବା ପାଇଁ ରଣନୀତି ନିର୍ଦ୍ଧାରଣ କରିଛନ୍ତି। ବିଜେପି ସରକାରକୁ ଗୋଡ଼େଗୋଡ଼େ ଜଗିବାକୁ ନିଷ୍ପତ୍ତି ନେଇ ଦଳର ସୁପ୍ରିମୋ ନବୀନ ଦେଶର ଗଣତାନ୍ତ୍ରିକ ଇତିହାସରେ ପ୍ରଥମ ଛାୟା କ୍ୟାବିନେଟ ଗଠନ କରିଛନ୍ତି। ଏହିକ୍ରମରେ ସୋମବାର ଆରମ୍ଭ ହୋଇଥିବା ବିଧାନସଭାର ପ୍ରଥମ ତଥା ବଜେଟ ଅଧିବେଶନର ପ୍ରଥମ ଦିନରୁ ହିଁ ବିଜେଡି ରାଜ୍ୟ ସରକାରଙ୍କୁ ଘେରିବା ଆରମ୍ଭ କରିଛି। ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟ ଶାସନର ମୁଖ୍ୟ କୁହାଯାଉଥିବା ରାଜ୍ୟପାଳଙ୍କ ପୁଅ ଜଣେ କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କୁ ମାଡ଼ମାରି ଲହୁଲୁହାଣ କରିବା ସତ୍ତ୍ୱେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବା କ୍ଷୋଭର ବିଷୟ ବୋଲି ନବୀନ କହିଛନ୍ତି। ଏଥିସହ ▶ପୃଷ୍ଠା-୯

ରାଜ୍ୟପାଳଙ୍କ ପୁଅ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେବା କଷ୍ଟଦାୟକ

ରାଜ୍ୟପାଳଙ୍କ ଅଭିଭାଷଣ ସମୟରେ ବିଜେଡି ସଦସ୍ୟଙ୍କ କକ୍ଷତ୍ୟାଗ

### ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପିତ

## ମହଙ୍ଗା ବଜାର, ବେକାରିକୁ ନେଇ ଚିନ୍ତା

■ ନୂଆଦିଲ୍ଲୀ,୨୨।୭ (ଏଜେନ୍ସି): ସମ୍ପ୍ରତି ଦେଶରେ ଉଚ୍ଚ ମୁଦ୍ରାସ୍ଫୀତି ଏବଂ ବେକାରି ବୃଦ୍ଧି ମୁଖ୍ୟ ପ୍ରସଙ୍ଗ ପାଲଟିଥିବାବେଳେ ଏହାକୁ ନେଇ ଏବେ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଚିନ୍ତା ପ୍ରକାଶ କରାଯାଇଛି। କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂସଦରେ ୨୦୨୩-୨୪ ଆର୍ଥିକବର୍ଷ ପାଇଁ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କହିଛନ୍ତି। ସର୍ଭେରେ ୨୦୨୪-୨୫ରେ ଭାରତର ବାସ୍ତବ ଜିଡିପି ୬.୫ ରୁ ୭ ପ୍ରତିଶତ ମଧ୍ୟରେ ରହିବ ବୋଲି ଆକଳନ କରାଯାଇଛି। ୨୦୨୪ରେ ବିଶ୍ୱରେ ଭୂ-ରାଜନୈତିକ ସଂଘର୍ଷ ବୃଦ୍ଧି ପାଇବା କାରଣରୁ ଯୋଗାଣରେ ଅବ୍ୟବସ୍ଥା ସୃଷ୍ଟି ହୋଇଛି। ଏହି ଯୋଗାଣ ଜନିତ ସମସ୍ୟା ଘରୋଇ ବଜାରରେ ବିଭିନ୍ନ ସାମଗ୍ରୀର ଦର ବୃଦ୍ଧି ଘଟାଇଛି। ଏଥିଯୋଗୁ ଆଗାମୀ ଦିନରେ ମୁଦ୍ରାସ୍ଫୀତି ଜନିତ ଚାପ ବୃଦ୍ଧି ପାଇବ। ଫଳରେ ଦେଶକୁ ପୁଞ୍ଜି ପ୍ରବାହ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିପାରେ ବୋଲି ସର୍ଭେରେ ଏ ନେଇ ଚେତାବନୀ ଦିଆଯାଇଛି। ସର୍ଭେରେ ଦର୍ଶାଯାଇଛି ଯେ ମୁଖ୍ୟତଃ ଦୁର୍ବଳ ବିଶ୍ୱ ଚାହିଦା ଏବଂ କ୍ରମାଗତ ଭୂ-ରାଜନୈତିକ ଉତ୍ତେଜନା କାରଣରୁ ବାହ୍ୟ କ୍ଷେତ୍ରରେ ▶ପୃଷ୍ଠା-୯



## ସଂସଦରେ ଆଜି ବଜେଟ

■ ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ମଙ୍ଗଳବାର ଆର୍ଥିକବର୍ଷ ୨୦୨୪-୨୫ ପାଇଁ ସଂସଦରେ ବଜେଟ ଉପସ୍ଥାପନ କରିବେ। ଚଳିତବର୍ଷ ସାଧାରଣ ନିର୍ବାଚନ ଥିବାରୁ ଏକ ପୂର୍ଣ୍ଣାଙ୍ଗ ବଜେଟ ସ୍ଥାନରେ ଫେବୃଆରୀରେ ସରକାର ଏକ ଅନ୍ତରୀଣ ବଜେଟ ଆଗତ କରିଥିଲେ। ଆସନ୍ତାକାଲି ଅର୍ଥମନ୍ତ୍ରୀ ସଂସଦରେ ପୂର୍ବାହ୍ନ ୧୧ଟାରେ ବଜେଟ ଆଗତ କରିବେ। ଅର୍ଥମନ୍ତ୍ରୀ ଭାବେ ନିର୍ମଳାଙ୍କର କ୍ରମାଗତ ଭାବେ ଏହା ହେବ ୭ମ ▶ପୃଷ୍ଠା-୯

ଉଚ୍ଚ ମୁଦ୍ରାସ୍ଫୀତି ନିୟନ୍ତ୍ରଣ, ନିଯୁକ୍ତି ସୃଷ୍ଟି ବଡ଼ ଆହ୍ୱାନ

## ବିରୋଧ, ହଟ୍ଟଗୋଳ, କକ୍ଷତ୍ୟାଗରୁ ଆରମ୍ଭ ବଜେଟ ଅଧିବେଶନ

- ରାଜ୍ୟପାଳଙ୍କ ପୁଅକୁ ନେଇ କମ୍ପିଲା ବିଧାନସଭା
- ନବୀନ କହିବା ବେଳେ ବନ୍ଦ କରାଗଲା ମାଇକ୍ ସଂଯୋଗ
- ରାଜ୍ୟପାଳଙ୍କ ପୁଅ ପ୍ରସଙ୍ଗରେ ସରକାରଙ୍କୁ ଘେରିଲେ ବିରୋଧୀ
- ନବୀନ ଉଠାଇଲେ ପ୍ରସଙ୍ଗ, ଗୃହ ମଧ୍ୟରେ କଂଗ୍ରେସର ହଟ୍ଟଗୋଳ
- 'ରାଜ୍ୟପାଳ ଗୋ ବ୍ୟାକ୍' ସ୍ଲୋଗାନରେ ଗୃହ କମ୍ପାଇଲା କଂଗ୍ରେସ



■ ଭୁବନେଶ୍ୱର, ୨୨।୭ (ସମିସ): କେନ୍ଦ୍ରରେ ବିଜେପି ସରକାର ସଂସଦରେ ଯେଉଁ ଢ଼ାଞ୍ଚା ଆପଣେଇଛନ୍ତି, ରାଜ୍ୟରେ ମଧ୍ୟ ବିଧାନସଭାରେ ବିଜେପି ସରକାର ସେହି ଢ଼ାଞ୍ଚା ପ୍ରୟୋଗ କରୁଛନ୍ତି। ସଂସଦର ସଂକ୍ଷିପ୍ତ ଅଧିବେଶନରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଭାଷଣ ଦେବା ସମୟରେ ତାଙ୍କ ମାଇକ୍ ସଂଯୋଗ କାଟି ଦେବା ପରି ବିଧାନସଭାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ କହିବା ସମୟରେ ତାଙ୍କର ମାଇକ୍ ସଂଯୋଗ କାଟି ଦିଆଯାଇଛି। ଯାହାକୁ ନେଇ ଗୃହରେ ସୃଷ୍ଟି ହୋଇଛି ତୁମ୍ବୀତୋଫାନ। ବିରୋଧ, ହଟ୍ଟଗୋଳ, କକ୍ଷତ୍ୟାଗରୁ ▶ପୃଷ୍ଠା-୯

### ଏଏସ୍‌ଓଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣା

## ତଦନ୍ତ କରୁଛନ୍ତି ପୁରୀ ଜିଲ୍ଲାପାଳ: ଆଇନମନ୍ତ୍ରୀ

■ ଭୁବନେଶ୍ୱର, ୨୨।୭ (ସମିସ): ରାଜ୍ୟପାଳଙ୍କ ପୁଅ ଜଣେ ଏଏସ୍‌ଓଙ୍କୁ ମାଡ଼ ମାରିବା ଘଟଣାରେ ଆଜି ବିଧାନସଭା ହୁଲସ୍ଥୁଲ ହୋଇଥିବା ବେଳେ ଏହାକୁ ନେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନିଜ ପକ୍ଷ ରଖିଛନ୍ତି। ସେ କହିଛନ୍ତି ଯେ ଗତ ୭ ତାରିଖରେ ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଅବଗତ ଅଛନ୍ତି। ଏହି ଘଟଣାର ତଦନ୍ତ କରି ସତ୍ୟାସତ୍ୟ ଯାଞ୍ଚ କରିବାକୁ ପୁରୀର ଜିଲାପାଳଙ୍କୁ ରାଜ୍ୟପାଳଙ୍କ ▶ପୃଷ୍ଠା-୯

### ବିଭ୍ରାନ୍ତିକର ଖବରକୁ ନେଇ ନବୀନଙ୍କ କଡ଼ା ପ୍ରତିକ୍ରିୟା

## କ୍ଷମାପ୍ରାର୍ଥନା କଲା ଜାତୀୟ ଗଣମାଧ୍ୟମ

■ ଭୁବନେଶ୍ୱର, ୨୨।୭ (ସମିସ): ଜାତୀୟ ଇଂରାଜୀ ଦୈନିକୀ 'ଦ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସ'ରେ ବିଜେଡି-ବିଜେପି ସମ୍ପର୍କ ଓ ପାଣ୍ଡିଆନଙ୍କ ସଂକ୍ରାନ୍ତରେ ଦିଲ୍ଲୀ ଆବାସିକ ସମ୍ପାଦକ ସାହିଦ ଫରିଦଙ୍କ ରିପୋର୍ଟକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଏହି ଖବରକୁ ସମ୍ପୂର୍ଣ୍ଣ ମିଥ୍ୟା, ଉଦ୍ଦେଶ୍ୟ ପ୍ରଣୋଦିତ, ବିଭ୍ରାନ୍ତକାରୀ ଓ ମାନହାନୀସୂଚକ ବୋଲି ନବୀନ ଅଭିହିତ କରିଛନ୍ତି। ମିଷ୍ଟର ପାଣ୍ଡିଆନ ସମ୍ପୂର୍ଣ୍ଣ ସମର୍ପିତ ଭାବରେ ଦକ୍ଷତା ଓ ନିଷ୍ଠାର ସହ ରାଜ୍ୟ ଓ ଦଳର ସେବା କରିଛନ୍ତି ବୋଲି ଉଲ୍ଲେଖ କରି ଖବରକାଗଜ କର୍ତ୍ତୃପକ୍ଷଙ୍କୁ କଡ଼ା ବାଣୀ ଶୁଣାଇଛନ୍ତି। ନବୀନଙ୍କ ଏହି କଡ଼ା ପ୍ରତିକ୍ରିୟା ପରେ ଖବରକାଗଜ ସଂସ୍ଥା 'ଦ ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସ' ଏହି ସ୍ତମ୍ଭକୁ ପ୍ରତ୍ୟାହାର କରିବା ସହ କ୍ଷମା ପ୍ରାର୍ଥନା କରିଛି। ଖବରକାଗଜ ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ସୂତ୍ର ଆଧାରିତ ସୂଚନା ଆଧାରରେ ବିଜେଡି ଏବଂ କେନ୍ଦ୍ର ସରକାରଙ୍କ ଶୀର୍ଷ ନେତୃତ୍ୱ ମଧ୍ୟରେ ବାର୍ତ୍ତାଳାପକୁ ନେଇ ଉକ୍ତ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ମାତ୍ର ବିଜେଡି ସଭାପତି ନବୀନ ପଟ୍ଟନାୟକ ଏହାକୁ ଖଣ୍ଡନ କରିଥିବାରୁ ଆମେ କ୍ଷମା ପ୍ରାର୍ଥନା କରିବା ସହ ନିଃସର୍ତ୍ତମୂଳକ ଭାବେ ଏହି ରିପୋର୍ଟକୁ ପ୍ରତ୍ୟାହାର କରୁଛୁ। କୌଣସି କେନ୍ଦ୍ରମନ୍ତ୍ରୀ ଶ୍ରୀ ପାଣ୍ଡିଆନଙ୍କୁ ସାକ୍ଷାତ କରି ନ ଥିଲେ କିମ୍ବା ଏଭଳି ଆଲୋଚନା କରି ନ ଥିଲେ ବୋଲି ଆମେ ଜାଣିବାକୁ ପାଇଛୁ ବୋଲି ଖବରକାଗଜ ସଂସ୍ଥା ପକ୍ଷରୁ କୁହାଯାଇଛି।

### ପ୍ରକାଶିତ ଖବର ମିଥ୍ୟା, ବିଭ୍ରାନ୍ତଜନକ ଓ ଉଦ୍ଦେଶ୍ୟ ପ୍ରଣୋଦିତ

ଉଲ୍ଲେଖଯୋଗ୍ୟ ଯେ ସାହିଦ୍ ଫରିଦ୍ ତାଙ୍କର ଏକ ରିପୋର୍ଟରେ ରାଜନୀତିରୁ ସନ୍ୟାସ ନେଇଥିବା ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନଙ୍କ ସହ ବିଜେପିର କିଛି ଶୀର୍ଷ ନେତୃତ୍ୱଙ୍କ ସମ୍ପର୍କ ବଢ଼ିବାରେ ଲାଗିଥିବା ଉଲ୍ଲେଖ କରିଥିଲେ। ଫରିଦ୍ ତାଙ୍କ ରିପୋର୍ଟରେ ଲେଖିଥିଲେ ଯେ ଶ୍ରୀ ପାଣ୍ଡିଆନ ବିଜେଡିରେ ବିଭାଜନ କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି। ବିଜେଡି ବିଭାଜନ ହେଲେ ଓଡ଼ିଶା ବିଜେପିର ଶକ୍ତିବୃଦ୍ଧି ହେବ। ମାତ୍ର ସାମ୍ପ୍ରତିକ ସ୍ଥିତି ଦୃଷ୍ଟିରୁ ବିଜେପି ନବୀନ ପଟ୍ଟନାୟକଙ୍କ ସହ ଭଲ ସମ୍ପର୍କ ରଖିବାକୁ ଉଦ୍ୟମ କରୁଛି। ଅନୁରୂପ ଭାବରେ ରାଜ୍ୟସଭାରେ ବିଜେପିର ସଂଖ୍ୟା ଗରିଷ୍ଠତା ନ ଥିବାରୁ କୌଣସି ବିଲ୍ ପାସ୍ ପାଇଁ ବିଜେପି ପୁନର୍ବାର ବିଜେଡ଼ି ସହ ଯୋଗସୂତ୍ର ସ୍ଥାପନ କରିଛି। ଗତ ସପ୍ତାହରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ବିଜେଡି ସୁପ୍ରିମୋ ନବୀନଙ୍କ ସହ କଥା ହୋଇଥିଲେ ଓ ରାଜ୍ୟସଭାରେ ତାଙ୍କ ଦଳ ବିଜେପିକୁ ସସର୍ତ୍ତ ସମର୍ଥନ ଦେବ ବୋଲି ନବୀନ ସ୍ୱୀକୃତି ଦେଇଛନ୍ତି। ମାତ୍ର ପାଣ୍ଡିଆନଙ୍କୁ ବିଜେପିରେ ଗ୍ରହଣ ନ କରିବାକୁ ନବୀନ ସର୍ତ୍ତ ରଖିଛନ୍ତି ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା।

ପ୍ରକାଶିତ ଏହି ଖବରକୁ ନେଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିବା ସହ ଅତ୍ୟନ୍ତ କଡ଼ା ଭାଷାରେ ପ୍ରତିକ୍ରିୟା ରଖିଥିଲେ। କାର୍ତ୍ତିକ ପାଣ୍ଡିଆନ୍ ରାଜ୍ୟ ଏବଂ ଦଳ ▶ପୃଷ୍ଠା-୯

### କ୍ରୀଡ଼ା ପୁରସ୍କାରରୁ ବିଜୁ ବାବୁଙ୍କ ନାମ ବାଦ୍ ପ୍ରସଙ୍ଗ

## ବିଜ୍ଞପ୍ତି ପ୍ରତ୍ୟାହାର

■ ଭୁବନେଶ୍ୱର, ୨୨।୭ (ସମିସ): ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରର ନାମ ପରିବର୍ତ୍ତନ ସଂକ୍ରାନ୍ତ ବିଜ୍ଞପ୍ତିକୁ ପ୍ରତ୍ୟାହାର କରିଛି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ। ପୂର୍ବବତ୍ ଉକ୍ତ ପୁରସ୍କାରର ନାମ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ରହିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

ଗତ ୧୯ ତାରିଖରେ ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପରେ ସମଗ୍ର ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପ୍ରବାଦ ପୁରୁଷ ବିଜୁଙ୍କ ନାମ ପ୍ରତ୍ୟାହାର ଓଡ଼ିଆ ଅସ୍ମିତାକୁ କ୍ଷୁଣ୍ଣ କରିଥିବା ଅଭିଯୋଗ ହୋଇଥିଲା। ଶେଷରେ ଏଥିରେ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ଏ ସମ୍ପର୍କରେ ସେ ଜାଣନ୍ତି ନାହିଁ, ଗଣମାଧ୍ୟମରୁ ଏ ସୂଚନା ସେ ପାଇଥିବା ଉଲ୍ଲେଖ କରି ବିଜୁଙ୍କ ନାମରେ କ୍ରୀଡ଼ା ପୁରସ୍କାର ଅବ୍ୟାହତ ରହିବ ବୋଲି ଘୋଷଣା କରିଥିଲେ।

### ଏନ୍‌ଏଚ୍-୧୬ରେ ପୋଲ ଭୁଶୁଡ଼ିବା ଘଟଣାକୁ ବର୍ଷେ ବିତିଲା

## ଆରମ୍ଭ ହୋଇନି କାମ; ଯାତ୍ରୀ ହନ୍ତସନ୍ତ



■ ଯାଜପୁର, ୨୨।୭ (ସମିସ): ଯାଜପୁର ଜିଲ୍ଲା ଦେଇ ଯାଇଥିବା ୧୬ନଂ ଜାତୀୟ ରାଜପଥର କୁଆଖିଆ ନିକଟରେ ୨୦୨୩ ଜୁଲାଇ ୧୮ ତାରିଖରେ ଏକ ପୋଲ ଭୁଶୁଡ଼ି ପଡ଼ିଥିଲା। ସକାଳ ବେଳା ଏହି ପୋଲ ଭୁଶୁଡ଼ିଥିଲେ ମଧ୍ୟ ସୌଭାଗ୍ୟବଶତଃ କାହାର କୌଣସି କ୍ଷତି ହୋଇ ନ ଥିଲା। ପୋଲ ଭୁଶୁଡ଼ିବାର କିଛି ସମୟ ପୂର୍ବରୁ କେତେକ ଗାଡ଼ି ଯାତାୟତ କରୁଥିବା ଦେଖାଯାଇଥିଲା। ପୋଲ ଭୁଶୁଡ଼ିବା ଫଳରେ ଗୋଟିଏ ପଟ ରାସ୍ତାରେ ସମ୍ପୂର୍ଣ୍ଣ ଯାତାୟତ ବନ୍ଦ ହୋଇଥିଲା। ଏହାକୁ ନେଇ ହୋ-ହାଲ୍ଲା ଦେଖାଦେଇଥିଲା। କାହିଁକି ଓ କିଭଳି ପରିସ୍ଥିତିରେ ଜାତୀୟ ରାଜପଥରେ ଏଭଳି ଦୁର୍ଘଟଣା ଘଟିଲା ତାକୁ ନେଇ ନାନା ଚର୍ଚ୍ଚା ହୋଇଥିଲା। ଘଟଣାସ୍ଥଳକୁ ତତ୍କାଳୀନ ଲୋକପ୍ରତିନିଧିଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ପ୍ରତିନିଧି ପହଞ୍ଚି ତୁରନ୍ତ ଏହାର ମରାମତି କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ଖୋଦ ଜାତୀୟ ▶ପୃଷ୍ଠା-୯

ସମ୍ପୂର୍ଣ୍ଣା

ସକାଳ THE SAKALA www.sakalaepaper.com

## ପୁରାଣେ ପୁରୁଷୋତ୍ତମ-୧୮



### କୂର୍ମ ମହାପୁରାଣ

ଅଷ୍ଟାଦଶ ମହାପୁରାଣ ଶୃଙ୍ଖଳାରେ କୂର୍ମ ମହାପୁରାଣ ସୁବିଶ୍ରୁତ। ସମୁଦାୟ ୨ଟି ଭାଗ (ପୂର୍ବ ଓ ଉତ୍ତର), ୯୬ଟି ଅଧ୍ୟାୟ ଓ ୧୭ ହଜାର ଶ୍ଳୋକରେ ସମୃଦ୍ଧ ଏହି ମହାପୁରାଣରେ ସୃଷ୍ଟିତତ୍ତ୍ୱ, ଭୁବନକୋଷବିନ୍ୟାସ, ବଂଶାନୁଚରିତ, ମନ୍ୱନ୍ତରକଥା, ବାରାଣସ୍ୟାଦି ତୀର୍ଥମାହାତ୍ମ୍ୟ ପ୍ରଭୃତି ବର୍ଣ୍ଣିତ। ଏହି ପୁରାଣ(୧/୧/୩୦)ରେ କୂର୍ମରୂପୀ ପୁରୁଷୋତ୍ତମ ମହାପ୍ରଭୁ ସମୁଦ୍ରମନ୍ଥନରୁ ଉତ୍ପନ୍ନା ମହାଲକ୍ଷ୍ମୀଙ୍କ ପାଣିଗ୍ରହଣ କଲେ ବୋଲି ଉଲ୍ଲେଖ ରହିଛି-

"ତଦନ୍ତରେ ଭବେଦ୍ଦେବୀ ଶ୍ରୀନାରାୟଣବଲ୍ଲଭା।
ଜଗ୍ରାହ ଭଗବାନ୍ ବିଷ୍ଣୁସ୍ତାମେବ ପୁରୁଷୋତ୍ତମଃ।।"

ସେହି ଅଧ୍ୟାୟ(୧/୧/୬୦)ରେ ପୁରୁଷୋତ୍ତମଙ୍କ ପୂଜାରେ ନିମଜ୍ଜିତ ଜ୍ଞାନୀ ଓ କର୍ମଯୋଗିମାନଙ୍କ ଉପରେ ପ୍ରଭାବ ରଖନ୍ତି ନାହିଁ ବୋଲି ସ୍ୱୟଂ ମହାଲକ୍ଷ୍ମୀ କହିଛନ୍ତି-

"ଯେଽର୍ଚ୍ଚୟନ୍ତୀହ ଭୂତାନାମାଶ୍ରୟଂ ପୁରୁଷୋତ୍ତମମ୍।
ଜ୍ଞାନେନ କର୍ମଯୋଗେନ ନ ତେଷାଂ ପ୍ରଭବାମ୍ୟହମ୍।।"

ପୁନଶ୍ଚ (୧/୯/୭)ରେ ଅନନ୍ତ-ପୁରୁଷୋତ୍ତମଙ୍କ ଶେଷଶୟନର କଥା କୁହାଯାଇଛି-

"ତତ୍ର ନାରାୟଣୋ ଦେବୋ ନିର୍ଜନେ ନିରୁପପ୍ଲବେ।
ଆଶ୍ରିତ୍ୟ ଶେଷଶୟନଂ ସୁଷ୍ୱାପ ପୁରୁଷୋତ୍ତମଃ।।"

ଆହୁରି ମଧ୍ୟ (୧/୧୦/୭)ରେ ନାଭିକମଳରୁ ଉତ୍ପନ୍ନ ପିତାମହ ବ୍ରହ୍ମାଙ୍କୁ ଭଗବାନ୍ ଶ୍ରୀଜଗନ୍ନାଥ ପ୍ରବୋଧିତ କରିଛନ୍ତି-

"ତତଃ ପଦ୍ମାସନାସୀନଂ ଜଗନ୍ନାଥଃ ପିତାମହମ୍।
ବଭାଷେ ମଧୁରଂ ବାକ୍ୟଂ ସ୍ନେହାବିଷ୍ଟମନା ହରିଃ।।

ପୁନଶ୍ଚ (୧/୧୬/୯୫)ରେ ପୁରୁଷୋତ୍ତମ-ନାରାୟଣଙ୍କଠାରେ ପ୍ରହ୍ଲାଦଙ୍କ ଭକ୍ତି ଜାଗରଣର ବିଷୟ କୁହାଯାଇଛି-

"ତତଃ ପ୍ରଭୃତି ଦୈତ୍ୟେନ୍ଦ୍ରୋ ହ୍ୟନନ୍ୟାଂ ଭକ୍ତିମୁଦ୍ୱହନ୍।
ନାରାୟଣେ ମହାଯୋଗମବାପ ପୁରୁଷୋତ୍ତମେ।।"

ସେହି ପୁରାଣ-ପୁରୁଷୋତ୍ତମଙ୍କୁ ପ୍ରାଣରୁ ପ୍ରଣାମ।

ପ୍ରସ୍ତୁତି: ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ
ମୋ: ୯୪୩୭୫୬୬୩୨୪

## ୭୫ ଘଣ୍ଟା ଭିଡିଓ ଗେମ୍ ଖେଳି ବିଶ୍ୱରେକର୍ଡ

ପିଲାଙ୍କଠୁ ନେଇ ଯୁବପିଢ଼ି, ସମସ୍ତେ ଭିଡିଓଗେମ୍ ଖେଳିବାକୁ ପସନ୍ଦ କରିଥାନ୍ତି। ଅନେକ ନିଜ ସୁବିଧା ମୁତାବକ ଘଣ୍ଟେ କିମ୍ବା ଦୁଇଘଣ୍ଟା ଭିଡିଓ ଗେମ୍ ଖେଳିଥାନ୍ତି। ନିକଟରେ ନାଇଜେରିଆର ଓସାଇଡ୍ ଓଲୁଓଲେ ନାମକ ଜଣେ ୨୪ ବର୍ଷୀୟ ଯୁବକ ଲଗାତାର ୭୫ ଘଣ୍ଟା ଧରି ଭିଡିଓ ଗେମ୍ ଖେଳି ବିଶ୍ୱ ରେକର୍ଡ କରିଛନ୍ତି। ଓସାଇଡ୍ କାର୍ ଡିଲର ଭାବେ କାମ କରନ୍ତି। ଏହାପୂର୍ବରୁ ଏହି ରେକର୍ଡ ଡେଭିଡ୍ ହ୍ୱାଇଟ୍‌ଫୁଟ୍‌ଙ୍କ ନାମରେ ଥିଲା। ସେ ୨୦୨୨ ମସିହାରେ ଲଗାତାର ୫୦ ଘଣ୍ଟା ଧରି ଭିଡିଓ ଗେମ୍ ଖେଳି ଏହି ରେକର୍ଡ କରିଥିଲେ। ତେବେ ଓସାଇଡ୍ ସ୍ଥାନୀୟ ଏକ ହସ୍ପିଟାଲ ପାଇଁ ପାଣ୍ଠି ସଂଗ୍ରହ କରିବା ଉଦ୍ଦେଶ୍ୟରେ ଏହି ରେକର୍ଡ କରିବାକୁ ପ୍ରୟାସ ଚଳାଇଥିଲେ। ତାଙ୍କ ପୂର୍ବରୁ ଭିଡିଓ ଗେମ୍‌ରେ ରେକର୍ଡ କରିଥିବା ଲୋକେ ଫିଫା କିମ୍ବା ପ୍ରୋ ଇଭୋଲ୍ୟୁସନ ସକର୍ ଗେମ ଖେଳି ରେକର୍ଡ କରିଥିଲେ। ଓସାଇଡ୍ ନିଜ ଆଇଫୋନ୍‌ରେ 'ଡ୍ରିମ୍ ଲିଗ୍ ସକ୍କର -୨୦୨୩' ଗେମ୍ ଖେଳିଥିଲେ। ସେ ଏହାକୁ ଟିଭି ସ୍କ୍ରିନ୍ ସହିତ ସଂଯୋଗ କରିଥିଲେ। ୨୦୧୬ ମସିହାରେ ସେ ଏହି ଗେମ୍‌କୁ ଡାଉନ୍‌ଲୋଡ୍ କରିଥିଲେ। ସେବେଠାରୁ ସେ ଏହାକୁ ଖେଳି ଆସୁଥିଲେ। ରେକର୍ଡ କରିବା ପାଇଁ ଅଭ୍ୟାସ କରୁଥିବା ସମୟରେ ସେ ପାଖାପାଖି ୫୦୦ ମ୍ୟାଚ୍ ଖେଳିଥିଲେ। ସେହିପରି ରେକର୍ଡର ନିୟମ ଅନୁଯାୟୀ, ଭିଡିଓ ଗେମ୍ ଖେଳିବା ସମୟରେ ତାଙ୍କୁ ପ୍ରତି ଘଣ୍ଟାଏରେ ୫ ମିନିଟ୍ ବିରତି ଦିଆଯାଉଥିଲା। ସେହି ସମୟକୁ ସେ ଭୋଜନ କରିବା, ଶୌଚାଳୟ ଯିବା ଆଦି କାର୍ଯ୍ୟରେ ଉପଯୋଗ କରୁଥିଲେ। ତାଙ୍କ କହିବାନୁଯାୟୀ, ସେ ମାତ୍ର କିଛି ସମୟର ବିରତି ନେଇ ଅବିରତ ୭୫ ଘଣ୍ଟା ଗେମ୍ ଖେଳିବାର ଆନନ୍ଦ ନେଇଥିଲେ। ତେବେ ଏହି ରେକର୍ଡ କରିବା ଏତେ ସହଜ ନ ଥିଲା ବୋଲି ଓସାଇଡ୍ କହିଛନ୍ତି।




## ୨୦୨୫ ଭାଲେଣ୍ଟାଇନ୍ସ ଡେ'ରେ ଆସିବ 'ଦେବା'



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଶାହିଦ୍ କପୁର ଶେଷ ଥର ପାଇଁ 'ତେରି ବାତୋଁ ମେଁ ଏସା ଉଲଝା ଜିୟା' ଫିଲ୍ମରେ ଦେଖାଯାଇଥିଲେ। ଏହି ଫିଲ୍ମରେ ଶାହିଦ୍‌ଙ୍କୁ ରୋମାଣ୍ଟିକ୍ ଅନ୍ଦାଜରେ ଦେଖିବାକୁ ମିଳିଥିଲା। ତେବେ ଏବେ ସେ 'ଦେବା' ଫିଲ୍ମରେ ନଜର ଆସିବେ। ଏଥିରେ ତାଙ୍କୁ ପୁଲିସ୍ ଅଫିସର୍ ଭୂମିକା ମିଳିଛି। ଫିଲ୍ମରେ ଶାହିଦ୍‌ଙ୍କ ଲୁକ୍ କିପରି ହେବ ସେନେଇ ଏକ ଫଟୋକୁ ସୋସିଆଲ ମିଡିଆରେ ସେୟାର୍ କରାଯାଇଛି। ଫଟୋରେ ଶାହିଦ୍ ପୁଲିସ୍ ଲେଖାଥିବା ଏକ ଜ୍ୟାକେଟ୍ ପିନ୍ଧି ହାତରେ ବନ୍ଧୁକ ଧରିଥିବାର ଦେଖାଯାଇଛନ୍ତି। ଏଥିରେ ଶାହିଦ୍‌ଙ୍କ ବିପକ୍ଷରେ ଅଭିନୟ କରିବେ ପୂଜା ହେଗଡେ। ପୂଜା ଏଥିରେ ଜଣେ ସାମ୍ବାଦିକା ଭୂମିକାରେ ଦେଖାଯିବେ। ଏହାର ପ୍ରଯୋଜନା ଦାୟିତ୍ୱରେ ଜି ଷ୍ଟୁଡିଓ ଓ ରାୟ କପୁର ଫିଲ୍ମସ୍ ରହିଛି। ତେବେ ୨୦୨୫ ଭାଲେଣ୍ଟାଇନ୍ସ ଡେ'ରେ ଏହା ପରଦାକୁ ଆସିବ। ଏହା ଏକ ଆକ୍ସନ୍-ଥ୍ରିଲର୍ ଫିଲ୍ମ ହେବ।




## ଟକ୍ସିକ୍ 'ବସ୍' ଓ 'ସହକର୍ମୀ'ଙ୍କୁ ବିକ୍ରି

ଆଜିକାଲି ଅଫିସ୍‌ରେ କାମକୁ ନେଇ ଅନେକ ଚାପଗ୍ରସ୍ତ ରହୁଛନ୍ତି। କିଏ ନିଜ ବସ୍‌ଙ୍କ ଚିଡ଼ଚିଡ଼ା ସ୍ୱଭାବକୁ ନେଇ ତ ଆଉ କିଏ ନିଜ ସହକର୍ମୀଙ୍କ ବ୍ୟବହାରକୁ ନେଇ ଅସନ୍ତୁଷ୍ଟ ଥାନ୍ତି। ଏଭଳି କ୍ଷେତ୍ରରେ ଟକ୍ସିକ୍ ବସ୍ ତଥା ଟକ୍ସିକ୍ ସହକର୍ମୀଙ୍କ ପ୍ରତି କର୍ମଚାରୀଙ୍କର ଯେଉଁ ଅସନ୍ତୋଷ ଭାବନା ରହିଛି, ତାହାକୁ ବାହାର କରିବାର ଅଜବ ଉପାୟ ଚୀନ୍‌ର ଲୋକେ ଖୋଜିଛନ୍ତି। ଚୀନ୍‌ରେ ଲୋକମାନେ ଆବଶ୍ୟକତାଠୁ ଅଧିକ କାମ କରୁଛନ୍ତି। ଏଥରୁ ସୃଷ୍ଟି ହେଉଥିବା ଚାପକୁ ଲୋକମାନେ 'ୱାର୍କ ସ୍ଲେଭ୍' ନାଁ ଦେଇଛନ୍ତି। ଏହି ୱାର୍କ ସ୍ଲେଭ୍‌ରୁ ରକ୍ଷା ପାଇବା ପାଇଁ ସେମାନେ ଟକ୍ସିକ୍ ବସ୍, ଟକ୍ସିକ୍ ସହକର୍ମୀ ଏବଂ ଚାକିରିକୁ ଅନଲାଇନ୍‌ରେ ବିକ୍ରି କରୁଛନ୍ତି। କାର୍ଯ୍ୟାଳୟରେ ମାଲିକ ହୁଅନ୍ତୁ ଅବା ସହକର୍ମୀଙ୍କୁ ନେଇ ଯେଉଁମାନେ ଅସନ୍ତୁଷ୍ଟ ରହୁଛନ୍ତି, ସେମାନଙ୍କୁ ଅନଲାଇନ୍‌ରେ ବିକ୍ରି କରାଯାଉଛି। ଜିଆନ୍ୟୁ ପ୍ଲାଟ୍‌ଫର୍ମରେ କର୍ମଚାରୀମାନେ ସେମାନଙ୍କ ଚାକିରି, ବସ୍ ତଥା ସହକର୍ମୀଙ୍କୁ ବିଭିନ୍ନ କଟୁଶବ୍ଦ ପ୍ରୟୋଗ କରି ତାଲିକାଭୁକ୍ତ କରୁଛନ୍ତି। ପରେ ସେମାନେ ୪ରୁ ୯ ଲକ୍ଷ ଟଙ୍କା ଏଗୁଡ଼ିକୁ ବିକ୍ରି ପାଇଁ ରଖୁଛନ୍ତି। ରୋଚକପୂର୍ଣ୍ଣ କଥା ହେଉଛି, ଏଭଳି ଲୋକଙ୍କୁ କିଣିବା ପାଇଁ ଅନ୍ୟମାନେ ଆଗକୁ ଆସୁଛନ୍ତି। ଅବଶ୍ୟ ଏହା ଥଟ୍ଟାପରିହାସରେ କରାଯାଉଛି, କିନ୍ତୁ ବାସ୍ତବରେ ଏହାକୁ ନେଇ ସେଭଳି ଡିଲ୍ କରାଯାଉ ନାହିଁ। ଏହି ପ୍ଲାଟ୍‌ଫର୍ମରେ ସତରେ କେହି କାହାକୁ ବିକ୍ରି କିମ୍ବା କିଣୁ ନାହାନ୍ତି। ତେବେ ଏହି ଉପାୟ କେବଳ କର୍ମଚାରୀଙ୍କର ନିରାଶ ଭାବକୁ ବ୍ୟକ୍ତ କରିବା ପାଇଁ ଉଦ୍ଦିଷ୍ଟ। ଲୋକମାନେ ନିଜର ଅସନ୍ତୋଷକୁ ଦୂର କରିବା ପାଇଁ ଟକ୍ସିକ୍ ବସ୍ ତଥା ସହକର୍ମୀଙ୍କୁ ଏହି ପ୍ଲାଟଫର୍ମରେ ବିକ୍ରି କରିବା ଲାଗି ତାଲିକାଭୁକ୍ତ କରୁଛନ୍ତି। ଏଭଳି କରି ସେମାନେ ସାମାନ୍ୟ ପ୍ରତିଶୋଧ ନେଉଛନ୍ତି। କିନ୍ତୁ ସତରେ କୌଣସି ପ୍ରକାର ଅର୍ଥ ନେଣଦେଣ ହେଉ ନାହିଁ।




## ଆଜିର ଇତିହାସ

- ୧୮୫୬- ଲୋକମାନ୍ୟ ବାଲ ଗଙ୍ଗାଧର ତିଲକଙ୍କ ଜନ୍ମ।
- ୧୯୦୩- ମୋଟର୍ କମ୍ପାନି ଫୋର୍ଡ ତା'ର କାର୍ ବିକ୍ରି କଲା।
- ୧୯୦୬- କ୍ରାନ୍ତିକାରୀ ଚନ୍ଦ୍ରଶେଖର ଆଜାଦଙ୍କ ଜନ୍ମ।
- ୧୯୨୭- ଭାରତରେ ନିୟମିତ ରେଡିଓ ପ୍ରସାରଣ ଆରମ୍ଭ ହେଲା।
- ୧୯୪୪- ଆମେରିକୀୟ ସେନା ଇଟାଲୀର ପିସା ଉପରେ କବ୍‌ଜା କଲେ।
- ୨୦୧୨- ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ଲକ୍ଷ୍ମୀ ସେହଗଲ୍‌ଙ୍କ ଦେହାନ୍ତ।

## ବିଷାକ୍ତ ମାଛ ଷ୍ଟୋନ୍ ଫିସ୍

ସମୁଦ୍ରଗର୍ଭରେ ଅନେକ ପ୍ରକାର ମାଛ ଅଛନ୍ତି। କିଛି ମାଛ ଖାଇବାକୁ ବେଶ୍ ସୁସ୍ୱାଦୁ ହେବାବେଳେ କିଛି ମାଛ ଖାଦ୍ୟପୋଯୋଗୀ ନୁହଁନ୍ତି। ଆଉ କିଛି ମାଛ ଦେଖିବାକୁ ଖୁବ୍ ସୁନ୍ଦର ହୋଇଥିଲେ ବି ଅତ୍ୟନ୍ତ ବିଷାକ୍ତ ହୋଇଥାନ୍ତି। ସେହିପରି ଏକ ମାଛ ହେଉଛି 'ଷ୍ଟୋନ୍ ଫିସ୍'। ଯାହାକୁ ସ୍ପର୍ଶ କରିବା ମାତ୍ରେ ମଣିଷର ମୃତ୍ୟୁ ହୋଇଯାଏ। ଏହା ପଥର ଭଳି ଦେଖାଯାଉଥିବାରୁ ଏହାର ନାମକରଣ ଏପରି କରାଯାଇଛି। ସମୁଦ୍ରର ଗଭୀର ଜଳରାଶିରେ ଏହି ମାଛ ଦେଖିବାକୁ ମିଳେ। ପଥର ପରି ଏହାର ରୂପ ହୋଇଥିବାରୁ ହଠାତ୍ ଏହାକୁ ଚିହ୍ନିବା ସମ୍ଭବ ହୁଏ ନାହିଁ। ଏହି ମାଛର ଦେହରେ ଭରି ରହିଥାଏ ଭୟଙ୍କର ବିଷ। ଯଦି ଭୁଲ୍‌ବଶତଃ ଅନ୍ୟ କୌଣସି ସାମୁଦ୍ରିକ ଜୀବର ଶରୀର ଏହି ମାଛ ଦେହରେ ଘସି ହୋଇଯାଏ, ତା'ହେଲେ ଏହି ମାଛ ତତ୍‌କ୍ଷଣାତ୍ ନିଜ ଶରୀରରୁ ବିଷ ନିର୍ଗତ କରିଥାଏ। ଆଉ ସେହି ବିଷର ଜ୍ୱାଳା ଖୁବ୍ ଭୟଙ୍କର ହୋଇଥିବାରୁ ଅନ୍ୟ ଜୀବଟିର ଜୀବନ ପ୍ରତି ବିପଦ ଦେଖାଯାଇଥାଏ। ଏପରିକି କୌଣସି ବ୍ୟକ୍ତିଙ୍କର ପାଦ ଯଦି ଏହି ମାଛ ଉପରେ ପଡିଯାଏ, ତା'ହେଲେ ସଙ୍ଗେସଙ୍ଗେ ତାଙ୍କ ପାଦରେ ସଂକ୍ରମଣ ହୋଇଯିବାର ସୂଚନା ରହିଛି। ଏହି ମାଛକୁ କୌଣସି ସାମୁଦ୍ରିକ ଜୀବ କିମ୍ବା ମଣିଷ ସ୍ପର୍ଶ କରିବା ମାତ୍ରେ ଏହା ଶରୀରରୁ ନ୍ୟୁରୋଟକ୍ସିନ୍ ନାମକ ବିଷାକ୍ତ ତତ୍ତ୍ୱ ଛାଡ଼ିଥାଏ। ଏହି ବିଷ ଏତେ ବିପଜ୍ଜନକ ହୋଇଥାଏ ଯେ, ଯେଉଁ ଅଙ୍ଗ ମାଛକୁ ସ୍ପର୍ଶ କରିଛି ସେହି ଅଙ୍ଗକୁ ତୁରନ୍ତ କାଟିବାକୁ ହୋଇଥାଏ ନଚେତ୍ ଅଳ୍ପ କେଇ ସେକେଣ୍ଡ ମଧ୍ୟରେ ଉକ୍ତ ବ୍ୟକ୍ତିର ମୃତ୍ୟୁ ହୋଇଥାଏ। ଏହି ମାଛକୁ ସ୍ପର୍ଶ କରିବାର ମାତ୍ର ୦.୫ ସେକେଣ୍ଡ ମଧ୍ୟରେ ଏହା ବିଷ ଛାଡ଼ିଥାଏ। ଆଖି ପିଛୁଳାକେ ଏହା କାହାର ଜୀବନ ନେଇପାରେ। ନିକଟ ଅତୀତରେ ଅଷ୍ଟ୍ରେଲିଆର ଜଣେ ନାବିକ ଏହି ମାଛକୁ ପଥର ଭାବି ହଟେଇବାକୁ ଉଦ୍ୟମ କରିବାରୁ ସେ ଏହାକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରେ ତୁରନ୍ତ ସେ ସେହି ସ୍ଥାନ ଛାଡ଼ି ଦେବାରୁ ତାଙ୍କ ଜୀବନ ରକ୍ଷା ହୋଇ ପାରିଛି। ଆମେରିକା ସମେତ ବିଶ୍ୱର ଅନେକ ଦେଶର ଲୋକଙ୍କୁ ଏହି ମାଛକୁ ଦେଖିବା ମାତ୍ରେ ସେହି ସ୍ଥାନ ତୁରନ୍ତ ଛାଡ଼ିଦେବା ପାଇଁ ଚେତାବନୀ ଦିଆଯାଇଛି।



## ବାସ୍ତୁ ବିଚାର

### କେଉଁଠି ରଖିବେ ଘରର ଚାବି

ଘର, ଆଲମିରା ଠାରୁ ଆରମ୍ଭ କରି ଯାନବାହନଗୁଡ଼ିକ ସୁରକ୍ଷିତ ରଖିବା ପାଇଁ ତାଲା ପକାଯାଏ। ଖାସ୍ ସେଥିପାଇଁ ଏହି ଚାବିଗୁଡ଼ିକୁ ଏପରି ସ୍ଥାନରେ ରଖାଯାଏ ଯେପରି ଏହା ସହଜରେ ମିଳିଯିବ। ତେବେ ବାସ୍ତୁଶାସ୍ତ୍ରରେ ଘରର ପ୍ରତ୍ୟେକ ଜିନିଷ ପାଇଁ କିଛି ନା କିଛି ବାସ୍ତୁ ନିୟମ ଅଛି। ଏହି ଧାରାରେ ଚାବି ପାଇଁ ମଧ୍ୟ କିଛି ନୀତିନିୟମ ଅଛି। ତେବେ ଆସନ୍ତୁ ଜାଣିବା, ଚାବି ସମ୍ପର୍କିତ କିଛି ବାସ୍ତୁ ନିୟମ।



- ଘରର ଡ୍ରଇଂ ରୁମ୍‌ରେ କେବେ ଚାବି ରଖିବା ଉଚିତ ନୁହେଁ। କାରଣ ଏଠାରେ ଚାବି ରଖିବା ଦ୍ୱାରା ସମସ୍ତଙ୍କ ନଜର ଚାବି ଉପରେ ପଡ଼ିଥାଏ।
- ସେହିଭଳି ପୂଜାଘରେ ଚାବି ରଖିବା ଅନୁଚିତ। କାରଣ ଏହା ଘରର ସବୁଠୁ ପବିତ୍ର ସ୍ଥାନ ହୋଇଥାଏ। ଅନ୍ୟପକ୍ଷରେ ଚାବି ସବୁବେଳେ ବ୍ୟବହାର କରାଯାଉଥିବାରୁ ଏହା ମଇଳା ହୋଇଥାଏ। ଏଥିଯୋଗୁ ପୂଜାଘରେ ନକାରାତ୍ମକ ଶକ୍ତି ସୃଷ୍ଟି ହୋଇଥାଏ।
- ଦୋକାନ ଓ ଗାଡ଼ି ଚାବିକୁ ସବୁବେଳେ ଉତ୍ତର-ପଶ୍ଚିମ ଦିଗରେ ରଖିବା ଉଚିତ। ଆଲମାରୀ ବା କୌଣସି ଲକର୍‌ର ଚାବି ଦକ୍ଷିଣ-ପଶ୍ଚିମ ଦିଗରେ ରଖିବା ଭଲ। ଦକ୍ଷିଣ-ପୂର୍ବ କିମ୍ବା ଆଗ୍ନେୟ କୋଣରେ କୌଣସି ଚାବି ରଖନ୍ତୁ ନାହିଁ।
- ଚାବିଗୁଡ଼ିକୁ ରଖିବା ପାଇଁ କି-ହ୍ୟାଙ୍ଗର୍ ବ୍ୟବହାର କରନ୍ତୁ। ପ୍ଲାଷ୍ଟିକ୍‌ର କି-ହ୍ୟାଙ୍ଗର୍ କିଣନ୍ତୁ ନାହିଁ।
- କାଠରେ ତିଆରି କି-ହ୍ୟାଙ୍ଗର୍ ଭଲ ହୋଇଥାଏ, କିନ୍ତୁ ଏଥିରେ ଯେମିତି ଆଇନା ନ ଥିବ, ସେଥିପ୍ରତି ଦୃଷ୍ଟି ଦିଅନ୍ତୁ।
- ଯଦି କୌଣସି ତାଲା କିମ୍ବା ଚାବି ଖରାପ ହୋଇ ପଡ଼ିଛି ତାକୁ ତୁରନ୍ତ ହଟେଇ ଦେବା ଆବଶ୍ୟକ।

## ରାଶିଫଳ

**ମେଷ:** ନୂଆ କାମ ଆରମ୍ଭ କରିବା ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରହିବେ। ବ୍ୟବସାୟରେ କ୍ଷତି ହେବ। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ସମ୍ପତ୍ତି ବିବାଦ ସମାଧାନ ହେବ।

**ମିଥୁନ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ।

**କର୍କଟ:** ପଡ଼ୋଶୀଙ୍କ ସାହାଯ୍ୟ ମିଳିବ। କ୍ରୀଡ଼ାବିତ୍‌ଙ୍କୁ ଶୁଭ ଖବର ମିଳିବ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ମନପସନ୍ଦ କାମରୁ ସଫଳତା ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଧନ ଆଗମନ ହେବ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ। ଚାକିରିରେ ବଦଳି ସମ୍ଭାବନା ଅଛି।

**ତୁଳା:** ମନ ଖୁସି ରହିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବନ୍ଧୁଙ୍କ କଥା ଖରାପ ଲାଗିବ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। କଳାକାର, ଡାକ୍ତରଙ୍କୁ ଶୁଭ ଖବର ମିଳିବ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହକୁ ନେଇ ଚିନ୍ତାରେ ରହିବେ। ନିଜ ପାଇଁ ସମୟ ବାହାର କରିବେ। ବୈବାହିକ ଜୀବନ ସୁଖମୟ ହେବ। ଅର୍ଥ ସଞ୍ଚୟ ଯୋଜନା କରିବେ।







ବିଧାନସଭାର ମୌସୁମୀ ଅଧିବେଶନ: ଗୃହକୁ ପ୍ରବେଶ କରୁଛନ୍ତି ମୁଖ୍ୟମନ୍ତ୍ରୀ, ଦୁଇ ଉପମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ଓ କଂଗ୍ରେସ ବିଧାୟକ

### ବୋଲ ମାନୁନି ଆଳୁଦର: ମାସକରେ ଦୁଇଗୁଣା ବଢ଼ିଲାଣି

# ବର୍ଷା ନ ସରିବା ଯାଏ ନିସ୍ତାର ନାହିଁ

**ଭୁବନେଶ୍ୱର, ୨୨।୭ (ସମିସ):** ଆଳୁ ଲୋକଙ୍କ ଖାଦ୍ୟରେ ସବୁଠୁ ଅଧିକ ବ୍ୟବହାର ହେଉଥିବା ପରିବା। ମାତ୍ର କିଛି ବର୍ଷ ହେଲା, ଆଳୁର ଅହେତୁକ ମୂଲ୍ୟବୃଦ୍ଧି ଗରିବର ହାଣ୍ଡିଶାଳରେ ଝଡ଼ ସୃଷ୍ଟି କରୁଛି। ଚଳିତବର୍ଷ ବି ଏପରି ସ୍ଥିତି ଦେଖାଦେଇଛି। ଅନ୍ୟ ସବୁ ପରିବାର ଦର ୬୦ ଉପରେ ଥିବା ବେଳେ ଆଳୁ ଦର ବି ତାଳ ଦେଇ ବଢ଼ି ଚାଲିଛି। ମାସେ ତଳେ ଖୁଚୁରା ବଜାରରେ ଆଳୁ କେଜି ପ୍ରତି ୨୦

- ଉତ୍ପାଦନ ୨ଲକ୍ଷ ମେଟ୍ରିକ୍ ଟନ୍, ଆବଶ୍ୟକ ୧୨ଲକ୍ଷ
- ଆଳୁ ଚାଷ ପ୍ରତି ଚାଷୀ ବିମୁଖ
- ଶୀତଳ ଭଣ୍ଡାର ପାଇଁ ହେଉ ତ୍ୱରିତ ଉଦ୍ୟମ

ଟଙ୍କା ଥିବା ବେଳେ ଏବେ ତାହା ବଢ଼ି ୪୦ ଟଙ୍କାରେ ପହଞ୍ଚିଛି। ଏପରିକି, ବର୍ଷା ଋତୁ ଶେଷ ପର୍ଯ୍ୟନ୍ତ ଏହି ଦର ଅପରିବର୍ତ୍ତିତ କିମ୍ବା ଆହୁରି ବଢ଼ିପାରେ ବୋଲି ବ୍ୟବସାୟୀମାନେ ଆକଳନ କରୁଛନ୍ତି। ଫଳରେ ଏବେର ମହଙ୍ଗା ବଜାରରେ କେବଳ ଆଳୁରେ ଗୁଜୁରାଣ ମେଣ୍ଟାଉଥିବା ଗରିବ ପରିବାର ପାଇଁ ଚଳିବା ଏବେ ମୁସ୍କିଲ୍ ହୋଇପଡ଼ିଛି।

ସୂଚନାନୁସାରେ, ରାଜ୍ୟର ଜଣେ ସାବାଳକ ଦୈନିକ ହାରାହାରି ୬୦ ଗ୍ରାମ୍ ଆଳୁ ଖାଉଥିବା ବେଳେ ମୁଣ୍ଡ ପିଛା ମାସିକ ବ୍ୟବହାର ୧. ୮୩୦ ଗ୍ରାମ। ଏହି ହିସାବରେ ଓଡ଼ିଶାରେ ବାର୍ଷିକ ଆଳୁର ଚାହିଦା ହେଉଛି ୧୨ଲକ୍ଷ ମେଟ୍ରିକ୍ ଟନ୍। କିନ୍ତୁ ରାଜ୍ୟରେ ଆଳୁ ଉତ୍ପାଦନ ହେଉଛି ମାତ୍ର ୨.୧ଲକ୍ଷ ମେଟ୍ରିକ୍ ଟନ୍। ଅର୍ଥାତ ଆବଶ୍ୟକତାର ୪ ଭାଗରୁ ଭାଗେ ମଧ୍ୟ ରାଜ୍ୟରେ ଉତ୍ପାଦନ ହେଉନି। ତେଣୁ ଅବଶିଷ୍ଟ ଚାହିଦା ପୂରଣ କରିବା ପାଇଁ ପଶ୍ଚିମବଙ୍ଗ, ଆନ୍ଧ୍ର, ମହାରାଷ୍ଟ୍ର ଆଦି ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଏକ ବେସରକାରୀ ସଂସ୍ଥାର ସର୍ଭେ ରିପୋର୍ଟ ଅନୁସାରେ, ୭୦/୮୦ ଦଶକରେ ଓଡ଼ିଶାରେ ୩୦ ହଜାର ହେକ୍ଟର ପରିମିତ ଜମିରେ ଆଳୁଚାଷ ହେଉଥିଲା। ମାତ୍ର ବର୍ତ୍ତମାନ ତାହା ହ୍ରାସ ପାଇ ମାତ୍ର ୧୦ ହଜାର ହେକ୍ଟର୍‌ରେ ପହଞ୍ଚିଥିବା ଜଣାପଡ଼ିଛି।



ରାଜ୍ୟର ଆଳୁ ଚାଷୀମାନେ ବିଭିନ୍ନ କାରଣରୁ ଏହି ଚାଷରୁ ଓହରିବାକୁ ବାଧ୍ୟ ହେଉଛନ୍ତି। ପୂର୍ବରୁ ୮/୧୦ ଏକର ଆଳୁ ଚାଷ କରୁଥିବା ଚାଷୀ ବର୍ତ୍ତମାନ ସମ୍ପୂର୍ଣ୍ଣ ଚାଷ ଛାଡ଼ି ଦେଇଛନ୍ତି। କେହି କେହି ୧/୨ ଏକର ଜମିରେ ଚାଷକୁ ବଞ୍ଚାଇ ରଖିଛନ୍ତି। ସଂରକ୍ଷଣ ସୁବିଧା ନଥିବାରୁ ପ୍ରତିବର୍ଷ ୧୦ରୁ ୧୨ଟଙ୍କା ଦରରେ ଚାଷୀକୁ ବିକ୍ରି କରିବାକୁ ପଡୁଛି। ତେଣୁ ବ୍ୟବସାୟିକ ଦୃଷ୍ଟିରୁ ଲାଭ ହେଉ ନଥିବାରୁ ଚାଷୀମାନେ ଏଭଳି ପଦକ୍ଷେପ ନେବାକୁ ବାଧ୍ୟ ହେଉଛନ୍ତି। ଆଳୁ ଚାଷ ପାଇଁ ଓଡ଼ିଶାରେ ଅନୁକୂଳ ଜଳବାୟୁ ଓ ପରିବେଶ ରହିଥିବା ସତ୍ତ୍ୱେ ଶୀତଳ ଭଣ୍ଡାର ଓ ଅଭାବୀ ବିକ୍ରି, ପରିବହନରେ ଅସୁବିଧା ଆଦି ପ୍ରମୁଖ କାରଣ ପାଇଁ ବିସ୍ତୃତ ଜମିରେ ଚାଷ କରିବା ଚାଷୀ ପକ୍ଷେ ସମ୍ଭବ ହୋଇପାରୁନି।

ପୂର୍ବରୁ ସମଗ୍ର ରାଜ୍ୟର ବ୍ୟାପକ ଅଞ୍ଚଳରେ ଆଳୁ ଚାଷ ହେଉଥିଲା, କିନ୍ତୁ ଆବଶ୍ୟକ ଶୀତଳ ଭଣ୍ଡାର ଅଭାବରୁ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ ଏଥିପ୍ରତି ଆଉ ଆଗ୍ରହୀ ହେଲେ ନାହିଁ। ଅନ୍ୟପକ୍ଷରେ ଏଥିପାଇଁ ଦରକାର ହେଉଥିବା ବିହନ ସରକାର ସୁଲଭ ଦର ଏବଂ ଠିକ୍ ସମୟରେ ଉପଲବ୍ଧ କରାଇ ନପାରିବାରୁ କେତେକ ଚାଷୀ ଏଥିପ୍ରତି ବିମୁଖ ହେଲେ।

ଏ ସମ୍ପର୍କରେ ଅର୍ଥନୈତିକ ବିଶାରଦ ସମର ରଞ୍ଜନ କହିଛନ୍ତି, ଆଳୁ ସଂରକ୍ଷଣ ପାଇଁ ରାଜ୍ୟରେ ୨୦୧୪ରେ ତତ୍କାଳୀନ ସରକାର 'ଆଳୁ ମିଶନ' ଆରମ୍ଭ କରିଥିଲେ। ହେଲେ ଏକାଧିକ କାରଣ ପାଇଁ ତାହା କାର୍ଯ୍ୟକାରୀ ହୋଇପାରିନଥିଲା। ଶେଷରେ ବନ୍ଦ ହୋଇଯାଇଥିଲା। ଏବେ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର ଚାଲିଛି। ତେଣୁ ରାଜ୍ୟ ସରକାର ଆଳୁ ସଂରକ୍ଷଣ ପାଇଁ ଓଡ଼ିଶାରେ ତ୍ୱରିତ ବେଗରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରନ୍ତୁ। ଶୀତଳ ଭଣ୍ଡାର ପରିଚାଳନା ପାଇଁ ଆବଶ୍ୟକ ଖର୍ଚ୍ଚ ରାଜ୍ୟ ଓ କେନ୍ଦ୍ର ଉଭୟ ବହନ କରନ୍ତୁ ବୋଲି ଶ୍ରୀ ପାଣିଗ୍ରାହୀ ପ୍ରସ୍ତାବ ଦେଇଛନ୍ତି।

### ■ ସତ ହୋଇଥିଲେ ସାଂଘାତିକ

## ଟଙ୍କା ଦେଇ ମହାପ୍ରଭୁଙ୍କୁ ଛୁଇଁଛନ୍ତି ଅଣସେବାୟତ!

**ପୁରୀ,୨୨।୭ (ସମିସ):** ଚଳିତ ରଥଯାତ୍ରାରେ ବିଭ୍ରାଟ, ବିଶୃଙ୍ଖଳା ଏବଂ ବିବାଦ ରେକର୍ଡ କରିଛି। ହେଲେ ସବୁଠୁ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ମଠ, ମନ୍ଦିର ସୁରକ୍ଷା ଦିଗରେ କାମ କରୁଥିବା ଜଣେ ବ୍ୟକ୍ତି। ଏବର୍ଷ ରଥଯାତ୍ରାରେ ୧୫୦ରୁ ୧୭୦ଜଣ ଅଣସେବାୟତ ମହାପ୍ରଭୁ ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଏବଂ ବଡ଼ଠାକୁର ବଳଭଦ୍ରଙ୍କୁ ସ୍ୱର୍ଶ କରିଛନ୍ତି ବୋଲି ଅଭିଯୋଗ ଆଣି ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏଥିପାଇଁ ଲକ୍ଷଲକ୍ଷ ଟଙ୍କା ଉତ୍କୋଚ ଦିଆଯାଇଥିବା ଚିଠିରେ ସ୍ପଷ୍ଟ କରିଛନ୍ତି। ଜଣେ ଭକ୍ତ ଶ୍ରୀମନ୍ଦିର ଏବଂ ଶ୍ରୀଗୁଣ୍ଡିଚା ମନ୍ଦିର ଭିତରେ ଠାକୁରଙ୍କ ପହଣ୍ଡି ସମୟରେ ଛୁଇଁବା ଲାଗି ୬/୭ ଲକ୍ଷ ଟଙ୍କା ଦେଇଥିବା ତାଙ୍କ ନଜରକୁ ଆସିଛି ବୋଲି ସେ ଚିଠିରେ ଦର୍ଶାଇଛନ୍ତି। ଏତଦ୍‌ବ୍ୟତୀତ ରଥ ଉପରକୁ ଚଢ଼ିବା ପାଇଁ ୫ରୁ ୮ଲକ୍ଷ ଟଙ୍କା କାରବାର ହୋଇଥିବା ଦର୍ଶାଇଛନ୍ତି। ଏହା ପଛରେ ଦାୟିତ୍ୱରେ ଥିବା କିଛି ଅଧିକାରୀ ଓ କର୍ମଚାରୀଙ୍କୁ ସେ ଦାୟୀ କରିଛନ୍ତି। ଏଥିସହ ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନମଣ୍ଡପରେ ମଧ୍ୟ ଅଣସେବାୟତ ଏହି ବେଆଇନ ବାଟରେ ଠାକୁରଙ୍କୁ ସ୍ୱର୍ଶ କରିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ସମ୍ପୃକ୍ତ ବ୍ୟକ୍ତି। ମୁଖ୍ୟମନ୍ତ୍ରୀଙ୍କ ସମେତ ଏହାର କପି ପୁଲିସ ଡିଜି, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ପଠାଇଥିବା ଜଣାପଡ଼ିଛି।

## ଋଣଯନ୍ତ୍ରାରେ ଛନ୍ଦି ହୋଇ ଜୀବନ ହାରିଲେ ବୃଦ୍ଧ

**ରାଜକନିକା, ୨୨।୭ (ସମିସ):** ଗାଁର କିଛି ସମିତିରୁ ଋଣ ଆଣିଥିଲେ। କିନ୍ତୁ ନିଜର ପରିଣତ ବୟସ ଓ ପାରିବାରିକ ସ୍ଥିତି ଖରାପ ହେତୁ ତାହା ଶୁଝି ପାରୁନଥିଲେ। ଋଣ ଦେଇଥିବା ସମିତି ସଦସ୍ୟମାନେ କିନ୍ତୁ ନଛୋଡ଼ବନ୍ଧା ଥିଲେ। ଋଣ ପରିଶୋଧ କରିବା ପାଇଁ ବାରମ୍ବାର ପର୍ଶୁରାମଙ୍କ ଉପରେ ଚାପ ପକାଉଥିଲେ। ଏହି ଚିନ୍ତା ତାଙ୍କୁ ଭିତରୁ ଭିତରୁ ଖାଇ ଯାଉଥିଲା; ଶେଷରେ ତାଙ୍କ ଜୀବନ ବି ନେଇଗଲା। ଅନ୍ୟ ଉପାୟ ନପାଇ ଜାମୁଗଛରେ ଦଉଡ଼ି ଦେଇ ଝୁଲି ପଡ଼ିଲେ ୬୦ ବର୍ଷୀୟ ବୃଦ୍ଧ। ରାଜକନିକା ଥାନା ଅନ୍ତର୍ଗତ କଳିକାପୁର ଗାଁରେ ଘଟିଥିବା ଏଭଳି ଏକ ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ମୃତକ ହେଲେ, ଗାଁର ପର୍ଶୁରାମ ଜେନା(୬୦)। କାଳିକାପୁର ବଗିଚାରେ ଥିବା ଏକ ଜାମୁ ଗଛରୁ ଆଜି ତାଙ୍କ ଝୁଲନ୍ତା ଶବ ଉଦ୍ଧାର ହୋଇଛି। ପର୍ଶୁରାମ ଆଜି ମଧ୍ୟାହ୍ନଭୋଜନ ଖାଇ ସାରିବା ପରେ ଘରୁ ଚାଲି ଆସିଥିଲେ। କିନ୍ତୁ ଡେରି ଯାଏ ଘରକୁ ନ ଫେରିବାରୁ ପରିବାରଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ତେବେ କିଛି ସ୍ଥାନୀୟ ଲୋକେ ପର୍ଶୁରାମ ବଗିଚାରେ ଥିବା ଏକ ଜାମୁଗଛରେ ଦଉଡି ଦେଇ ଝୁଲୁଥିବା ଦେଖି ତାଙ୍କ ଘରକୁ ଖବର ଦେବା ପରେ ଘଟଣା ପ୍ରଘଟ ହୋଇଥିଲା। ଋଣ ଭାର ଯୋଗୁଁ ସେ ଏପରି ଚରମ ନିଷ୍ପତ୍ତି ନେଇଥିବା ପରିବାର ଲୋକେ କହିଛନ୍ତି। ପରିବାରଲୋକ ଏନେଇ ରାଜକନିକା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହାସହ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ସାମ୍ପ୍ରଦାୟିକ ହିଂସାକୁ ଉସକାଉଛି ଉତ୍ତରପ୍ରଦେଶ ସରକାର: ବିଜେଡି

**ଭୁବନେଶ୍ୱର, ୨୨।୭ (ସମିସ):** ଉତ୍ତରପ୍ରଦେଶରେ କାଉଡ଼ିଆଙ୍କ ଯାତ୍ରା ପଥରେ ଦୋକାନୀଙ୍କୁ ନାମଫଳକ ବ୍ୟବହାର ପାଇଁ ନିର୍ଦ୍ଦେଶ ସମ୍ପର୍କରେ ପ୍ରତିକ୍ରିୟା ରଖିଛି

- ଶ୍ରାବଣ ମାସରେ ଶାନ୍ତି ଓ ଏକତା ପାଇଁ ଉଦ୍ୟମ ହେବା ଉଚିତ୍
- ବିଭାଜନକାରୀ ନୀତି ନ ଆପଣାନ୍ତୁ ୟୁପି ସରକାର

ବିଜେଡି। ଦଳ ପକ୍ଷରୁ ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ନିଜ ପ୍ରତିକ୍ରିୟା ଦେଇ ବିଜେଡିର ବରିଷ୍ଠ ରାଜ୍ୟ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା କହିଛନ୍ତି ଯେ କାଉଡିଆ ଯାତ୍ରା ମାର୍ଗରେ ଥିବା ଦୋକାନରେ ଦୋକାନୀମାନେ ସେମାନଙ୍କ ନାମ ନିଶ୍ଚିତ ଭାବେ ଲେଖିବାକୁ ଉତ୍ତରପ୍ରଦେଶ ସରକାର କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତରପ୍ରଦେଶର ବିଜେପି ସରକାରଙ୍କ ଦ୍ୱାରା ନିଆଯାଇଥିବା ଏହି ନିଷ୍ପତ୍ତି ଅତ୍ୟନ୍ତ ଚିନ୍ତାଜନକ। ଏଭଳି ନିର୍ଦ୍ଦେଶ ବ୍ୟକ୍ତିଗତ ଗୋପନୀୟତା ଉଲ୍ଲଂଘନ କରିବା ସହ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଟାର୍ଗେଟ୍ କରୁଛି। ଶାନ୍ତି ବଦଳରେ ସାମ୍ପ୍ରଦାୟିକ ହିଂସାକୁ ପ୍ରୋତ୍ସାହନ ଦିଆଯାଉଛି। ଖାଲି ସେତିକି ନୁହେଁ, ଏହା ଅନୁକୂଳ ପରିବେଶ ସୃଷ୍ଟି କରିବା ପରିବର୍ତ୍ତେ, ସାମାଜିକ ବିଭାଜନ ଏବଂ ଭୟର ବାତାବରଣ ସୃଷ୍ଟି କରିବ। ପବିତ୍ର ଶ୍ରାବଣ ମାସ ହେଉଛି ଏକତା ଏବଂ ଶାନ୍ତିର ମାସ। ଏହି ସମୟରେ ଏଭଳି ନୀତି ପ୍ରଣୟନ କରି କଳହର ମଞ୍ଜି ନ ବୁଣିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ସମୟରେ ସରକାର ଏପରି ବିଭାଜନକାରୀ ତଥା ଅନାବଶ୍ୟକ ନିର୍ଦ୍ଦେଶ ଦେବା ଅପେକ୍ଷା ଲୋକଙ୍କୁ ପ୍ରଭାବିତ କରୁଥିବା ସ୍ୱାସ୍ଥ୍ୟସେବା, ଶିକ୍ଷାଏବଂ ଭିତ୍ତିଭୂମି ଭଳି ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେବାର ସମୟ ଆସିଛି ବୋଲି ଶ୍ରୀ ଜେନା ଉଲ୍ଲେଖ କରିଛନ୍ତି।

## ଜାରି ରହିବ ବର୍ଷା

**ଭୁବନେଶ୍ୱର, ୨୨।୭ (ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବର୍ତ୍ତମାନ ମଧ୍ୟପ୍ରଦେଶ ଉପରେ ରହିଛି। ତେବେ ଏହି ଲଘୁଚାପ କେନ୍ଦ୍ରଠାରୁ ଏକ ଟ୍ରଫଲାଇନ୍ ଓଡ଼ିଶା ପର୍ଯ୍ୟନ୍ତ ଲମ୍ବିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ପ୍ରକୋପ ଜାରି ରହିଛି। ଏହା ବ୍ୟତୀତ ବର୍ତ୍ତମାନ ବାୟୁ ଚଳାଚଳରେ ତାରତମ୍ୟ ହେତୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ନେଇ ପାଗ ଅନୁକୂଳ ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏହି କ୍ରମରେ ମଙ୍ଗଳବାର ବରଗଡ଼, ବୌଦ୍ଧ, ସୋନପୁର, ସମ୍ବଲପୁର, ଆଦି ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି। ସେହିପରି ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ନୟାଗଡ଼, ଖୋର୍ଦ୍ଧା, ଜଗତସିଂହପୁର, କଟକ ଓ କେନ୍ଦ୍ରାପଡ଼ାରେ ମଧ୍ୟ ପ୍ରବଳ ବର୍ଷା ନେଇ ଆକଳନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଥିବା ବେଳେ ବୁଧବାର ମଧ୍ୟ ବିଭିନ୍ନ ସ୍ଥାନରେ ଏହି ସ୍ଥିତି ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି। ତେବେ ୨୫ ତାରିଖରୁ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ଆଶଙ୍କା ଥିବାରୁ ଆଉ ଏକ ପର୍ଯ୍ୟାୟରେ ପୁଣି ଥରେ ବର୍ଷାର ପ୍ରକୋପ ବଢ଼ିବାର ଆଶଙ୍କା କରାଯାଉଛି। ସମ୍ଭାବ୍ୟ ଘୂର୍ଣ୍ଣିବଳୟ/ଲଘୁଚାପଟି ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେବା ନେଇ ଆଶଙ୍କା କରାଯାଉଥିବାରୁ ଏହା ପ୍ରଭାବରେ ଉତ୍ତର ଓଡ଼ିଶା ଓ ଏହାର ସଂଲଗ୍ନ ଜିଲ୍ଲାଗୁଡ଼ିକରେ ବର୍ଷାର ପ୍ରକୋପ ଅଧିକ ରହିବା ନେଇ ସମ୍ଭାବନା ରହିଛି। ଅନ୍ୟପଟେ ପ୍ରବଳ ବର୍ଷା ଯୋଗୁଁ ଦକ୍ଷିଣ ଓଡ଼ିଶାରେ ଉପୁଜିଥିବା ଜଳବନ୍ଦୀ ସ୍ଥିତିରେ ଧୀରେ ଧୀରେ ସୁଧାର ଆସିବାରେ ଲାଗିଛି। ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରକୋପ ହ୍ରାସ ହେବା ଯୋଗୁଁ ସ୍ଥିତିରେ ସୁଧାର ଆସୁଛି।

## ସ୍ତ୍ରୀକୁ ହତ୍ୟା କରି ବାଟରେ ଫିଙ୍ଗିଦେଲା

**କୁଆମରା, ୨୨।୭ (ସମିସ):** ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ବାଲିଯୋଡ଼ା ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ହତ୍ୟାକାଣ୍ଡର କାରଣ ଜଣାପଡ଼ି ନଥିବା ବେଳେ ଅଭିଯୁକ୍ତ ସ୍ୱାମୀ ଫେରାର୍ ହୋଇଯାଇଛି।

**ସ୍ୱାମୀ ଫେରାର୍**

ସୂଚନାନୁସାରେ, ବାଲିଯୋଡ଼ା ଗ୍ରାମର ଶୁକଦେବ ସିଂ ୨୦ ବର୍ଷ ତଳେ ଶ୍ୟାମାଖୁଣ୍ଟା ଅଞ୍ଚଳର କୁନିମଣି ସିଂ(୪୫)ଙ୍କୁ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ଶୁକଦେବ ଅଧିକାଂଶ ସମୟରେ ନିଶାଖାଇ ଘରକୁ ଆସି ଛୋଟଛୋଟ କଥାକୁ ନେଇ କୁନମଣିଙ୍କ ସହ ଝଗଡ଼ା କରୁଥିଲେ। ରବିବାର ଉଭୟ କୌଣସି କାମରେ ବାହାରକୁ ଯାଇଥିଲେ। ରାତିରେ ଘରକୁ ଫେରୁଥିବା ବେଳେ ଝଗଡ଼ା ହୋଇଥିଲା। ଏଥିରେ ରାଗିଯାଇ ଘରଠାରୁ କିଛି ଦୂରରେ କୁନିମଣିଙ୍କୁ ହତ୍ୟା କରି ଘରେ ପହଞ୍ଚିଥିଲା ଶୁକଦେବ। ସୋମବାର ଏହି ଘଟଣା ଗ୍ରାମବାସୀ ଜାଣିବା ପରେ ଗିରଫଦାରୀ ଭୟରେ ଶୁକଦେବ ଫେରାର ହୋଇଯାଇଛି। ପୁଲିସ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କୁନିମଣିଙ୍କ ବେକ ଓ ଶରୀରର ଅନେକ ସ୍ଥାନରେ ଦାଗଥିବା ଆଇଆଇସି ସୁଜାତା ଖମାରୀ କହିଛନ୍ତି। ତାଙ୍କୁ ଭଉଣୀକୁ ହତ୍ୟା କରାଯାଇଛି ବୋଲି କୁନିମଣିଙ୍କ ଭାଇ ଗୁରା ସିଂ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବିଜେଡିର ୧୬ ଜଣିଆ ବୈଦ୍ୟୁତିକ ମିଡିଆ ଟିମ୍ ଗଠିତ

**ଭୁବନେଶ୍ୱର,୨୨।୭ (ସମିସ):** ବିଭିନ୍ନ ଗଣମାଧ୍ୟମରେ ଦଳର ପକ୍ଷ ଓ ଆଭିମୁଖ୍ୟ ରଖିବା ନିମନ୍ତେ ବିଜେଡି ଗଠନ କରିଛି ୧୬ ଜଣିଆ ମିଡ଼ିଆ ଟିମ୍। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଗଠିତ ଏହି ଟିମ୍‌ର ସଦସ୍ୟମାନେ ବୈଦ୍ୟୁତିକ ଗଣମାଧ୍ୟମର ବିଭିନ୍ନ ଆଲୋଚନାରେ ଭାଗ ନେବେ, ଦଳର ମତ ଓ ଆଭିମୁଖ୍ୟ ଉପସ୍ଥାପନ କରିବେ। ଦଳର ବରିଷ୍ଠ ଗଣମାଧ୍ୟମ ସଂଯୋଜକ ପ୍ରତାପ ଜେନା ନବଗଠିତ ମିଡ଼ିଆ ଟିମ୍ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପୂର୍ବରୁ ପାନେଲିଷ୍ଟ ଭାବରେ କାର୍ଯ୍ୟ କରୁଥିବା କିଛି ପୁରୁଣା ମୁହଁଙ୍କ ସହ କିଛି ବରିଷ୍ଠ ଓ ଅଭିଜ୍ଞ ନେତାଙ୍କୁ ଏହି ସୂଚୀରେ ସାମିଲ କରାଯାଇଛି। ଦଳର ବରିଷ୍ଠ ନେତା ପ୍ରଶାନ୍ତ ମୁଦୁଲି, ସୁବାସ ସିଂହ, ବ୍ୟୋମକେଶ ରାୟ, ଲତିକା ପ୍ରଧାନ, ଗୌତମବୁଦ୍ଧ ଦାସ, ସାରଦା ଜେନା, ରମେଶ ବେହେରା, ମନ୍ମଥ ରାଉତରାୟ, ତୁମ୍ବନାଥ ପଣ୍ଡା, ମିହିର ରାୟ, ଚିନ୍ମୟ ସାହୁ, ସୋଫିଆ ଆଲାମ, ଇରାନୀ ରାୟ, ଇପ୍‌ସିତା ସାହୁ, ବିଶ୍ୱପ୍ରତାପ ସାହୁ ଓ ଅରୂପ ଶ୍ରୀଚନ୍ଦନ ଏହି ନବଗଠିତ ଟିମ୍‌ରେ ସ୍ଥାନ ପାଇଛନ୍ତି।

## ଆଇରନ ବଟିକା ଖାଇ ୧୪ ଛାତ୍ରଛାତ୍ରୀ ଅସୁସ୍ଥ

**ପାରାଦୀପ, ୨୨।୭ (ସମିସ):** ମଧ୍ୟାହ୍ନଭୋଜନ ପରେ ଫୋଲିକ ଏସିଡ ବଟିକା ଖାଇ ୧୪ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ଏଭଳି ଘଟଣା ଘଟିଛି ପାରାଦୀପ ଅଠରବାଙ୍କୀ ଲକ୍‌ପଡ଼ା ପ୍ରାଥମିକ ବିଦ୍ୟାଳୟରେ। ଆଜି ଛାତ୍ରଛାତ୍ରୀ ମଧ୍ୟାହ୍ନଭୋଜନ ଖାଇ ସାରିବା ପରେ ଫୋଲିକ ଏସିଡ୍ ବଟିକା ଖାଇଥିଲେ। ବଟିକା ଖାଇବା ପରେ ଜଣକ ପରେ ଜଣେ ୧୪ଜଣ ଛାତ୍ରଛାତ୍ରୀ ଅସୁସ୍ଥ



ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଅଠରବାଙ୍କୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ଅଭିଭାବକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସ୍କୁଲର ପ୍ରଧାନଶିକ୍ଷୟିତ୍ରୀଙ୍କୁ କଲୋନୀବାସୀ ଅଟକ ରଖିଥିଲେ। ତେବେ ବୁଝାସୁଝା ପରେ ତାଙ୍କୁ ଛାଡ଼ି ଦିଆଯାଇଥିଲା। ସମସ୍ତ ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଅଠରବାଙ୍କୀ ମେଡ଼ିକାଲ ଅଫିସର ଡାକ୍ତର ନିର୍ମାଲ୍ୟ ବିଶ୍ୱାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପିଲାମାନଙ୍କୁ ଦିଆଯାଇଥିବା ବଟିକାର ଉପର ଖୋଳରେ ଅବଧି ଶେଷ ବର୍ଷ ୨୦୨୫ ଥିବା ବେଳେ ଭିତରେ ଥିବା ବଟିକା ଉପରେ ୨୦୧୯ରେ ପ୍ୟାକିଂ ଓ ଏକ୍ସପାଏରି ୨୦୨୧ ଲେଖାଯାଇଛି। ବିଭାଗୀୟ ଅଧିକାରୀ ଏହାର ତଦନ୍ତ ଆରମ୍ଭ କରିଛନ୍ତି।

## ଖାଲିଥିବା ପଦରେ ନିଯୁକ୍ତି ପାଇଁ ଆଜି ବସିବ ସଚିବ ସ୍ତରୀୟ ବୈଠକ

**ଭୁବନେଶ୍ୱର, ୨୨।୭ (ସମିସ):** ସଚିବସ୍ତରୀୟ ବୈଠକ ଆସନ୍ତାକାଲି ବା ମଙ୍ଗଳବାର ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ। ଲୋକସେବା ଭବନରେ ହେବାକୁ ଥିବା ଏହି ବୈଠକରେ ସମସ୍ତ ସଚିବ ଯୋଗଦେବେ। ବୈଠକରେ ଦୁଇଟି ପ୍ରସଙ୍ଗ ଯଥା ଅନୁମୋଦନ ହୋଇ ଖାଲିଥିବା ପଦରେ ନିଯୁକ୍ତି ଏବଂ ୨୦୩୬ ପାଇଁ ଭିଜନ ପ୍ରସ୍ତୁତ କରିବା ଉପରେ ଆଲେଚନା ହେବ। ଏନେଇ ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଜାଲରେ ଛନ୍ଦି ହୋଇଗଲା ଶିଶୁ ଡଲଫିନ୍



**ପାରାଦୀପ, ୨୨।୭ (ସମିସ):** ଆଜି ପାରାଦୀପ ସମୁଦ୍ର କୂଳରେ ବିରଳ ପ୍ରଜାତିର ଡଲଫିନ୍‌କୁ ମତ୍ସ୍ୟଜୀବୀ ଉଦ୍ଧାର କରି ପୁଣି ସମୁଦ୍ରରେ ଛାଡ଼ି ଦେଇଛନ୍ତି। ଆଜି ସକାଳେ ଏହି ବିରଳ ପ୍ରଜାତିର ଶିଶୁ ଡଲଫିନ୍ ମୁହଁରେ ଜାଲ ଗୁଡ଼େଇ ହୋଇଯାଇଥିଲା। ସେ କୂଳରେ ଛଟପଟ ହେଉଥିବା ସମୟରେ କେତେକ ମତ୍ସ୍ୟଜୀବୀଙ୍କ ନଜରକୁ ଆସିଥିଲା।

**ସମୁଦ୍ରରେ ଛାଡ଼ିଦେଲେ ମତ୍ସ୍ୟଜୀବୀ**

ମତ୍ସ୍ୟଜୀବୀମାନେ ତୁରନ୍ତ ସ୍ଥାନୀୟ ଅଞ୍ଚଳର ଯୁବକ ଭାସ୍କର ଆଚାରୀ ଓ ଅନ୍ୟ ଦୁଇଜଣଙ୍କ ସହଯୋଗରେ ଡଲଫିନ୍‌ର ମୁହଁରୁ ଜାଲ ଖୋଲି ସୁରକ୍ଷିତ ଭାବେ ତାକୁ ସମୁଦ୍ରରେ ଛାଡ଼ି ଦେଇଥିଲେ। ସାଧାରଣତଃ ଡଲଫିନ୍ ଗଭୀର ସମୁଦ୍ରରେ ଦୃଶ୍ୟମାନ ହେଉଥିବା ବେଳେ କେଉଁ ପରିସ୍ଥିତିରେ ସମୁଦ୍ର କୂଳକୁ ଆସିଲା, ତାହା ଜଣାପଡ଼ିନାହିଁ।

### ସଂସଦରେ ପୁଣି ଦାବି ଉଠାଇଲା ବିଜେଡି

## କେନ୍ଦୁପତ୍ରକୁ ସମ୍ପୂର୍ଣ୍ଣ ଭାବେ ଜିଏସ୍‌ଟି ମୁକ୍ତ କରାଯାଉ

**ଭୁବନେଶ୍ୱର, ୨୨।୭ (ସମିସ):** ଓଡ଼ିଶାର ୧୦ ଲକ୍ଷରୁ ଅଧିକ ଗରିବ ଲୋକ ବିଶେଷକରି ଆଦିବାସୀ ଭାଇ ଭଉଣୀମାନେ କେନ୍ଦୁପତ୍ର ଉପରେ ନିର୍ଭର କରନ୍ତି। ଏହା ସେମାନଙ୍କ ଜୀବନଜୀବିକା ଅଧିକାର। କିନ୍ତୁ ସେମାନଙ୍କ ପେଟ ପୋଷୁଥିବା କେନ୍ଦୁପତ୍ର ଉପରୁ ୧୮% ଜିଏସ୍‌ଟି ଛାଡ଼ କରିବା ପାଇଁ ଆମେ ବାରମ୍ବାର ଦାବି କରି ଆସୁଥିଲେ ସୁଦ୍ଧା କେନ୍ଦ୍ର ସରକାର ଆଦୌ ଗୁରୁତ୍ୱ ଦେଉ ନାହାନ୍ତି। ଲକ୍ଷ ଲକ୍ଷ ଲୋକଙ୍କ ସାମାଜିକ ସୁରକ୍ଷା ବିପନ୍ନ ହେଉଛି। ଅନ୍ତତଃ ଏବେ କେନ୍ଦ୍ର ସରକାର କେନ୍ଦୁପତ୍ରକୁ ଜିଏସ୍‌ଟି ମୁକ୍ତ କରିବା ଲାଗି ପଦକ୍ଷେପ ନିଅନ୍ତୁ ବୋଲି ବିଜେଡି କହିଛି। ଆଜି ରାଜ୍ୟସଭାରେ ସ୍ୱତନ୍ତ୍ର ଧ୍ୟାନ ଆକର୍ଷଣକାରୀ ନୋଟିସ୍ ମାଧ୍ୟମରେ ବିଜେଡି ସାଂସଦ ଡ଼ ସସ୍ମିତ ପାତ୍ର କହିଥିଲେ, ପ୍ରାୟ ୧୦ ଲକ୍ଷ ଲୋକ କେନ୍ଦୁ ପତ୍ର ଉପରେ ନିର୍ଭରଶୀଳ। ଏହା ସେମାନଙ୍କ ଆର୍ଥିକ ମେରୁଦଣ୍ଡ ସଦୃଶ। ଜଙ୍ଗଲ ଅଧିକାର ଆଇନ୍ ସେମାନଙ୍କୁ କେନ୍ଦୁପତ୍ର ତୋଳି ଜୀବିକା ନିର୍ବାହ ପାଇଁ ଅଧିକାର ଦେଇଛି। ଏହାର ସଂଗ୍ରହ ଓ ବିକ୍ରି ପାଇଁ ସେମାନେ ଆଇନତଃ ପ୍ରାଧିକୃତ। କିନ୍ତୁ ଏହା ଉପରେ ଭାରତ ସରକାର ୧୮% ଜିଏସ୍‌ଟି ଲାଗୁ କରିବା ଦ୍ୱାରା ସେମାନେ ବହୁଳ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି। ନିଜ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନଭେମ୍ବର ୨୫, ୨୦୨୨ରେ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ଜିଏସ୍‌ଟି ଉଚ୍ଛେଦ ପାଇଁ ଅନୁରୋଧ କରିଥିଲେ। ସେହିବର୍ଷ ଡିସେମ୍ବର ୧୭ ତାରିଖରେ ଅନୁଷ୍ଠିତ ୪୮ ତମ ଜିଏସ୍‌ଟି ପରିଷଦ ବୈଠକରେ ମଧ୍ୟ ଓଡ଼ିଶାର ତତ୍କାଳୀନ ଅର୍ଥ ମନ୍ତ୍ରୀ ସମାନ ଦାବି ଉପସ୍ଥାପନ କରିଥିଲେ। ଏଥିସହ ବିଜୁ ଜନତା ଦଳ ବାରମ୍ବାର ଏହି ଦାବି ଦୋହରାଇ ଆସୁଛି। କିନ୍ତୁ ଆଜି ପର୍ଯ୍ୟନ୍ତ ଆଦିବାସୀମାନଙ୍କର ଏହି ନାର୍ଯ୍ୟ ଦାବିକୁ କେନ୍ଦ୍ର ସରକାର କର୍ଣ୍ଣପାତ କରିନାହାନ୍ତି। ସରକାର କେନ୍ଦୁ ପତ୍ର ଉପରୁ ଜିଏସଟି ଛାଡ଼ କଲେ ୧୦ ଲକ୍ଷ ଆଦିବାସୀ ଭାଇ ଭଉଣୀ ବହୁଳ ଭାବେ ଉପକୃତ ହୋଇପାରିବେ। ସେମାନେ ବିପୁଳ ଆର୍ଥିକ କ୍ଷତିର ସମ୍ମୁଖୀନ ହେବେ ନାହିଁ। ସେମାନଙ୍କ ପରିଶ୍ରମର ଉଚିତ ମୂଲ୍ୟ ସେମାନଙ୍କୁ ମିଳିପାରିବ। ତେଣୁ ଯଥାଶୀଘ୍ର କେନ୍ଦୁ ପତ୍ରକୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ କରିବା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନିଅନ୍ତୁ ବୋଲି ଡ଼ ପାତ୍ର ଦାବି କରିଥିଲେ।

## ହୀରାକୁଦରେ ରାଡାର ଷ୍ଟେସନ୍ ସ୍ଥାପନ କରିବ ବାୟୁସେନା

**ଭୁବନେଶ୍ୱର, ୨୨।୭ (ସମିସ):** ଭାରତୀୟ ବାୟୁସେନା ସମ୍ବଲପୁରସ୍ଥିତ ହୀରାକୁଦରେ ଏକ ରାଡାର ଷ୍ଟେସନ୍ ସ୍ଥାପନ କରିବାକୁ ଯାଉଛି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଜମି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ମିଳିଥିବା ସୂଚନା ଅନୁସାରେ, ଭାରତୀୟ ବାୟୁସେନା ଏକ ମଧ୍ୟମ ଶକ୍ତିସମ୍ପନ୍ନ ରାଡାର ଷ୍ଟେସନ୍ ସ୍ଥାପନ କରିବା ପାଇଁ ନିଷ୍ପତ୍ତି ନେଇଛି। ବାୟୁସେନାର ଅନୁରୋଧକ୍ରମେ ରାଜ୍ୟ ସରକାର ସଦର ତହସିଲ ଅଧୀନ ଗୌଡ଼ପାଲି ମୌଜାରେ ୨.୪୦ ଏକର ଜମି ଚିହ୍ନଟ କରିଛନ୍ତି। ଜଳ ସମ୍ପଦ ବିଭାଗ ଅଧୀନରେ ଥିବା ଏହି ଜମିକୁ ରାଜସ୍ୱ ବିଭାଗକୁ ହସ୍ତାନ୍ତର କରାଯିବ। ଏହି ଜମିର ମାଲିକାନା ପ୍ରତିରକ୍ଷା ମନ୍ତ୍ରାଳୟକୁ ହସ୍ତାନ୍ତର କରାଯିବ। ଏହି ରାଡାର ଷ୍ଟେସନ୍ ସ୍ଥାପନ ହେବା ଦ୍ୱାରା ଶତ୍ରୁ ପକ୍ଷର ବିଭିନ୍ନ ପ୍ରକାର ବିମାନ, ଡ୍ରୋନ୍, ଯୁଦ୍ଧାସ୍ତ୍ର ଆଦିର ଗତିବିଧି ଉପରେ ବାୟୁସେନା ନଜର ରଖିପାରିବ। ଏହାସହ ବାୟୁସେନାର ନିଜସ୍ୱ ବିମାନ ପରିଚାଳନା ଦିଗରେ ଏହି ରାଡାର ଷ୍ଟେସନ୍ ବେଶ୍ ଉପାଦେୟ ହେବ। ଗ୍ରାଉଣ୍ଡ ବେସ୍‌ଡ ୪-ଡି ସର୍ଭିଲାନ୍ସ ଜରିଆରେ ବିଭିନ୍ନ ପ୍ରକାର ଫଟୋ ନିଆଯିବା ସହ ଆକ୍ରମଣ ପାଇଁ ଦୂରତାର ସଠିକ୍ ସୂଚନା ମିଳିପାରିବ। ଅପରପକ୍ଷେ ଇଲେକ୍ଟ୍ରୋମ୍ୟାଗନେଟିକ୍ ଗତିବିଧିକୁ ଧରିବାରେ ଏହି ରାଡାର ଷ୍ଟେସନ୍ ସଫଳ ହେବ। ବାୟୁ ସେନା ପକ୍ଷରୁ ଏପରି ରାଡାର୍ ଷ୍ଟେସନ୍ ସ୍ଥାପନ ଓଡ଼ିଶାରେ ପ୍ରଥମ ବୋଲି କୁହାଯାଉଛି।

**ବିରୋଧୀଙ୍କୁ ମୋଦୀଙ୍କ ନିଶାଣ**

# ସଂସଦରେ ନକାରାତ୍ମକ ରାଜନୀତି ଗ୍ରହଣୀୟ ନୁହେଁ



ନୂଆଦିଲ୍ଲୀ,୨୨।୭(ଏଜେନ୍ସି): ସଂସଦର ବଜେଟ୍ ଅଧିବେଶନ ସୋମବାର ଆରମ୍ଭ ହୋଇଛି। ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଏହି ଅଧିବେଶନ କାଳରେ କେନ୍ଦ୍ର ସରକାରଙ୍କୁ ଘେରିବାକୁ ପ୍ରସ୍ତୁତ ହୋଇଥିଲା ବେଳେ ଗୃହ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିରୋଧୀଙ୍କୁ ନିଶାଣ କରି ବର୍ଷିଛନ୍ତି। ସଂସଦରେ ନକାରାତ୍ମକ ରାଜନୀତି ଗ୍ରହଣୀୟ ନୁହେଁ ବୋଲି ମୋଦୀ ବିରୋଧୀଙ୍କୁ ପରୋକ୍ଷ ଚେତାବନୀ ଦେଇ କହିଥିଲା ବେଳେ ସଂସଦୀୟ ଅଧିବେଶନର ମୂଲ୍ୟବାନ ସମୟ ଦେଶବାସୀଙ୍କ ହିତ ପାଇଁ ଉପଯୋଗ ହେବା ଦରକାର ବୋଲି କହିଛନ୍ତି। ସବୁ ଦଳ ନିଜର ଦଳୀୟ ମତ ଠାରୁ ଉପରେ ରହି ଦେଶର ବିକାଶପଥକୁ ତ୍ୱରାନ୍ୱିତ କରିବା ଲାଗି ଉଦ୍ୟମ କରିବା ଏବଂ ସଂସଦର ଗରିମାକୁ ଅକ୍ଷୁର୍ଣ୍ଣ ରଖିବାକୁ ଆହ୍ୱାନ ଦେଇଛନ୍ତି।

ଏହିକ୍ରମରେ ସେ କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ ଦେଶବାସୀଙ୍କୁ ଯିଏ ଯାହା ପ୍ରତିଶ୍ରୁତି ଦେବା କଥା ଦେଇ ସାରିଛନ୍ତି । ଦେଶବାସୀ ମଧ୍ୟ ସେମାନଙ୍କର ରାୟ ଦେଇସାରିଛନ୍ତି । ନିଜ ଦଳ ପାଇଁ ଆପଣମାନେ ଯେତେ ଲଢ଼ିବା କଥା ଲଢ଼ିଲେ , ଏବେ ଦେଶ ପାଇଁ ଲଢିବାର ବେଳ ।ଆଗାମୀ ୪ ରୁ ସାଢ଼େ ଚାରି ବର୍ଷ ଦେଶ ପାଇଁ ଆପଣମାନେ ଲଢ଼େଇ କରନ୍ତୁ ବୋଲି ମୋଦୀ ସବୁ ଦଳକୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ, ଆସନ୍ତାକାଲି ସଂସଦରେ ୨୦୨୪-୨୫ ବଜେଟ୍ ଉପସ୍ଥାପନ ହେବ। ଏହି ବଜେଟ୍ ଅମୃତକାଳ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଥିଲା ବେଳେ ଆଗାମୀ ପାଞ୍ଚ ବର୍ଷ ପାଇଁ ଦେଶର ବିକାଶ ଦିଗକୁ ଆହୁରି ପ୍ରସାରିତ କରିବ। ଏହା ଆମ ସରକାରଙ୍କ ପ୍ରତିବଦ୍ଧତା। ବିକଶିତ ଭାରତ ପାଇଁ ଆମେ ଦେଶବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଛୁ ସେଥିପାଇଁ ମଧ୍ୟ ଏହି ବଜେଟ୍ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ହେବ। ତେଣୁ ସବୁ ସଦସ୍ୟ ୨୦୨୯ ଜାନୁଆରୀ ପର୍ଯ୍ୟନ୍ତ ସେମାନଙ୍କ ସଂସଦୀୟ କ୍ଷେତ୍ର ପାଇଁ କାମ କରନ୍ତୁ ବୋଲି ମୋଦୀ ସବୁ ଦଳକୁ ଆହ୍ୱାନ ଦେଇ କହିଛନ୍ତି। ସଂସଦ କେବଳ ରାଜନୈତିକ ଦଳ ପାଇଁ ଉଦ୍ଦିଷ୍ଟ ନୁହେଁ, ଦେଶ ପାଇଁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଜନତାଙ୍କ ଦ୍ୱାରା ନିର୍ବାଚିତ ପ୍ରତ୍ୟେକ ସଦସ୍ୟ ତାଙ୍କର ଭୂମିକା ନିଭାଇବା ଜରୁରୀ । ବିରୋଧୀଙ୍କ ବିଚାର ଖରାପ ନୁହେଁ , କିନ୍ତୁ ସେମାନଙ୍କ ନକରାତ୍ମକ ଚିନ୍ତାଧାରା ଦେଶ ପାଇଁ ଖରାପ । ତେଣୁ ସଂସଦରେ ଯେକୌଣସି ବିଷୟରେ ସକାରାତ୍ମକ ଆଲୋଚନା ହେବା ଉଚିତ ବୋଲି ମୋଦୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସୋମବାର ଠାରୁ ଆରମ୍ଭ ହୋଇଥିବା ବଜେଟ ଅଧିବେଶନ ଆଗାମୀ ଅଗଷ୍ଟ ୧୨ ତାରିଖ ଯାଏଁ ଚାଲିବ । ଯେଉଁଥିରେ ମୋଟ ୧୯ଟି ବୈଠକ ଅନୁଷ୍ଠିତ ହେବ । ଏହି ସମୟରେ ସରକାରଙ୍କ ଦ୍ୱାରା ୬ଟି ବିଧେୟକ ପାରିତ ହେବାର ସମ୍ଭାବନା ରହିଛି। ତେଣୁ ଏହି ଅଧିବେଶନକୁ କାର୍ଯ୍ୟନିର୍ବାହ ଦୃଷ୍ଟିରୁ ସଫଳ କରିବାକୁ ମୋଦୀ ସବୁ ଦଳର ସଦସ୍ୟମାନଙ୍କୁ କହିଛନ୍ତି।

● ଆରଏସ୍ଏସ୍ କାର୍ଯ୍ୟକ୍ରମକୁ ନେଇ ଅମଲାଙ୍କ ଉପରୁ କଟକଣା ହଟିବା ପ୍ରସଙ୍ଗ

# ଆମେ କିଛି ଦାବି କରିନାହୁଁ କହିଲା ଆରଏସ୍ଏସ୍



**ଅମଲାତନ୍ତ୍ରର ରାଜନୀତିକରଣ ଚାହୁଁଛି ବିଜେପି**

ନୂଆଦିଲ୍ଲୀ,୨୨।୭(ଏଜେନ୍ସି): ସରକାରୀ କର୍ମଚାରୀ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆରଏସଏସ୍)ର କୌଣସି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ନେଇ ରହିଥିବା କଟକଣାକୁ ମୋଦୀ ସରକାର ଗତକାଲି ହଟାଇ ଦେବା ପରେ ଏହି ପ୍ରସଙ୍ଗକୁ କେନ୍ଦ୍ର କରି ରାଜନୀତିକ ବିବାଦ ଆରମ୍ଭ ହୋଇଛି। କୌଣସି ସରକାରୀ କର୍ମଚାରୀ ଆରଏସ୍ଏସ୍‌ର କାର୍ଯ୍ୟକ୍ରମରେ ଯୋଗ ଦେବାକୁ ନେଇ ପ୍ରାୟ ୫୮ ବର୍ଷ ତଳେ ଲଗାଯାଇଥିବା କଟକଣାକୁ କେନ୍ଦ୍ର ସରକାର ହଟାଇ ଦେଇଛନ୍ତି ବୋଲି ଗତକାଲି ଘୋଷଣା କରିଥିଲେ। କିନ୍ତୁ ସରକାରଙ୍କ ଏଭଳି ନିଷ୍ପତ୍ତି ପଛରେ ଆରଏସଏସ୍‌ର କୌଣସି ଭୂମିକା ନାହିଁ ଏବଂ ଏହି କଟକଣା ହଟାଇବାକୁ ସଂଘ କେବେ ମଧ୍ୟ ଦାବି କରିନାହିଁ । ଏପରିକି ବିଗତ ଦିନରେ ଏହି ବିଷୟକୁ ନେଇ ସଂଘ ପକ୍ଷରୁ କେବେ ବି ଆଲୋଚନା କରିନାହିଁ ବୋଲି ଆରଏସଏସ୍ ନେତା ଟିପ୍ପଣୀ ଦେବା ପରେ ବିରୋଧୀ କଂଗ୍ରେସ ବିଜେପିକୁ ନିଶାଣ କରିଛି। ଏହିକ୍ରମରେ କଂଗ୍ରେସ ପ୍ରବକ୍ତା ଜୟରାମ ରମେଶ କହିଛନ୍ତି ଯେ, କୌଣସି ସରକାରୀ କର୍ମଚାରୀ ଆର୍ଏସ୍ଏସ୍‌ର କାର୍ଯ୍ୟକ୍ରମରେ ଯୋଗଦେବାକୁ ନେଇ ୧୯୬୬ରେ ଯେଉଁ ପ୍ରତିବନ୍ଧକ ଲଗାଯାଇଥିଲା ତାହାକୁ କେନ୍ଦ୍ର ସରକାର ହଟାଇ ଦେଇଛନ୍ତି ବୋଲି ଗତ ୯ ତାରିଖରେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି। ସରକାରଙ୍କ ଏଭଳି ନିଷ୍ପତ୍ତି ଅମଲାତନ୍ତ୍ରର ରାଜନୀତିକରଣ ପାଇଁ ଉଦ୍ଦିଷ୍ଟ ବୋଲି ଜୟରାମ କହିଛନ୍ତି।

## ଆଇଏନଏସ୍ ବ୍ରହ୍ମପୁତ୍ରରେ ନିଆଁ; ଯବାନ ନିଖୋଜ



ନୂଆଦିଲ୍ଲୀ,୨୨।୭(ଏଜେନ୍ସି): ଭାରତୀୟ ନୌସେନାର ଯୁଦ୍ଧପୋତ ଆଇଏନଏସ୍ ବ୍ରହ୍ମପୁତ୍ରରେ ନିଆଁ ଲାଗି ଯାଇଥିବା ଖବର ସାମ୍ନାକୁ ଆସିଛି। ମୁମ୍ବାଇସ୍ଥିତ ନୌସେନା ଡକୟାର୍ଡରେ ମରାମତି କାର୍ଯ୍ୟ ଚାଲିଥିବା ବେଳେ ଏଥିରେ ନିଆଁ ଲାଗିଯାଇଥିଲା ବୋଲି ସୂଚନା ମିଳିଛି। ନିଆଁ ଲାଗିବା କାରଣରୁ ଏହି ଯୁଦ୍ଧପୋତ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଜଣେ କନିଷ୍ଠ ନାବିକ ନିଖୋଜ ହୋଇଯାଇଛନ୍ତି। ତାଙ୍କୁ ଠାବ କରିବା ପାଇଁ ନୌସେନା ପକ୍ଷରୁ ଉଦ୍ୟମ ଜାରି ରହିଛି।ମିଳିଥିବା ସୂଚନା ଅନୁସାରେ, ଆଇଏନଏସ୍ ବ୍ରହ୍ମପୁତ୍ରର କିଛି ମରାମତି କାମ ଚାଲିଥିଲା ବେଳେ ହଠାତ୍ ଏଥିରେ ନିଆଁ ଲାଗି ଯାଇଥିଲା। ଏହି ଜାହାଜର କ୍ରୁ ସଦସ୍ୟ ଓ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିବାକୁ ସକ୍ଷମ ହୋଇଥିଲା ବେଳେ ନିଆଁ ଡକୟାର୍ଡର ଅନ୍ୟ ଅଞ୍ଚଳକୁ ବ୍ୟାପି ନଥିଲା।

● ଅଗଷ୍ଟ ପହିଲାରେ ପୁଣି ରାସ୍ତାକୁ ଓହ୍ଲାଇବେ ଚାଷୀ

## ଅଗଷ୍ଟ ୧୫ରେ ସାରା ଦେଶରେ ଟ୍ରାକ୍ଟର ରାଲି



ନୂଆଦିଲ୍ଲୀ,୨୨।୭(ଏଜେନ୍ସି) : ଅଗଷ୍ଟ ୧୫ରେ ସାରା ଦେଶରେ ଟ୍ରାକ୍ଟର ରାଲି କରାଯିବ ବୋଲି ମିଳିତ କୃଷକ ସଂଘ ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ଅନ୍ୟାନ୍ୟ ଦାବି ସହିତ ସମସ୍ତ ଫସଲ ଉପରେ ଏମଏସପି ଗ୍ୟାରେଣ୍ଟିକୁ ନେଇ ଚାଷୀମାନେ ପୁଣି ରାସ୍ତାକୁ ଓହ୍ଲାଇବେ ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା ଏବଂ କିଷାନ ମଜଦୁର ମୋର୍ଚ୍ଚା ପକ୍ଷରୁ ଘୋଷଣା କରାଯାଇଛି। ପ୍ରଥମେ ଚାଷୀଙ୍କ ବିରୋଧରେ ହରିୟାଣା ସରକାର ନେଇଥିବା ଆଭିମୁଖ୍ୟ ବିରୋଧରେ ଅଗଷ୍ଟ ୧ରେ ବିକ୍ଷୋଭ କରାଯିବ। ଏହାପରେ ଅଗଷ୍ଟ ୧୫ରେ ସାରା ଦେଶରେ ଟ୍ରାକ୍ଟର ରାଲି କରାଯିବ ବୋଲି ଉଭୟ ମୋର୍ଚ୍ଚର ନେତା କହିଛନ୍ତି। ଏଥିସହିତ କେନ୍ଦ୍ର ସରକାର ଆଣିଥିବା ନୂଆ ଅପରାଧିକ ଆଇନକୁ ବିରୋଧ କରି ଏହାର କପି ମଧ୍ୟ ପୋଡ଼ାଯିବ ବୋଲି କୁହାଯାଇଛି। ସେପ୍ଟେମ୍ବର ୨୨ ପର୍ଯ୍ୟନ୍ତ କୃଷକ ସଂଗଠନ ଦ୍ୱାରା ଆୟୋଜିତ ସମଗ୍ର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦିଆଯାଇଛି।କୃଷକ ସଂଗଠନ ପକ୍ଷରୁ କୁହାଯାଇଛି ଯେ, ଅଗଷ୍ଟ ୧ ତାରିଖରେ ସେମାନେ କେନ୍ଦ୍ର ସରକାରଙ୍କ ପ୍ରତୀକ ଅନ୍ତିମ ସଂସ୍କାର କରି ବିରୋଧ ପ୍ରଦର୍ଶନ କରିବେ। ପ୍ରତ୍ୟେକ ଜିଲ୍ଲା ମୁଖ୍ୟାଳୟରେ ଏଥିନେଇ କୃଷକମାନେ ପ୍ରଦର୍ଶନ କରିବେ। ୩୧ ଅଗଷ୍ଟରେ କୃଷକ ଆନ୍ଦୋଳନର ୨୦୦ ଦିନ ପୂରଣ ହେବାକୁ ଯାଉଥିବାରୁ ଏହି ଅବସରରେ ସମସ୍ତ କୃଷକ ଦିଲ୍ଲୀ ସୀମାରେ ଏକାଠି ହେବେ ବୋଲି ମୋର୍ଚ୍ଚା ନେତାମାନେ କହିଛନ୍ତି।

## ରଜୌରୀରେ ବଡ଼ ଆତଙ୍କୀ ହମ୍‌ଲା ଭଣ୍ଡୁର; ଯବାନ ଆହତ

ଶ୍ରୀନଗର, ୨୨।୭(ଏଜେନ୍ସି): ଜମ୍ମୁ-କାଶ୍ମୀରର ରଜୌରୀ ଜିଲ୍ଲାର ଗୁଣ୍ଡା ଖାୱାସ ଅଞ୍ଚଳରେ ଆର୍ମିର ଏକ ନୂଆ କ୍ୟାମ୍ପ ଉପରେ ସୋମବାର ଭୋରରେ ଆତଙ୍କବାଦୀମାନେ ଅତର୍କିତ ଆକ୍ରମଣ କରିଥିଲେ। କିନ୍ତୁ କ୍ୟାମ୍ପର ପ୍ରହରୀ ସତର୍କ ଥିବାରୁ ଏକ ବଡ଼ ଧରଣର ଆତଙ୍କୀ ହମଲାକୁ ଭଣ୍ଡୁର କରାଯାଇ ପାରିଥିବା ପ୍ରତିରକ୍ଷା ବାହିନୀ ମୁଖପାତ୍ର ଲେଫ୍ଟନାଣ୍ଟ କର୍ଣ୍ଣେଲ ସୁନୀଲ ବର୍ତ୍ତୱାଲ କହିଛନ୍ତି। ଉଭୟ ପକ୍ଷ ମଧ୍ୟରେ ଦୀର୍ଘ ସମୟ ଯାଏଁ ଗୁଳି ବିନିମୟ ଘଟିଥିଲା। ସେଥିରେ ଜଣେ ସୈନ୍ୟ ଆହତ ହୋଇଥିବା କୁହାଯାଉଛି। ଅପରେସନ୍ ଚାଲୁରହିଛି। ଆଜି ଭୋର୍ ୩ଟା ୧୦ ମିନିଟ ସମୟରେ ଆତଙ୍କବାଦୀମାନେ ରଜୌରୀର ଗୁଣ୍ଡାରେ ଭିଲେଜ ଡିଫେନ୍ସ ଗାର୍ଡ(ଭିଡିଜି) ପୁରୁଷୋତ୍ତମ କୁମାରଙ୍କ ଘର ଉପରେ ଆକ୍ରମଣ କରିଥିଲେ। ଏଥିରେ ପୁରୁଷୋତ୍ତମଙ୍କ ଜଣେ ସମ୍ପର୍କୀୟ ବିଜୟ କୁମାର ଆହତ ହୋଇଥିବା ବେଳେ ଗୋଟିଏ ଗୃହପାଳିତ ପଶୁ ମରିଛି। ନିକଟସ୍ଥ ଆର୍ମି ୟୁନିଟ୍ ପୁରୁଷୋତ୍ତମଙ୍କ ସୁରକ୍ଷା ପାଇଁ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆତଙ୍କବାଦୀଙ୍କ ମୁକାବିଲା କରିଥିଲା। ପୁରୁଷୋତ୍ତମଙ୍କୁ କିଛି ଦିନ ତଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୌର୍ଯ୍ୟ ଚକ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ। ଜମ୍ମୁ –କାଶ୍ମୀରରେ ଗତ ତିନି ମାସରେ ଆତଙ୍କୀ ହମଲାରେ ୧୧ ଜଣ ସୈନ୍ୟ ସହିଦ ହୋଇଛନ୍ତି ଓ ୧୦ ସାଧାରଣ ନାଗରିକଙ୍କ ଜୀବନ ଯାଇଛି। ଚଳିତ ବର୍ଷ ଆରମ୍ଭରୁ ଏଯାଏଁ ଜମ୍ମୁ-କାଶ୍ମୀରରେ ୧୧ ସୈନ୍ୟ, ଜଣେ ଭିଡିଜି, ୧୦ ସାଧାରଣ ନାଗରିକ ଓ ୫ ଆତଙ୍କବାଦୀ ନିହତ ହୋଇଛନ୍ତି।

**କାଉଡ଼ିଆ ଯାତ୍ରାରେ ନାମଫଳକ ଲଗାଇବା ପ୍ରସଙ୍ଗ**

## ଦୁଇ ରାଜ୍ୟର ନିର୍ଦ୍ଦେଶନାମା ଉପରେ 'ସୁପ୍ରିମ' ରୋକ୍

ନୂଆଦିଲ୍ଲୀ, ୨୨।୭(ଏଜେନ୍ସି):କାଉଡ଼ିଆଙ୍କ ଯାତ୍ରା ପଥରେ ଖାଦ୍ୟ ସାମଗ୍ରୀ, ଫଳ, ପାଣି ଆଦି ବିକ୍ରି କରୁଥିବା ସମସ୍ତ ଦୋକାନ, କ୍ୟାବିନ୍ ଓ ଠେଲାଗାଡ଼ିରେ ମାଲିକ-କର୍ମଚାରୀଙ୍କ ନାମ, ଠିକଣା ଓ ମୋବାଇଲ ନମ୍ବର ଲେଖାଥିବା ଆବଶ୍ୟକ ବୋଲି ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡ ସରକାର ନିର୍ଦ୍ଦେଶ ଦେବା ପରେ ମଧ୍ୟପ୍ରଦେଶ ସରକାର ମଧ୍ୟ ଅନୁରୂପ ଆଦେଶ ଜାରି କରିଥିଲେ। ଏପରି ଆଦେଶକୁ ବିରୋଧ କରି ଦାଖଲ କରାଯାଇଥିବା ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ବିଚାରପତି ହୃଷିକେଶ ରାୟ ଓ ବିଚାରପତି ଏସ୍‌ଭିଏନ୍ ଭଟ୍ଟିଙ୍କ ସୁପ୍ରିମକୋର୍ଟ ଖଣ୍ଡପୀଠ ଆଜି ଉକ୍ତ ଆଦେଶ ଉପରେ ଆସନ୍ତା ୨୬ ଯାଏଁ ଅନ୍ତରୀଣ ରହିତାଦେଶ ଲଗାଇଛନ୍ତି। ଜୁଲାଇ ୨୬ରେ ଏହାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି। ତା' ଭିତରେ ରାଜ୍ୟମାନେ ଏନେଇ ସ୍ୱପକ୍ଷ ରଖିପାରିବେ ବୋଲି ଖଣ୍ଡପୀଠ ସମୟ ଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ଢାବା ମାଲିକ, ଦୋକାନୀ, ବୁଲା ବେପାରୀ ଯିଏ ବି ହୁଅନ୍ତୁ ଖାଦ୍ୟ ବିକୁଥିବା ଦୋକାନର ମାଲିକ ଓ କର୍ମଚାରୀଙ୍କ ନାମ ଜଣାଇବା ଦରକାର ହେଉନି, କେବଳ ସେଠାରେ କେଉଁ ପ୍ରକାରର ଖାଦ୍ୟ ମିଳୁଛି ତାହା ଗ୍ରାହକ ଜାଣିବା ଦରକାର। ୟୁପି, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶରେ କାଉଡ଼ିଆଙ୍କ ଯାତ୍ରା ପଥରେ ଅନେକ ମୁସଲିମ୍ ଓ ଦଳିତ ସମ୍ପ୍ରଦାୟର ଲୋକେ ଛୋଟ ଦୋକାନ, କ୍ୟାବିନ୍ କିମ୍ବା ଠେଲାଗାଡ଼ିରେ ଖାଦ୍ୟ ସାମଗ୍ରୀ ସମେତ ବିଭିନ୍ନ ଦ୍ରବ୍ୟ ବିକ୍ରି କରି ଜୀବିକାନିର୍ବାହ କରିଥାନ୍ତି। ୟୁପି, ଉତ୍ତରାଖଣ୍ଡ ଓ ମଧ୍ୟପ୍ରଦେଶ ସରକାରଙ୍କ ଏହି ସାମାଜିକ-ସାମ୍ପ୍ରଦାୟିକ ବିଭେଦ ସୃଷ୍ଟିକାରୀ ଆଦେଶ ସମ୍ବିଧାନର ଧାରା ୧୪,୧୫ ଓ ୧୭ରେ ନାଗରିକଙ୍କୁ ମିଳିଥିବା ମୌଳିକ ଅଧିକାରକୁ କ୍ଷୁଣ୍ଣ କରୁଥିବା ଆବେଦନକାରୀମାନେ ଦର୍ଶାଇଛନ୍ତି। ୟୁପି, ଉତ୍ତରାଖଣ୍ଡ ଓ ମଧ୍ୟପ୍ରଦେଶ ସରକାରଙ୍କ ଏପରି ଆଦେଶ ଅସ୍ପୃଶ୍ୟତାକୁ ବଳ ଦେଉଛି ଯାହା ସମ୍ବିଧାନର ୧୭ ଧାରାର ଉଲ୍ଲଂଘନ ବୋଲି ସେମାନେ ଆପତ୍ତି ଉଠାଇଛନ୍ତି। ବିରୋଧୀ ଦଳମାନେ ଏହାକୁ ସମ୍ବିଧାନ ବିରୋଧୀ ପଦକ୍ଷେପ କହି ସଂସଦର ବଜେଟ୍ ଅଧିବେଶନରେ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ନୋଟିସ୍ ଦେଇଛନ୍ତି। ବିରୋଧୀ ଦଳଙ୍କ ପକ୍ଷରୁ କୁହାଯାଇଛି, ୟୁପି,



ଉତ୍ତରାଖଣ୍ଡ ଓ ମଧ୍ୟପ୍ରଦେଶ ସରକାରଙ୍କ ଏପରି ଆଭିମୁଖ୍ୟ ଦେଶରେ ଦଳିତ ଓ ମୁସଲିମ୍‌ଙ୍କ ପ୍ରତି ଘୃଣା ବଢୁଥିବାର ନିଦର୍ଶନ। ସମାଜକୁ ଜାତି ଓ ଧର୍ମ ବିଚାରରେ ଭାଗ କରିବାକୁ ଉଦ୍ୟମ ହୋଇଛି। ଦେଶର ଏକତାକୁ ନଷ୍ଟ କରାଯାଉଛି। ଏଭଳି ପଦକ୍ଷେପ ନିଆଗଲେ ଧର୍ମୀୟ ବିଦ୍ୱେଷ ବଢିବ ବୋଲି ସେମାନେ ଅଭିଯୋଗ କରିଛନ୍ତି।

**କର୍ଣ୍ଣାଟକ ସିଦ୍ଧରମେୟା ସରକାରଙ୍କ ବିବାଦୀୟ ନିଷ୍ପତ୍ତି**

## ମେଷପାଳକଙ୍କୁ ବନ୍ଧୁକ ଲାଇସେନ୍ସ, ଜଙ୍ଗଲରେ ଚାରଣ ଅନୁମତି

ବେଙ୍ଗାଲୁରୁ, ୨୨।୭(ଏଜେନ୍ସି): କର୍ଣ୍ଣାଟକରେ ସିଦ୍ଧରମେୟାଙ୍କ କଂଗ୍ରେସ ସରକାର ଏକ ବିବାଦୀୟ ନିଷ୍ପତ୍ତି ନେଇ ପରିବେଶବିତ୍ ଓ ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ ସମାଲୋଚନାର ଶରବ୍ୟ ହୋଇଛନ୍ତି। ବେଙ୍ଗାଲୁରୁରେ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଗତ ୧୯ ତାରିଖରେ ରାଜ୍ୟର ସମସ୍ତ ଜିଲ୍ଲା କମିଶନରଙ୍କ ସହ ବୈଠକ କରିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ଜିଲ୍ଲା କମିଶନରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ରାଜ୍ୟର ଯାଯାବର ମେଷପାଳକଙ୍କୁ ବନ୍ଧୁକ ଲାଇସେନ୍ସ ଓ ସେମାନଙ୍କୁ ଜଙ୍ଗଲରେ ପଶୁ ଚରାଇବା ପାଇଁ ଅନୁମତି ଦିଆଯାଉ। ପାଖରେ ବନ୍ଧୁକ ଥିଲେ ମେଷପାଳକମାନେ ପଶୁ ଚୋରି ରୋକି ପଶୁସମ୍ପଦକୁ ଓ ନିଜକୁ ସୁରକ୍ଷା ଦେଇପାରିବେ। ତେବେ କର୍ଣ୍ଣାଟକ ସରକାରଙ୍କ ଏଭଳି ନିଷ୍ପତ୍ତି ବନ୍ୟ ପ୍ରାଣୀ ସୁରକ୍ଷା ଆଇନର ବିରୁଦ୍ଧାଚରଣ କରୁଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଦର୍ଶାଇଛନ୍ତି। ଏହା ଦ୍ୱାରା ମନୁଷ୍ୟ ଓ ବନ୍ୟପ୍ରାଣୀଙ୍କ ମଧ୍ୟରେ ସଂଘର୍ଷ ବଢ଼ିବ ଓ ବେଆଇନ ଶିକାର ସମସ୍ୟା ଦେଖାଦେବ ବୋଲି ସେମାନେ ଆଶଙ୍କା କରିଛନ୍ତି। ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ତାଙ୍କ ସରକାରଙ୍କ ଏହି ନିଷ୍ପତ୍ତି ଶୁଣାଇଛନ୍ତି କିନ୍ତୁ



ଜଙ୍ଗଲରେ ଗୃହପାଳିତ ପଶୁଙ୍କୁ ଚରାଇବା ସମ୍ପର୍କରେ କୌଣସି ବିଧିବଦ୍ଧ ଆଦେଶ ସରକାର ଜାରି କରିନାହାନ୍ତି କି ସେ ନେଇ କୌଣସି ମାର୍ଗଦର୍ଶିକା ପ୍ରସ୍ତୁତ ହୋଇନାହିଁ। କୁର୍ଗ ବନ୍ୟପ୍ରାଣୀ ସୋସାଇଟିର କର୍ଣ୍ଣେଲ(ଅବସରପ୍ରାପ୍ତ) ସିପି ମୁଥାନ୍ନା କହିଛନ୍ତି, ବନ୍ଧୁକ ଲାଇସେନ୍ସ ବାସହୀନ, ଭୂମିହୀନ ଲୋକଙ୍କୁ ପ୍ରାୟତଃ ଦିଆଯାଏ ନାହିଁ। ଅଧିକାଂଶ ଯାଯାବର ମେଷପାଳକ ଯାଯାବରମାନେ ବାସହୀନ ଓ ଭୂମିହୀନ ଅଟନ୍ତି। ଜଙ୍ଗଲରେ ବନ୍ଧୁକଧାରୀ ମେଷପାଳକଙ୍କୁ ମେଷ ପଲ ଚରାଇବାକୁ ଅନୁମତି ଦିଆଗଲେ ବନ୍ୟ ପ୍ରାଣୀ ଶିକାର ବଢ଼ିବା ସମ୍ଭାବନା ରହୁଛି। ବନ୍ୟ ପ୍ରାଣୀ ସୁରକ୍ଷା ଆଇନ-୧୯୭୨ ଅନୁଯାୟୀ ଜାତୀୟ ଉଦ୍ୟାନ କିମ୍ବା ସଂରକ୍ଷିତ ଜଙ୍ଗଲରେ ଗୃହପାଳିତ ପଶୁଙ୍କ ଚାରଣ ଉପରେ ବାରଣ ରହିଛି। ପୁଣି ସଂରକ୍ଷିତ ଜଙ୍ଗଲ ମଧ୍ୟକୁ ବନ୍ଧୁକ ଧରି ଯିବା ମଧ୍ୟ ବେଆଇନ। ଜଙ୍ଗଲ ମଧ୍ୟକୁ ମେଷ ପଲ ପ୍ରବେଶ କଲେ ବନ୍ୟପ୍ରାଣୀ ସଂକ୍ରମିତ ହେବା ଆଶଙ୍କା ରହୁଛି। ଥରେ ସଂକ୍ରମିତ ହେଲେ ବନ୍ୟପ୍ରାଣୀଙ୍କୁ ଆରୋଗ୍ୟ କରିବା ଦୁରୁହ ବ୍ୟାପାର। ବନ୍ୟ ପ୍ରାଣୀ ଖାଦ୍ୟ ପାଇଁ ଜଙ୍ଗଲ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି। ସେଥିରେ ବାଧା ଉପୁଜିଲେ ବିଷମ ସମସ୍ୟା ଦେଖାଦେଇପାରେ। ଜଣେ ଉପ ବନ ସଂରକ୍ଷକ କହିଛନ୍ତି, ସିଦ୍ଧରମେୟା ସରକାରଙ୍କ ଏତାଦୃଶ ନିଷ୍ପତ୍ତି ଉଭୟ ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କୁ ନିଶ୍ଚିତ ପ୍ରଭାବିତ କରିବ। ମେଷପଲକୁ ଜଙ୍ଗଲରେ ଚରିବାକୁ ଅନୁମତି ଦିଆଗଲେ ତୃଣଭୋଜୀ ବନ୍ୟପ୍ରାଣୀମାନେ ଖାଦ୍ୟାଭାବ ଭୋଗିବେ। ଯିଦି ଯାଯାବର ମେଷପାଳକମାନେ ବନ୍ଧୁକର ଦୁରୁପଯୋଗ କରି ବନ୍ୟପ୍ରାଣୀ ଶିକାର କରନ୍ତି ତେବେ ସମସ୍ୟା ଆହୁରି ଗମ୍ଭୀର ହେବ।

● ସୁପ୍ରିମକୋର୍ଟରେ ନିଟ୍ ୟୁଜି ପରୀକ୍ଷା ବିଭ୍ରାଟ ମାମଲା

## ପ୍ରଶ୍ନପତ୍ରକୁ ନେଇ ବିଶେଷଜ୍ଞଙ୍କ ମତ ଲୋଡ଼ିଲେ ସିଜେଆଇ



ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ନିଟ୍ ୟୁଜି ପରୀକ୍ଷା ବିଭ୍ରାଟ ନେଇ ଆଜି ମଧ୍ୟ ପ୍ରଧାନବିଚାରପତି (ସିଜେଆଇ) ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟ ଖଣ୍ଡପୀଠ ଶୁଣାଣି କରିଛନ୍ତି। ଫିଜିକ୍ସ ପ୍ରଶ୍ନପତ୍ରରେ କେତେକ ଅସ୍ପଷ୍ଟ ପ୍ରଶ୍ନ ଥିବାରୁ ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ମାର୍କ ଦେବାକୁ ପଡ଼ିଥିଲା, ତେଣୁ ୪୪ ପରୀକ୍ଷାର୍ଥୀ ଫୁଲ୍ ମାର୍କ ୭୨୦ ପାଇବାକୁ ସକ୍ଷମ ହୋଇଥିଲେ। ସୁପ୍ରିମକୋର୍ଟ ଖଣ୍ଡପୀଠ ଆଜି ଆଇଆଇଟି ଦିଲ୍ଲୀର ନିର୍ଦ୍ଦେଶକଙ୍କୁ ଅନୁରୋଧ କରିଛନ୍ତି ଯେ ଏକ ୩ଜଣିଆ ଫିଜିକ୍ସ ବିଶେଷଜ୍ଞ କମିଟି ଗଢ଼ାଯାଉ ଓ କମିଟି ପ୍ରତ୍ୟେକ ଫିଜିକ୍ସ ପ୍ରଶ୍ନର ଗୋଟିଏ ସଠିକ୍ ଉତ୍ତର ଦେଉ। ଆସନ୍ତା କାଲି ଦିନ ୧୨ଟା ପୂର୍ବରୁ କମିଟି ତା'ର ରିପୋର୍ଟ ସୁପ୍ରିମକୋର୍ଟଙ୍କ ରେଜିଷ୍ଟ୍ରାରଙ୍କ ନିକଟରେ ଦାଖଲ କରିବାକୁ ଖଣ୍ଡପୀଠ ସମୟ ଦେଇଛନ୍ତି। ଆସନ୍ତା କାଲି ଏହି ମାମଲାର ଶୁଣାଣି ଚାଲୁରହିବ। ପୁନର୍ବାର ପରୀକ୍ଷା କରାଯିବା ସମ୍ପର୍କରେ ଆବେଦନକାରୀଙ୍କ ପକ୍ଷରୁ ଖଣ୍ଡପୀଠଙ୍କୁ କୁହାଯାଇଛି, ଯଦି ସମସ୍ତ(ପ୍ରାୟ ୨୪ଲକ୍ଷ) ପରୀକ୍ଷାର୍ଥୀଙ୍କ ପାଇଁ ପୁନଃପରୀକ୍ଷା କରାଇବାରେ ସମସ୍ୟା ରହୁଛି ତେବେ କୃତକାର୍ଯ୍ୟ ହୋଇଥିବା ପ୍ରାୟ ୧୩ ଲକ୍ଷ ପରୀକ୍ଷାର୍ଥୀଙ୍କ ପାଇଁ ପୁନଃପରୀକ୍ଷା କରାଯାଉ। ତନ୍ୱୀ ସେରୱାଲ ବନାମ ଭାରତ ସରକାର ରାୟର ଦୃଷ୍ଟାନ୍ତ ଦେଇ ଆବେଦନକାରୀଙ୍କ ଓକିଲ କୁନାଲ ଚିମା କହିଥିଲେ, ପରୀକ୍ଷାରେ ୪୪ ପରୀକ୍ଷାର୍ଥୀ ଅସାଧୁ ଉପାୟ ଅବଲମ୍ବନ କରିଥିବାରୁ ଏଆଇପିଏମଟିକୁ ୬ଲକ୍ଷ ପରୀକ୍ଷାର୍ଥୀଙ୍କ ପାଇଁ ପୁନଃ ପରୀକ୍ଷା କରାଯିବା ନିମନ୍ତେ ସୁପ୍ରିମକୋର୍ଟ ଆଦେଶ ଦେଇଥିଲେ। ତେଣୁ ଏ କ୍ଷେତ୍ରରେ ମଧ୍ୟ ପୁନଃପରୀକ୍ଷା ନିମନ୍ତେ ଆଦେଶ ଦିଆଯାଉ।

## ସେନାରେ ନିଯୁକ୍ତ ହେଲେଣି ୧ ଲକ୍ଷ ଅଗ୍ନିବୀର

ନୂଆଦିଲ୍ଲୀ, ୨୨।୭(ଏଜେନ୍ସି): ସେନାରେ ଏଯାଏଁ ୨୦୦ ମହିଳା ଅଗ୍ନିବୀରଙ୍କ ସମେତ ୧ଲକ୍ଷ ଅଗ୍ନିବୀର ସାମିଲ ହେଲେଣି ଓ ସେମାନଙ୍କ ମଧ୍ୟରୁ ୭୦% ଏବେ ସେନାର ବିଭିନ୍ନ ୟୁନିଟ୍‌ରେ ଡ୍ୟୁଟି କରୁଛନ୍ତି। ନିଜ ନିଜ ବାଟାଲିଅନ୍‌ରେ ଅଗ୍ନିବୀରମାନଙ୍କ ପ୍ରଦର୍ଶନ ଅତି ଉତ୍ତମ ରହିଥିବା ସେନାର ଜଣେ ପଦସ୍ଥ ଅଫିସର ଲେଫଟନାଣ୍ଟ ଜେନେରାଲ ଛାନିରା ବଂଶୀ ପୋନ୍ନାପ୍ପା କହିଛନ୍ତି। ଜୁନ୍ ୨୦୨୨ରେ ଅଗ୍ନିବୀର ସ୍କିମ୍ ଅଣାଯାଇଥିଲା। ୨୦୨୨ ଡିସେମ୍ବରରୁ ୨୦୨୩ ଜାନୁଆରୀ ମଧ୍ୟରେ ପ୍ରଥମ ବ୍ୟାଚ୍ ଅଗ୍ନିବୀର ସେନାରେ ସାମିଲ ହୋଇଥିଲେ। ୨୦୨୪-୨୫ ପାଇଁ ୫୦ ହଜାର ଅଗ୍ନିବୀର ନିଯୁକ୍ତ କରାଯିବା ଲକ୍ଷ୍ୟ ରଖାଯାଇଛି ଓ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ନିୟମିତ ସେନାର ସିପାହୀଙ୍କ ଭଳି ଅଗ୍ନିବୀରମାନେ ସମାନ ୟୁନିଫର୍ମ ପରିଧାନ କରୁଛନ୍ତି ଓ ସମାନ ଦାୟିତ୍ୱ ତୁଲାଉଛନ୍ତି।

**ସୁଦାନ ସ୍ଥିତିକୁ ନେଇ ଦି ଗାର୍ଡିୟନ ରିପୋର୍ଟ**

# ଖାଦ୍ୟ ପାଇଁ ସୈନିକଙ୍କୁ ଶରୀର ବିକୁଛନ୍ତି ମହିଳା

ଖାର୍ତୁମ୍,୨୨।୭(ଏଜେନ୍ସି): ଯୁଦ୍ଧ କବଳିତ ସୁଦାନରେ ସାଧାରଣ ଲୋକଙ୍କ ଜୀବନ ନିର୍ବାହ ଦୁର୍ବିସହ ହୋଇପଡ଼ିଛି। କ୍ଷମତା କେନ୍ଦ୍ରକୁ ନେଇ ଏଠାକାର ସେନାରଦୁଇ ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ବିବାଦ ଗୃହଯୁଦ୍ଧରେ ପରିଣତ ହେବା ପରେ ସାଧାରଣ ଲୋକଙ୍କ ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ସ୍ଥିତି ଏଭଳି ହୋଇଛି ଯେ, ମହିଳାମାନଙ୍କୁ ସେମାନଙ୍କ ଖାଦ୍ୟ ଯୋଗାଡ଼ କିମ୍ବା ଅତ୍ୟାବଶ୍ୟକ ଜିନିଷ ମେଣ୍ଟାଇବା ପାଇଁ ଶାରୀରିକ ଶୋଷଣର ଶିକାର ହେବାକୁ ପଡୁଛି। ଅନ୍ୟ କେହି ନୁହେଁ, ଏଠାକାର ସୈନିକମାନେ ହିଁ ଖାଦ୍ୟ ବଦଳରେ ମହିଳାମାନଙ୍କୁ ଯୌନ କ୍ରିୟାରେ ଲିପ୍ତ ହେବାକୁ ବାଧ୍ୟ କରୁଛନ୍ତି ବୋଲି ଦି ଗାର୍ଡିୟନ ପକ୍ଷରୁ କରାଯାଇଥିବା ଏକ ସ୍ୱତନ୍ତ୍ର ଅନୁସନ୍ଧାନରୁ ଜଣାପଡ଼ିଛି। ନିକଟରେ ସୁଦାନ ସହର ଓମଦୁରମ୍ୟାନ ଛାଡି ଅନ୍ୟତ୍ର ପଳାଇଥିବା ପ୍ରାୟ ୨୫ ଜଣ ମହିଳାଙ୍କୁ ଗାର୍ଡିୟନ ଟିମ୍ ଭେଟିଥିଲା ବେଳେ ସେମାନେ ଏହି ବିଷୟ କହିଛନ୍ତି। ସେମାନେ କହିଛନ୍ତି ଯେ, ନିଜ ପରିବାରର ଖାଦ୍ୟ ଏବଂ ଅନ୍ୟ ଅତ୍ୟାବଶ୍ୟକ ଜିନିଷ ଚାହିଦା ପୂରଣ ପାଇଁ ସୈନିକମାନଙ୍କ ସହ ଯୌନ କ୍ରିୟା କରିବା ବ୍ୟତୀତ ଅନ୍ୟ ବିକଳ୍ପ ନାହିଁ। ଅର୍ଥ ପାଇଁ ସେମାନଙ୍କ ଆଗରେ ନିଜ ଶରୀର ଦେବାକୁ ପଡୁଛି। ଏହି ମହିଳାମାନଙ୍କ ମଧ୍ୟରୁ ଜଣେ କହିଛନ୍ତି ଯେ, ସୁଦାନର ଯେଉଁସବୁ କାରଖାନାରେ ଖାଦ୍ୟ ପ୍ରସ୍ତୁତ କରାଯାଉଛି ସେଠାରେ ସୈନିକମାନେ ହଙ୍ଗାମା ଚଳାଇଛନ୍ତି। ନିକଟରେ ନିଜର ବୃଦ୍ଧ ପିତାମାତାଙ୍କ ପାଇଁ ଖାଦ୍ୟ ଅନ୍ୱେଷଣରେ ସେ ଏକ କାରଖାନାକୁ ଯାଇଥିଲା ବେଳେ ଯଦି ଖାଦ୍ୟ ପଦାର୍ଥ ଦରକାର ତେବେ ଏହା ବଦଳରେ ଯୌନ କ୍ରିୟା କରିବାକୁ ପଡ଼ିବ ବୋଲି ସେଠାରେ ରହିଥିବା ସୈନିକମାନେ କହିଥିଲେ। ନିଜର ପରିବାରର ଉତ୍କଟ ସ୍ଥିତିକୁ ଦୃଷ୍ଟିରେ ରଖି ମହିଳାଜଣକ ସୈନିକଙ୍କ କଥା ମାନିବାକୁ ବାଧ୍ୟ ହୋଇଥିଲେ ବୋଲି କହିଛନ୍ତି। କେବଳ ଏଭଳି ଘଟଣା ନୁହେଁ, ବିଭିନ୍ନ କ୍ଷେତ୍ରରେ ସାଧାରଣ ଲୋକ ସେନା ଦ୍ୱାରା ଶୋଷଣର ଶିକାର ହୋଇ ଚାଲିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ବର୍ଷ ଏପ୍ରିଲରେ ଏଠାରେ କ୍ଷମତାକୁନ୍‌ଇବେ ସେନାର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଆରମ୍ଭ ହେବା ପରେ ସୁଦାନ ଗୃହଯୁଦ୍ଧ ମଧ୍ୟକୁ ଠେଲି ହୋଇ ଯାଇଥିଲା। ପ୍ରତି ମୁହୂର୍ତ୍ତରେ ଏଠାରେ ଦଙ୍ଗା ହଙ୍ଗାମାରେ ଲୋକଙ୍କ ମୃତ୍ୟୁ ହେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ଦେଢ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇସାରିଛି। ଏହାବ୍ୟତୀତ ଏଠାରୁ ଲୋକମାନେ ଯେଭଳି ପଳାୟନ କରିବାରେ ଲାଗିଛନ୍ତି ତଦ୍ୱାରା ଏହି ଘଟଣା ବିଶ୍ୱର ସବୁଠାରୁ ବଡ଼ ବିସ୍ଥାପନ ସମସ୍ୟା ବୋଲି କୁହାଯାଉଛି। ସୁଦାନରୁ ପ୍ରାୟ ୧୧ ନିୟୁତ ଲୋକ ଅନ୍ୟତ୍ର ପଳାୟନ କରିଥିବା ବେଳେ ବାକି ଲୋକଙ୍କ ପାଇଁ ଦୁର୍ଭିକ୍ଷ ସ୍ଥିତି ସୃଷ୍ଟି ହେବା ଆଉ ଏକ ବଡ଼ ସମସ୍ୟା ବୋଲି ଗାର୍ଡିୟନ ପକ୍ଷରୁ କୁହାଯାଇଛି।



## ପୃଥକ୍ ଦୁର୍ଘଟଣାରେ ଜଣେ ମୃତ; ୨ ଗୁରୁତର

**ବେତନଟୀ, ୨୨।୭ (ସମିସ):** ପୃଥକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଦୁଇଜଣ ଆହତ ହୋଇଛନ୍ତି। ମୃତକ ଜଣକ ହେଉଛନ୍ତି ବଡସାହି ଥାନା ଅଧୀନ ବେଲପାଳ ଗ୍ରାମର ଜୟନାରାୟଣ ଜେନା (୫୯)। ସୂଚନା ମୁତାବକ ଏକ ମାଲବାହୀ ଅଟୋ ଯୋଗେ କାଗଜପେଟି ବୋଝେଇକରି ବାରିପଦା ଅଭିମୁଖେ ଯାଉଥିବା ବେଳେ ପଛରୁ ଏକ କାର ଧକ୍କା ଦେଇ ଚମ୍ପଟ ମାରିଥିଲା। ଫଳରେ ଅଟୋଟି ପଡ଼ିଥିବାବେଳେ ସେଥିରେ ଥିବା ବଡସାହି ଥାନା ଅଧୀନ ବେଲପାଳ ଗ୍ରାମର ଜୟନାରାୟଣ ଜେନା ଓ ସିଂହଟିଆ ଗ୍ରାମର ବିଶ୍ୱଜିତ ଘୋଷ ଗୁରୁତର ହୋଇଥିଲେ।। ଉଭୟଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ଜୟନାରାୟଣଙ୍କ ମୃତ୍ୟୁ ଘଟିଥିବାବେଳେ ବିଶ୍ୱଜିତଙ୍କୁ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେହିପରି ମରାମତି ପାଇଁ ପୂର୍ବରୁ ଛିଡା ହୋଇଥିବା ଏକ ଡମ୍ଫରକୁ କଣ୍ଟେନର ଧକ୍କା ଦେବାରୁ କଣ୍ଟେନର ଚାଳକ ଗୁରୁତର ଆହତ ହୋଇଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ରାଇରଙ୍ଗପୁର, ୨୨।୭ (ସମିସ):** ସୋମବାର ଚାଙ୍ଗୁଆ ଗାଁର ଏକ ଘର ଭିତରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ଏହି ଖବର ପ୍ରସାରିତ ହେବା ପରେ ଗାଁର ଲୋକମାନେ ପୁଲିସକୁ ସୂଚନା ଦେଇଥିଲେ। ମୃତ ଯୁବକ ଜଣକ ହେଲେ ନେପାଳ ଦେଓ ବୋଲି ଜଣାପଡ଼ିଛି। ପୁଲିସ ସୂଚନା ପାଇ ଗାଁରେ ପହଞ୍ଚି ତଦନ୍ତ କରି ଫେରିଛି।

## ସୋନ ବନ୍ଧରୁ ମହିଳାଙ୍କ ଶବ ଉଦ୍ଧାର

**କପ୍ତିପଦା, ୨୨।୭ (ସମିସ):** କପ୍ତିପଦା ଥାନା ଶାଳଚୁଆ ସୁନେଇବନ୍ଧରେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ମଝିଗଡ଼ିଆ ପଞ୍ଚାୟତ ଭେଜିଡିହା ଗ୍ରାମର ମୁନୀ ସିଂ (୫୦) ଯକ୍ଷ୍ମା ରୋଗରେ ପୀଡିତ ଥିଲେ ଏବଂ ଓ ତାଙ୍କର ମସ୍ତିଷ୍କ ବିକୃତି ଥିଲା। ରବିବାର ସେ ଔଷଧ ନେବାପାଇଁ ଶାଳଚୁଆ ଆସିଥିଲେ। ଡ୍ୟାମ ରାସ୍ତା ଦେଇ ଫେରୁଥିବା ସମୟରେ ମାନସିକ ଭାରସାମ୍ୟ ହରାଇ ଡ୍ୟାମରେ ପଡ଼ିଯାଇଥିଲେ। ସୋମବାର ସକାଳୁ ଶବଟି ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ପହଞ୍ଚି ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି।

## ଅବକାରୀ ଚଢ଼ଉ; ୩ ଗିରଫ

**ମୋରଡା, ୨୨।୭ (ସମିସ):** ମୋରଡ଼ା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ଚଢଉ କରାଯାଇ ୩ ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ଅଧିକାରୀ ବ୍ରଜମୋହନ ମଲ୍ଲିକ, ଏ.ଏସ.ଆଇ ବିଜୟ କୁମାର ମହାନ୍ତ, ଅବକାରୀ କର୍ମଚାରୀ ଯଶୋବନ୍ତ ନାଏକ, ଲଲାଟେନ୍ଦୁ ଶତପଥୀ, ଦୀପାଞ୍ଜଳି ଦାସଙ୍କ ସହିତ ବେତନଟୀ, ବାରିପଦା ଅବକାରୀ ବିଭାଗୀୟ କର୍ମଚାରୀଙ୍କ ସହିତ ମିଳିତ ଭାବେ ଚିକିଟାମାଟିଆ, ମୋରଡା, ଧାନଶୋଳା ଗ୍ରାମରେ ଚଢ଼ଉ କରି ବେଆଇନ ଦେଶୀ ମଦ ଜବତ କରିବା ସହିତ ଚାଦୁରାମ ବାସ୍କେ, ବୁଦ୍ଧେଶ୍ୱର ବେହେରା, ବିଶ୍ୱକର୍ମା ବିନ୍ଧାଣୀଙ୍କୁ ଗିରଫ କରାଯାଇଛି। ସେହିପରି ରାସଗୋବିନ୍ଦପୁର ଥାନା ଅଧୀନ ତମ୍ବାଖୁରୀ ଗ୍ରାମର ଦୀପକ କୁମାର ଜେନାଙ୍କ ଘରେ ଚଢ଼ଉ କରି ୩୫୦ ଲିଟର ଦେଶୀ ମଦ ଜବତ କରାଯାଇଛି। ତେବେ ଦୀପକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

## ନିଶାଗ୍ରସ୍ତ ଜ୍ୱାଇଁ ମାଡ଼ରେ ଶଶୁର ଗୁରୁତର

**ରାଇରଙ୍ଗପୁର, ୨୨।୭ (ସମିସ):** ରବିବାର ସନ୍ଧ୍ୟାରେ କୁଞ୍ଜୁକଟା ଗାଁରେ ଜଣେ ନିଶାଗ୍ରସ୍ତ ଜ୍ୱାଇଁ ତାଙ୍କ ଶଶୁରଙ୍କୁ ମାଡ ମାରି ଗୁରୁତର କରିଥିବା ଜଣାପଡ଼ିଛି। ସାମାନ୍ୟ କଥାକୁ ନେଇ ଜ୍ୱାଇଁ ନିସ୍ତୁକ ମାଡ ମାରିଛି। ଫଳରେ ଶଶୁର ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ବ୍ୟକ୍ତି ଜଣକ ହେଲେ ତୁରିଆ ଦେହୁରୀ।

## ରୋଗୀଙ୍କୁ ନର୍ସଙ୍କ ଦୁର୍ବ୍ୟବହାର ଅଭିଯୋଗ

**ରାଇରଙ୍ଗପୁର, ୨୨।୭ (ସମିସ):** ଗତ କିଛିଦିନ ହେଲା ଉପଖଣ୍ଡ ଡାକ୍ତରଖାନାରେ କାର୍ଯ୍ୟରତ ନର୍ସମାନେ ରୋଗୀଙ୍କୁ ନାଲି ଆଖି ଦେଖାଇ ଦୁର୍ବ୍ୟବହାର କରୁଥିବା ନେଇ ଅଭିଯୋଗ ହୋଇଛି। ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ପ୍ରତିଦିନ ଗ୍ରାମାଞ୍ଚଳରୁ ନିରୀହ ଆଦିବାସୀ ସହିତ ଗରିବ ଶ୍ରେଣୀର ରୋଗୀମାନେ ଆସିଥାନ୍ତି। ବର୍ତ୍ତମାନ ଏହି ଡାକ୍ତରଖାନାରେ ଘରୋଇ ନର୍ସିଂ ତାଲିମ କେନ୍ଦ୍ରରୁ ମାଳ ମାଳ ନର୍ସ ଆସି ଏଠାରେ ତାଲିମ ନେଉଛନ୍ତି। ସେହି କ୍ରମରେ ନର୍ସମାନେ ରୋଗୀଙ୍କ ସହିତ ତାଙ୍କ ପରିବାର ସଦସ୍ୟଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ରବିବାର ନିରଞ୍ଜନ ଗାଁର ଜଣେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉପଖଣ୍ଡ ଚିକିତ୍ସାଳୟ ଭର୍ତ୍ତି କରାଯାଇଥିଲା। ତାଙ୍କ ସାଲାଇନ ସରିବା ପରେ ପରିବାର ଲୋକେ ନର୍ସଙ୍କୁ ସୂଚନା ଦେଇଥିଲେ। ସେ ଏକ ଘଣ୍ଟା ପରେ ଆସି ଅନ୍ୟ ଏକ ସାଲାଇନ ଲଗାଇବା ସମୟରେ ତାଙ୍କ ପରିବାରବର୍ଗଙ୍କୁ ଗାଳିଗୁଲଜ କରିବା ସହିତ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏଥିପ୍ରତି ଡାକ୍ତରଖାନା କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

### ୧୫ ଲକ୍ଷ ଟଙ୍କାରେ ନିର୍ମିତ କନ୍‌ଫରେନ୍ସ ଗୃହ ଅଧାପନ୍ତରିଆ।

# ନିମ୍ନମାନର ଅଭିଯୋଗ କଲେ କଲେଜ କମିଟି ସଭାପତି



**କୁଆମରା, ୨୨।୭ (ସମିସ)**

ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ୧୫ ଲକ୍ଷ ଟଙ୍କା ଅନୁଦାନର ଚାଲିଥିବା ଗୃହ ନିର୍ମାଣ ଦୁଇ ବର୍ଷ ହେଲା ଅଧାପନ୍ତରିଆ ହୋଇ ପଡ଼ିରହିଛି। ଏ ନେଇ ପରିଚାଳନା କମିଟି ସଭାପତି ସୁମନ୍ତ କୁମାର ଦାସ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ୨୦୨୨ ମସିହାରେ କଲେଜ କନଫରେନ୍ସ ହଲ୍ ପାଇଁ ଏହି ଅର୍ଥ ମଞ୍ଜୁର ହୋଇଥିଲା। ପୁରୁଣା ଆଜବେଷ୍ଟକୁ ଖୋଲି ପୁରୁଣା କାଠରେ କଲମ ଉଠାଇ ଗୃହର ଛାତ ପଡ଼ିଛି। ଇତି ମଧ୍ୟରେ ଦୀର୍ଘ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ଘରର କବାଟ, ଝରକା, ଚଟାଣ, ରଙ୍ଗ, ବିଦ୍ୟୁତକରଣ ଆଦି ୨୦ ପ୍ରତିଶତ କାମ ବାକି ରହିଛି। ଫଳରେ ଗୃହଟି ଏବେ କୌଣସି କାମରେ ଆସୁ ନ ଥିବା ଅଭିଯୋଗ ହୋଇଛି। ଘରକାମ ଶେଷ ହୋଇ ନଥିବାବେଳେ ନିମ୍ନମାନର କାର୍ଯ୍ୟ ହୋଇଥିବା ନେଇ ମଧ୍ୟ ଅଭିଯୋଗ କରିଛନ୍ତି ପରିଚାଳନା କମିଟି ସଭାପତି ଶ୍ରୀ ଦାସ। ଉକ୍ତ କାର୍ଯ୍ୟକୁ କୌଣସି ଠିକାଦାର କରି ନଥିବା ବେଳେ ତତ୍‌କାଳୀନ କଲେଜ ଅଧ୍ୟକ୍ଷା କବିତା ପରିଡ଼ାଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏ ନେଇ ପୂର୍ବତନ ଅଧ୍ୟକ୍ଷା କବିତା ପରିଡ଼ାଙ୍କୁ ପଚାରିବାରୁ ଘରର ନିର୍ମାଣ କାର୍ଯ୍ୟ ସରିବା ପରେ ସେତେବେଳର କଲେଜ ସଭାପତି ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ତଦନ୍ତ କରିଥିଲେ। ଆବଶ୍ୟକ ସମସ୍ତ ଭାଉଚର ତାଙ୍କ ନିକଟରେ ପେଠ କରିଥିବା ସେ କହିଛନ୍ତି। ତେବେ ଘରର ୨୦ ପ୍ରତିଶତ ବାକି ରହିଥିବା କାର୍ଯ୍ୟ କଲେଜ ହେଡ ଅର୍ଥରୁ ଖର୍ଚ୍ଚ ହେବ ବୋଲି ସେ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସେ ଅଧ୍ୟକ୍ଷ ପଦରୁ ହଟି ଯାଇଥିବାରୁ ଆଉ ଗୃହ କାର୍ଯ୍ୟ ଆଗକୁ ଆଗେଇ ପାରି ନ ଥିବାର ଗଣମାଧ୍ୟମକୁ କହିଛନ୍ତି। ତେଣୁ ପରିଚାଳନା କମିଟିର ସଭାପତିଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ତାଙ୍କୁ ବଦନାମ କରିବା ପାଇଁ ଏହା ଏକ ଚକ୍ରାନ୍ତ ବୋଲି ସେ କହିଛନ୍ତି। ଘଟଣାର ତଦନ୍ତ କରିବାକୁ ସେ ନିବେଦନ କରିଛନ୍ତି। ଅନ୍ୟପଟେ ବର୍ତ୍ତମାନର ଅଧ୍ୟକ୍ଷ ଅନନ୍ତପ୍ରସାଦ ବେହେରା ମଧ୍ୟ ଘଟଣାର ତଦନ୍ତ କରିବା ପାଇଁ ଦାବି କରିଛନ୍ତି।

## କଣ୍ଟାପାଳ ସ୍କୁଲରେ ଶିକ୍ଷା ସପ୍ତାହ ଉଦ୍‌ଘାଟିତ

**ବାରିପଦା, ୨୨।୭ (ସମିସ):** ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ କଣ୍ଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ 'ଶିକ୍ଷା ସପ୍ତାହ' ପାଳନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମକୁ ଉଦଘାଟନ କରି ଜୁଲାଇ୨୨ ତାରିଖରୁ ୨୯ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷୟିତ୍ରୀ ଅନିଶା ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପ୍ରଥମ ଦିନର କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ କରାଯାଇଥିଲା। ଶିକ୍ଷକ ପ୍ରତାପ ଚନ୍ଦ୍ର ଧଡ଼ା, ଶିକ୍ଷୟିତ୍ରୀ ନିବେଦିତା ନାଏକ, ଲକ୍ଷ୍ମୀ କୁମାରୀ, ସୁମିତ୍ରା ତରେଇ, ମିଲି ମହାନ୍ତ ଓ ପୁଷ୍ପାଞ୍ଜଳୀ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜନଶୁଣାଣି ଶିବିରରେ ୧୧୨ଟି ଅଭିଯୋଗ ଆଗତ



**ଉଦଳା, ୨୨।୭ (ସମିସ):** କପ୍ତିପଦା ଉପଖଣ୍ଡ ସଦର ମହକୁମା ଉଦଳା ସ୍ଥିତ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଏବଂ ଏସ୍‌ପି ଏସ୍ ସୁଶ୍ରୀ ଯୋଗଦେଇ ୧୧୨ଟି ଅଭିଯୋଗ ଶୁଣାଣି କରିଥିଲେ। ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଶିକ୍ଷାନବୀଶ ଭାବେ ସୁଶ୍ରୀ ଆଶନୀ ଏ.ଏଲ, ପ୍ରକଳ୍ପ ପ୍ରଶାସକ ଆଇ.ଟି.ଡ଼ି.ଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡ଼. ଲକ୍ଷ୍ମୀକାନ୍ତ ପତି ଯୋଗଦେଇଥିଲେ। ଶିବିରରେ ୯୪ଟି ବ୍ୟକ୍ତିଗତ ସମସ୍ୟା ରହିଥିବାବେଳେ ୧୮ଟି ସାମୂହିକ ଥିଲା। ସେଥିମଧ୍ୟରୁ ୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ସମସ୍ତ ଅଭିଯୋଗର ବିଚାର କରି ସମାଧାନ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ୪ଜଣ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ୫୦ ହଜାର ଟଙ୍କା ଲେଖାଏଁ ବୃତ୍ତି ରାଶିର ଚେକ୍ ଜିଲ୍ଲାପାଳ ପ୍ରଦାନ କରିଥିଲେ। ଡେପୁଟି କଲେକ୍ଟର ପ୍ରତୀକ୍ ପଣ୍ଡା ଓ କର୍ମଚାରୀ ଶାଙ୍ଖାଇ ହେମ୍ବ୍ରମ, ରମେଶ ପୃଷ୍ଟି, ସାଇ ସ୍ୱରୂପ କର, ତାପସ ପ୍ରଧାନ, ଉଷାରାଣୀ ବିନ୍ଧାଣୀ, ଲକ୍ଷ୍ମଣ ରାଉତରାୟ, ଭବାନୀ ପଣ୍ଡା, ଉଦୟ ନାୟକ, କୈଳାସ ଦନେିକ ଓ ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସ୍ୱନକ୍ଷତ୍ର ଦିବସ ପାଳିତ



**କରଞ୍ଜିଆ, ୨୨।୭ (ସମିସ):** କରଞ୍ଜିଆ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ସ୍ୱନକ୍ଷତ୍ର ଦିବସ ସହିତ ଗୁରୁ ପୂର୍ଣ୍ଣିମା ପରିଚାଳନା ସମିତି ସଭାପତି ଦିଲ୍ଲୀପ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଗୁରୁଜୀ ମହେନ୍ଦ୍ର କୁମାର ସାହୁ ଅତିଥି ପରିଚୟ ଦେବା ପରେ ଉତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ପରମେଶ୍ୱର ମହାନ୍ତ ଯୋଗଦେଇ ଶିଶୁ ଭାଇ ଭଉଣୀଙ୍କୁ ଗୁରୁ ପୂର୍ଣ୍ଣିମାର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଶେଷରେ ପରିଚାଳନା ସମିତିର ଉପସଭାପତି ତ୍ରିଲୋଚନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ପେନକାକ୍ ସିଲଟ ଚାମ୍ପିଅନସିପ୍

**କରଞ୍ଜିଆ, ୨୨।୭ (ସମିସ):** ବଡ଼ବିଲଠାରେ ଗତ ୨୦ ତାରିଖରୁ ରାଜ୍ୟସ୍ତରୀୟ ପେନକାକ ସିଲଟ ଚାମ୍ପିଅନସିପ-୨୦୨୪ ଆରମ୍ଭ ହୋଇଛି। ଏଥିରେ ମୟୁରଭଞ୍ଜ ଜିଲ୍ଲାର ୮ ପ୍ରତିଯୋଗୀ ଭାଗ ନେଇ ପଦକ ବିଜୟ ହୋଇଛନ୍ତି। ଓଡ଼ିଶା ଅଲିମ୍ପିକ ଆସୋସିଏସନ ଦ୍ୱାରା ସ୍ୱୀକୃତିପ୍ରାପ୍ତ ପେନକାକ ସିଲଟ ଆସୋସିଏସନ ପକ୍ଷରୁ କେନ୍ଦୁଝର ଜିଲ୍ଲା ବଡବିଲରେ ଅନୁଷ୍ଠିତ ପ୍ରତିଯୋଗିତାରେ ଜିଲ୍ଲା ସଂଘର ସମ୍ପାଦକ ଆଶିଷ ରଞ୍ଜନ ମହାନ୍ତ ଓ ପ୍ରଶିକ୍ଷକ ସୁନିତା ରାମଙ୍କ ତତ୍ତ୍ୱାବଧାନରେ ସମୀକ୍ଷା ପି ମହାନ୍ତ ଭାଗ ନେଇ ରୌପ୍ୟ ପଦକ ପାଇଛନ୍ତି। ସେହିପରି ଅନୁଷ୍କା ନାଏକ ମଧ୍ୟ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେହିପରି ଲୋକନାଥ ମହାନ୍ତ ରୌପ୍ୟ, ଶୁଭଲକ୍ଷ୍ମୀ ସୋରେନ ରୌପ୍ୟ, ସୃଷ୍ଟି କୁମାରୀ ରୌପ୍ୟ, ସଞ୍ଚିତା ନାୟକ ବ୍ରୋଞ୍ଜ ଏବଂ ଭଗ୍ୟଲକ୍ଷ୍ମୀ ସୋରେନ ବ୍ରୋଞ୍ଜ ପଦକ ପାଇ ଜିଲ୍ଲାର ମାନ ବଢ଼ାଇଛନ୍ତି। ସଫଳ ପ୍ରତିଯୋଗୀଙ୍କୁ ଜିଲ୍ଲା କରାଟେ ଆସୋସିଏସନ୍ ପକ୍ଷରୁ ବିଷ୍ଣୁକୁମାର ଅଗ୍ରୱାଲ, ଦିବ୍ୟପ୍ରସାଦ ସାହୁ, ଭୁବନବିହାରୀ ସାହୁ, ଦିଲ୍ଲୀପ କୁମାର ସାହୁ, ଗିରିଧାରୀ ପୃଷ୍ଟି, କର୍ଣ୍ଣାର୍ଜୁନ ସାହା ପମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ସଫଳତାର ଦ୍ୱାର ଦେଶରେ ଭାଷା ସାହିତ୍ୟର ସାର୍ବଭୌମତ୍ୱ



**ବିଶୋଇ, ୨୨।୭ (ସମିସ):** ବିଶୋଇ ବ୍ଲକ ଭାତଛତ୍ର ପଞ୍ଚାୟତର ବାଡଜଳା ଗ୍ରାମ ହେମାଲ ଗୃହରେ ସାନ୍ତାଳୀ ଯୁବ ସଂଗଠନ ଓ ଆତକିର ଏକାଡେମୀ ତରଫରୁ ଭାଷାଜ୍ଞାନ ପାଠ୍ୟକ୍ରମର ଦ୍ୱିତୀୟ ଭାଗ 'ସାମାଜିକ ଓ ରାଜନୈତିକ ଇତିହାସ' ଏବଂ ସାମ୍ବିଧାନିକ ବ୍ୟବସ୍ଥା ବିଷୟରେ ଏକ ସେମିନାର ଦେଶ ମାଝୀ ଗୋପାଲ ହାଁସଦାଙ୍କ ପୌରୋହିତରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଓଡ଼ିଶା ରାଜ୍ୟ ଉପସଭାପତି ଶ୍ୟାମଚରଣ କିସ୍କୁ, ଜିଲ୍ଲା ପରିଷଦ ସଦସ୍ୟ ଶୀତଲ କିସ୍କୁ, ଯଶିପୁର ବ୍ଲକର ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ଗୋବିନ୍ଦ ସୋରେନ, ସମାଜସେବୀ ପ୍ରସାଦ ମାର୍ଣ୍ଡି ଏବଂ ଭାତଛତ୍ର ସରପଞ୍ଚ ଭାଦୁରାମ ହାଁସଦା ଯୋଗଦେଇଥିଲେ। ସିଞ୍ଜ ଅତ ବିରଦାଗାଳ ଚାନ୍ନେଲର ତଥା ଭାଷାଜ୍ଞାନ ଗୁରୁ ଠାକୁର ଲଛମନ ମୁର୍ମୁ ୧୮୫୫ରୁ ୧୯୪୭ ଏବଂ ୧୯୭୨ଠାରୁ ୨୦୦୪ ପର୍ଯ୍ୟନ୍ତ ସମାଜ ରାଜନୀତି ଏବଂ ସାମ୍ବିଧାନିକ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ସମାଜ ରାଜନୀତି ଇତିହାସକୁ ଲୋକଲଚନକୁ ଆଣିବା ପାଇଁ 'ବର - ଅତ ହଳ ମୋର୍ଚ୍ଚା' ନାମରେ ଏକ ସାମାଜିକ ଜାଗୃତ ମଞ୍ଚକୁ ଉଦଘାଟନ କରି ପତାକା ଉତ୍ତୋଳନ କରାଯାଇଥିଲା। ସଂଗଠନର ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ହାଁସଦା ସଭା ପରିଚାଳନା କରିଥିବା ବେଳେ ସାଓନା ଚରଣ ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପଶ୍ଚିମବଙ୍ଗ, ଛତିଶଗଡ଼, ମୟୂରଭଞ୍ଜ, ଝାଡ଼ଖଣ୍ଡ ଓ କେନ୍ଦୁଝରର ବହୁ ସଂଖ୍ୟକ ପାଠକ ପାଠିକା ଯୋଗଦେଇଥିଲେ।

## ଖରିଫ ଋତୁ ପାଇଁ ଧାନ ବିକ୍ରି ପଞ୍ଜୀକରଣ ଆରମ୍ଭ

**ଖୁଣ୍ଟ, ୨୨।୭ (ସମିସ):** ଶୁକ୍ରୁଳି ଲ୍ୟାମ୍ପସ ପରିସରରେ ଚାଷୀ ଧାନ ବିକ୍ରି କରିବା ନିମନ୍ତେ ପଞ୍ଜୀକରଣ ଆବେଦନ ଗତ ୧୫ ତାରିଖରୁ ଆରମ୍ଭ ହୋଇଛି। ଏଥିପାଇଁ ଲ୍ୟାମ୍ପସ କାର୍ଯ୍ୟାଳୟ ତରଫରୁ ଚାଷୀମାନଙ୍କୁ ନିଃଶୁଳ୍କ ଆବେଦନ ଫର୍ମ ଯୋଗାଇ ଦିଆଯାଉଛି। ଚାଷୀଙ୍କ ପଞ୍ଜୀକରଣ ପ୍ରକ୍ରିୟାକୁ ସହଜ ସୁଗମ କରିବା ପାଇଁ ୫ଟି କାଉଣ୍ଟର ଖୋଲାଯାଇଛି। ଏଥିସହିତ ସେମାନଙ୍କ ପାଇଁ ପାନୀୟ ଜଳ ଓ ବୈଠକର ସୁବ୍ୟବସ୍ଥା କରାଯାଇଛି। ତେବେ ସରକାର ଏମଏସପି ବୃଦ୍ଧି କରିବା ପ୍ରତିଶ୍ରୁତି ଦୃଷ୍ଟିରୁ ଚଳିତ ବର୍ଷ ଅଧିକା ଚାଷୀ ମଣ୍ଡିରେ ଧାନ ବିକ୍ରି କରିବାକୁ ଆଶାୟୀ ଥିବାରୁ ବିଗତ ବର୍ଷ ଅପେକ୍ଷା ଏ ବର୍ଷ ପଞ୍ଜୀକରଣ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତେବେ ଆଜି ତାରିଖ ପର୍ଯ୍ୟନ୍ତ ୭୦୦ରୁ ଊର୍ଦ୍ଧ୍ୱ ଚାଷୀ ଲ୍ୟାମ୍ପସ କାର୍ଯ୍ୟାଳୟରୁ ଆବେଦନ ଫର୍ମ ଗ୍ରହଣ କରିଥିବା ସମ୍ପର୍କରେ ସଭାପତି ମନ୍ମଥ କୁମାର ନାଏକ ଓ ପରିଚାଳନା ନିର୍ଦ୍ଦେଶକ ସୁବଳ ଚନ୍ଦ୍ର ଗିରି ସୂଚନା ଦେଇଛନ୍ତି।

## ଗ୍ରାମାଞ୍ଚଳ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ



**କରଞ୍ଜିଆ, ୨୨।୭ (ସମିସ):** କରଞ୍ଜିଆ କ୍ରୀଡା ସଂସଦ ଆନୁକୂଲ୍ୟରେ ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାରଠାରୁ ଆରମ୍ଭ ହୋଇଛି। ଦ୍ୱିତୀୟ ଦିବସରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ଖେଳ ଛେଲିଆପୋଷି ବନାମ ଇଲେଭେନ ଷ୍ଟାର କରଞ୍ଜିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳକୁ କ୍ରୀଡା ସଂସଦ ସହସମ୍ପାଦକ ଅଭିମନ୍ୟୁ ତ୍ରିପାଠୀ ଓ ବରିଷ୍ଠ ଖେଳାଳି ସନ୍ତୋଷ କୁମାର ଦାସ ଉଦଘାଟନ କରିଥିଲେ। ମନମୋହନ ସାମଲ, ସମ୍ପାଦକ ପ୍ରଭାକର ବାଗସିଂ, ଅବିନାଶ ନାୟକ, ଶ୍ରୀକାନ୍ତ ପରିଡ଼ା, ସୁବାସ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମାର୍ଦ୍ଧରେ ଉଭୟ ଦଳ ୨-୨ ଗୋଲରେ ସମାନ ସ୍ତରରେ ଥିଲେ। ଦ୍ୱିତୀୟାର୍ଦ୍ଧ ରେ ଇଲେଭେନ ଷ୍ଟାର ଆଉ ଗୋଟିଏ ଗୋଲ ସ୍କୋର କରି ୩-୨ ଗୋଲରେ ବିଜୟୀ ହୋଇ ତୃତୀୟ ରାଉଣ୍ଡରେ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ଦ୍ୱିତୀୟ ରାଉଣ୍ଡ ଖେଳ ମହୁଲଡିହା ବନାମ ଦରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ଦରି ଦଳ ଗୋଟିଏ ଗୋଲ ଦେବାର ସୁଯୋଗ ପାଇଥିଲା। ଦ୍ୱିତୀୟାର୍ଦ୍ଧରେ ମହୁଲଡିହା ଦଳ ଗୋଟିଏ ଗୋଲ ଦେଇ ବରାବର କରିବା ପରେ ଖେଳରେ ରୋମାଞ୍ଚ ବଢ଼ି ଯାଇଥିଲା। ଖେଳ ଶେଷ ହେବା କିଛି ସମୟ ଆଗରୁ ମହୁଲଡିହା ଦଳ ଆଉ ଗୋଟିଏ ଗୋଲ ଦେଇ ଦଳକୁ ୨-୧ ଗୋଲରେ ବିଜୟୀ କରାଇଥିଲେ। ସେହିପରି ତୃତୀୟ ରାଉଣ୍ଡ ଖେଳ ଇଲେଭେନ ଷ୍ଟାର ଓ ମହୁଲଡିହା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ କର୍ଣ୍ଣାର୍ଜୁନ ସାହା, ସମ୍ମାନିତ ଅତିଥି ଭାବେ ଉଦିପ୍ତ ବେହେରା, କ୍ରୀଡା ସଂସଦ ଉପ ସଭାପତି ଜନାର୍ଦ୍ଦନ ଚୌଧୁରୀ, ମନମୋହନ ସାମଲ, ଇଂ. ଜୟନ୍ତ ମହାନ୍ତ, ସନ୍ତୋଷ ଦାସ, ଗୌରୀ ଶଙ୍କର ସିନା ଉପସ୍ଥିତ ଥିଲେ। ପ୍ରଥମାର୍ଦ୍ଧରେ ଇଲେଭିନ ଷ୍ଟାର ୨ ଟି ଗୋଲ ସ୍କୋର କରିଥିଲେ ଏବଂ ଦ୍ୱିତୀୟାର୍ଦ୍ଧ ଖେଳରେ ଆଉ ଗୋଟିଏ ଗୋଲ ସ୍କୋର କରିବା ପରେ ମହୁଲଡିହା ଦଳ ୨ଟି ଗୋଲ ସ୍କୋର କରିବାର ସୁଯୋଗ ପାଇଥିଲା। ଶେଷରେ ଇଲେଭିନ ଷ୍ଟାର ଦଳ ଆଉ ଗୋଟିଏ ଗୋଲ ସ୍କୋର କରି ୪-୨ ଗୋଲରେ ବିଜୟୀ ହୋଇଥିଲା।

### ରାଞ୍ଚି-ବିଜୟୱାଡ଼ା ଜାତୀୟ ରାଜପଥ ମରଣଯନ୍ତା

# ଦିନରେ ଭାରୀଯାନ ଚଳାଚଳକୁ ବିରୋଧ

**ବଡ଼ଡାଲିମା/ତିରିଙ୍ଗ, ୨୨।୭ (ସମିସ)**





ତିରିଙ୍ଗ ବ୍ଲକ ବଡ଼ଡାଲିମା ଦେଇ ଯାଇଥିବା ରାଞ୍ଚି-ବିଜୟୱାଡା ୨୨୦ନଂ. ଜାତୀୟ ରାଜପଥ କଡ଼ରେ ଥିବା ଓଜିବି ବ୍ୟାଙ୍କ ସାମ୍ନାରେ ସିରିଜ ଦୁର୍ଘଟଣା ଘଟିଛି। ସୂଚନା ଅନୁସାରେ, ସାହୁସାହି ପୋଲିଆ ପାଖରୁ ବଡ଼ଡାଲିମା ମୁଖ୍ୟ ବଜାର ରାଧାକୃଷ୍ଣ ମନ୍ଦିରର ପ୍ରାୟ ୮୦୦ ମିଟର ରାସ୍ତା ଦେଢ଼ ବର୍ଷ ହେଲା ଠିକାଦାର ମରାମତି ନ କରି ପକାଇ ରଖିଥିବାରୁ ବଡ଼ ବଡ଼ ଖାଲ ସୃଷ୍ଟି ହୋଇ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଛି। ଏ ନେଇ ଲୋକେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ ମଧ୍ୟ ଏ ସଂକ୍ରାନ୍ତରେ ଖବର କାଗଜରେ ସମ୍ବାଦ ପ୍ରକାଶିତ ହୋଇଛି; ତଥାପି ପ୍ରଶାସନ ନିଦାବିଷ୍ଟୁ ସାଜିଛି। ଆଜି ଜମସେଦପୁରରୁ ଆସୁଥିବା ଏକ ଆଇରନ ବୋଝେଇ ଟ୍ରକ ବଡ଼ଡାଲିମା ମଙ୍ଗଳା ମନ୍ଦିର ନିକଟରେ ଏକ ସ୍କୁଟିକୁ ଧକ୍କା ଦେଇ ଘୋଷାଡି ନେଉ ଥିବାବେଳେ ଚାଳକ ଟ୍ରକ ତଳେ ପଡ଼ି ଯାଇଥିଲେ; କିନ୍ତୁ ଚାଳକ ଜଣକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ତାଙ୍କ ମୁଣ୍ଡ, ଗୋଡ଼ ଏବଂ ହାତରେ ଗଭୀର ଆଘାତ ଲାଗିଛି। ଏହାପରେ ଟ୍ରକଟି କିଛିଦୂରରେ ଜଣେ ବାଇକ ଚାଳକଙ୍କୁ ମଧ୍ୟ ଘୋଷାଡି ନେଇଥିଲା। ସେହି ସମୟରେ ଝାଡଗ୍ରାମ ଗ୍ରାମର ମାଲ ବୋଝେଇ ଅଟୋଟିକୁ ସାମ୍ନା ପଟରୁ ଖୁବ୍ ଜୋରରେ ଆଘାତ ଦେଇଥିଲା ଟ୍ରକଟି। ଫଳରେ ଅଟୋ ଚାଳକ ଦିଲ୍ଲୀପ ମିଶ୍ର ଗୁରୁତର ଆହତ ହୋଇଛନ୍ତି। ଡ୍ରାଇଭର ପ୍ରଚୁର ମାତ୍ରାରେ ନିଶାସକ୍ତ ହୋଇ ଗାଡି ଚଳାଉଥିବା ଜଣାପଡ଼ିଛି। ପରେ ପୁଲିସ ପହଞ୍ଚି ଟ୍ରକ ଡ୍ରାଇଭରଙ୍କୁ ଗିରଫ କରିଛି। ଏହାର ପ୍ରତିବାଦ କରି ଲୋକେ ଗାଡି ଚଳାଚଳ ବନ୍ଦ କରିଦେଇଥିଲେ। ଏବେ ଦୁଇ ଆହତ ଉଲିଡିହି ଗ୍ରାମର ମାଝିଆ ମାରାଣ୍ଡି ଏବଂ ଝାଡଗାଁ ଗ୍ରାମର ଦିଲ୍ଲୀପ ମିଶ୍ର ରାଇରଙ୍ଗପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଦିନବେଳା ଏହି ରାସ୍ତା ଦେଇ ଶହଶହ ଆଇରନ ଟ୍ରକ ଚଳାଚଳ କରୁଥିବାରୁ ବିପର୍ଯ୍ୟସ୍ତ ରୋଡ ଯୋଗୁ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନି ହେଉଛି। ସ୍ଥାନୀୟ ଲୋକେ ଦିନବେଳା ଭାରୀଯାନ ଚଳାଚଳକୁ ବନ୍ଦ କରିବା ନିମନ୍ତେ ପୁଲିସ ନିକଟରେ ଦାବି କରିଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ତେଣୁ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି ହେଉଛି।

# ଏମିତି ଚାଲିଛି ବାଇକ୍ ଆମ୍ବୁଲାନ୍ସ ସେବା

**ବାରିପଦା, ୨୨।୭ (ସମିସ):** ମୟୂରଭଞ୍ଜ ଜିଲ୍ଲାରେ ୨୦୨୧ରୁ ଆରମ୍ଭ ହୋଇଥିବା ବାଇକ ଆମ୍ବୁଲାନ୍ସ ସେବା ୪ଟି ବ୍ଲକରେ ରୋଗୀଙ୍କ ପାଇଁ ବରଦାନ ସାଜିଛି। ଯେଉଁ ସ୍ଥାନକୁ ବଡ଼ ଆମ୍ବୁଲାନ୍ସ ଯାଇପାରେ ନାହିଁ ସେଠାରେ ବାଇକ୍ ଆମ୍ବୁଲାନ୍ସ ପହଞ୍ଚି ରୋଗୀଙ୍କୁ ତତ୍କାଳ ସେବା ଯୋଗାଇଥାଏ। ଫଳରେ ଗତ ୩ ବର୍ଷରେ ୫ହଜାରରୁ ଅଧିକ ରୋଗୀ ଉପକୃତ ହୋଇପାରିଛନ୍ତି। ଏହି ସେବାକୁ ନେଇ ଏବେ ଜିଲ୍ଲାବାସୀ ଖୁସିବ୍ୟକ୍ତ କରିଛନ୍ତି। ଏହି ସେବା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଥିଲେ।

## ସେମାନଙ୍କ ମୁହଁରୁ...



କିଛି ମାସ ତଳେ ମୋ' ଜେଜେ ମା'ଙ୍କ ଦେହ ଖରାପ ହୋଇଥିଲା। ଆମେ ବାଇକ୍ ଆମ୍ବୁଲାନ୍ସରେ ତାଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲୁ। ସେଠାରେ ଡାକ୍ତରଙ୍କୁ ଦେଖାଇ ଆବଶ୍ୟକ ଔଷଧ ଆଣି ଘରକୁ ଆସିଥିଲୁ। ଆମ ଘର ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ବଡ଼ ଆମ୍ବୁଲାନ୍ସ ଯିବା ଆସିବା କଷ୍ଟକର। ତେଣୁ ବାଇକ୍ ଆମ୍ବୁଲାନ୍ସ ଆମ ପାଇଁ ବେଶ୍ ସୁବିଧାଜନକ ହୋଇପାରିଛି।

**-ସାଉଁନା ମାର୍ଣ୍ଡି, ରୋଗୀଙ୍କ ସହାୟକ, ସାନଝରଣ**



ଗାଁରେ ଜରୁରୀକାଳୀନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ବଡ଼ ଆମ୍ବୁଲାନ୍ସ ପହଞ୍ଚି ପାରିନଥାଏ। ତେଣୁ ଓମ୍ଫାଡସି ସହାୟତାରେ ଯେଉଁ ବାଇକ୍ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଇଛି ତାହା ଆମ ପାଇଁ ବେଶ୍ ସହାୟକ ହୋଇପାରୁଛି।

**-ମୀନା ମହାନ୍ତ, ସାନଝରଣ ଆଶାକର୍ମୀ**



ଯେଉଁ ସ୍ଥାନକୁ ବଡ଼ ଆମ୍ବୁଲାନ୍ସ ଯାଇପାରୁନି ସେଠାରେ ବାଇକ ଆମ୍ବୁଲାନ୍ସ ପହଞ୍ଚି ରୋଗୀ ସେବା ଯୋଗାଉଛି। ଖାଲ ଢିପ ରାସ୍ତାରେ ବାଇକ ଆମ୍ବୁଲାନ୍ସ ଅତି ସହଜରେ ଯାଇ ରୋଗୀଙ୍କୁ ହସ୍ପିଟାଲକୁ ଆଣିଥାଏ। ଡାକ୍ତର ଚିକିତ୍ସା କରିବା ପରେ ପୁଣି ରୋଗୀଙ୍କୁ ନେଇ ଘରେ ଛାଡ଼ିଥାଏ।

**-ସିଙ୍ଗରାୟ ହେମ୍ବ୍ରମ, ବାଇକ ଆମ୍ବୁଲାନ୍ସ ଚାଳକ**



ବାଇକ ଆମ୍ବୁଲାନ୍ସ ଯୋଗୁ ଗର୍ଭବତୀଙ୍କୁ ସହଜରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି; ଯାହାକି ଗର୍ଭବତୀଙ୍କ ପାଇଁ ବରଦାନ ସାଜିଛି। ଆଗରୁ ଗାଁ ଗହଳି ମଧ୍ୟରୁ ହସ୍ପିଟାଲକୁ ଆସିବାରେ ଅନେକ ଅସୁବିଧା ସାଜୁଥିଲା। କିନ୍ତୁ ବାଇକ ଆମ୍ବୁଲାନ୍ସ ଯୋଗେ ଏହା ସୁଗମ ହୋଇପାରିଛି।

**-ଆରତୀ ମହାନ୍ତ, ଏଏନଏମ କର୍ମୀ ସଂଯୋଜକ**



ବାଇକ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ସିଏଚସିକୁ ଆସି ଚିକିତ୍ସା ସୁବିଧା ପାଇପାରୁଛନ୍ତି। ଅଧିକ ଜରୁରୀ ଚିକିତ୍ସା ପାଇଁ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲକୁ ମଧ୍ୟ ଯାଇପାରୁଛନ୍ତି। ଯାହାକି ଚିକିତ୍ସା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ପୂର୍ବରୁ ୧୦୮ ଆମ୍ବୁଲାନ୍ସ ଯେଉଁ ସ୍ଥାନକୁ ଯାଇ ପାରୁ ନ ଥିଲା ସେଠାରେ ବାଇକ ଆମ୍ବୁଲାନ୍ସ ପହଞ୍ଚି ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ସହାୟକ ହୋଇଛି।

**-ଡା. ଗୋବିନ୍ଦ ସୋରେନ, ବିଜାତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

### କଳରାପତରିଆ ବାଘ ଶିକାର ଘଟଣା

# ବର୍ଷକ ପରେ ମୁଖ୍ୟ ଅଭିଯୁକ୍ତକୁ ଧରିଲା ବନ ବିଭାଗ

**ବାରିପଦା, ୨୨।୭ (ସମିସ)**



ଶିମିଳିପାଳ ଅଭୟାରଣ୍ୟରୁ ଗତବର୍ଷ କଲରା ପତରିଆ ବାଘ ଶିକାର ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବାରେ ବନ ବିଭାଗ ସଫଳ ହୋଇଛି। ଅଭିଯୁକ୍ତ ଜଣକ ହେଲେ ଖୁଣ୍ଟା ଥାନା ଅଧୀନ ବହଳଦା ଅଞ୍ଚଳର ନେତ୍ରା ସିଂ। ସୂଚନା ଅନୁଯାୟୀ, ଗତ ୨୩.୭.୨୦୨୩ରେ ବାରିପଦା ବନଖଣ୍ଡ ଅନ୍ତର୍ଗତ ଶିମିଳିପାଳ ଅଭୟାରଣ୍ୟର ପାଦଦେଶର ବହଳଦା ଅଞ୍ଚଳରେ କଲରାପତରିଆ ବାଘ ଚମଡା ଥିବା ନେଇ ବିଶ୍ୱସ୍ତସୂତ୍ରରୁ ଖବର ମିଳିଥିଲା। କଲରାପତରିଆ ବାଘକୁ ଶିକାର କରିବା ପରେ ଶିକାରୀ ଓ ବେପାରୀ ମିଶି ସମୁଦାୟ ୫ଜଣ ବାଘ ଚମଡାକୁ ବିକିବା ନେଇ ଯୋଜନା କରୁଥିଲେ। ଏହି ସୂଚନା ପାଇ ତତ୍କାଳୀନ ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଯୋଷୀ ଓ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ନେତୃତ୍ୱରେ ମିଳିତ ଚଢ଼ଉ କରାଯାଇଥିଲା। ସେଠାରୁ ପରେ ୪ଟି କଲରାପତରିଆ ବାଘ ଛାଲ ଜବତ କରିବା ସହ ୩ଜଣଙ୍କୁ ଗିରଫ କରିବାରେ ବନ ବିଭାଗ ସଫଳ ହୋଇଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଫେରାର ଅଭିଯୁକ୍ତମାନେ ହେଲେ ବହଳଦା ଗ୍ରାମର ବୁଧୁରାମ ସିଂ(୪୦) ଓ ନେତ୍ରା ସିଂ(୪୦)। ବାରିପଦା ବନଖଣ୍ଡ ରେଞ୍ଜରେ କେଶ ନମ୍ବର ୩୭ବିଏ/୨୦୨୩-୨୪ ରେ ଏକ ମାମଲା ରୁଜୁ କରି ଫେରାର ଦୁଇ ଜଣଙ୍କୁ ଗିରଫ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ। ଉଭୟଙ୍କୁ ବନ ବିଭାଗ ପକ୍ଷରୁ ଫେରାର ପଳାତକ ଘୋଷଣା କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ ତଥା ତଥା ମାଷ୍ଟର ମାଇଣ୍ଡ ନେତ୍ରା ସିଂକୁ ଏକବର୍ଷ ପରେ ଧରିବାରେ ବନ ବିଭାଗ ସଫଳ ହୋଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ ସମ୍ରାଟ ଗୌଡା ଓ ବାରିପଦା ବନଖଣ୍ଡ ଅଧିକାରୀ ଏ ଉମା ମହେଶ ପକ୍ଷରୁ ମିଳିତ ଚଢ଼ଉ କରାଯାଇ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଛନ୍ତି। ଖୁଣ୍ଟା ଥାନା ବହଳଦା ଗାଁରୁ ଅଭିଯୁକ୍ତ ନେତ୍ରାକୁ ଗିରଫ କରାଯାଇଛି। ନେତ୍ରାକୁ ପଚରା ଉଚରା କରିବା ବେଳେ ସେ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ନେଇ ସ୍ୱୀକାର କରିଥିବାର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏଥି ସହିତ ଉକ୍ତ ବାଘ ଶିକାର କରି ଚମଡା ବିକ୍ରି କରିବା ଘଟଣାରେ ଅନେକ ସମ୍ପୃକ୍ତି ଥିବା ବାବଦରେ ସବିଶେଷ ସୂଚନା ପ୍ରଦାନ କରିଛି। ନେତ୍ରା ଶିକାର କରି ଫେରାର ଥିବା ବେଳେ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିଲା। ଏଥିସହିତ ବନ ବିଭାଗ ପକ୍ଷରୁ ଶିକାରୀମାନଙ୍କ ବନ୍ଧୁକ ଆତ୍ମସମର୍ପଣ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଜରିଆରେ ନେତ୍ରା ନିଜର ବନ୍ଧୁକକୁ ପୂର୍ବରୁ ଫେରସ୍ତ କରିଥିବା ନେଇ ବାରିପଦା ବନଖଣ୍ଡ ଅଧିକାରୀ ଏ ଉମା ମହେଶ କହିଛନ୍ତି। ଘଟଣାରେ ଜଡିତ ଅନ୍ୟ ଅଭିଯୁକ୍ତକୁ ମଧ୍ୟ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।




# ସଦ୍‌ଭାବନା ସମିତିର ସନ୍ଥ ଦିବସ ପାଳିତ



**ବାରିପଦା, ୨୨।୭ (ସମିସ):** ବାରିପଦା ସଦ୍‌ଭାବନା ସମିତି ଆନୁକୂଲ୍ୟରେ ସ୍ଥାନୀୟ ହୋଟେଲ ଦୁର୍ଗା ସଭାକକ୍ଷରେ ପବିତ୍ର ଗୁରୁ ପୂର୍ଣ୍ଣିମା ତିଥିରେ ୫୪୩ତମ ମାସିକ ସନ୍ଥ ଦିବସ ଇଂ. ସର୍ବେଶ୍ୱର ଭୂୟାଁଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। ସମିତିର ସଂଯୋଜକ ଡ. ପୁଷ୍ପାରାଣୀ ପାତ୍ରଙ୍କ ଆହ୍ୱାନକ୍ରମେ ଚଳିତ ମାସରେ ମହର୍ଷି ବ୍ୟାସଦେବ, ସନ୍ଥ ତୁକାରାମଙ୍କ ପ୍ରତି ସମିତି ତରଫରୁ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଗୁରୁ ଅଜ୍ଞାନରୂପୀ ଅନ୍ଧକାର ଦୂର କରିବାରେ ଆଲୋକବର୍ତ୍ତିକା। ତେବେ ଆଦିଗୁରୁ ମାତା ଘରୋଇ ପ୍ରଥମ ପାଠଶାଳାର ପ୍ରଥମ ଶିକ୍ଷୟିତ୍ରୀ ଏବଂ ପିତା ପ୍ରଥମ ଶିକ୍ଷକ। ଦ୍ୱିତୀୟ ଗୁରୁ ଭାବେ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାତା ଜୀବନ ଜୀବିକା ପାଇଁ ପାଠ୍ୟଦାନ ପ୍ରଦାନ କରିଥାନ୍ତି। ତୃତୀୟ ଗୁରୁ ଭାବେ ସଦ୍‌ଗୁରୁମାନେ ଶିଷ୍ୟମାନଙ୍କୁ ଦୀକ୍ଷା ଦେଇ ସ୍ୱପ୍ନାବିଷ୍ଟ ହୋଇ ସେମାନଙ୍କୁ ଦେଖାଦେଇ ଶିଷ୍ୟମାନଙ୍କୁ ଭଗବାନଙ୍କ ନିକଟତର ହେବାକୁ ମାଇଲ୍‌ଖୁଣ୍ଟ ସମ ହୋଇ ଗୁରୁ ପରମ୍ପରାର ସଂସ୍ଥାଗତ ବନ୍ଧନରେ ବାନ୍ଧି ରଖନ୍ତି ନାହିଁ। ଚତୁର୍ଥ ଗୁରୁ ଭାବେ କେବଳ ଅନୁଭବୀ ଏବଂ ଆଦର୍ଶୀମାନେ ଧର୍ମ ଏବଂ ଆଧାତ୍ମିକତା ମଧ୍ୟରେ ଅନ୍ତର ଜାଣି ନିଜ ମନ ନିଜ ଗୁରୁ କରି ପଥର ପଢ଼ିଲେ ବି ସହି ସମାଜ ସଂସ୍କାରକ। ପଞ୍ଚମ ଗୁରୁ ଭାବେ ଜଗତ୍‌ଗୁରୁ କେବେବି ଦେହଧାରୀ ମଣିଷ ହୋଇପାରିବେ ନାହିଁ। ତେବେ ଯେଉଁ ଅଦେଖା ଈଶ୍ୱର ଅଦେଖା ରାଇଜରେ ଥାଇ ସଚ୍ଚିଦାନନ୍ଦ ଯାହାଙ୍କ ଇଙ୍ଗିତରେ ସୂର୍ଯ୍ୟ ଚନ୍ଦ୍ର ଆତଯାତ ଏବଂ ବିଶ୍ୱବ୍ରହ୍ମାଣ୍ଡ ସ୍ୱୟଂ ଚାଳିତ ସେହିମାନେ ହିଁ କେବଳ ଜଗତ୍‌ଗୁରୁ। ତେବେ ତେଜୋଦୀପ୍ତ ବ୍ୟକ୍ତିତ୍ୱ ହିଁ ସମାଜରୁ ଯେତିକି ପାଏ ତାଠୁ ବହୁଗୁଣା ପଙ୍କରୁ ପଙ୍କଜ ହୋଇ ସମାଜକୁ ଅବଦାନ ଦେଇ ଜନ୍ମରୁ ଜରା ଭିତରେ ସେ ଅଲୌକିକ ପ୍ରତିଭା ଦେଖାଇ ସ୍ମରଣୀୟ ନାମ। ଯିଏ କି ପାଠପଢ଼ା ତାର ଶେଷ ହୁଏ କିନ୍ତୁ ଶିକ୍ଷାର ଅନ୍ତ ନାହିଁ ତାର ମର୍ମ ବୁଝେ। ଏହି ସନ୍ଥ ଦିବସରେ ସମିତିର ସପ୍ତମ ପ୍ରସ୍ଥ ଜୟ ସନ୍ଥ-ଜୟ ସମାଜ ଏବଂ ପ୍ରତିଷ୍ଠାତାଙ୍କ ପିତାମାତା ଚଳନ୍ତି ଠାକୁର ପାଠକାର୍ପଣ କରାଯାଇଥିଲା। ଉତ୍ସବରେ ମୁଖ୍ୟ ପ୍ରବକ୍ତା ଭାବେ ଡ଼ଃ ରବୀନ୍ଦ୍ର କୁମାର ଶତପଥୀ, ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭଉଣୀ ବ୍ରହ୍ମକୁମାରୀ ମାମୁନି, ଗାୟତ୍ରୀ ପରିବାରର ଭାଇ ଗଗନ ବିହାରୀ ବେହେରା, ରାଧେ ଗୋବିନ୍ଦଧାମର ପଶୁପତି ନାୟକ ଏବଂ ବରିଷ୍ଠ ଶିକ୍ଷକ ସରୋଜ କୁମାର ଖୁଣ୍ଟିଆ ପ୍ରମୁଖ ବ୍ୟକ୍ତବ୍ୟ ରଖିଥିଲେ। ସମିତିର ସମ୍ପାଦକ ସତ୍ୟାନନ୍ଦ ସେଜପଡ଼ା ଅଭିମତ ରଖିଥିବା ବେଳେ ସହ ସମ୍ପାଦକ ଇଂ ସରୋଜ କୁମାର ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ।

# କଳିକାପୁରରୁ ଟଙ୍କା ଓ ସୁନା ଚୋରି

**ବାରିପଦା, ୨୨।୭ (ସମିସ):** ବାରିପଦା ସହରରେ ଚୋରି ବୃଦ୍ଧି ପାଇଥିବାରୁ ପୁଲିସର ମୁଣ୍ଡବଥାର କାରଣ ସାଜିଛି। ବାରିପଦା ଟାଉନ ଥାନା ଅନ୍ତର୍ଗତ କାଳିକାପୁର ଅଞ୍ଚଳରୁ ଚୋରି ହୋଇଥିବା ନେଇ ବ୍ରଜେନ୍ଦ୍ର ମହାନ୍ତି ଥାନାରେ ଅଭିଯୋଗ କରିଛନ୍ତି। ଘର ଲୋକଙ୍କ ଅନୁପସ୍ଥିତିରେ ଘର ତାଲା ଭାଙ୍ଗି ଚୋରି ହୋଇଛି। ଅଭିଯୋଗ ଅନୁଯାୟୀ, ସେ ଚାରି ଦିନ ପୂର୍ବେ ସେ ନିଜ ପରିବାର ଲୋକଙ୍କ ସହିତ ଘରେ ତାଲା ପକାଇ ଚନ୍ଦନେଶ୍ୱର ସ୍ଥିତ ନିଜ ଗାଁକୁ ଯାଇଥିଲେ। ତେବେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ସମ୍ମୁଖ ତାଲା ଭାଙ୍ଗି ଘରେ ପଶି କଳା କନା ବୁଲାଇଛନ୍ତି। ଘରେ ଆଲମିରା ଥିବା ୭୦ ହଜାର ଟଙ୍କାର ସୁନା ଅଳଙ୍କାର ଓ ୫ହଜାର ଟଙ୍କାର ରୁପା ଅଳଙ୍କାର ଆଦି ଚୋରି କରିଛନ୍ତି। ଏନେଇ ସେ ଘରକୁ ଫେରି ଜାଣିବା ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବାରିପଦା ସହରର ବିଭିନ୍ନ ଅଞ୍ଚଳରେ ଗତ କିଛି ଦିନ ହେବ ଘରେ ଚୋରି ହେଉଥିବାର ମାତ୍ରା ବୃଦ୍ଧି ପାଇବାରେ ଲାଗିଛି।

# ବରିଷ୍ଠଙ୍କୁ ନେଇ ଡିଜିଟାଲ ସଚେତନତା ଶିବିର



**ବାରିପଦା, ୨୨।୭ (ସମିସ):** ମୟୂରଭଞ୍ଜ ସିନିୟର ସିଟିଜେନ ଫୋରମ ଓ ହେଲ୍ପଏଜ ଇଣ୍ଡିଆ ଆନୁକୂଲ୍ୟରେ ବରିଷ୍ଠ ନାଗରିକଙ୍କୁ ନେଇ ଏକ ଡିଜିଟାଲ ସଚେତନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସୋମବାର ଅନ୍ତର୍ଜାତୀୟ ଗୁଗୁଲ ସଂସ୍ଥା ସହାୟତାରେ ହେଲ୍ପ ଏଜର ସଂଯୋଜିକା ଦେବଶ୍ରୀ ବ୍ରହ୍ମା କଲ୍ୟାଣୀ ମହିଳା ସମିତି ସଭା କକ୍ଷରେ ଫୋରମର ସଭ୍ୟମାନଙ୍କୁ ଡିଜିଟାଲ ଠକେଇ ଉପରେ ତାଲିମ ଦେଇଥିଲେ। ବୟସ୍କମାନେ ମୋବାଇଲ ଠିକ ଭାବରେ ବ୍ୟବହାର କରି ପାରୁ ନ ଥିବାରୁ ବାରମ୍ବାର ଠକ ସଂସ୍ଥା ହାବୁଡ଼ରେ ପଡୁଛନ୍ତି। ଏହା ବ୍ୟତୀତ ହ୍ୱାଟ୍‌ସଆପ ଫେସ ବୁକ୍, ଇନଷ୍ଟାଗ୍ରାମ ଓ ଇ-ମେଲ ଭଳି ସୋସିଆଲ ମିଡିଆ ଭିତରକୁ ପଶି ଆସି ଗ୍ରାହକଙ୍କୁ ହଇରାଣ ହରକତ କରିଥାନ୍ତି। ତେଣୁ ମୋବାଇଲ ଲକ ସହିତ ନକଲି ଆପ ଓ ନକଲି ମେସେଜ୍ ଚିହ୍ନିବାର ପାଠ ପଢ଼ାଇଥିଲେ ସଂଯୋଜିକା। ଏହି କାର୍ଯ୍ୟକ୍ରମ ଆସନ୍ତା ୨୩ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଉଦଳା, ବଡ଼ସାହି, ବେତନଟୀ ଓ କରଞ୍ଜିଆରେ ଅନୁଷ୍ଠିତ ହେବ। ଫୋରମର ସଭାପତି ପ୍ରଦୀପ୍ତ କିଶୋର ପଣ୍ଡା ଶିବିରରେ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ଡ. ଶ୍ୟାମସୁନ୍ଦର ଦାସ ତାଲିମ କାର୍ଯ୍ୟ ସଞ୍ଚାଳନ କରିଥିଲେ। ଶେଷରେ ଡ଼. ସୁଶାନ୍ତ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

# ଏମ୍‌ସିଏମ୍ ରଥଯାତ୍ରା ଶିବିର ଉଦ୍‌ଯାପିତ



**ବାରିପଦା, ୨୨।୭ (ସମିସ):** ବାରିପଦା ରଥଯାତ୍ରାରେ ଚଳିତ ବର୍ଷ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟ (ଏମସିଏମ) ଜାତୀୟ ସେବା ଯୋଜନା ଏବଂ ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୯ ଦିନ ଧରି ଚାଲିଥିବା ଏନଏସଏସ ସ୍ୱତନ୍ତ୍ର କ୍ୟାମ୍ପ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ୍ ଚେୟାରମ୍ୟାନ ପ୍ରଫେସର ଡ଼. ହେମନ୍ତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ୯ଦିନ ଧରି ସେବା ଯୋଗାଉଥିବା ସ୍ୱେଚ୍ଛାସେବୀଙ୍କୁ ଧନ୍ୟବାଦ୍ ଜଣାଇବା ସହିତ ଏଭଳି ସେବା ମନୋଭାବ ନେଇ ଆଗକୁ ବଢ଼ନ୍ତୁ ବୋଲି ପରାମର୍ଶ ଦେଇଥିଲେ। ଏମସିଏ ବିଭାଗର ପ୍ରାଧ୍ୟାପକ ଡ. ଏମ୍ ହେମା ବିନ୍ଦୁ, ପିଜି ଏନଏସଏସ ୟୁନିଟର ପ୍ରୋଗ୍ରାମ ଅଫିସର୍ ଡ଼. ବିଷ୍ଣୁପ୍ରିୟା ହାଁସଦା, ଏଲକେ କଲେଜର ଅଧ୍ୟକ୍ଷା ଡ଼. ପୁଷ୍ପା ପାତ୍ର, ପୂର୍ବତନ ଏନଏସଏସ ସଂଯୋଜିକା ଉଷା ଶତପଥୀ, ଏନଏସଏସ ସଂଯୋଜକ ଡ଼. ବସନ୍ତ କୁମାର ମହାନ୍ତ, ଏମସିଏମର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଆଗାମୀ ଦିନରେ ଏଭଳି କାର୍ଯ୍ୟରତ ରହିବା ନିମନ୍ତେ ପରାମର୍ଶ ଦେବା ସହିତ ପ୍ରଶଂସା କରିଥିଲେ। ଅଧ୍ୟାପକ ଠାକୁରା ଚରଣ ମାରାଣ୍ଡି, ଶ୍ରୀରାମ ଟୁଡୁ, ଅଧ୍ୟାପିକା ଅଙ୍କିତା ସାହୁ, ସୁଜାତା ପାଲ, ଦେବଶ୍ରିତା ବିଶ୍ୱାଳ, ଦୀପ୍ତିଶ୍ରୀ ବେହେରା, ମିନାକ୍ଷୀ ସାହୁ, ସସ୍ମିତ ସି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ମଦନ ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷକ ସୋମନାଥ ସିଂହଙ୍କୁ 'ଶିକ୍ଷକଶ୍ରୀ ସମ୍ମାନ'



**ବାରିପଦା, ୨୨।୭ (ସମିସ):** ପବିତ୍ର ଗୁରୁ ପୂର୍ଣ୍ଣିମା ଅବସରରେ ବେତନଟୀ ସ୍ଥିତ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରତିଭା ପୂଜନ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ୩ୟ ବାର୍ଷିକ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବରେ ବାରିପଦାର ଶିକ୍ଷକ ସୋମନାଥ ସିଂହଙ୍କୁ 'ଶିକ୍ଷକଶ୍ରୀ' ସମ୍ମାନରେ ସମ୍ମାନିତ କରାଯାଇଛି। ପ୍ରଧାନ ଶିକ୍ଷକ ଭାବେ ପୂର୍ଣ୍ଣଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି କରିବା ସହ ଜଣେ ରକ୍ତଦାତା, ରକ୍ତଦାନ ଶିବିର ଆୟୋଜକ, ବୃକ୍ଷରୋପଣ କାର୍ଯ୍ୟକ୍ରମ, ଅଭିନେତା, ସଫଳ ମଞ୍ଚ ପରିଚାଳନା ଆଦି ବିଭିନ୍ନ କ୍ଷେତ୍ରରେ ବେଶ ସୁନାମ ଅର୍ଜନ କରିଥିବା ଶ୍ରୀ ସିଂହଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଛି। ଅନୁଷ୍ଠାନର ମୁଖ୍ୟ ଟ୍ରଷ୍ଟି ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ 'ସମାଜ' ସମ୍ପାଦକ ଡଃ ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଶ୍ରୀ ସିଂହଙ୍କୁ ସମ୍ମାନିତ କରିଥିଲେ।

**फरार आरोपी की तलाश**

थाना जीआरपी रायपुर (छ.ग.), मो. नं.- 9479191502, 9479190466

थाना जीआरपी रायपुर के अप.क. 156/2023 धारा 20 बी एनडीपीएस एक्ट के फरार आरोपी राजा बंजारा पिता कृष्ण बंजारा उम्र 19 वर्ष पता- इच्छावतीगुड़ा, थाना नवरंगपुर उड़िसा के संबंध में जो व्यक्ति सूचना देगा/गिरफ्तार करवाएगा उसे पुलिस अधीक्षक रेल रायपुर द्वारा 5,000/- (पांच हजार रूपये) नगद राशि से पुरुस्कृत किया जावेगा। सूचना देने वाले का नाम गोपनीय रखा जावेगा।



पुलिस अधीक्षक
रेल रायपुर (छ.ग.)

### ବେଆଇନ ଗ୍ୟାସ ଗୋଦାମରେ ଅଗ୍ନିକାଣ୍ଡ

# ବଡ଼ ଦୁର୍ଘଟଣାରୁ ବର୍ତ୍ତିଗଲେ ସ୍ଥାନୀୟ ଲୋକେ



**ବାରିପଦା, ୨୨।୭ (ସମିସ)**

ବାରିପଦା-ପ୍ରତାପପୁର ରାସ୍ତାର ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ଗୌଡ଼ଡିହାରେ ଥିବା ଏକ ବେଆଇନ ଗ୍ୟାସ ଗୋଦାମରେ ଅଗ୍ନିକାଣ୍ଡ ଘଟିଛି। ତେବେ ଅଗ୍ନି ଶିଖା ବ୍ୟାପିବା ପୂର୍ବରୁ ନିଆଁକୁ ଆୟତ୍ତ କରାଯାଇଥିବାରୁ ଏକ ବଡ଼ଧରଣ ଦୁର୍ଘଟଣାରୁ ସ୍ଥାନୀୟ ଲୋକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ବେଆଇନ ଭାବେ ଉକ୍ତ ସ୍ଥାନରେ ବହୁ ଗ୍ୟାସ ସିଲିଣ୍ଡର ରଖାଯାଇଥିବା ବେଳେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଅଳ୍ପ ସମୟ ମଧ୍ୟରେ ଅଗ୍ନିଶିଖା ବାହାରକୁ ଆସିବା ସହ ଧୂଆଁ ବାହାରିଥିଲା। ତୁରନ୍ତ ଏହାକୁ ଦେଖି ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବା ସହିତ ଦମକଳ ବାହିନୀକୁ ଖବର ଦେଇଥିଲେ। ପରେ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଫଳରେ ସ୍ଥାନୀୟ ଲୋକେ ଏକ ବଡ଼ ଧରଣର ଅଘଟଣରୁ ବର୍ତ୍ତି ଯାଇଛନ୍ତି। ଉକ୍ତ ଗ୍ୟାସ ଗୋଦାମ ଅଞ୍ଚଳଟି ଜନବସତି ଅଞ୍ଚଳ ହୋଇଥିବା ବେଳେ ନିକଟରେ ଏକ ତେଲ ଟାଙ୍କି, ବିଦ୍ୟାଳୟ ଓ ଅନ୍ୟ ଏକ ଗ୍ୟାସ ଗୋଦାମ ମଧ୍ୟ ରହିଛି। ଯଦି ନିଆଁ ବ୍ୟାପି ଯାଇଥାନ୍ତା ତାହାହେଲେ ବଡ ଧରଣର ଅଘଟଣ ଘଟିଥାନ୍ତା। ତେବେ ଠିକ ସମୟରେ ନିଆଁକୁ ଆୟତ୍ତ କରାଯାଇଥିବାରୁ କାହାରି କିଛି କ୍ଷତି ହୋଇନାହିଁ। ଉକ୍ତ ସ୍ଥାନରେ ନିୟମକୁ ଅବମାନନା କରାଯାଇ ବେଆଇନ ଭାବେ ଗ୍ୟାସ ଗୋଦାମ ରହିଛି। ଜିଲ୍ଲା ଯୋଗାଣ ବିଭାଗର ଏଥିପ୍ରତି ଦୃଷ୍ଟି ନ ପଡ଼ିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ମତପ୍ରକାଶ ପାଇଛି।



■ ରାଉରକେଲା ବିଧାନସଭା ନିର୍ବାଚନ ମାମଲା

## ବିଧାୟକ ଶାରଦା ନାୟକଙ୍କୁ ହାଇକୋର୍ଟଙ୍କ ନୋଟିସ

**କଟକ, ୨୨।୭ (ସମିସ):** ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ନିର୍ବାଚନକୁ ଚାଲେଞ୍ଜ କରି ହାଇକୋର୍ଟରେ ଦାୟର ନିର୍ବାଚନୀ ମକଦ୍ଦମାର ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ବିଧାୟକ ଶ୍ରୀ ନାୟକଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିବା ସହ ପରବର୍ତ୍ତୀ ଶୁଣାଣି ସମୟରେ ଜବାବ ରଖିବାକୁ କହିଛନ୍ତି। ଗତ ୨୦୨୪ ନିର୍ବାଚନରେ ସାରଦାଙ୍କଠାରୁ ପରାଜିତ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଦିଲ୍ଲୀପ ରାୟଙ୍କ ପକ୍ଷରୁ ଦାୟର ନିର୍ବାଚନୀ ମକଦ୍ଦମାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ଶ୍ରୀ ନାୟକ ତାଙ୍କର ଅସ୍ଥାବର ସମ୍ପତ୍ତି ଓ ତାଙ୍କ ବିରୋଧରେ ଥିବା ଅପରାଧିକ ମାମଲା ସଂକ୍ରାନ୍ତରେ ସତ୍ୟପାଠରେ ତଥ୍ୟ ଲୁଚାଇଥିବା ନେଇ ଆବେଦନକାରୀ ଦର୍ଶାଇଥିଲେ। ସତ୍ୟପାଠରେ ଅସମ୍ପୂର୍ଣ୍ଣ ତଥା ତ୍ରୁଟିପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିବାରୁ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଉ ବୋଲି ଆବେଦନରେ ପ୍ରାର୍ଥନା କରାଯାଇଛି। ପ୍ରକାଶଥାଉକି ପୂର୍ବରୁ ରାଉରକେଲାନିବାସୀ ରାଜକୁମାର ଯାଦବଙ୍କ ତରଫରୁ ମଧ୍ୟ ଅନୁରୂପ ଏକ ନିର୍ବାଚନୀ ମାମଲା ଦାୟର କରାଯାଇଥିଲା।

ସୂଚନାଯୋଗ୍ୟ, ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ସାରଦା ପ୍ରସାଦ ନାୟକ ମୋଟ ୬୪୬୬୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ବିଜେପି ପ୍ରାର୍ଥୀ ଦିଲ୍ଲୀପ ରାୟ ୬୨୧୦୮ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୨୭କୁ ଧାର୍ଯ୍ୟ କରାଯାଇଛି।

## ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ

**ଜୟପୁର,୨୨।୭ (ସମିସ):** କୋରାପୁଟ ଜିଲ୍ଲା ଜୟପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ସୋମବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି କାକିରିଗୁମ୍ମା ଥାନା ଅଞ୍ଚଳର ଅଭିଯୁକ୍ତ ରାଜାରାମ ମୁଦୁଲି (୨୪)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନନା ଅନାଦେୟ ହେଲେ, ଅଧିକ ୬ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟ ଶୁଣାଇଛନ୍ତି। ୨୨ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ୨୭ଟି ଦସ୍ତାବିଜ୍‌କୁ ଭିତ୍ତି କରି କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

୨୦୨୦ ମେ' ୧୯ ତାରିଖ ମଧ୍ୟାହ୍ନରେ ଜଣେ ୪ ବର୍ଷୀୟା ନାବାଳିକା ଖେଳୁଥିବା ବେଳେ ରାଜାରାମ ତାକୁ ଚକୋଲେଟ୍‌ର ପ୍ରଲୋଭନ ଦେଖାଇ ନିକଟସ୍ଥ ନୀଳଗିରି ଜଙ୍ଗଲକୁ ନେଇ ଦୁଷ୍କର୍ମ କରିଥିଲା। ନାବାଳିକା ସେଠାରେ ଅଚେତ ହୋଇଯିବା ପରେ ରାଜାଜରାମ ତାକୁ ସେଠାରେ ଛାଡ଼ି ଚାଲି ଆସିଥିଲା। ପରିବାରଲୋକେ ଖୋଜାଖୋଜି କରିବା ପରେ ଦୀର୍ଘ ସମୟ ପରେ ନାବାଳିକାକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ନୀଳଗିରି ଜଙ୍ଗଲରୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ତାକୁ ପ୍ରଥମେ କାକିରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ନାବାଳିକାର ବାପାଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଏହି ଘଟଣାର ତଦନ୍ତ କରି ରାଜାରାମକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

ଅପରପକ୍ଷେ, ସରକାରଙ୍କ ନିୟମ ଅନୁଯାୟୀ, ପୀଡ଼ିତାଙ୍କ ପରିବାରକୁ ସମୁଦାୟ ୧୦ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯିବ। କୋର୍ଟରେ ମାମଲା ରୁଜୁ ବେଳେ ପୀଡ଼ିତାଙ୍କ ପରିବାରକୁ ୩ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଅତିଶୀଘ୍ର ବଳକା ୭ଲକ୍ଷ କ୍ଷତିପୂରଣ ଦିଆଯିବ ବୋଲି ସରକାରଙ୍କ ପକ୍ଷରୁ ନିଯୁକ୍ତ ସ୍ୱତନ୍ତ୍ର ଆଇନଜୀବୀ ଡ. ବି. ଗାୟତ୍ରୀ ଦେବୀ କହିଛନ୍ତି।

## ପତ୍ନୀହନ୍ତାକୁ ଆଜୀବନ

**କଟକ, ୨୨।୭ (ସମିସ):** ପତ୍ନୀହନ୍ତା ସ୍ୱାମୀକୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି କଟକ ଦ୍ୱିତୀୟ ଅତିରିକ୍ତ ଦୌରା ଜଜ୍ ସ୍ରୋତସ୍ୱିନୀ କର। ପ୍ରୀତି ପ୍ରଧାନ ନାମ୍ନୀ ଜଣେ ମହିଳାଙ୍କ ହତ୍ୟା ମାମଲାରେ ସ୍ୱାମୀ ଅକ୍ଷୟ କୁମାର ସାହୁ(୪୦)କୁ ଆଜୀବନ ଜେଲ ଓ ୧୦ ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଛନ୍ତି ଅଦାଲତ। ଏଥିସହ ଆଇପିସିର ଦଫା ୩୦୨ରେ ଅକ୍ଷୟକୁ ଦୋଷୀ ସାବ୍ୟସ୍ତ କରାଯାଇଛି।

ମାମଲାରୁ ପ୍ରକାଶ ଯେ ୨୦୨୦, ଜୁଲାଇ ୮ରେ କଟକ ସଦର ଥାନା ଅଞ୍ଚଳରେ ଏହି ହତ୍ୟାକାଣ୍ଡ ସଂଘଟିତ ହୋଇଥିଲା। ସଦର ଥାନା ଅନ୍ତର୍ଗତ ମହୁରା ସରକାରୀ ପ୍ରାଥମିକ ସ୍କୁଲରେ ଟିକାକରଣ କାର୍ଯ୍ୟକ୍ରମରେ ଏଏନ୍‌ଏମ ପ୍ରୀତି ପ୍ରଧାନ, ଆଶାକର୍ମୀ ଓ ଅଙ୍ଗନବାଡ଼ି ହେଲପର୍ ଏହି ଟିକାକରଣ କରୁଥିଲେ। ଦିନ ପ୍ରାୟ ୧୨ଟାରେ ପ୍ରୀତିଙ୍କ ସ୍ୱାମୀ ସେଠାରେ ପହଞ୍ଚି ତାଙ୍କୁ ଛୁରି ଭୁଶି ଦେଇଥିଲେ। ଆଶା କର୍ମୀ ଓ ଅଙ୍ଗନବାଡ଼ି ହେଲ୍ପର୍‌ଙ୍କଠାରୁ ସୂଚନା ପାଇ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଟ୍ଟନାୟକ ପୁଲିସରେ ଅଭିଯୋଗ କରିଥିଲେ। ଶ୍ରୀ ପଟ୍ଟନାୟକଙ୍କ ଏତଲା ଆଧାରରେ ସଦର ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ନରସିଂହପୁର ଥାନା ବଡ଼ଡିହର ଅକ୍ଷୟକୁ ଗିରଫ କରିଥିଲା। ପୁଲିସ ଘଟଣାର ତଦନ୍ତ କରି ୨୦୨୦, ନଭେମ୍ବର ୪ରେ ଅକ୍ଷୟ ବିରୋଧରେ ଚାର୍ଜସିଟ ଦାଖଲ କରିଥିଲା। ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର୍ ବିଜୟ କୁମାର ମହାନ୍ତି ମାମଲା ପରିଚାଳନା କରୁଥିଲେ।

### କୋଟିଏ ଟଙ୍କା ସରକାରୀ ଅର୍ଥ ତୋଷରପାତ

# ଭିଜିଲାନ୍ସ ଜାଲରେ ମତ୍ସ୍ୟ ଉପନିର୍ଦ୍ଦେଶକ

**କଟକ,୨୨।୭ (ସମିସ):** ସରକାରୀ ଅର୍ଥ ହେରଫେର୍ ଅଭିଯୋଗରେ କମିସନରେଟ୍ ପୁଲିସ ଦ୍ୱାରା ଗିରଫ ହୋଇ ଜେଲରେ ଥିବା ରାଜ୍ୟ ମତ୍ସ୍ୟ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ (ଖାର ଜଳ) ବସନ୍ତ କୁମାର ଦାଶ ଏବେ ପୁଣି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। କୋଟିଏ ଟଙ୍କା ସରକାରୀ ଅର୍ଥ ତୋଷରପାତ କରିବା ଅଭିଯୋଗରେ ଭିଜିଲାନ୍ସ ତାଙ୍କ ନାମରେ ମଧ୍ୟ ଏକ ମାମଲା ରୁଜୁ କରିଛି। ଚଢ଼ଉ ବେଳେ ଶ୍ରୀ ଦାଶଙ୍କ ଅମାପ ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ। ସରକାରୀ ଟଙ୍କାରେ ଜମି ଓ ସୁନା ଗହଣା କରି କିଭଳି ଏହି ବାବୁଜଣକ ମଉଜ କରୁଥିଲେ, ତାହାର ଖୋଳତାଡ଼ କରିଛି ଭିଜିଲାନ୍ସ।

ଡିଡିଓ (ଡ୍ରଇଂ ଆଣ୍ଡ ଡିସବର୍ସିଂ ଅଫିସର) କ୍ଷମତାର ଅପବ୍ୟବହାର କରି ସରକାରଙ୍କ ନାମରେ ଥିବା ବ୍ୟାଙ୍କ ଜମାଖାତାରୁ ୧କୋଟି ୫ଲକ୍ଷ ଟଙ୍କା ନିଜ ଜମାଖାତାକୁ ଟ୍ରାନ୍ସଫର୍ କରିଥିଲେ ଶ୍ରୀ ଦାଶ। ଭିଜିଲାନ୍ସ ଏ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆଜି ଏହାର ତଦନ୍ତ କରିବା ସହ ଶ୍ରୀ ଦାଶଙ୍କ ଅଫିସ୍ ଚାମ୍ବର ସମେତ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଉପ-ନିର୍ଦ୍ଦେଶକ ଶ୍ରୀ ଦାଶ ନିଜ ନାମରେ ପୁରୀର ଏକ ଷ୍ଟେଟ୍ ବ୍ୟାଙ୍କ ଶାଖାରେ ଥିବା ଜମାଖାତାକୁ ଉପରୋକ୍ତ ଟଙ୍କା ଆରଟିଜିଏସ୍ ଜରିଆରେ ଗତ ମେ' ୨୧ରୁ ଜୁନ୍ ୧୯ ମଧ୍ୟରେ ଟ୍ରାନ୍ସଫର





କରିଥିଲେ। ଏଥିମଧ୍ୟରୁ ମୋଟ ୨୮୧ଥର କାରବାରରେ ସେ ୯୯.୩୭ଲକ୍ଷ ଟଙ୍କା ଉଠାଇ ନେଇଥିଲେ। ଏଥିପାଇଁ ଚେକ୍ ଏବଂ ଏଟିଏମ ସାହାଯ୍ୟ ନେଇଥିଲେ। ଏହି ଟଙ୍କାରେ ସେ ଭୁବନେଶ୍ୱରରେ ୭୨ଲକ୍ଷ ଟଙ୍କା ମୂଲ୍ୟର ଏକ ପ୍ଲଟ ଓ ୨୭ଲକ୍ଷ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର କିଣିଥିଲେ। ତେବେ ସେ ଛୁଟିରେ ଥାଇ ମଧ୍ୟ ଏହି ବେଆଇନ କାରବାର କରିଥିଲେ। ଗତ ଏପ୍ରିଲ ୨୨ରୁ ଛୁଟିରେ ଥିବା ବେଳେ ଅଦ୍ୟାବଧି କାର୍ଯ୍ୟରେ ମଧ୍ୟ ଯୋଗ ଦେଇନଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା।

ତାଙ୍କର ଭୁବନେଶ୍ୱର ଓଲଡଟାଉନ୍ ଶାସନପଡ଼ାସ୍ଥିତ ଭଡ଼ା ଘର, ପୁରୀ ତୋଟାମହାବୀରଲେନ୍‌ସ୍ଥିତ ୨ହଜାରବର୍ଗଫୁଟ୍ ପରିମିତ ଦୁଇ ମହଲା ବିଶିଷ୍ଟ ନିଜ ଘର, ପୁରୀ ବାସେଳିସାହିଠାରେ ୧୨୦୦ ବର୍ଗଫୁଟ ପରିମିତ ଏକ ନିର୍ମାଣାଧୀନ କୋଠା, ପୁରୀ ପିଲିପିଲାର ୩.୫୮ ଏକର ପରିମିତ ବିଶିଷ୍ଟ ଫାର୍ମହାଉସ ସହ ଭୁବନେଶ୍ୱର ଓ ଭଦ୍ରକରେ ମୂଲ୍ୟବାନ ୭ ଗୋଟି ପ୍ଲଟ ଠାବ କରିଛି ଭିଜିଲାନ୍ସ। ଭୁବନେଶ୍ୱର ୟୁନିଟ-୨୭ରେ ଗୋଟିଏ ପ୍ଲଟ, ପୁରୀ ଦାମୋଦରପୁରଶାସନରେ ୩ଗୋଟି ପ୍ଲଟ, ଭଦ୍ରକ ବଂଶୀପାଟଣାରେ ଗୋଟିଏ ଓ ଭଦ୍ରକ ବିର୍ସା ମୌଜାରେ ଗୋଟିଏ ପ୍ଲଟ ତାଙ୍କର ରହିଥିବା ଭିଜିଲାନ୍ସ ଠାବ କରିଛି। ଏହା ବାଦ ତାଙ୍କର ୨୫୦ଗ୍ରାମ ସୁନା, ଗୋଟିଏ ମହିନ୍ଦ୍ରା

■ ସରକାରୀ ଟଙ୍କାରେ ପ୍ଲଟ୍ ଓ ଗହଣା କିଣିଥିଲେ
■ ଜୁଲାଇ୪ରୁ ମଙ୍ଗଳାବାଗ ପୁଲିସ ଗିରଫ କରିଥିଲା
■ ସରକାରୀ ଜମାଖାତାରୁ ନିଜ ଆକାଉଣ୍ଟକୁ କରିଥିଲେ ଟଙ୍କା ଟ୍ରାନ୍ସଫର୍

ଭରିଟୋ କାର, ୨ଟି ଦୁଇ ଚକିଆ ସହିତ ଅନ୍ୟାନ୍ୟ ବ୍ୟାଙ୍କ ଓ ବୀମା ବଣ୍ଡ ଆଦି ଜବତ ହୋଇଛି। ମୋଟ ୫ଟି ଟିମରେ ୫ଜଣ ଡିଏସପି, ୪ଜଣ ଇନ୍ସପେକ୍ଟର ଓ ୯ଜଣ ଏସଆଇଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ।

ଶ୍ରୀ ଦାଶଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ନିବାରଣ ଆଇନରେ ଏକ ମାମଲା ରୁଜୁ ହୋଇଛି ଓ ତାଙ୍କୁ ରିମାଣ୍ଡରେ ଅଣାଯାଇ ଅଧିକ ପଚରାଉଚରା କରାଯିବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ ପ୍ରାୟ ୧ କୋଟି ୩୪ ଲକ୍ଷ ଟଙ୍କା ସରକାରୀ ଅର୍ଥ ହେରଫେର ଅଭିଯୋଗରେ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀ ତଥା ଏସ୍‌ଡବ୍ଲ୍ୟୁ (ସ୍ପେଶିଆଲ ବ୍ରାକିସ୍ ୱାଟର)ର ଉପନିର୍ଦ୍ଦେଶକ ବସନ୍ତ କୁମାର ଦାଶଙ୍କୁ ଗତ ଜୁଲାଇ ୪ରେ ମଙ୍ଗଳାବାଗ ଥାନା ପୁଲିସ ଗିରଫ କରିଥିଲା। କଟକ କମିସନରେଟ୍ ପୁଲିସ୍ ଏହି ଘଟଣାର ତଦନ୍ତ କରୁଥିବା ବେଳେ ନିର୍ଦ୍ଦେଶାଳୟ ଏକ ତଦନ୍ତ କମିଟି ଗଠନ କରି ଛାନଭିନ୍ ଚଳାଇଛି। ଆତ୍ମସାତ୍ ହୋଇଥିବା ସରକାରୀ ଅର୍ଥର ପରିମାଣ ଆହୁରି ଅଧିକ ହୋଇପାରେ ବୋଲି ଅନୁମାନ କରାଯାଉଛି। ଗତ ଜୁନ୍ ୧୩ ତାରିଖରେ ମତ୍ସ୍ୟ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ(ପ୍ରଶାସନ) ସୁବ୍ରତ ଦାଶ ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ।

■ ହଜପଲ୍ଲୀରେ ବାଘ ଆତଙ୍କ

## ଗୋଠରୁ ଗାଈକୁ ଭିଡ଼ିନେଲା

**ଜଗନ୍ନାଥପ୍ରସାଦ, ୨୨।୭ (ସମିସ):** ଉତ୍ତର ଘୁମୁସର ବନଖଣ୍ଡ ଅଧୀନ ଜଗନାଥପ୍ରସାଦ ହଜପଲ୍ଲୀ ଗ୍ରାମରେ ଏକ ଗାଈଗୋଠରୁ ଗାଈ ଓ ବାଛୁରୀକୁ ଟାଣି ନେଇ ବାଘ ଖାଇ ଦେଇଥିବା ଅଭିଯୋଗ ହୋଇଛି। ଜଗନ୍ନାଥପ୍ରସାଦ ବ୍ଲକ୍ ଅଧୀନ କୁଡୁଟେଇ ପଞ୍ଚାୟତ ଅଧୀନ ସପଙ୍ଗ ଗ୍ରାମର କୈଳାସ ନାୟକ ନିଜ ଗାଈ ଗୋଠକୁ ହଜପଲ୍ଲୀ ଜଙ୍ଗଲ ନିକଟରେ ବାନ୍ଧି ରଖିଥିଲେ। ରବିବାର ରାତିରେ ବର୍ଷା କାରଣରୁ ଆଉ ଗାଈମାନଙ୍କ ପାଖକୁ ଯାଇପାରିନଥିଲେ। ସକାଳୁ ଯାଇ ଦେଖିବା ବେଳକୁ ଗାଈଗୁଡ଼ିକ ପଘା ଛିଡ଼ାଇ ଏପଟ ସେପଟ ବୁଲୁଛନ୍ତି। ପାଖକୁ ଯାଇ ଦେଖିବାରୁ ଜାଣିବାକୁ ପାଇଥିଲେ ଯେ ରାତିରେ ବାଘ ଆସି ସେଠାରୁ ବାଛୁରିକୁ ଟାଣି ଘୋଷାରି ନେଇଛି। ଗୋଟିଏ ଗାଈର ମଧ୍ୟ ସନ୍ଧାନ ମିଳୁନଥିବା ଗୋପାଳକ ପ୍ରକାଶ କରିଛନ୍ତି। ନିକଟରୁ ବାଘର ପାଦଚିହ୍ନ ଓ ଘୋଷାଡ଼ି ନେବାର ଚିହ୍ନ ଠାବ କରାଯାଇଛି। ଖବର ପାଇ ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦୁଇ ଦିନ ତଳେ ଏହି ଅଞ୍ଚଳର ତିରିକୁପାଠାରେ ମଧ୍ୟ ଏକ ବାଛୁରିକୁ ବାଘ ମାରି ଖାଇଥିବା ବେଳେ ବାଛୁରିର କ୍ଷତାକ୍ତ ଶବ ଉଦ୍ଧାର ହୋଇଥିଲା। ଆଜିର ଘଟଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଆହୁରି ବଢ଼ି ଯାଇଛି।

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ୨ବର୍ଷ ଜେଲ୍ ଦଣ୍ଡାଦେଶ

**ବ୍ରହ୍ମପୁର, ୨୨।୭ (ସମିସ):** ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟର ବିଚାରପତି ଡ. ଅରୁଣ ସାହୁ ଏକ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାର ବିଚାର କରି ବ୍ରହ୍ମପୁର ସିଟି ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅରୁଣଚାନ୍ଦ ଦାସ (୭୬)ଙ୍କୁ ୨ବର୍ଷ ଜେଲ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୧ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି।

ଅରୁଣଚାନ୍ଦ ୨୦୦୪ରେ ସିଟି ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ସେହି ସମୟରେ ତାଙ୍କ ବିରୋଧରେ ଆୟ ବର୍ହିଭୁତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ସେପ୍ଟେମ୍ବର ୩୦ ତାରିଖରେ ଭିଜିଲାନ୍ସ ପକ୍ଷରୁ ଶ୍ରୀ ଦାସଙ୍କ କାର୍ଯ୍ୟାଳୟ ସହ ଗୋଦାବରୀଶନଗରସ୍ଥିତ ବାସଭବନ ଏବଂ ତାଙ୍କ ପତ୍ନୀ ରଞ୍ଜିତା ଦାସଙ୍କ ଦ୍ୱାରା ପରିଚାଳିତ ଲିପିକା ନାମକ ଏନଜିଓର କାର୍ଯ୍ୟାଳୟରେ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ଭିଜିଲାନ୍ସ ପକ୍ଷରୁ ଶ୍ରୀ ଦାସ ଏବଂ ତାଙ୍କ ପରିବାର ଲୋକଙ୍କ ନାମରେ ଥିବା ମୋଟ ୬୦ ଲକ୍ଷ ଟଙ୍କାର ଆୟ ବର୍ହିଭୁତ ସମ୍ପତ୍ତି ଠାବ କରାଯାଇଥିଲା। ଏନେଇ ଭିଜିଲାନ୍ସ ପକ୍ଷରୁ ଶ୍ରୀ ଦାସ ଏବଂ ତାଙ୍କ ପତ୍ନୀଙ୍କ ନାମରେ ଏକ ମାମଲା ରୁଜୁ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।



କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଜ୍ୟୋତିପୁର ବିଟ୍ ଅଞ୍ଚଳ ବରପଦା ଜଙ୍ଗଲ ଭିତରେ ଥିବା ଗଦଗଦି ପୋଖରୀରେ ୨୭ ଟିକିଆ ହାତୀପଲଙ୍କ ଜଳକ୍ରୀଡ଼ା

## ଡ୍ରିମ୍‌ସରେ ଏଆଇଏମ୍‌ଏସ୍ ରାଜ୍ୟ ସମ୍ମିଳନୀ



**କଟକ, ୨୨।୭ (ସମିସ):** ଆସୋସିଏସନ୍ ଅଫ ଇଣ୍ଡିଆନ୍ ମ୍ୟାନେଜମେଣ୍ଟ ସ୍କୁଲ (ଏଆଇଏମ୍‌ଏସ) ରାଜ୍ୟ ଶାଖା ସମ୍ମିଳନୀ ଓ ଆଲୋଚନାଚକ୍ର ଟାଙ୍ଗୀସ୍ଥିତ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଆଲୋଚନାଚକ୍ରର ପ୍ରସଙ୍ଗ ଥିଲା 'ଗବେଷଣା ଓ ପ୍ରକାଶନର ସାମ୍ପ୍ରତିକ ଧାରା ଓ ଦୃଷ୍ଟିକୋଣ'। ଶୈକ୍ଷିକ ଅଭିମୁଖୀକରଣ ଆଧାରିତ ଏହି ଆଲୋଚନାଚକ୍ରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ବିଜିନେସ୍ ମ୍ୟାନେଜମେଣ୍ଟ ବିଭାଗର ମୁଖ୍ୟ ପ୍ରଫେସର ଡ. ପଦ୍ମଲିତା ରାଉତରାୟ ଏବଂ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ମ୍ୟାନେମେଣ୍ଟ ଷ୍ଟଡିଜ୍‌ର ଡିନ୍ ଡ. ଦୀନଦୟାଲ ସ୍ୱାଇଁ ବିଶେଷଜ୍ଞ ବକ୍ତା ଭାବରେ ଯୋଗଦେଇ ମ୍ୟାନେଜମେଣ୍ଟ ଶିକ୍ଷା ଓ ଗବେଷଣାର ଓ ପ୍ରକାଶନର ଧାରା ଓ ସମାଜ ପାଇଁ ଏହାର ଉପଯୋଗ ସମ୍ବନ୍ଧରେ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କରିଥିଲେ। ଏଆଇଏମ୍‌ଏସର ଓଡ଼ିଶା ଶାଖା ସମ୍ପାଦକ ଇଂ ସରୋଜ କୁମାର ସାହୁ ବିବରଣୀ ଉପସ୍ଥାପନ ସହ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ ନିମନ୍ତ୍ରିତ ଅତିଥି, ବକ୍ତା ଓ ଏଆଇଏମ୍‌ଏସର କର୍ମକର୍ତ୍ତା ଓ ସଦସ୍ୟଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଏଆଇଏମ୍‌ଏସ୍ ପକ୍ଷରୁ ଉପାଧ୍ୟକ୍ଷ ପ୍ରଫେସର ଅନୂପ ସାମନ୍ତରାୟ କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଡ୍ରିମ୍‌ସ ସ୍କୁଲ ଅଫ ମ୍ୟାଜେମେଣ୍ଟର ଡିନ୍ ଡ. ଶ୍ରୀତା ଭୋଳ ସ୍ୱାଗତ ଅଭିଭାଷଣ ଓ ପ୍ରାଧ୍ୟାପିକା ଡ. ଶ୍ୱେତପଦ୍ମା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧ୍ୟାପକ ଡ. ହିମାଂଶୁ ଭୂଷଣ ଗୋଚ୍ଛାୟତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଆଇଏମ୍‌ଏସର ରାଜ୍ୟ ଶାଖା ଅଧ୍ୟକ୍ଷ ତଥା ଇଣ୍ଡିଆନ୍ ମ୍ୟାନେଜମେଣ୍ଟ ଇନଷ୍ଟିଚ୍ୟୁଟ୍‌ର ପ୍ରଫେସର ରମେଶ ବେହିଆ ଭାସୀରେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲା ବେଳେ ରେଭେନ୍ସା ବିଶ୍ୱବିଦ୍ୟାଳୟ, ଡ୍ରିମ୍‌ସ, ଶିକ୍ଷା ଓ ଅନୁସନ୍ଧାନ, ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍, ବିଆଇଆଇଟିଏମ୍, ସିଆଇଏମ୍‌ଇ, ଆଇଆଇଏମ୍‌ଟି, ଆଇଆଇପିଏମ୍, ଏନ୍‌ଏମ୍‌ଆଇଇଟି, ସୃଷ୍ଟି ଏକାଡେମୀ, ଏବିଆଇଟି, ଏସ୍‌ଭିଆଇଏମ୍, ଗଣେଶ ଇନ୍‌ଷ୍ଟିଚ୍ୟୁଟ୍, ଗ୍ଲୋବାଲ ଇନଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜମେଣ୍ଟ ପ୍ରଭୃତି ରାଜ୍ୟର ଅଗ୍ରଣୀ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ, ଡିନ୍, ଅଧ୍ୟାପକ, ଅଧ୍ୟାପିକା, ଗବେଷକ ଓ ପ୍ରତିନିଧି ଯୋଗଦେଇ ନିଜର ଅଭିମତ ରଖିଥିଲେ।

**ରାଜ୍ୟର ପ୍ରମୁଖ ମ୍ୟାନେଜେମେଣ୍ଟ ଶିକ୍ଷାନୁଷ୍ଠାନ ପ୍ରତିନିଧିଙ୍କ ଅଂଶଗ୍ରହଣ**

**ନିର୍ଦ୍ଦେଶନାମା ମାନୁନାହାନ୍ତି ସ୍କୁଲ୍ କର୍ତ୍ତୃପକ୍ଷ**

# କଅଁଳ କାନ୍ଧରେ ବସ୍ତାନୀ ବୋଝ

**ଭୁବନେଶ୍ୱର, ୨୨।୭ (ସମିସ):** ମାସେ ହେଲା ଆରମ୍ଭ ହେଲାଣି ନୂଆ ଶିକ୍ଷାବର୍ଷ। ସମୟ ଅବଧି ଭିତରେ ପାଠପଢ଼ା ଶେଷ କରିବା ପାଇଁ ଶିକ୍ଷକ, ଅଭିଭାବକ ଓ ପିଲାଙ୍କ ଭିତରେ ଜୋରସୋର୍‌ରେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। କିନ୍ତୁ ପିଲାଙ୍କ ସ୍କୁଲ ବ୍ୟାଗ୍‌କୁ ନେଇ ସରକାର କରିଥିବା ନିୟମକୁ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ସରକାରୀ ଓ ଘରୋଇ ସ୍କୁଲ୍‌ଗୁଡ଼ିକ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ଶ୍ରେଣୀ ଅନୁସାରେ ନିର୍ଦ୍ଧାରିତ ହୋଇଥିବା ବ୍ୟାଗ୍‌ଠାରୁ ମାତ୍ରାଧିକ ଓଜନର ବ୍ୟାଗ୍ ନେଇ ପିଲା ସ୍କୁଲକୁ ଯାଉଛନ୍ତି। ଅଭିଭାବକମାନେ ଏହାକୁ ନେଇ ଚିନ୍ତା ପ୍ରକଟ କରିବା ସହ କଅଁଳ କାନ୍ଧରେ ବସ୍ତାନି ବୋଝକୁ କମ୍ କରିବା ପାଇଁ ଶିକ୍ଷା ବିଭାଗ ପାଖରେ ଦାବି କରିଛନ୍ତି।

ସୂଚନାନୁସାରେ, ୮ମାର୍ଚ୍ଚ ୨୦୧୯ରେ ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କ ସ୍କୁଲ ବ୍ୟାଗ୍ ନିୟମ କଡ଼ାକଡ଼ି ପାଳନ କରିବାକୁ ରାଜ୍ୟର ସମସ୍ତ ସ୍କୁଲକୁ ନିର୍ଦ୍ଦେଶ ଦେଇଥିଲେ। ନିୟମାନୁସାରେ, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ସ୍କୁଲ ପିଲାଙ୍କ ପାଇଁ ବ୍ୟାଗ୍ ଓଜନ ୧.୫କେଜି ରଖାଯାଇଥିଲା। ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ୨ରୁ ୩କେଜି, ଷଷ୍ଠରୁ ୭ଶ୍ରେଣୀ ପିଲାଙ୍କ ପାଇଁ ୪କେଜି, ଅଷ୍ଟମ ଓ ନବମ ଶ୍ରେଣୀ ପିଲାଙ୍କ ପାଇଁ ସାଢ଼େ ୪କେଜି ଓ ୧୦ମ ଶ୍ରେଣୀ ପିଲାଙ୍କ ପାଇଁ ୫ କେଜି ଓଜନର ବ୍ୟାଗ୍ ବ୍ୟବହାର ପାଇଁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ମୋଟ ଉପରେ ଗୋଟିଏ ଛାତ୍ର ଓଜନର ୧୦ ଭାଗରୁ ଭାଗେ ଓଜନର ସ୍କୁଲ୍ ବ୍ୟାଗ୍ ନେବା ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ ଏହି ନିର୍ଦ୍ଦେଶାନାମା କେବଳ ଘୋଷଣାରେ ଅଟକିଛି।



ନିର୍ଦ୍ଦେଶନାମା ଜାରି ହେବାର କିଛି ମାସ ପର୍ଯ୍ୟନ୍ତ ଏହି ନିୟମ କଡ଼ାକଡ଼ି ଭାବେ ପାଳନ ହେଲା। ପରବର୍ତ୍ତୀ ସମୟରେ କରୋନା ମହାମାରୀ ଆସିଲା ଓ ୨ ବର୍ଷ କାଳ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଲା। ତା' ପରେ ଗତ ଦୁଇ ବର୍ଷ ହେଲା ସ୍କୁଲ ଖୋଲି ପାଠପଢ଼ା ସ୍ୱଭାବିକ ହୋଇସାରିଥିଲେ ହେଁ 'ସ୍କୁଲ ବ୍ୟାଗ୍ ନିୟମ' କଥା ଶିକ୍ଷକମାନେ ଭୁଲି ଯାଇଛନ୍ତି। ଏଥିସହ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ 'ହୋମ୍ ୱାର୍କ' ନଦେବା ପାଇଁ ମଧ୍ୟ ସେହି ନିର୍ଦ୍ଦେଶନାମାରେ ଉଲ୍ଲେଖ ଥିଲା। ତାକୁ ବି ସ୍କୁଲ କର୍ତ୍ତୃପକ୍ଷ ପାଳନ କରୁନଥିବା ଜଣାପଡ଼ିଛି। ଅଧିକାଂଶ ସ୍କୁଲର ଛାତ୍ରଛାତ୍ରୀ ବହୁ ଓଜନିଆ ବ୍ୟାଗ୍ ଧରି ସ୍କୁଲକୁ ଆସୁଛନ୍ତି। ପାଠ୍ୟ ପୁସ୍ତକ ସହ ନୋଟ୍ ଖାତା ଓ ପାଣି ବୋତଲ ବ୍ୟାଗ୍ ଭିତରେ ରହୁଛି।

■ ଘୋଷଣାରେ ସୀମିତ ନିୟମ
■ ଅଧିକାଂଶ ସ୍କୁଲରେ ସାପ୍ତାହିକ ରୁଟିନ୍ ନାହିଁ

ବିଶେଷକରି ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ତାଙ୍କ ବ୍ୟାଗ୍‌କୁ ଭଲ ଭାବେ ଟେକି ପାରୁନଥିବା ଅଭିଯୋଗ ହେଉଛି। ଯେଉଁଠି ଅଭିଭାବକମାନେ ପିଲାଙ୍କୁ ସ୍କୁଲ୍‌ରୁ ନେବାଆଣିବା କରୁଛନ୍ତି, ସେଠି ସେମାନେ ବ୍ୟାଗ୍ ନେଇ ଆସୁଛନ୍ତି। ଯେଉଁଠି ପିଲାମାନେ ନିଜେ ଚାଲି ଚାଲି ସ୍କୁଲ୍‌କୁ ଯାଉଛନ୍ତି, ସେମାନଙ୍କୁ ବଡ଼ କଷ୍ଟରେ ବ୍ୟାଗ୍ ବୋହି ବୋହି ନେବାକୁ ପଡ଼ୁଛି। ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ଏହି ନିୟମକୁ ଅଧିକ ମାତ୍ରାରେ ଉଲ୍ଲଂଘନ କରୁଥିବା ଅଭିଯୋଗ ହେଉଛି। ଓଜନିଆ ବ୍ୟାଗ୍‌କୁ ଧରି ପିଲାମାନେ ଉପରମହଲାକୁ ଶିଡ଼ିରେ ଚଢ଼ି ଯାଉଛନ୍ତି। ଏହାକୁ ନେଇ ଅଭିଭାବକ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ଅଭିଭାବକ ପ୍ରକାଶ କୁମାର ପଟ୍ଟନାୟକ କହିଛନ୍ତି, ମୋ ପୁଅ ତୃତୀୟ ଶ୍ରେଣୀରେ ପଢ଼ୁଛି। ପ୍ରାୟ ୫କେଜି ଓଜନର ବ୍ୟାଗ୍ ବହୁ କଷ୍ଟରେ ବୋହି ବୋହି ଯାଉଛି। ଏ ବିଷୟରେ ତାକୁ ପଚାରିବାରୁ ସେ କହୁଛି, ସ୍କୁଲ୍‌ରେ ସାପ୍ତାହିକ ରୁଟିନ୍ ହୋଇନି, ତେଣୁ ସବୁ ବହି ନେଇ ଯିବାକୁ ପଡ଼ୁଛି। ଏକାଧିକ ସ୍କୁଲରେ ଏଭଳି ଅବ୍ୟବସ୍ଥା ଲାଗି ରହିଥିଲେ ହେଁ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ନିଦାବିଷ୍ଟ ସାଜିଛନ୍ତି। ତେଣୁ ଏହି ନିୟମକୁ କଡ଼ାକଡ଼ି ପାଳନ କରିବାକୁ ବିଭିନ୍ନ ମହଲରୁ ଦାବି କରାଯାଉଛି। ଏ ସମ୍ପର୍କରେ ଶିକ୍ଷା ବିଭାଗର ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ହେଁ ସମ୍ଭବ ହୋଇପାରିନାହିଁ।

## ଜମିବାଡ଼ି ବିବାଦରୁ ବାପ-ପୁଅକୁ ହାଣିଲେ ସମ୍ପର୍କୀୟ

**କପ୍ତିପଦା, ୨୨।୭ (ସମିସ):** ଭାଇ ହେଲା ଭଗାରି। ସମ୍ପତ୍ତି ଲୋଭରେ ଭାଇ ଓ ପୁତରାକୁ ହାଣିଲା। ଏଭଳି ଏକ ଲୋମଟାଙ୍କୁରା ଦୃଶ୍ୟ ଦେଖିବାକୁ ମିଳିଛି କପ୍ତିପଦା ଥାନା ନୁଦଡିହା ଗ୍ରାମରେ। ସୂଚନାନୁଯାୟୀ, ଗ୍ରାମର ପରମାନନ୍ଦ ନାୟକ ଏବଂ ତାଙ୍କ ପୁଅ ସତ୍ୟସାଇ ନାୟକ ଆଜି ନିଜ ବିଲରେ କାମ କରୁଥିବା ବେଳେ ସମ୍ପର୍କୀୟ ଭାଇ ଜଗବନ୍ଧୁ ନାୟକ ଏବଂ ତାଙ୍କ ପୁଅ ତପନ ନାୟକ, ଶ୍ରୀନାଥ ନାୟକ ସେଠାରେ ପହଞ୍ଚି ବିଲରେ କାମ କରିବାକୁ ବିରୋଧ କରିଥିଲେ। ଏପରିକି, ବିଲରେ କାମ ବନ୍ଦ ନ କଲେ ହାଣିଦେବେ ବୋଲି କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଝଗଡ଼ା ଏତେ ଉଗ୍ରରୂପ ନେଇଥିଲା ଯେ ଜଗବନ୍ଧୁ ଏବଂ ତପନ ଏକ କଟୁରିରେ ପରମାନନ୍ଦ ଏବଂ ସତ୍ୟସାଇଙ୍କୁ ହାଣି ଦେଇଥିଲେ। ଗୁରୁତର ଅବସ୍ଥାରେ ବାପ-ପୁଅଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏନେଇ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏହି ଘଟଣାର ପୂରା ଦୃଶ୍ୟ କ୍ୟାମେରାରେ କଏଦ୍ ହୋଇଛି।

**ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି**



ସକାଳ
THE SAKALA

# ସମ୍ପାଦକୀୟ



'ଗୋଲାପ'ର ନାମ ବଦଳିଗଲେ ମଧ୍ୟ ମହକ ଅକ୍ଷୁଣ୍ଣ ରହିବ।
-ୱିଲିୟମ ସେକ୍ସପିୟର

## ସମୟର ଆବଶ୍ୟକତା ସର୍ବୋପରି

କେରଳ ସରକାର ପ୍ରଥମଥର ପାଇଁ ଦରିଆପାରି ଶ୍ରମିକଙ୍କ ଭଲ ମନ୍ଦ ଦେଖାଶୁଣା କରିବା ପାଇଁ ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ସଚିବ (ସେକ୍ରେଟାରୀ) ଦାୟିତ୍ୱ ଦେବା ପରେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ସମ୍ପୃକ୍ତ ସଚିବ କେ ବାସୁକୀ ଏବେ ରାଜ୍ୟର ଶ୍ରମ, ନିଯୁକ୍ତି, ଦକ୍ଷତା ବିକାଶ ବିଭାଗର ସଚିବ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କୁ ବିଦେଶରେ କାମ କରୁଥିବା କେରଳୀ ଶ୍ରମିକଙ୍କ ଭଲ ମନ୍ଦ ବ୍ୟାପାର ବୁଝିବାକୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ବୈଷୟିକ ଦୃଷ୍ଟିରୁ ଦେଖିଲେ ଦରିଆପାରି ଶ୍ରମିକ ବ୍ୟାପାର ବୋଲି କୌଣସି ବିଭାଗ ଆମ ଦେଶର ଅନ୍ୟ କୌଣସି ରାଜ୍ୟରେ ନାହିଁ। ଏହାସତ୍ତ୍ୱେ କେରଳ ସରକାର ଏଭଳି ଏକ ପଦ ସୃଷ୍ଟି କରିବାରୁ ବିବାଦ ଦେଖାଦେଇଛି। ଏଭଳି ନିଷ୍ପତ୍ତି ସମ୍ବିଧାନ ଓ ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ ବୋଲି ଆଲୋଚନା ହେଉଛି।

ଆମ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟର କେଉଁ କେଉଁ ବିଷୟ ଉପରେ ଅଧିକାର ଓ ସ୍ୱାତନ୍ତ୍ର୍ୟ ରହିଛି, ତାହା ସମ୍ବିଧାନର ସପ୍ତମ ଅନୁଚ୍ଛେଦରେ ସ୍ପଷ୍ଟ କରାଯାଇଛି। ଏଥିରେ ମୋଟ ତିନିଟି ତାଲିକା ରହିଛି। ସେଥିରୁ କେନ୍ଦ୍ରୀୟ ତାଲିକାରେ ମୋଟ ୯୭ଟି ବିଷୟ ରହିଥିବା ବେଳେ ଏହା ଉପରେ ସମ୍ପୂର୍ଣ୍ଣ ମାଲିକାନା ବା ଆଧିପତ୍ୟ କେନ୍ଦ୍ରର। ସେଥିରେ ପ୍ରତିରକ୍ଷା, ବିଦେଶ ବ୍ୟାପାର, ମୁଦ୍ରା, ରେଳବାଇ, ଡାକ ଓ ତାର, ବିଦେଶକୁ ତୀର୍ଥଯାତ୍ରା କରିବା ବ୍ୟାପାର, ନାଗରିକତ୍ୱ ପ୍ରଦାନ, କୂଟନୈତିକ ବ୍ୟାପାର, ଅସ୍ତ୍ରଶସ୍ତ୍ର ନିୟନ୍ତ୍ରଣ, ବୈଦେଶିକ ବାଣିଜ୍ୟ, ଆଣବିକ ଶକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ରହିଛି। ସେହିଭଳି ରାଜ୍ୟ ତାଲିକାରେ ୬୬ ଓ ଯୁଗ୍ମ ତାଲିକାରେ ୪୭ଟି ବିଷୟ ରହିଛି। ରାଜ୍ୟ ତାଲିକାରେ ଥିବା ବିଷୟବସ୍ତୁ ଉପରେ କେନ୍ଦ୍ରର ହସ୍ତକ୍ଷେପ କରିବାର ସାମ୍ବିଧାନିକ ଅଧିକାର ନାହିଁ। ତେବେ ଯୁଗ୍ମ ତାଲିକାରେ ଯେଉଁ ସବୁ ବିଷୟ ରହିଛି, ସେଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ସମାନ କ୍ଷମତା ରହିଥିଲେ ମଧ୍ୟ ବିବାଦୀୟ ପରିସ୍ଥିତି ଉପୁଜିଲେ କେନ୍ଦ୍ରର ନିଷ୍ପତ୍ତି ବଳବତ୍ତର ରହିବ ବୋଲି ସମ୍ବିଧାନରେ ସ୍ପଷ୍ଟ ଅଛି। ତେବେ କେରଳ ସରକାର ବିଦେଶରେ ରହୁଥିବା ମଲୟାଲି(କେରଳୀ) ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଯେଉଁ ବିଭାଗ ସୃଷ୍ଟି କରିଛନ୍ତି, ତାହା ସମ୍ବିଧାନ ଓ ସଂଘୀୟ ନୀତିର ପରିପନ୍ଥୀ। ସମ୍ବିଧାନର ସପ୍ତମ ଅନୁଚ୍ଛେଦ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଯେଉଁ କ୍ଷମତା ଓ କାର୍ଯ୍ୟ କରିବାର କ୍ଷେତ୍ର ଦେଇଛି, ସେଥିରେ ଏହି ଦରିଆପାରି ଶ୍ରମ ବିଭାଗ / ବ୍ୟାପାର ଉପରେ ପ୍ରାଦେଶିକ ସରକାର କିମ୍ବା ବିଧାନସଭାର କୌଣସି କ୍ଷମତା ନାହିଁ।

ଏହି ପ୍ରସଙ୍ଗରେ ଏଭଳି ନିଯୁକ୍ତି ଦେଇ କେରଳ ସରକାର ଜାଣିଶୁଣି ଏକ ବିବାଦ ସୃଷ୍ଟି କରିଛନ୍ତି ବୋଲି କହିବା ଆପାତତଃ ଉଚିତ ହେବ ନାହିଁ, ଯଦିଓ ବୈଷୟିକ ଓ ଆଇନଗତ ଦୃଷ୍ଟିରୁ ଏହା ଭୁଲ। ବାସ୍ତବତା ଦୃଷ୍ଟିରୁ ବିଚାର କଲେ ସମ୍ବିଧାନ ପ୍ରଣୟନ କାଳରେ ଦେଶ ଦୁନିଆର ଯେଉଁ ସ୍ଥିତିଥିଲା, ଏବେ ସେଥିରେ ଅନେକ ପରିବର୍ତ୍ତନ ଘଟିଛି। ନୂଆ ସମୟର ନୂତନ ଆବଶ୍ୟକତାକୁ ପୂରଣ କରିବା ଜରୁରୀ ହୋଇଛି। ସେଥିପାଇଁ ଆମ ସମ୍ବିଧାନ ମଧ୍ୟ ବେଶ ସ୍ଥିତିସ୍ଥାପକ। ଏହାର ଅଧିକାଂଶ ନିୟମ ଓ ଧାରା ପରିବର୍ତ୍ତନଶୀଳ। ଏହି ଆଧାରରେ ଯୁକ୍ତି ହୋଇପାରେ ଯେ ସମୟର ଆବଶ୍ୟକତା ଦୃଷ୍ଟିରୁ ଯଦି ସମ୍ବିଧାନର ଧାରାରେ ଆବଶ୍ୟକୀୟ ସଂଶୋଧନ ଅଣାଯାଇପାରୁଛି ତେବେ ରାଜ୍ୟ ତାହାର ସୁବିଧା ଦୃଷ୍ଟିରୁ ବିଭାଗ ସୃଷ୍ଟି କରିବାରେ ଭୁଲ୍ ରହିଲା କେଉଁଠି?

ଏ କ୍ଷେତ୍ରରେ ଆମେ କେରଳର ବାସ୍ତବତାକୁ ଦେଖିବା ଉଚିତ। ଶ୍ରମ, ନିଯୁକ୍ତି ଓ ଶ୍ରମିକ କଲ୍ୟାଣ ରାଜ୍ୟ ତାଲିକାର ବିଷୟ। କେରଳର ବିଶେଷତ୍ୱ ହେଲା ଏହି ରାଜ୍ୟରୁ ବହୁସଂଖ୍ୟାରେ କୁଶଳୀ, ଅଣକୁଶଳୀ ଶ୍ରମିକ ଓ ଲୋକଶକ୍ତି ରୋଜଗାର ପାଇଁ ବିଦେଶକୁ ଯାଇଥା'ନ୍ତି। ଏହାଛଡ଼ା ପାଠପଢ଼ା ପାଇଁ ମଧ୍ୟ ହଜାର ହଜାର ଯୁବକଯୁବତୀ ବିଦେଶ ଯାଉଛନ୍ତି। ଏଥି ନିମନ୍ତେ କେରଳ ସରକାରଙ୍କର ଏକ ସରକାରୀ ଉଦ୍ୟୋଗ 'ନୋରକା ରୁଟ୍ସ' କାର୍ଯ୍ୟ କରୁଛି। ଏହା ଭାରତ ସରକାରଙ୍କ ପ୍ରବାସନ ଓ ବୈଦେଶିକ ବିଭାଗ ପରାମର୍ଶ ଓ ନିୟମ ଅନୁସାରେ କାର୍ଯ୍ୟ କରିଥାଏ। ଏହି ସଂସ୍ଥାରେ ପ୍ରଥମେ ନାମ ପଞ୍ଜୀକରଣ କଲେ ପ୍ରବାସୀ ଭାରତୀୟ କାର୍ଡ ସମେତ ବିଦେଶ ଯିବାର ସମସ୍ତ ସୁବିଧା ଯୋଗାଇ ଦିଆଯାଇଥାଏ। ଏହା ମଧ୍ୟ ବିଦେଶରେ ରହୁଥିବା ମଲୟାଲୀମାନଙ୍କ ଭଲମନ୍ଦ ବୁଝି ବିପଦ ସମୟରେ ସାହାଯ୍ୟ ଓ ଉଦ୍ଧାର କରିବା, ପ୍ରାଣ ହରାଉଥିବା କେରଳୀମାନଙ୍କ ମୃତ ଦେହ ଆଣିବାରେ ସହାୟତା କରିଥାଏ। ତେଣୁ ଶ୍ରମ ଓ ଶ୍ରମିକ କଲ୍ୟାଣ ପାଇଁ ଆହୁରି ଉନ୍ନତ ଯୋଜନା କରିବା ଦୋଷାବହ ନୁହେଁ।

ବିଶ୍ୱର ୯୩ ଶତାଂଶ ଦେଶରେ କେରଳର ଲୋକ ଅଛନ୍ତି; ଅର୍ଥାତ ୧୯୫ ଦେଶରେ ଏମାନେ କାର୍ଯ୍ୟରତ। ସେମାନଙ୍କ ମଧ୍ୟରୁ ପ୍ରାୟ ପାଞ୍ଚଲକ୍ଷଙ୍କୁ ନୋରକା ପ୍ରବାସୀ କାର୍ଡ ମିଳିଥିବାବେଳେ ତା'ଠାରୁ ଢେର ଅଧିକ ବିନା ପଞ୍ଜୀକରଣରେ ବିଦେଶରେ ଅଛନ୍ତି। ସେଥିମଧ୍ୟରୁ ଅର୍ଦ୍ଧାଧିକ ଉପସାଗରୀୟ ଦେଶରେ କାର୍ଯ୍ୟରତ। କେରଳୀମାନେ ଥରେ ବିଦେଶ ଗଲେ ସେଠାରୁ ଗୋଟିକ ପରେ ଗୋଟିଏ ନୂଆ ଦେଶକୁ ଯାଇ ସେଠାରେ ରୋଜଗାର କରିବା ସହିତ ଜନ୍ମମାଟିରେ ଥିବା ପରିବାରର ସଦସ୍ୟଙ୍କ ନିକଟକୁ ଭଲ ଆକାରରେ ବିଦେଶୀ ମୁଦ୍ରା ପଠାଇଥା'ନ୍ତି। ଏହା ଫଳରେ ରାଜ୍ୟର ଅର୍ଥନୀତି ମଧ୍ୟ ପୁଷ୍କଳ ହୋଇଥାଏ। ତେବେ ଯେଉଁମାନେ ଥରେ ବିଦେଶ ଯାଆନ୍ତି, ସେମାନଙ୍କ ମଧ୍ୟରୁ ମାତ୍ର ୧୦ ଶତାଂଶ ଜନ୍ମମାଟିକୁ ବୁଢ଼ା କାଳେ ଫେରିଥା'ନ୍ତି।

ଆଜିର ନିଯୁକ୍ତି ଅଭାବ ଦୁନିଆରେ ବିଦେଶକୁ ଯାଇ ରୋଜଗାର କରୁଥିବା ଉଭୟ କୁଶଳୀ ଓ ଅଣକୁଶଳୀ ଶ୍ରମିକଙ୍କ ପାଇଁ କୌଣସି ରାଜ୍ୟ ସରକାର ଯଦି ବିଭାଗଟିଏ ଗଢ଼ି ସେମାନଙ୍କ ଭଲ ମନ୍ଦ ବୁଝିଲା ଏଥିରେ ଆପତ୍ତି କରିବାର କୌଣସି ଯଥାର୍ଥତା ନାହିଁ। ଶ୍ରମିକ କଲ୍ୟାଣ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ଏବେ ସମୟର ଆହ୍ୱାନ। ଏଥିପାଇଁ ତ କେନ୍ଦ୍ର ସରକାର ପୁରୁଣା ଶ୍ରମ ଆଇନ ସବୁର ପରିବର୍ତ୍ତନ କରୁଛନ୍ତି। କୌଣସି ରାଜ୍ୟ ସରକାର ଯଦି ଏ କ୍ଷେତ୍ରରେ ଅଭିନବ ଓ ଉଦାହରଣୀୟ କାର୍ଯ୍ୟ କରନ୍ତି, ତାହାକୁ ସ୍ୱାଗତ ଓ ପ୍ରୋତ୍ସାହିତ କରାଯିବା ଆବଶ୍ୟକ। ସଂଘୀୟ ବ୍ୟବସ୍ଥା ଓ ସମ୍ବିଧାନ ଏକ ଢାଞ୍ଚାଗତ ଜାତୀୟ ବିଧି ବ୍ୟବସ୍ଥା ହୋଇଥିବା ବେଳେ ପ୍ରାଦେଶିକ ଆବଶ୍ୟକତା ଓ ନୂଆ ଅପରିହାର୍ଯ୍ୟତା ଏକ ବାସ୍ତବତା। ତେଣୁ କେନ୍ଦ୍ର ସହିତ ବିନା ସଂଘାତରେ ରାଜ୍ୟମାନେ ଯଦି ନୂଆ କିଛି କରୁଛନ୍ତି, ତାହାକୁ କେନ୍ଦ୍ର ବିରୋଧ ନ କରି ଏଥିପାଇଁ ବୈଧାନିକ ବ୍ୟବସ୍ଥାକୁ ସରଳ କରିବା ଆବଶ୍ୟକ। ତେବେ ଯାଇ ଆମେ କହିପାରିବା 'ଶ୍ରମେବ ଜୟତେ'।

# ପୁନର୍ନାମକରଣ ମାନସିକତା



ସୌଭାଗ୍ୟ ସୁନ୍ଦରରାୟ
କଟକ, ମୋ: ୯୪୩୭୨୨୯୨୩୩

ଓଡ଼ିଶାର ନୂଆ ସରକାର 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର'କୁ 'ଓଡ଼ିଶା ରାଜ୍ୟ କ୍ରୀଡ଼ା ପୁରସ୍କାର' ନାମରେ ପୁନଃନାମିତ କଲେ। ସ୍ୱର୍ଗତ ବିଜୁ ପଟ୍ଟନାୟକ ଓଡ଼ିଶାର ଦୁଇ ଥର ମୁଖ୍ୟମନ୍ତ୍ରୀ। ବିଶାଳ ବ୍ୟକ୍ତିତ୍ୱ, ଦୁଃସାହସୀ। ଇଣ୍ଡୋନେସିଆର ଭୂମିପୁତ୍ର। ଜବାହାରଲାଲ ନେହେରୁଙ୍କ ଘନିଷ୍ଠ। ଓଡ଼ିଶା ପାଇଁ ସେ ସ୍ୱାଭିମାନର ପ୍ରତୀକ। ଖାରବେଳଙ୍କ ଦାୟାଦ ଭାବେ ଓଡ଼ିଶାବାସୀ ତାଙ୍କୁ ତୁଳନା କରିଥା'ନ୍ତି। ତେଣୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ତୀବ୍ର ବିରୋଧ ହେଲା। ଅସନ୍ତୋଷର ବହ୍ନି ଆଗକୁ ଭୀଷଣ ରୂପ ନେବାକୁ ଯାଉଥିବା ଅନୁମାନ କରି ସରକାର ବିଜ୍ଞପ୍ତି ପ୍ରକାଶ ପାଇବାର ୨୪ ଘଣ୍ଟା ନ ପୁରୁଣୁ ପୁଣି ପ୍ରତ୍ୟାହାର କରିନେଲେ। ଏହା ଏକ ବିଚିତ୍ର ଘଟଣାକ୍ରମ ଏବଂ ଏକ ଅପରିପକ୍ୱ ମାନସିକତା ବୋଲି କୁହାଯାଇପାରେ। କେଉଁ ପରିସ୍ଥିତିରେ ନାମ ପରିବର୍ତ୍ତନ କରାଗଲା ଏବଂ ରାଜ୍ୟ କ୍ରୀଡ଼ା ମନ୍ତ୍ରୀଙ୍କର ଏଥିରେ କି ଭୂମିକା ଥିଲା ତାହାର ସବିଶେଷ ତଥ୍ୟ ଲୋକଲୋଚନକୁ ଅଣାଯିବା ଆବଶ୍ୟକ। କାରଣ ଏହି ବିବାଦୀୟ ନିଷ୍ପତ୍ତି ମଧ୍ୟରେ ସରକାରଙ୍କ ପ୍ରଶାସନିକ ଅପାରଗତା ଭଳି ପ୍ରଶ୍ନ ମଧ୍ୟ ଯୋଡ଼ି ହୋଇଯାଇଛି। କେବଳ ଏହି ଗୋଟିଏ ନୁହେଁ, ବିଗତ କିଛିବର୍ଷ ଧରି ଦେଶରେ ବିଭିନ୍ନ ଯୋଜନା ଓ ଅନୁଷ୍ଠାନର ନାମ ପରିବର୍ତ୍ତନ ମାନସିକତା ବୃଦ୍ଧି ପାଇବା ପରିଲକ୍ଷିତ ହେଉଛି। ବୋଧହୁଏ ଏହି ଧାରାକୁ ଆଗେଇ ନେବା ପାଇଁ ରାଜ୍ୟ ସରକାର ମଧ୍ୟ ଉଦ୍ୟମ ଆରମ୍ଭ କରିଥିବା ମନେ ହୁଏ।

ଦେଶରେ ଇତିମଧ୍ୟରେ ଏକାଧିକ ସଂସ୍ଥା, ସ୍ଥାନ, ଯୋଜନା ଓ ପ୍ରକଳ୍ପର ନାମ ପରିବର୍ତ୍ତନ ହୋଇ ସାରିଲାଣି। 'ଯୋଜନା କମିଶନ' ନାମ ପରିବର୍ତ୍ତନ କରାଯାଇ 'ନିତି ଆୟୋଗ' କରାଗଲା। କିନ୍ତୁ କାର୍ଯ୍ୟକ୍ରମ ରୂପାୟନରେ ସେଭଳି ବିଶେଷ ପରିବର୍ତ୍ତନ ଆସିପାରି ନ ଥିବା ଦେଖାଗଲା। ୨୦୧୪ରେ 'ସ୍ୱଚ୍ଛ ଭାରତ ଅଭିଯାନ' ଆରମ୍ଭ କରାଗଲା। ଅନୁରୂପ ଯୋଜନା ୧୯୯୯ ମସିହାରୁ ଦେଶରେ 'ନିର୍ମଳ ଭାରତ ଅଭିଯାନ' ନାମରେ କାର୍ଯ୍ୟକାରୀ ହେଉଥିଲା। ଏହି ଯୋଜନାର ଲକ୍ଷ୍ୟ ଥିଲା ଦେଶକୁ ପରିଷ୍କାର ପରିଚ୍ଛନ୍ନ କରି ଗଢ଼ି ତୋଳିବା। ଏହି ସମୟରେ ଦେଶରେ ଧୂମବିହୀନ ଚୂଲା ଉପଯୋଗ ଉପରେ ଗୁରୁତ୍ୱାରୋପ କରାଯିବା ସହ ଗ୍ରାମାଞ୍ଚଳରେ ଶୌଚାଳୟ ପ୍ରତିଷ୍ଠା ପାଇଁ ଜନସାଧାରଣଙ୍କୁ ପ୍ରୋତ୍ସାହିତ କରାଯାଇଥିଲା। ସେହିପରି 'ପ୍ରଧାନମନ୍ତ୍ରୀ ଧନଜନ ଯୋଜନା' (ପିଏମ୍‌ଜେଡିୱାଇ) ପ୍ରଚଳନ କରାଗଲା। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ବ୍ୟାଙ୍କ ଜରିଆରେ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଯୋଜନା ବ୍ୟାପକ ପ୍ରଚାର ସହ ଆରମ୍ଭ କରାଗଲା। ତେବେ ଏହାପୂର୍ବରୁ ଦେଶରେ 'ବେସିକ୍ ସେଭିଙ୍ଗ ବ୍ୟାଙ୍କ ଡିପୋଜିଟ ଆକାଉଣ୍ଟ(ବିଏସ୍‌ବିଡିଏ) ଯୋଜନା ପ୍ରଚଳିତ ଥିଲା। ଉଭୟ ଯୋଜନାର ଲକ୍ଷ୍ୟ ପ୍ରାୟତଃ ସମାନ। ତେଣୁ ପିଏମ୍‌ଜେଡିୱାଇରେ ଯାହା କିଛି ନୂଆ କରିବା ପାଇଁ ସରକାର ଚିନ୍ତା କଲେ ତାହା ବିଏସ୍‌ବିଡିଏରେ ସଂଲଗ୍ନ କରାଯାଇ ପାରିଥା'ନ୍ତା। କିନ୍ତୁ ଏହା ପରିବର୍ତ୍ତେ ନୂଆ ଯୋଜନା ଘୋଷଣା କରାଗଲା। ଏହି ଯୋଜନାକୁ ସଫଳ ଦର୍ଶାଇବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷ ଅନେକ ମୂଳ ସଞ୍ଚୟ ଜମା ଆକାଉଣ୍ଟକୁ ଧନ ଜନ ଆକାଉଣ୍ଟରେ ପରିଣତ କରିଦେଲେ।

୨୦୦୫ ମସିହାରୁ ଆରମ୍ଭ ହୋଇଥିଲା 'ରାଜୀବ ଗ୍ରାମୀଣ ବିଦ୍ୟୁତୀକରଣ ଯୋଜନା'। ଗ୍ରାମାଞ୍ଚଳ ବିଦ୍ୟୁତୀକରଣ ପାଇଁ ଏହି ଯୋଜନା ବ୍ୟୟରେ କେନ୍ଦ୍ରୀୟ ଅଂଶଧନ ୯୦% ଓ ରାଜ୍ୟ ଅଂଶ ୧୦% ରହିଥିଲା। ସମାନ ଲକ୍ଷ୍ୟ ଥାଇ ଏହି ଯୋଜନାର ପରିବର୍ତ୍ତିତ ନାମ ୨୦୧୫ ମସିହାରୁ 'ଦୀନ ଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା' କରାଯାଇଛି। ଗ୍ରାମାଞ୍ଚଳ ଗରିବ ଜନସାଧାରଣଙ୍କୁ ବାସଗୃହ ଯୋଗାଣ ପାଇଁ ୧୯୮୫ ମସିହାରେ କେନ୍ଦ୍ର ସରକାର ଆରମ୍ଭ କରିଥିଲେ 'ଇନ୍ଦିରା ଆବାସ ଯୋଜନା।' ଏହି ଯୋଜନାର ନାମ ୨୦୧୫ ମସିହାରୁ ପରିବର୍ତ୍ତନ କରାଯାଇ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା' ରଖାଯାଇଛି। ସହରାଞ୍ଚଳରେ ପରିବହନ ବ୍ୟବସ୍ଥାକୁ ସୁଗମ କରିବା ନିମନ୍ତେ ୨୦୦୫ ମସିହାରେ କେନ୍ଦ୍ର ସରକାର ଆରମ୍ଭ କରିଥିଲେ 'ଜବାହରଲାଲ ନେହେରୁ ଜାତୀୟ ସହରାଞ୍ଚଳ ନବୀକରଣ ମିଶନ (ଜେଏନଏନୟୁଆରଏମ)'। ପରବର୍ତ୍ତୀ ସମୟରେ ଏହା 'ଅମୃତ ଯୋଜନା' ଭାବେ କାର୍ଯ୍ୟକାରୀ ହେଲା। କନ୍ୟା ସନ୍ତାନଙ୍କ ପ୍ରଗତି ପାଇଁ ୨୦୦୮ ମସିହାରେ ଆରମ୍ଭ ହୋଇଥିବା 'ଜାତୀୟ କନ୍ୟା ସନ୍ତାନ କାର୍ଯ୍ୟକ୍ରମ' ଏବେ 'ବେଟି ବଚାଓ, ବେଟି ପଢ଼ାଓ'ରେ ରୂପାନ୍ତରିତ ହୋଇଛି। ସ୍ୱଦେଶୀ ନିର୍ମାଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ୨୦୧୩ ମସିହାରେ 'ଜାତୀୟ ନିର୍ମାଣ ନୀତି' ପ୍ରଣୟନ କରିଥିଲେ, ଯାହା ଏବେ 'ଆତ୍ମନିର୍ଭର ଭାରତ' ଓ 'ମେକ୍ ଇନ୍ ଇଣ୍ଡିଆ' ଯୋଜନାରେ ସମ୍ପୂର୍ଣ୍ଣ ପ୍ରତିଫଳିତ ହେଉଛି। ୨୦୦୬ ମସିହାରେ କେନ୍ଦ୍ର ସରକାର ଅନୁମୋଦନ କରିଥିବା 'ଜାତୀୟ ଇ-ଗଭର୍ଣ୍ଣାନ୍ସ ଯୋଜନା' ଏବେ 'ଡିଜିଟାଲ ଇଣ୍ଡିଆ' ଭାବେ ନାମିତ ହୋଇଛି। ସେହିପରି ପୂର୍ବରୁ ପ୍ରଚଳିତ ସାର୍ବଜନୀନ ଟିକାକରଣ କାର୍ଯ୍ୟକ୍ରମ, ଜାତୀୟ ସାମୁଦ୍ରିକ ବିକାଶ କାର୍ଯ୍ୟକ୍ରମ ଓ ଜାତୀୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ପ୍ରତି ଯଥାକ୍ରମେ 'ମିଶନ ଇନ୍ଦ୍ରଧନୁଷ୍', 'ସାଗରମାଳା', 'ସ୍କିଲ୍ ଇଣ୍ଡିଆ'କୁ ପରିବର୍ତ୍ତିତ ହୋଇଛି।

ଶାସକ ଦଳ ଯେଉଁ କେତେକ ଯୋଜନାକୁ ପୁନଃନାମିତ କରିଛନ୍ତି ସେଥିରେ ପୂର୍ବଯୋଜନାର ମୌଳିକ ଚିନ୍ତାଧାରା ସମାନ ରହିଛି। କେବଳ ଜନସାଧାରଣଙ୍କ ମନରେ ସରକାରଙ୍କ ଦ୍ୱାରା ଅନେକ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବାର ଧାରଣା ଜନ୍ମାଇବା ପାଇଁ ଏସବୁର ନାମ ପରିବର୍ତ୍ତନ କରାଯାଇଥିବା ମନେହୁଏ। ନୂଆଦିଲ୍ଲୀର 'ନେହେରୁ ସ୍ମାରକୀ ସଂଗ୍ରହାଳୟ ଓ ପାଠାଗାର' ନାମ ପରିବର୍ତ୍ତନ କରାଯାଇ 'ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ଓ ପାଠାଗାର' ଭାବେ ନାମିତ କରାଗଲା। ସଂଗ୍ରାହଳୟରୁ ଯଦି ନେହେରୁଙ୍କ ନାମ ଉଠାଇ ଦିଆଗଲା, ତା'ହାଲେ ମୋଗଲସରାଇ ରେଳଷ୍ଟେସନର ନାମ 'ଦୀନ ଦୟାଲ ଉପାଧ୍ୟାୟ'ଙ୍କ ନାମରେ କିପରି ନାମିତ କରାଯାଇ ପାରିଲା?

୧୯୪୭ ମସିହା ଏପ୍ରିଲ ୨୧ ତାରିଖରେ ଦେଶର ପ୍ରଥମ ବ୍ୟାଚ୍ ଆଇଏଏସ୍‌ଙ୍କୁ ପରାମର୍ଶ ଦେଇ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ କହିଥିଲେ ଯେ 'ଭାରତବର୍ଷର ସାଧାରଣ ଲୋକଙ୍କୁ ନିଜର ବୋଲି ମନେ କରିବା ଆପଣମାନଙ୍କ ବିବେକାନୁମୋଦିତ କର୍ତ୍ତବ୍ୟ।' ପଟେଲଙ୍କ ଏହି ପରାମର୍ଶ ଯଦି ଆଜିର ଦିନରେ ସଠିକ୍ ଭାବେ ଅନୁସୃତ ହୋଇପାରୁ ନାହିଁ, ତା' ହେଲେ ତାଙ୍କ ନାମରେ ଯୋଜନା ବା ପ୍ରକଳ୍ପ କରିଦେଲେ ଏହା ଯେ ସଫଳ ହୋଇଯିବ ତାହା ଭାବିନେବା ଭୁଲ। 'ରାଜପଥ'ର ନାମ 'କର୍ତ୍ତବ୍ୟପଥ' କରାଗଲେ କ'ଣ ଏହି ରାସ୍ତାରେ ଚଳପ୍ରଚଳ କରୁଥିବା ଜନତା କର୍ତ୍ତବ୍ୟ ସଚେତନ ହୋଇଯିବେ? 'ମୋଗଲ-ଇ-ଆଜାମ' ଚଳଚ୍ଚିତ୍ର ନାମ ପରିବର୍ତ୍ତନ କରାଯାଇପରିବ କି? ଯଦିବା ନାମ ପରିବର୍ତ୍ତନ କରାଯିବ, ତା'ହାଲେ ଜନତା ଏହାକୁ ଦେଖିବା ପାଇଁ ଯିବେ କି? ଚଳଚ୍ଚିତ୍ରରେ ଥିବା ଚରିତ୍ରଗୁଡ଼ିକର ବେଶ ପରିପାଟି ପରିବର୍ତ୍ତନ ହୋଇପାରିବ କି? 'ମୋଗଲ ଗାର୍ଡ଼େନ'ର ନାମ ପରିବର୍ତ୍ତନ ଯଦି କେବେ ହୁଏ ତେବେ ପୁଷ୍ପଗୁଡ଼ିକର ନାମ ପରିବର୍ତ୍ତନ ହେବ କି ନାହିଁ ସେଥିପାଇଁ ଅପେକ୍ଷା କରିବାକୁ ପଡ଼ିବ। ଯଦି ରେଭେନ୍ସା ଶିକ୍ଷାନୁଷ୍ଠାନର ନାମ ପରିବର୍ତ୍ତନ କରାଯାଏ କ'ଣ ଏହାର ଗୁଣାତ୍ମକ ମାନରେ ପରିବର୍ତ୍ତନ ଘଟିବ? 'ମୋଗଲାଇ ପରାଠା'ର ନାମ ପରିବର୍ତ୍ତନ କରାଗଲେ ଏହାର ଉପାଦାନ ଓ ସ୍ୱାଦରେ କ'ଣ ପରିବର୍ତ୍ତନ ଘଟିବ?

ନାମକରଣରୁ ଏକ ପରିଚୟ ମିଳିଥାଏ। ଚିହ୍ନଟ ପ୍ରକ୍ରିୟାରେ ନାମ ସହାୟକ ହୋଇଥାଏ। କିନ୍ତୁ ପୁନର୍ନାମକରଣ ଦ୍ୱାରା ଏହି ପରିଚୟରେ ଯେ ଏକ ସଂକଟ ସୃଷ୍ଟି ହୋଇଥାଏ ତାହା ବିଚାରକୁ ନେବାକୁ ପଡ଼ିବ। ଦେଶରେ ପୁନର୍ନାମକରଣ ପ୍ରକ୍ରିୟା ଜୋର ଧରିଥିବାବେଳେ ଏହି ପ୍ରସଙ୍ଗଟି ଏକ ବୃହତ ବିତର୍କର ଅପେକ୍ଷା ରଖେ।

ପୁନର୍ନାମକରଣରେ ସାଧାରଣ ଜନତାଙ୍କ ଆଗ୍ରହ ତୁଳନାରେ ରାଜନୈତିକ ଉଦ୍ଦେଶ୍ୟ ଅଧିକ ନିହିତ ଥିବା ମନେ ହେଉଛି। ଏହାଦ୍ୱାରା ଇତିହାସର କିଛି ତଥ୍ୟ ଓ ସ୍ମୃତି ବିଲୁପ୍ତ ହେବାର ଆଶଙ୍କା ରହିଛି। ଏକଥା ସତ୍ୟ ଯେ, ପୂର୍ବ ମୁଖ୍ୟମନ୍ତ୍ରୀ ଭାବେ ବିଜୁ ପଟ୍ଟନାୟକଙ୍କ ନାମରେ ରାଜ୍ୟରେ ଅନେକ ଯୋଜନା ରହିଛି, ଯାହା ଅନ୍ୟ କୌଣସି ମୁଖ୍ୟମନ୍ତ୍ରୀଙ୍କ ନାମରେ ନାହିଁ। ଏଣୁ ନୂଆ ସରକାର ନିଜସ୍ୱ ଯୋଜନା କରି ନିଜ ଇଚ୍ଛାନୁଯାୟୀ ନାମକରଣ କରିବାରେ କିଛି ବାଧା ନାହିଁ। ଏଣୁ ଆଗକୁ ସରକାର ପୁରୁଣା ନାମକରଣ ବାଦ ନଦେଇ ନୂଆ ନାମକରଣ ପାଇଁ ଉଦ୍ୟମ କଲେ ଭଲ ହେବ। ତା' ନ କରି ରାଜନୈତିକ ଲୋକପ୍ରିୟତା ପାଇଁ ଯଦି ଓଡ଼ିଶା ସରକାର ନାମ ପରିବର୍ତ୍ତନରୁ ନିଜ କାର୍ଯ୍ୟ ଆରମ୍ଭ କରିବାକୁ ମନସ୍ଥ କରିଥା'ନ୍ତି, ତା' ହେଲେ ଏହା ଭୋଟରେ ରୂପାନ୍ତରିତ ହୋଇପାରିବ ନାହିଁ, ଯାହା ଗତ ଲୋକସଭା ନିର୍ବାଚନରେ ଉତ୍ତରପ୍ରଦେଶରେ ଘଟିସାରିଛି।

# ଦରଦୀ ଶାସକ!



ଅଭିମନ୍ୟୁ ଧଳ
ପଟ୍ଟାମୁଣ୍ଡାଇ, ମୋ: ୯୮୬୧୦୪୮୦୫୨

ଯୁଗେଯୁଗେ ପ୍ରଜାଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା, ସମବେଦନା, ଅନୁକମ୍ପା ଓ ସହାୟତା ଦରଦୀ ଶାସକମାନଙ୍କୁ ମହୀୟାନ କରିଛି। ଅପରପକ୍ଷରେ ଏକଛତ୍ରବାଦ, ନିଷ୍ଠୁର, ସ୍ୱାର୍ଥପର ଓ ଅତ୍ୟାଚାରୀ ଶାସକମାନଙ୍କୁ ଇତିହାସ କଳଙ୍କର ଟିକା ପିନ୍ଧାଇ ଦେଇଛି। ଅତ୍ୟାଚାରୀ ଶାସକଙ୍କ ତୁଳନାରେ ଦରଦୀ ଶାସକଙ୍କୁ ଇତିହାସ ଅଧିକ ମନେ ରଖିଛି। ସୁ-ଶାସକମାନେ କେବଳ ପ୍ରଜା କାହିଁକି, ରାଜ୍ୟର ସମସ୍ତ ପଶୁପକ୍ଷୀ, ବୃକ୍ଷଲତା ପ୍ରତି କୋମଳ ଭାବ ପ୍ରଦର୍ଶନ କରିଥା'ନ୍ତି। ପ୍ରକୃତି ମାତାର ସୌନ୍ଦର୍ଯ୍ୟ ବୃଦ୍ଧିରେ ସହଯୋଗ କରିଥା'ନ୍ତି।

ଶ୍ରୀରାମଚନ୍ଦ୍ର ଅଯୋଧ୍ୟା ରାଜସିଂହାସନରେ ବସିବା ପରେ ପ୍ରଜାମାନଙ୍କ ଅବସ୍ଥା ଓ ମନର କଥା ଜାଣିବା ପାଇଁ ଛଦ୍ମବେଶରେ ରାତିରେ ନଗର ପରିକ୍ରମା କରୁଥିଲେ। ଦିନେ ଏକ ଶ୍ୱାନ ଜଣେ ବ୍ରାହ୍ମଣଙ୍କଠାରୁ ବେତ୍ରାଘାତ ଖାଇ ରକ୍ତାକ୍ତ ଶରୀରରେ ରାଜା ଶ୍ରୀରାମଚନ୍ଦ୍ରଙ୍କ ପାଖରେ ଅଭିଯୋଗ କଲା। ପ୍ରଭୁ ଶ୍ରୀରାମଙ୍କ ଦୃଷ୍ଟିରେ ସମସ୍ତେ ସମାନ। ତେଣୁ ପ୍ରଭୁ ବ୍ରାହ୍ମଣଙ୍କୁ ଡାକି କୃତକର୍ମର ପ୍ରାୟଶ୍ଚିତ ପାଇଁ କୁକୁର ଆରୋଗ୍ୟ ହେବା ପର୍ଯ୍ୟନ୍ତ ତା'ର ସେବା ଶୁଶ୍ରୂଷା କରିବାକୁ ଆଦେଶ ଦେଲେ। ମରହଟ୍ଟା ଶାସକ ଶିବାଜୀ ମାତା ଜିଜାବାଈଙ୍କଠାରୁ ବାଲ୍ୟାବସ୍ଥାରେ ରାମାୟଣ, ମହାଭାରତ ଓ ଅନ୍ୟାନ୍ୟ ପୁରାଣ ଶୁଣି ଶ୍ରେଷ୍ଠ ବୀର ହେବେ ବୋଲି ସଂକଳ୍ପ ନେଇଥିଲେ। ଶାସନ ଡୋରି ହାତକୁ ନେବା ପରେ ସେ ସାମାନ୍ୟ ଗର୍ବୀ ହୋଇଥିବା ମନେ ହେବାରୁ ଗୁରୁ ରାମଦାସ ତାଙ୍କୁ ଭିକ୍ଷୁକ ବେଶରେ ରାଜ୍ୟ ଭ୍ରମଣ ପାଇଁ ଆଦେଶ ଦେଇଥିଲେ। ଗୁରୁଙ୍କ ଆଦେଶରେ ଭିକ୍ଷୁକ ବେଶରେ ଦ୍ୱାରଦ୍ୱାର ବୁଲିବା ପରେ ଶିବାଜୀ ବାସ୍ତବତା ହୃଦୟଙ୍ଗମ କରି ଦରଦୀ ଶାସକ ହୋଇପାରିଥିଲେ। ଏକଦା ଶୟନ କକ୍ଷରେ ଗଭୀର ନିଦ୍ରା ସମୟରେ, ସମସ୍ତ କଟକଣାକୁ ପାରକରି ଜଣେ କ୍ରୋଧିତ ବାଳକ ହାତରେ ତରବାରୀ ଧରି ଶିବାଜୀଙ୍କୁ ହତ୍ୟା କରିବା ପାଇଁ ପହଞ୍ଚି ଯାଇଥିଲେ। ପରନ୍ତୁ ସେନାପତି ତାନାଜି ବାଳକଙ୍କୁ କାବୁ କରି ନେଇଥିଲେ। ଶିବାଜୀଙ୍କ ପ୍ରଶ୍ନରେ ସାହସୀ ବାଳକ କହିଥିଲେ, 'ମୁଁ ଆପଣଙ୍କୁ ହତ୍ୟା କରିବାକୁ ଆସିଥିଲି।' ଏହାର କାରଣ ପଚାରିବାରୁ ନିର୍ଭୀକ ବାଳକ ଜଣକ କହିଥିଲେ, 'ମୋର ପିତା ଆପଣଙ୍କ ସେନାବାହିନୀରେ ରହି ଯୁଦ୍ଧରେ ନିହତ ହୋଇଥିଲେ। ଏକଥା ଜାଣି ମଧ୍ୟ ଆପଣ ଆମକୁ ସମବେଦନା ଜଣାଇଲେ ନାହିଁ, କିପରି ଅଛୁ ବୁଝିଲେ ନାହିଁ। ବର୍ତ୍ତମାନ ମୋର ମା' ଶଯ୍ୟାଶାୟୀ। ବିନା ଅର୍ଥରେ ତାଙ୍କର ଚିକିତ୍ସା ଅସମ୍ଭବ। ମା'ଙ୍କର ଏପରି ଦୟନୀୟ ଅବସ୍ଥା ପାଇଁ ଆପଣ ହିଁ ଦାୟୀ। ଆପଣଙ୍କ ପରମ ଶତ୍ରୁ ସୁଭୋଗ ରାୟଙ୍କଠାରୁ ମା'ଙ୍କର ଚିକିତ୍ସା ପାଇଁ ଅର୍ଥ ସହାୟତା ପ୍ରତିଶ୍ରୁତି ପାଇ ତାଙ୍କର ସର୍ତ୍ତ ଅନୁସାରେ ମୁଁ ଆପଣଙ୍କୁ ହତ୍ୟା କରିବାକୁ ଆସିଥିଲି। ମୁଁ ଜାଣିଛି ଧରାପଡ଼ିଲେ ମୃତ୍ୟୁଦଣ୍ଡ ପାଇବି, କିନ୍ତୁ ମୋ ମା' ଆରୋଗ୍ୟ ହୋଇଯିବେ।' ତାନାଜୀ କ୍ରୋଧରେ କହିଥିଲେ, 'ତୁମେ ନିଶ୍ଚୟ ମୃତ୍ୟୁଦଣ୍ଡ ପାଇବ।' ମୃତ୍ୟୁପୂର୍ବରୁ ଶେଷଥର ପାଇଁ ମା'ଙ୍କୁ ସାକ୍ଷାତ କରି ଫେରିଆସିବା ପାଇଁ ଶିବାଜୀଙ୍କୁ ପ୍ରାର୍ଥନା କରିବାରୁ ତାଙ୍କୁ ସୁଯୋଗ ଦିଆଗଲା। ଠିକ୍ ସମୟ ପୂର୍ବରୁ ବାଳକ ଜଣକ ମା'ଙ୍କୁ ସାକ୍ଷାତ କରିଫେରି ଆସିଥିଲେ। ଶିବାଜୀ ସେନାପତିଙ୍କୁ କହିଲେ, 'ଏଇ ସତ୍ୟନିଷ୍ଠ ବାଳକ ମୋର ଜଣେ ବୀର ସୈନିକଙ୍କ ସନ୍ତାନ। ଭୁଲ୍ ମୋର ହୋଇଥିଲା। ମୁଁ ତାଙ୍କର ପରିବାର ପ୍ରତି ଧ୍ୟାନ ଦେଇ ନ ଥିଲି, ଯାହା ଫଳରେ ପରିସ୍ଥିତି ଚାପରେ ସେ ପ୍ରତିଶୋଧ ପରାୟଣ ହୋଇ ପଡ଼ିଥିଲା। ମୁଁ ତାକୁ କ୍ଷମା କରିଦେଇଛି। ଏଥିସହ ତା'ର ରୋଗୀଣା ମା'ଙ୍କ ଚିକିତ୍ସା, ଆଜୀବନ ଭରଣପୋଷଣ ଦାୟିତ୍ୱ ଗ୍ରହଣ କରିବି।' ଏହା ହିଁ ଜଣେ ଦରଦୀ ଶାସକର ପ୍ରକୃଷ୍ଟ ଉଦାହରଣ।

ପଞ୍ଜାବର ରାଜା ରଣଜିତ୍ ସିଂ ଥରେ ସୈନ୍ୟସାମନ୍ତଙ୍କ ଗହଣରେ ଅଶ୍ୱ ଉପରେ ବସି ଯିବା ବାଟରେ ହଠାତ୍ ଏକ ଢେଲା ଆସି ତାଙ୍କ ମସ୍ତକରେ ବାଜି ରକ୍ତ ବୋହିଲା। କ୍ରୋଧିତ ସୈନ୍ୟମାନେ ନିମିଷକ ମଧ୍ୟରେ ଅନୁସନ୍ଧାନ କରି ଜଣେ ବୃଦ୍ଧାଙ୍କୁ ରାଜାଙ୍କ ସମ୍ମୁଖକୁ ନେଇ ଆସିଲେ। ବୃଦ୍ଧା ଜଣକ ତିନିଦିନ ଭୋକର ଜ୍ୱାଳା ସହି ନ ପାରି କ୍ଷୁଧା ମେଣ୍ଟାଇବା ପାଇଁ ଆମ୍ବ ତୋଳିବା ପାଇଁ ଢେଲା ଫୋପାଡ଼ିଥିଲେ। ତାହା ଲକ୍ଷ୍ୟଭ୍ରଷ୍ଟ ହୋଇ ରାଜାଙ୍କ କପାଳରେ ବାଜିଥିଲା। ଏ କଥାଶୁଣି ରାଜାଙ୍କ ଆଖିରେ ଲୁହ ଆସିଗଲା। ସେ ବୃଦ୍ଧାଙ୍କୁ ଦଣ୍ଡ ଦେବେ କ'ଣ, ପ୍ରଜାଙ୍କ ଏତାଦୃଶ ଦୟନୀୟ ଅବସ୍ଥା ପାଇଁ ନିଜେ ଦାୟୀ ବୋଲି ସ୍ୱୀକାର କରି ବୃଦ୍ଧାଙ୍କର ସମସ୍ତ ସୁବିଧା କରିଥିଲେ ଏବଂ ଆଦେଶ ଦେଇଥିଲେ, 'ମୋ ରାଜ୍ୟରେ କୌଣସି ପ୍ରଜା ଯେପରି ଭୋକ ଉପାସରେ ନ ରୁହନ୍ତି।' ତାହା ହିଁ ହୋଇଥିଲା।

ଆମେରିକାର ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ ଶୈଶବରେ ଘୋର ଦାରିଦ୍ର୍ୟ ମଧ୍ୟରେ ଜୀବନ କଟାଉ ଥିଲେ ଏବଂ କ୍ରୀତଦାସଙ୍କ ପ୍ରତି ଅକଥନୀୟ ନିର୍ଯ୍ୟାତନା ତାଙ୍କ ବ୍ୟଥିତ କରୁଥିଲା। ପାଠପଢ଼ି ଆମେରିକାର ରାଷ୍ଟ୍ରପତି ହେବା ପରେ ସେ ଏଭଳି କୁତ୍ସିତ ପ୍ରଥାକୁ ଉଠାଇ ଦେବାକୁ ଶପଥ ନେଇଥିଲେ। ସାଙ୍ଗଙ୍କଠାରୁ ବହି ମାଗିଆଣି ଚୁଲିପାଖରେ, ଜହ୍ନ ଆଲୋକରେ, ରାସ୍ତାର ବିଦ୍ୟୁତ୍ ଖୁଣ୍ଟ ଆଲୋକ ପାଖରେ ପଢୁଥିଲେ। ଶେଷରେ ସେ ଆମେରିକାର ରାଷ୍ଟ୍ରପତି ପଦବୀ ଅଳଂକୃତ କରିଥିଲେ। ବହୁ ବାଧାବିଘ୍ନର ସାମ୍ନା କରି କ୍ରୀତଦାସ ପ୍ରଥାର ଉଚ୍ଛେଦ କରିଥିଲେ। ଏପରିଜଣେ ଦରଦୀ ଶାସକଙ୍କ କାର୍ଯ୍ୟରେ ଈର୍ଷାନ୍ୱିତ ହୋଇ ପ୍ରଭାବଶାଳୀ ଲୋକଙ୍କ ଚକ୍ରାନ୍ତରେ ଜଣେ ଆତତାୟୀ ତାଙ୍କୁ ଗୁଳି କରିଥିଲା। କାଳକାଳକୁ ତାଙ୍କର ନାମ କିନ୍ତୁ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଗଲା।

ଯେଉଁଠି ଶାସକ ପ୍ରଜାମାନଙ୍କ ପ୍ରତି ଦରଦୀ ନୁହନ୍ତି, ଦୁଃଖରେ ଭାଗୀଦାର ନୁହନ୍ତି, ମନ ମୁତାବକ ଶାସନ କରନ୍ତି, ଆଇନ୍‌କୁ ପରିଚାଳିତ କରନ୍ତି, ସେମାନେ ସ୍ୱେଚ୍ଛାଚାରୀ ଶାସକର ଅପଖ୍ୟାତି ବହନ କରିଥା'ନ୍ତି। ଉତ୍ତର କୋରିଆର ରାଷ୍ଟ୍ରପତି କିମ୍ ଜୋଙ୍ଗ ଉନ୍ ଯେଉଁ ମାମୁଁଙ୍କ ସହାୟତାରେ ଶାସକ ହୋଇଥିଲେ ଦିନେ କେତୋଟି ଭୟଙ୍କର କୁକୁରଙ୍କ ଦ୍ୱାରା ତାଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ। ଭାଷଣ ସମୟରେ ଜଣେ ଶ୍ରୋତା ଢୁଳାଇବାରୁ ସେ ତା'କୁ ଗଳି କରି ହତ୍ୟା କରିଥିଲେ। ବର୍ତ୍ତମାନ ଭାରତର ଲୋକସଭା ଓ ରାଜ୍ୟସଭାରେ ଯେଉଁ ସାଂସଦମାନଙ୍କ ନାମରେ ଆପରାଧିକ ମାମଲା ରହିଛି ସେମାନେ କ'ଣ ଜଣେ ଜଣେ ଦରଦୀ ନୀତିନିର୍ଦ୍ଧାରକ ହୋଇପାରିବେ? ଲୋକଙ୍କ ପାଖରେ ରହି କାନ୍ଧରେ ହାତ ପକାଇ ସେମାନଙ୍କ ସୁଖଦୁଃଖରେ ଭାଗୀଦାର ହେବା, ସମସ୍ୟା ତୁରନ୍ତ ସମାଧାନ କରିବା ଆଦି କାର୍ଯ୍ୟପନ୍ଥା ଗ୍ରହଣ କଲେ ଆଜିର ଗଣତନ୍ତ୍ର ଯୁଗରେ ଜଣେ ନେତା ଜନଗଣଙ୍କ ମନରେ ସ୍ଥାନ ପାଇବ ଦରଦୀଶାସକ ଭାବରେ।

## ମନର ଥିଏଟର: ରେଡିଓ

ଭାରତ ଇତିହାସର ରେଡିଓ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ଯେପରିକି ସ୍ୱାଧୀନତା ଆନ୍ଦୋଳନ ଏବଂ ପରବର୍ତ୍ତୀ ରାଷ୍ଟ୍ର ନିର୍ମାଣ ଉଦ୍ୟମ, ୧୯୮୩ ମସିହାରେ ଭାରତ ବିଶ୍ୱକପ ଜିଣିବା ଇତ୍ୟାଦି। ରେଡିଓ ପ୍ରସାରଣର ଭାରତୀୟ ସମାଜ ଉପରେ ଅତୁଳନୀୟ ପ୍ରଭାବ ଏବଂ ଡିଜିଟାଲ ଯୁଗରେ ଏହାର ନିରନ୍ତର ପ୍ରାସଙ୍ଗିକତାକୁ ପାଳନ କରିବା ପାଇଁ ଜୁଲାଇ ୨୩ ତାରିଖକୁ 'ଜାତୀୟ ପ୍ରସାରଣ ଦିବସ' ଭାବେ ପାଳନ କରାଯାଏ। ୧୯୨୭ ମସିହାର ଆଜିର ଦିନରେ ବମ୍ବେ ଷ୍ଟେସନରୁ ଭାରତୀୟ ବ୍ରଡକାଷ୍ଟିଂ କମ୍ପାନୀ ଦ୍ୱାରା ପ୍ରଥମ ରେଡିଓ ପ୍ରସାରଣ ଆରମ୍ଭ ହୋଇଥିଲା, ଯାହାକି ଗଣ ଯୋଗାଯୋଗରେ ଏକ ନୂତନ ଯୁଗର ଶୁଭାରମ୍ଭ କରିଥିଲା। ୧୯୩୦ ରେ ଇଣ୍ଡିଆନ୍ ବ୍ରଡକାଷ୍ଟିଂ କମ୍ପାନୀର ଜାତୀୟକରଣ ପରେ ଅଲ୍ ଇଣ୍ଡିଆ ରେଡିଓ (ଏଆର୍) ପ୍ରତିଷ୍ଠା କରାଯାଇଥିଲା। ଜନସାଧାରଣଙ୍କ ମଧ୍ୟରେ ରେଡିଓ ଏକ ବିପ୍ଳବ ଆଣିଦେଇଥିଲା। 'ଜାତୀୟ ପ୍ରସାରଣ ଦିବସ'ର ମହତ୍ତ୍ୱ ହେଉଛି ରେଡିଓକୁ ଏକ ଅତ୍ୟାବଶ୍ୟକ ମାଧ୍ୟମ ଭାବରେ ସ୍ୱୀକୃତି ଦେବା, ଯାହାକି ଲକ୍ଷ ଲକ୍ଷ ଲୋକଙ୍କ ନିକଟରେ ପହଞ୍ଚିପାରିଛି। ବିଶେଷକରି ଗ୍ରାମାଞ୍ଚଳ ତଥା ଦୁର୍ଗମ ଅଞ୍ଚଳ, ଯେଉଁଠାରେ ଅନ୍ୟ ଗଣମାଧ୍ୟମ ଏ ପର୍ଯ୍ୟନ୍ତ ଅପହଞ୍ଚ ହୋଇରହିଛି। ସୂଚନା, ଖବର ପ୍ରସାରଣଠାରୁ ଆରମ୍ଭ କରି ଶିକ୍ଷା, ସଚେତନତା, ମନୋରଞ୍ଜନରେ ରେଡିଓର ଭୂମିକା ଅନସ୍ୱୀକାର୍ଯ୍ୟ। ସାଂସ୍କୃତିକ ଓ ସାମାଜିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବାରେ ମଧ୍ୟ ଏହାର ଅବଦାନ ଉଲ୍ଲେଖନୀୟ। ଏ ଦିଗରେ ଯେଉଁମାନେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ସେମାନଙ୍କ ନିମନ୍ତେ ଆଜିର ଦିନରେ ସମ୍ମାନ ଓ ସ୍ୱୀକୃତି ଜଣାଇ ଦିଆଯାଏ। ଡେଭିଡ୍ ସାରନୋଫ୍‌ଙ୍କ ମତରେ ଯଥାର୍ଥରେ ରେଡିଓ ହେଉଛି ମନର ଥିଏଟର।

ସୁ.ନା.ପା.

## ଲେଖକ/ଲେଖିକାଙ୍କ ନିମନ୍ତେ ବିଶେଷ ସୂଚନା

୧-'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨- ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩-'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪- ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫-ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬-ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭- 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ THE SAKALA



ଶ୍ରାବଣ ପ୍ରଥମ ସୋମବାର

# ଜଳାଭିଷେକ କଲେ କାଉଡ଼ିଆ

## ଗୋନାସିକା ସମେତ ବିଭିନ୍ନ ଶୈବପୀଠରେ ବୋଲବମ ଭକ୍ତ



କେନ୍ଦୁଝର,୨୨।୭ (ସମିସ)

ବୋଲବମ ଭକ୍ତ ପାଇଁ ଶ୍ରାବଣ ବ୍ରତ ଆରମ୍ଭ ହୋଇଛି। ଶ୍ରାବଣ ମାସର ପ୍ରଥମ ସୋମବାରରେ ଜିଲ୍ଲାର ବିଭିନ୍ନ ଶୈବ ପୀଠରେ ହଜାର ହଜାର ଶ୍ରଦ୍ଧାଳୁ ବାବାଙ୍କର ଜଳାଭିଷେକ କରିଛନ୍ତି। ପାଣି ଉଠାଇବା ପାଇଁ ବୈତରଣୀ ନଦୀର ଉତ୍ପତ୍ତି ସ୍ଥଳ ଗୋନାସିକା ଏବଂ ଅନ୍ୟ ବିଭିନ୍ନ ନଦୀଘାଟରେ ରବିବାର ରାତ୍ରିରୁ କାଉଡ଼ିଆଙ୍କ ଭିଡ଼ ଦେଖାଯାଇଥିଲା। ଯେଉଁ ଆଡ଼େ ଦେଖିଲେ ଶିବମୟ ହୋଇଯାଇଥିଲା ପରିବେଶ। ଲମ୍ବା ଧାଡ଼ିରେ ଘଣ୍ଟା ଘଣ୍ଟା ଅପେକ୍ଷା କରି ଛିଡ଼ା ହୋଇଥିଲେ କାଉଡ଼ିଆ ଭକ୍ତ। ରବିବାର ଦିନବେଳୁ ବିଭିନ୍ନ ସ୍ଥାନରୁ କାଉଡ଼ିଆ ମାନେ ଆସି ନଦୀ ଘାଟରେ ଡେରା ପକାଇଥିଲେ। ରାତ୍ରୀରେ ପୂଜାର୍ଚ୍ଚନା ପରେ ପାଣି ଉଠାଇ ଶିବାଳୟ ଅଭିମୁଖେ ଯାଇଥିଲେ। ବୈତରଣୀ ନଦୀର ଉତ୍ପତ୍ତି ସ୍ଥଳ ଗୋନାସିକା ଗୁପ୍ତ ଗଙ୍ଗାରେ ହଜାର ହଜାର କାଉଡ଼ିଆଙ୍କ ଭିଡ଼ ହୋଇଥିଲା। ଉଭୟ ମହିଳା ଓ ପୁରୁଷ କାଉଡ଼ିଆମାନେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସି ଗୋନାସିକା ଗୁପ୍ତଗଙ୍ଗା ନିକଟରେ ପୂଜା ପାଠ ପରେ ସେଠାରୁ ପାଣି ଉଠାଇ କାନ୍ଧରେ ପାଣିଭାର ଧରି ୪/୫ କିଲୋମିଟର ଦୂରରେ ଥିବା ବହୁ ପୁରାତନ ଶୈବପୀଠ ବାବା ବ୍ରହ୍ମେଶ୍ୱର ମନ୍ଦିରରେ ଜଳାଭିଷେକ କରିଥିଲେ। ସେଠାରେ ଗତ ରାତିରୁ ଭକ୍ତମାନେ ଲମ୍ବାଧାଡ଼ିରେ ଛିଡା ହୋଇଥିଲେ। ମନ୍ଦିର ଭୋର ୫ଟାରେ ଖୋଲିଥିଲା। ପରେ କାଉଡିଆମାନେ ବ୍ରହ୍ମେଶ୍ୱର ବାବାଙ୍କ ନିକଟରେ ମନସ୍କାମନା ପୂର୍ବକ ଜଳାଭିଷେକ କରିଥିଲେ। ସେଠାରେ କାଉଡ଼ିଆଙ୍କର ପ୍ରବଳ ଭିଡ଼ ଥିବାରୁ ଅନେକଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରି ପାଣି ଢାଳିବାକୁ ପଡିଥିଲା। ସେଠାରେ ବ୍ରହ୍ମେଶ୍ୱର ମହେଶ ସଙ୍ଘ ପକ୍ଷରୁ ମାଗଣା ଅନ୍ନ ପ୍ରସାଦ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ସେହିପରି ଜିଲ୍ଲାର ଅନ୍ୟତମ ପୁରାତନ ଶୈବପୀଠ ବରାହା ଟିପୁରାରେ ମଧ୍ୟ ଶ୍ରାବଣ ପ୍ରଥମ ସୋମବାର ଅବସରରେ କାଉଡ଼ିଆ ଲମ୍ବା ଲାଇନରେ ଅପେକ୍ଷା କରି ଜଳାଭିଷେକ କରିଥିଲେ। ମୁର୍ଗା ମହାଦେବ ମନ୍ଦିରରେ ମଧ୍ୟ ପ୍ରବଳ ଗହଳି ହୋଇଥିଲା। ରାଜ୍ୟର ବିଭିନ୍ନ ଜିଲ୍ଲା, ପଡୋଶୀ ଝାରଖଣ୍ଡ, ବିହାରରୁ ହଜାର ହଜାର କାଉଡିଆ ମହାଦେବଙ୍କ ଠାରେ ଜଳଲାଗି କରିଛନ୍ତି। ଚମ୍ପୁଆର ବାବା ଚନ୍ଦ୍ରଶେଖର ମନ୍ଦିରରେ ମଧ୍ୟ ପ୍ରଥମ ସୋମବାରରେ କାଉଡ଼ିଆ ଜଳାଭିଷେକ କରିଛନ୍ତି। ଆନନ୍ଦପୁର କୁଶଳେଶ୍ୱର ମନ୍ଦିର ସମେତ ଭିଭିନ୍ନ ଶିବାଳୟରେ ମଧ୍ୟ ଭକ୍ତମାନେ ଜଳଲାଗି କରିଛନ୍ତି। କେନ୍ଦୁଝର ସହର ନିକଟବର୍ତ୍ତୀ ରାଇସୁଆଁର ବାବା ବଞ୍ଚେଶ୍ୱର ମନ୍ଦିର, ହଳଦିଆ ଟାଙ୍ଗିରିର ଗଡ଼ଗଡି ମନ୍ଦିର, ସିଦ୍ଧମଠ ଶିବ ମନ୍ଦିର, ଶୁଆକାଟୀ ଶିବ ମନ୍ଦିର, ବୋଡ଼ଦାପଳାସ ଶିବ ମନ୍ଦିର ସହିତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଶତାଧିକ ଶୈବପୀଠରେ ଲକ୍ଷାଧିକ ଭକ୍ତ ଜଳଲାଗି କରିଛନ୍ତି। ବିଭିନ୍ନ ଶୈବପୀଠ ଗୁଡିକରେ ଶ୍ରାବଣ ସୋମବାର ଭିଡ଼କୁ ନଜର ରଖି ମନ୍ଦିର ପ୍ରଶାସନ, ପଲିସ ପକ୍ଷରୁ ସ୍ୱତନ୍ତ୍ରତା ବ୍ୟବସ୍ଥା ଗ୍ରହଣ କରାଯାଇଛି। କାଉଡିଆଙ୍କ ନିମନ୍ତେ ବିଭିନ ସ୍ଥାନରେ ପ୍ରସାଦ ବଣ୍ଟନ, ପାଣି ଭାର ରଖିବା ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି।

୫ ବର୍ଷ ହେଲା କଟିଯାଇଛି ରାସନକାର୍ଡ

## ବଞ୍ଚିଥିବା ବୃଦ୍ଧାଙ୍କୁ ମାରିଦେଲା ପ୍ରଶାସନ



**ଆନନ୍ଦପୁର, ୨୨।୭ (ସମିସ):** କେନ୍ଦୁଝର ଜିଲାର ହାଟଡିହୀ ବ୍ଲକ ଅନ୍ତର୍ଗତ ବଞ୍ଚୋ ଗ୍ରାମରେ ପୋକ ରାଉତ(୮୫)। ସେ ଜୀବିତ ଥିଲେ ମଧ୍ୟ ତାଙ୍କୁ ମୃତ ବୋଲି ଦର୍ଶାଯିବା ଘଟଣା ଚିନ୍ତାର କାରଣ ହୋଇଛି। ଏନେଇ ଆନନ୍ଦପୁର ଉପଖଣ୍ଡ ପ୍ରଶାସନ, ହାଟଡିହୀ ବ୍ଲକ ପ୍ରଶାସନ ଓ ଯୋଗାଣ ବିଭାଗ କାର୍ଯ୍ୟାଳୟରେ ହାରିଗୁହାରୀ କରାଯାଇଥିଲେ ମଧ୍ୟ ଏହି ବୃଦ୍ଧାଙ୍କୁ ରାସନକାର୍ଡ ଯୋଗେ ମିଳିବାକୁ ଥିବା ଚାଉଳ ମିଳୁନଥିବାରୁ ଅସହାୟ ବୃଦ୍ଧା ନିରାଶ ହୋଇପଡିଛନ୍ତି। ମିଳିଥିବା ସୂଚନାନୁଯାୟୀ, ବଞ୍ଚୋ ଗ୍ରାମର ହାଡିବନ୍ଧୁ ରାଉତଙ୍କ ନାମରେ ଥିବା ରାସନକାର୍ଡରେ ମାସିକ ୧୦ କିଲୋଗ୍ରାମ ଚାଉଳ ମିଳୁଥିଲା। ଗତ ୨୦୧୮ ମସିହାରେ ହାଡିବନ୍ଧୁଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ପୋକ ରାଉତ ସରକାରଙ୍କ ଏହି ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ପାଇ ଦିନ କାଟୁଥିବା ବେଳେ କିଛି ଦିନ ପରେ ତାଙ୍କ ରାସନକାର୍ଡ କଟିଯାଇଥିବା ପଞ୍ଚାୟତ କାର୍ଯ୍ୟାଳୟରୁ ଜାଣିପାରିଥିଲେ। ପରେ ଅସହାୟ ବୃଦ୍ଧାଙ୍କୁ ଆଉ ଚାଉଳ ନମିଳିବାରୁ ସେ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଇତି ମଧ୍ୟରେ ୫ ବର୍ଷ ବିତିଯାଇଥିଲେ ମଧ୍ୟ ଅସହାୟମହିଳାଙ୍କୁ ରାସନକାର୍ଡରେ ଚାଉଳ ମିଳୁନଥିବାରୁ ଦୁଃଖରେ ଦିନ କାଟୁଥିବା ଜଣାଯାଇଛି। ତେବେ ଏହି ଅସହାୟ ମହିଳା ବଞ୍ଚିଥିବା ବେଳେ ତାଙ୍କୁ ମୃତ ଦର୍ଶାଇ ରାସନକାର୍ଡ କାଟିଦେବା ପଛରେ କେଉଁ ହୀନ ଉଦ୍ଦେଶ୍ୟ ଓ ରାଜନୈତିକ ଆକ୍ରୋଶ ରହିଛି ଏବଂ ଅସହାୟ ବୃଦ୍ଧା ମୃତ ବୋଲି ରିପୋର୍ଟ କରିଥିବା ବ୍ୟକ୍ତି ଓ କର୍ମଚାରୀଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ କାର୍ଯ୍ୟ ନିମ୍ନମାନର

**ସୋସୋ,୨୨।୭ (ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସୁନ୍ଦରାପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଓମ୍ବାଡସି ଅନୁଦାନାରେ ନିର୍ମିତ ଦୁଇ ମହଲା ନୂତନ ଗୃହ କାର୍ଯ୍ୟ ନିମ୍ନମାନରହେଉଥିବାଅଭିଯୋଗହୋଇଛି।ଓମ୍ବାଡସିଅନୁଦାନରେହେଉଥିବାଗୃହର ସୂଚନା ଫଳକ ନଥିବାବେଳେ ଠିକାଦାର ଇଚ୍ଛା ଅନୁସାରେ କାର୍ଯ୍ୟ କରୁଛି। ପ୍ରଥମ ତାଲାର ଛାତ ତଳେ ଥିବା ୱାଲବିମ୍ ଢଳେଇରେ ରଡ୍ ବାହାରକୁ ଦେଖାଯାଉଥିବା ବେଳେ ତାର ଢଳେଇ ଠିକ୍ ଭାବରେ ପଡିନଥିବା ଦେଖିବାକୁ ମିଳିଛି। ଅନ୍ୟ ପକ୍ଷରେ ସିମେଣ୍ଟ ଭାଗ ଠିକ୍ ନଥିବା କୁହାଯାଉଛି। ଦୁଇବର୍ଷ ପୂର୍ବରୁ ସୁନ୍ଦରାପାଳ ଆରୋଗ୍ୟ କେନ୍ଦ୍ର ନିର୍ମିତ ହୋଇଥିବା ବେଳେ ଏବେ ତାହା ବିଭିନ୍ନ ସ୍ଥାନରେ ଫାଟିଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟକୁ



ଏନ୍ଆର୍ଏଚ୍ଏମ୍ ବିଭାଗର ଯନ୍ତ୍ରୀ ତଦାରଖ କରୁଥିବା ବେଳେ ଠିକାଦାରଙ୍କ କବଳରେ ବିଭାଗ ରହିଥିବାରୁ କାର୍ଯ୍ୟର ମାନ ଠିକ୍ ଭାବରେ ହେଉନଥିବା କୁହାଯାଉଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି। ଏହାକୁ ନେଇ ଏନ୍ଆର୍ଏଚ୍ଏମ୍ ବିଭାଗର ଯନ୍ତ୍ରୀଙ୍କୁ ପଚାରିବାରୁ ମୋ ନଜରକୁ ଆସିନାହିଁ। ତାହାକୁ ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଥିଲେ।

## ଚମ୍ପୁଆ ଆର୍ଏସ୍ଏସ୍ର ଗୁରୁ ଦକ୍ଷିଣା ଉତ୍ସବ



**ଚମ୍ପୁଆ,୨୨।୭ (ସମିସ):** ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଚମ୍ପୁଆ ଖଣ୍ଡର ଗୁରୁ ଦକ୍ଷିଣା ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଚମ୍ପୁଆ ଖଣ୍ଡର ସଂଘ ଚାଳକ ଚତୁର୍ଭୁଜ ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜ ବିଭାଗର ସମ୍ପର୍କ ପ୍ରମୁଖ ତଥା ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ଅଧ୍ୟାପକ ଶଶୀ ଭୂଷଣ ଜେନା ଯୋଗଦେଇ ଭାରତୀୟ ସଂସ୍କୃତିରେ ବିଭିନ୍ନ ଗୁରୁଶିଷ୍ୟଙ୍କର ମିଳନରେ କିଭଳି ଏ ରାଷ୍ଟ୍ର ପ୍ରତିଷ୍ଠିତ ହୋଇଥିଲା ସେ ବିଷୟରେ ମାର୍ଗଦର୍ଶନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଚମ୍ପୁଆ ଖଣ୍ଡର ଖଣ୍ଡ କାର୍ଯ୍ୟବାହ ଦୁଷ୍ମନ୍ତ କୁମାର ମହାନ୍ତ, ସ୍ୱୟଂସେବକ ଗଙ୍ଗାଧର କର, ତପନ କୁମାର ନାୟକ, ଧରଣୀଧର ଦାସ, ଘନଶ୍ୟାମ ମହାନ୍ତ, ରଞ୍ଜୟ କୁମାର ରାମ, ଗିରିଜା ଶଙ୍କର କର, ଗୌରଚନ୍ଦ୍ର ପ୍ରଧାନ, ଘନଶ୍ୟାମ ବେହେରା, ଭୋଲାନାଥ ମିଶ୍ର, ରମାକାନ୍ତ ପ୍ରଧାନ, କଳାକର ମହାନ୍ତ, ବସନ୍ତ କୁମାର ମହାନ୍ତ, ବୃନ୍ଦାବନ ରାମ, ରାଜେଶ ରାମ, କାର୍ତ୍ତିକ ସାହୁ, ନରେଶ ସାହୁ, ରମେଶ ଚନ୍ଦ୍ର ଗିରି, ରାଜେଶ ଆଚାର୍ଯ୍ୟ, ସଞ୍ଜୟ ଗିରି, ରବୀନ୍ଦ୍ର ବେହେରା, ସୁଜିତ କୁମାର ରାମ, ସନ୍ତୋଷ ସାହୁ, ସୁନୀଲ କୁମାର ନନ୍ଦ, ସନ୍ତୋଷ କୁମାର ମହାନ୍ତ, ପବନ କୁମାର ସାହୁ, ହରିହର କବି, ସିଦ୍ଧାର୍ଥ ସିଂ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ବୋର୍ଡ ଅଛି; କାର୍ଯ୍ୟାଳୟ ନାହିଁ

## ଆନନ୍ଦପୁରରୁ ସମବାୟ କୃଷି ବ୍ୟାଙ୍କ ଉଭାନ



**ଆନନ୍ଦପୁର, ୨୨।୭ (ସମିସ):** କୃଷି ଓ କୃଷକଙ୍କ ଉନ୍ନତିକଳ୍ପେ ଆନନ୍ଦପୁରଠାରେ ଖୋଲାଯାଇଥିବା ସମବାୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ ଲିମିଟେଡ୍ କାର୍ଯ୍ୟାଳୟକୁ ଖୋଜି ଖୋଜି ଚାଷୀମାନେ ପାଉନଥିବାରୁ ଏହି ସମବାୟ ବ୍ୟାଙ୍କ ଉଭାନ ହୋଇଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ପୂର୍ବରୁ ଭଡ଼ା ସୂତ୍ରରେ ଚାଲୁଥିବା ଏହି କାର୍ଯ୍ୟାଳୟରେ ଏକ ବୋର୍ଡ ଝୁଲୁଥିବା ବେଳେ କାର୍ଯ୍ୟାଳୟ ଚାଲୁଥିବା ଗୃହ ତେଜରାତି ସଉଦା ଗୋଦାମରେ ପରିଣତ ହୋଇଛି। ନୀତିପ୍ରତିଦିନ ବୋର୍ଡ ଲାଗିଥିବା ଏହି କାର୍ଯ୍ୟାଳୟ ଗୃହରୁ ବିଭିନ୍ନ ଯାନବାହନ ଯୋଗେ ତେଜରାତି ସଉଦା ବୋଝେଇ ହୋଇ ବିଭିନ୍ନ ସ୍ଥାନରୁ ଯାଉଥିବାରୁ ସମବାୟ ବ୍ୟାଙ୍କ ପକ୍ଷରୁ ଏହା ବଣ୍ଟନ ହେଉଥିବାର ଭ୍ରମ ସୃଷ୍ଟି କରିଛି। ତେବେ ଗତ ୧୯୬୫ ମସିହାରେ ରାଜ୍ୟ ସରକାରଙ୍କ ସମବାୟ ବିଭାଗ ପକ୍ଷରୁ ଖୋଲାଯାଇଥିବା ଏହି କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କର ସରକାରୀ ବୋର୍ଡ ପୂର୍ବପରି ଝୁଲୁଥିବା ବେଳେ ଏଠାରେ ବ୍ୟାଙ୍କ କାର୍ଯ୍ୟାଳୟ ପରିବର୍ତ୍ତେ ଗୋଦାମ .ଲିଥିବା ପରିଲକ୍ଷିତ ହୋଇଛି। ପ୍ରତିଦିନ ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ଗ୍ରାମାଞ୍ଚଳରୁ ଅନେକ ଚାଷୀ କୃଷି ଋଣ ସମ୍ପର୍କରେ ସୂଚନା ନେବା ପାଇଁ ଆସୁଥିବା ବେଳେ କେବଳ ବୋର୍ଡ ଝୁଲୁଥିବା ଓ ଏଠାରେ କାର୍ଯ୍ୟାଳୟ ପରିବର୍ତ୍ତେ ତେଜରାତି ଗୋଦାମ କାରବାର ଦେଖି ନିରାଶ ହୋଇ ଫେରୁଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଣୁ କେନ୍ଦୁଝର ଜିଲ୍ଲାପାଳ ଏପରି ଏକ ଅଭାବନୀୟ ଘଟଣାର ତଦନ୍ତ କରି ପ୍ରକୃତପକ୍ଷେ ଏହି ବ୍ୟାଙ୍କ କାର୍ଯ୍ୟ କରୁଛି କି ନାହିଁ ସେନେଇ ତଦନ୍ତ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।



## ହାଇୱା ଧକ୍କାରେ ଯୁବକ ମୃତ; ରାସ୍ତା ଅବରୋଧ କଲେ ଗ୍ରାମବାସୀ

**ଆନନ୍ଦପୁର,୨୨।୭ (ସମିସ):** ୨୦ନଂ ଜାତୀୟ ରାଜପଥର ଦରଖୋଳା ନିକଟରେ ଆଜି ଏକ ହାଇୱା ଟ୍ରକ୍ ଧକ୍କାରେ ଘନ ମୁଣ୍ଡା ନାମକ ଯୁବକର ମୃତ୍ୟୁ ହୋଇଯାଇଛି। ସ୍ଥାନୀୟ ବିର୍ସା ମୁଣ୍ଡା ଗ୍ରାମର ଘନ ମୁଣ୍ଡା ସାଇକଲ ଯୋଗେ କୋଳିମାଟି ବଜାରକୁ ଆସୁଥିବା ବେଳେ କେନ୍ଦୁଝରରୁ ଲୁହାପଥର ବୋଝେଇ କରି ଆସୁଥିବା ଏକ ହାଇୱା ତାଙ୍କୁ ସମ୍ମୁଖରୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଯୁବକର ମୃତ୍ୟୁ ହୋଇଥିଲା। ଗ୍ରାମବାସୀ ଗାଡ଼ି ଓ ଡ୍ରାଇଭରକୁ କାବୁ କରିନେଇଥିଲେ। ମୃତ ଯୁବକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ପ୍ରତିବାଦ କରିବା ସହ ଗ୍ରାମବାସୀ ରାସ୍ତା ଅବରୋଧ କରିବାରୁ ଉଭୟ ପଟରେ ଯାନବାହନ ଅଟକି ରହିଥିଲା। ଏପରିକି କେନ୍ଦୁଝରରୁ ଆସୁଥିବା ବିଚାର ବିଭାଗର ଜିଲ୍ଲା ଦୌରାଜଜ ରାସ୍ତାରେ ଅଟକି ରହିଥିଲେ। ଖବର ପାଇ ଘସିପୁରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ଗ୍ରାମବାସୀ ରାସ୍ତା ଅବରୋଧକୁ ପ୍ରତ୍ୟାହାର କରିନେଇଥିଲେ। ପରେ ପୁଲିସ ଗାଡ଼ିକୁ ଜବତ କରିବା ସହିତ ଚାଳକ ଯାଜପୁର ଜିଲ୍ଲାର ନଟିଆ ଗ୍ରାମର ସୌମ୍ୟରଞ୍ଜନ ଜେନାକୁ ଗିରଫ କରିଥିବା ଜଣାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପୁଲିସ ଆନନ୍ଦପୁର ଡାକ୍ତରଖାନାକୁ ଆଣିଥିବା ଜଣାଯାଇଛି।

ଝୁମ୍ପୁରା ବିଇଓ ଅଫିସରେ କର୍ମଚାରୀ ମରୁଡି

## ଫୋନ୍ ଯୋଗେ ଚାଲିଛି କାର୍ଯ୍ୟାଳୟ

**ବାଲିବାନ୍ଧ,୨୨।୭ (ସମିସ):** ଝୁମ୍ପୁରା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ କର୍ମଚାରୀ ଅଭାବ ଦେଖିବାକୁ ମିଳିଛି। ଫଳରେ କାର୍ଯ୍ୟାଳୟର କାର୍ଯ୍ୟଧାରା ଏକ ପ୍ରକାରର ଠପ୍ ହୋଇପଡିଛି। କାର୍ଯ୍ୟାଳୟରେ କୌଣସି କାର୍ଯ୍ୟ ସଠିକ ସମୟରେ ହେଉନଥିବା ନେଇ ଶିକ୍ଷକ ମହଲରେ ଅସନ୍ତୋଷ ଦେଖାଦେଉଛି।

ଝୁମ୍ପୁରା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନରେ ମୋଟ ୨୨୨ଟି ବିଦ୍ୟାଳୟ ରହିଛି। ଉକ୍ତ ବିଦ୍ୟାଳୟଗୁଡିକୁ ସୁଚାରୁରୂପେ ପରିଚାଳନା କରିବା ନିମନ୍ତେ ବ୍ଲକ ମୁଖ୍ୟାଳୟ ଠାରେ ୨୦୧୪ ମସିହାରେ ଏହି କାର୍ଯ୍ୟାଳୟ ସ୍ଥାପିତ ହୋଇଛି। ବିଦ୍ୟାଳୟ ଗୁଡିକର ଭିତ୍ତିଭୂମି, ମଧ୍ୟାହ୍ନଭୋଜନ, ଛାତ୍ରଛାତ୍ରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ବହିଖାତା, ବିଦ୍ୟାଳୟର ବିଭିନ୍ନ ସମସ୍ୟାକୁ ତଦାରଖ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦରମା, ପେନସନ ଆଦି ବୁଝିବା, ସର୍ବପରି ଗୁଣାତ୍ମକ ଶିକ୍ଷାର ମାନ ବଢାଇବା ଦିଗରେ ଗୁରୁତ୍ୱ ଦେବା ନେଇ ଏହି କାର୍ଯ୍ୟାଳୟ ଉଦ୍ଦିଷ୍ଟ। କିନ୍ତୁ ଦୀର୍ଘ ଦିନ ହେବ ଆବଶ୍ୟକୀୟ କର୍ମଚାରୀଙ୍କ ଚୌକିଗୁଡିକ ଖାଲିପଡିଛି। ତେବେ ବର୍ଷ ବର୍ଷ ଧରି ଗୋଟିଏ ବରିଷ୍ଠ କିରାଣି, ଗୋଟିଏ ମୁଖ୍ୟକିରାଣି, ଦୁଇଟି ପିଅନ, ଗୋଟିଏ ଆକାଉଣ୍ଟ ପଦବୀ ଖାଲି ପଡିଛି। ସେହିପରି ଗୋଷ୍ଠୀ ଶିକ୍ଷାଧିକାରୀ ଦୁଃଶାସନ ସିଂଙ୍କ ଅବସର ପରେ ଯୋଡ଼ା ଶିକ୍ଷାଧିକାରୀ କ୍ଷେତ୍ରମୋହନ ହାଁସଦା ଅତିରିକ୍ତ ଦାୟିତ୍ୱରେ ଅଛନ୍ତି। ତେବେ ଶ୍ରୀ ହାଁସଦା ସଦର, ଯୋଡ଼ା ଓ ଝୁମ୍ପୁରା ୩ ଗୋଟି ଶିକ୍ଷାଧିକାରୀ କାର୍ଯ୍ୟାଳୟର ଦାୟିତ୍ୱରେ ଥିବାରୁ ଅନେକ ସମୟରେ ଝୁମ୍ପୁରା କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି। କେବଳ ଫୋନ୍ ଯୋଗେ କାର୍ଯ୍ୟାଳୟ ଚାଲିଥିବା ଜଣାପଡିଛି। କାର୍ଯ୍ୟାଳୟରେ ତିନି ଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟରତ ଅଛନ୍ତି। ସେମାନେ ସରକାରୀ କାର୍ଯ୍ୟ କିମ୍ବା ବିଦ୍ୟାଳୟଗୁଡିକୁ ତଦାରଖରେ ବାହାରିଗଲେ କାର୍ଯ୍ୟାଳୟଟି ବନ୍ଦ ହୋଇଯାଉଛି। ଫଳରେ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଆସି ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକମାନେ ବହୁ ଅସୁବିଧା ଭୋଗୁଛନ୍ତି। କର୍ମଚାରୀ ଅଭାବ ନେଇ କାର୍ଯ୍ୟାଳୟ ପକ୍ଷରୁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କଲାପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏନେଇ ଜିଲ୍ଲା ଶିକ୍ଷାଧିକାରୀ ଗୌରୀରାଣୀ ନାୟକଙ୍କ ମତାମତ ଲୋଡ଼ିବାରୁ କହିଲେ କର୍ମଚାରୀ ତ ଅଭାବ ଅଛି, ଦେଖୁଛୁ , କିରାଣି ପଦବୀ ପୂରଣ କରିବା ପାଇଁ ଚେଷ୍ଟା କରୁଛୁ। ବିଇଓ ଏହାରି ଭିତରେ ନିଯୁକ୍ତି ହେବାର ଅଛି, ଯଦି ହୁଏ ତେବେ ତୁରନ୍ତ ପୋଷ୍ଟିଂ ଦିଆଯିବ। ତେବେ ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବା ନେଇ ଅଭିଭାବକ ଓ ସାଧାରଣରେ ଦାବି ହେଉଛି।



## ସେଙ୍ଗେଲ ଅଭିଯାନ ପକ୍ଷରୁ ଗଣଧାରଣା

**ଆନନ୍ଦପୁର,୨୨।୭ (ସମିସ):** ସେଙ୍ଗେଲ ଅଭିଯାନ ଆନନ୍ଦପୁର ଶାଖା ପକ୍ଷରୁ ଘସିପୁରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଆରମ୍ଭ ହୋଇଛି। କେନ୍ଦୁଝର ସେଙ୍ଗେଲ ଅଭିଯାନର ସଭାପତି ବୁନାରାମ୍ ସୋରେନ୍ଙ୍କ ନେତୃତ୍ୱରେ ସେଙ୍ଗେଲ ଅଭିଯାନର କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟରେ ଗଣଧାରଣାରେ ବସି ରହିଥିଲେ। ସମ୍ବିଧାନର ନୀତିନିୟମ ଅନୁଯାୟୀ, ଆଦିବାସୀ ଗ୍ରାମ ଓ ପଡାମାନଙ୍କରେ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବା ଆଦିବାସୀ ବସ୍ତିକୁ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବା ସହିତ ଯେଉଁ ପଡ଼ା ମାନଙ୍କରେ ବିଦ୍ୟୁତ ସଂଯୋଗ ହୋଇନାହିଁ, ତୁରନ୍ତ ବିଦ୍ୟୁତ ସଂଯୋଗ କରିବା ଗୁଣିଗାରେଡି ଓ ଝଡା ଫୁଙ୍କା ଭଳି ଅପସଂସ୍କୃତି ଦୂରେଇବା ପାଇଁ ସଚେତନତା ସୃଷ୍ଟି କରିବା, ନିଶା ଦ୍ରବ୍ୟ କାରବାରକୁ ରୋକିବା ପାଇଁ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରିବା ସହିତ ଆଦିବାସୀ ଅଞ୍ଚଳରେ ସମସ୍ତ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା ଦାବିରେ ଏହି ଗଣଧାରଣା ହୋଇଥିବା ବେଳେ ଏହାର ସମାଧାନ ପାଇଁ ଭାରତର ରାଷ୍ଟ୍ରପତିଙ୍କୁ ବିଡିଓଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରେ ସେଙ୍ଗେଲ ଅଭିଯାନର ଏକ ପ୍ରତିନିଧି ଦଳରେ ଓଡିଶା ପ୍ରଦେଶ ଯୁବ ସଭାପତି କଲ୍ୟାଣ ବାସ୍କେ, ଖେଲାରାମ ମାରାଣ୍ଡି, ଚନ୍ଦ୍ରମଣି ସୋରେନ,ଫଗୁ ସୋରେନ, ବଳରାମ ଟୁଡୁ, ଦାସମାତ୍ ଟୁଡୁ, ସୁଗି ମୁର୍ମୁ, ମାଳତୀ ହାଁସଦା, ମେଘରାଇ ଟୁଡୁ, ଲକ୍ଷ୍ମଣ ମୁର୍ମୁ, ଦାଶରଥି ସୋରେନ, ମଙ୍ଗଳ ମୁର୍ମୁ, ଅର୍ଜୁନ ଟୁଡୁ, ପୂର୍ଣ୍ଣଚନ୍ଦ୍ର ମୁର୍ମୁ, ଟୁକୁଲୁ ହାଁସଦା ପ୍ରମୁଖ ବିଡିଓଙ୍କ ସହିତ ସାକ୍ଷାତ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ଦାବି ଜଣାଇଥିଲେ।



ପଛୁଆ ଅଞ୍ଚଳରେ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ

## ଭଙ୍ଗାଦଦରା ଘରେ ଚାଲୁଛି ପାଠପଢ଼ା







**କେନ୍ଦୁଝର,୨୨।୭ (ସମିସ):** ସରକାର ପ୍ରାଥମିକ ବିଦ୍ୟାଳୟ ଗୁଡିକର ଉନ୍ନତିକରଣ ଏବଂ ଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ବିଶେଷକରି ପ୍ରାଥମିକ ଶିକ୍ଷାର ପ୍ରମୁଖ କେନ୍ଦ୍ର ଭାବେ ପରିଗଣିତ ଶିକ୍ଷାନୁଷ୍ଠାନ ଗୁଡିକର ଭିତ୍ତିଭୂମିର ବିକାଶ ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ତଥାପି ସମସ୍ତ ଶିକ୍ଷାନୁଷ୍ଠାନ ବା ବିଦ୍ୟାଳୟ ଗୁଡିକର ଭିତ୍ତିଭୂମିର ସୁଧାର ହୋଇପାରୁନାହିଁ। ଏପରିକି କେନ୍ଦୁଝର ଜିଲ୍ଲାର ପଛୁଆ ଅଞ୍ଚଳ ଭାବେ ପରିଗଣିତ ବାଂଶପାଳ ବ୍ଲକ ଅଞ୍ଚଳର ଅନେକ ପ୍ରାଥମିକ ବିଦ୍ୟାଳୟରେ ଭଙ୍ଗାଦଦରା ଘରେ କୁନିକୁନି ପିଲାମାନେ ପାଠ ପଢିବାକୁ ବାଧ ହେଉଛନ୍ତି। କିନ୍ତୁ ବିଦ୍ୟାଳୟ ଗୁଡିକର ଅବସ୍ଥାରେ ସୁଧାର ଆସିନାହିଁ। ବାଂଶପାଳ ବ୍ଲକ ସବୁକ୍ଷେତ୍ରରେ ଅନ୍ୟ ବ୍ଲକ ଗୁଡିକ ଅପେକ୍ଷା ପଛରେ ପଡିଯାଇଛି। ଏହି ବ୍ଲକରେ ଆଦିମ ଜନଜାତି ଜୁଆଙ୍ଗ ସହିତ ଭୂୟାଁ, ବାଥୁଡି ଭଳି ଅନେକ ଜନଜାତିର ଲୋକେ ବସବାସ କରନ୍ତି। ଏମାନେ ବିଶେଷକରି ଶିକ୍ଷା କ୍ଷେତ୍ରରେ ଅନ୍ୟମାନଙ୍କ ଅପେକ୍ଷା ପଛୁଆ ରହିଛନ୍ତି। ବିଦ୍ୟାଳୟଗୁଡିକ ମୁଖ୍ୟତଃ ପ୍ରାଥମିକ ଶିକ୍ଷାର ମୂଳଦୁଆ ହୋଇଥିବାରୁ ସେ ଅଞ୍ଚଳରେ ଥିବା ଶିକ୍ଷାନୁଷ୍ଠାନମାନଙ୍କର ଭିତ୍ତିଭୂମିକୁ ସୁଦୃଢ ହେବା କଥା। କିନ୍ତୁ କେତେକ କ୍ଷେତ୍ରରେ ଏହା ଦୃଶ୍ୟମାନ ହେଉନାହିଁ। ତେଣୁ ସେଠାରେ ପିଲାମାନେ ଭଲରେ କିପରି ଶିକ୍ଷା ଗ୍ରହଣ କରିପାରୁଛନ୍ତି ଏହା ସହଜେ ଅନୁମେୟ ହୁଏ।

### ଟିଲପଶି ସରକାରୀ ପ୍ରାଥମିକ ବିଦ୍ୟାଳୟ

ବାଂଶପାଳ ବ୍ଲକର ଟିଲପଶିଠାରେ ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ନାମରେ ଏକ ପ୍ରାଥମିକ ବିଦ୍ୟାଳୟ ରାସ୍ତା କଡ଼ଡରେ ରହିଛି। ଏଠାରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ପାଠପଢା ହୋଇଥାଏ। ଏହି ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଅଧିକାଂଶ ଜନଜାତି ବର୍ଗର ପିଲା ଅଟନ୍ତି। ବିଗତ ୫୦ ବର୍ଷ ତଳୁ ଏହି ବିଦ୍ୟାଳୟଟି ସ୍ଥାପନା ହୋଇଛି। କିନ୍ତୁ ଭିତ୍ତିଭୂମିର ଘୋର ଅଭାବ ରହିଛି। ଅବଶ୍ୟ କେତୋଟି କକ୍ଷ ନୂତନ ଭାବେ ତିଆରି ହୋଇଛି। ହେଲେ ମଧ୍ୟ ବିଦ୍ୟାଳୟ ପରିସରରେ ଥିବା ଭଙ୍ଗାଦଦରା ଘର, ବିପଦସଂକୁଳ ଅବସ୍ଥାରେ ଥିବା କେତେକ ଶ୍ରେଣୀ ଗୃହ ବିଦ୍ୟାଳୟର ଅସଲ ଚିତ୍ରକୁ ବୟାନ କରୁଛି। ବିଦ୍ୟାଳୟରେ ଥିବା ଏଭଳି ପରିତ୍ୟକ୍ତ ଏବଂ ବିପଦସଂକୁଳ ଘର ବାବଦରେ ପ୍ରାୟ ସମସ୍ତେ ଅଜ୍ଞ ଅଛନ୍ତି। କାରଣ ବିଦ୍ୟାଳୟଟି ରାସ୍ତାକଡରେ ରହିଛି। କିନ୍ତୁ ଏହାର ସ୍ଥାୟୀ ମରାମତି ନହେବା କିମ୍ବା ଭଙ୍ଗାଯାଇ ନୂତନ ଗୃହ ନିର୍ମାଣ ନହେବା କଥାକୁ ଅଭିଭାବକମାନେ ଗ୍ରହଣ କରିପାରୁନାହାଁନ୍ତି। କାରଣ ବିଦ୍ୟାଳୟକୁ ଶିକ୍ଷାଗ୍ରହଣ କରିବାକୁ ଯାଉଥିବା କୋମଳମତି ପିଲାମାନଙ୍କ ପାଇଁ ଏଭଳି ଭଙ୍ଗା ଦଦରା ଘର ବିପଦ ସୃଷ୍ଟିର ଆଶଙ୍କା ରହୁଥିବା ବେଳେ ଏହାକୁ ନେଇ ନାକରାତ୍ମକ ଭାବନା ସୃଷ୍ଟି ହେଉଛି। କେନ୍ଦୁଝର ଜିଲ୍ଲା ଶିକ୍ଷା ପ୍ରଶାସନ ଏଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

## ଅଙ୍ଗନବାଡ଼ି କର୍ମୀଙ୍କ ନୂତନ କମିଟି ଗଠିତ



**ସୋସୋ,୨୨।୭ (ସମିସ):** ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡିଶା ଅଙ୍ଗନବାଡି ଲେଡିଜ୍ ୱାର୍କର୍ସ ଆସୋସିଏସନ ହାଟଡିହୀ ଶାଖାର ନୂତନ କମିଟି ଗଠନ ହୋଇଛି। ଏହି ଉପଲକ୍ଷେ ହାଟଡିହୀ ସରସ୍ୱତୀ ଶିଶୁମନ୍ଦିରରେ ଏକ ବୈଠକ ହୋଇଥିଲା। ଉପସଭାନେତ୍ରୀ ଝରଣା ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଭାରତୀୟ ମଜଦୁର ସଂଘର ପ୍ରଦେଶ ଉପସଭାପତି ଡାକ୍ତର ମହାନ୍ତ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଲେଡିଜ୍ ଆସୋସିଏସନର ରାଜ୍ୟ ସଭାନେତ୍ରୀ ସୁମିତ୍ରା ମହାପାତ୍ର, ରାଜ୍ୟ ସମ୍ପାଦକ ମମତା ରାଣି ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଷମା ମହାପାତ୍ର, ଜିଲ୍ଲା କୋଷାଧ୍ୟକ୍ଷ ସମବାରି ନାଇକ, ଲୀଳାବତୀ ନାଇକ ପ୍ରମୁଖ ଯୋଗ ଦେଇଥିଲେ। ଏହି ବୈଠକରେ ପୂର୍ବରୁ ଥିବା ପୁରୁଣା କମିଟିକୁ ଭଙ୍ଗ କରାଯାଇ ନୂତନ କମିଟି ଗଠନ କରାଯାଇଥିଲା। ଏହି ନୂତନ କମିଟିରେ ସଭାପତି ଭାବେ ସତ୍ୟଭାମା ଖଟୁଆ, ସମ୍ପାଦକ କନକ ଲତା ସାମଲ, ଉପସଭାପତି ଝରଣା ସ୍ୱାଇଁ ଓ ମଞ୍ଜୁଲତା ବିଶ୍ୱାଳ, ସହସମ୍ପାଦିକା ଗାୟିତ୍ରୀ ବେହେରା ଓ ପ୍ରମିଳା ସେନାପତି, କୋଷାଧ୍ୟକ୍ଷ ସୁଶାନ୍ତି ବେହେରା ମନୋନୀତ ହୋଇଥିଲେ।

## ମୁର୍ଗା ମହାଦେବଙ୍କୁ କାଉଡ଼ିଆଙ୍କ ଜଳାଭିଷେକ



**ଯୋଡ଼ା,୨୨।୭ (ସମିସ):** ଯୋଡା ବ୍ଲକ ଅନ୍ତର୍ଗତ ଦେଓଝର ପଞ୍ଚାୟତର ମୁର୍ଗାଠାରେ ଅବସ୍ଥିତ ପ୍ରସିଦ୍ଧ ଧବଳେଶ୍ୱର ଶୈବପୀଠରେ ଶ୍ରାବଣ ମାସର ପ୍ରଥମ ସୋମବାରରେ ୧୦ ହଜାରରୁ ଊର୍ଦ୍ଧ୍ୱ କାଉଡିଆ ଜଳାଭିଷେକ କରିବା ସହ ଦର୍ଶନ କରିଥିବାର ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରକାଶ କରାଯାଇଛି। ଗତ ରାତି ପ୍ରାୟ ତିନିଟା ସୁଦ୍ଧା ମନ୍ଦିରର ମୁଖ୍ୟପୂଜକ ପୂର୍ଣ୍ଣ ନାଏକ ଓ ତାଙ୍କର ସହଯୋଗୀ ମୁର୍ଗା ଧବଳେଶ୍ୱର ମହାଦେବଙ୍କ ବିଧି ମୁତାବକ ସମସ୍ତ ପ୍ରାତଃ ପୂଜାର୍ଚ୍ଚନା ନୀତି ସମ୍ପନ୍ନ କରିବା ପରେ ସାଢ଼େ ତିନିଟା ସୁଦ୍ଧା ମନ୍ଦିରର ମୁଖ୍ୟ ଫାଟକକୁ ଭକ୍ତମାନଙ୍କ ନିମନ୍ତେ ଉନ୍ମୁକ୍ତ କରାଯାଇଥିଲା। ଓଡ଼ିଶା ସହିତ ଝାଡଖଣ୍ଡ ରାଜ୍ୟ ଅନ୍ତର୍ଗତ ଗୋଆ, ମେଘାତବୁରୁ, କିରିବୁରୁ, ଚାଇଁବାସା, ଚକ୍ରଧରପୁର, ମନୋହରପୁର, ନୂଆମୁଣ୍ଡି ପ୍ରମୁଖ ଅଞ୍ଚଳରୁ ଅଧିକାଂଶ କାଉଡିଆ କାରୋ ଓ କୁଜୁ ଚିରସ୍ରୋତା ନାଳରୁ ପବିତ୍ର ଜଳ ଉତ୍ତୋଳନ କରି ଆଣିଥିଲେ। ଆମ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଭକ୍ତମାନେ ବୈତରଣୀ ନଦୀର କଣ୍ଡରା ଘାଟରୁ ଜଳ ଉତ୍ତୋଳନ କରି ମୁର୍ଗା ମହାଦେବ ପୀଠରେ ଜଳାଭିଷେକ କରିଥିଲେ। ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁର୍ଗା ଧବଳେଶ୍ୱର ଶୈବପୀଠରେ ପ୍ରଥମ ସୋମବାରରେ ଜଳାଭିଷେକ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ମନ୍ଦିର କମିଟି ସମ୍ପାଦକ ବୃନ୍ଦାବନ ଖିଲାର, ଉପସଭାପତି ବୀର ନାଏକଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ରହି ପରିଚାଳନା କରୁଥିବା ଜଣାପଡିଛି।

## ବ୍ଲକ୍ ସମ୍ମୁଖ ଉଇହୁଙ୍କାରେ ସାପ ଗର୍ଜନ



**ଆନନ୍ଦପୁର,୨୨।୭ (ସମିସ):** ଘସିପୁରା ବ୍ଲକ କାର୍ଯ୍ୟାଳୟ ସମୁଖରେ ଥିବା ଖେଳପଡିଆ ପାଚେରିରେ ଏକ ବିରାଟ ଉଇ ହୁଙ୍କା ଥିବା ବେଳେ ଏହି ହୁଙ୍କାରେ ଏକ ବିଷଧର ସାପର ଗର୍ଜନ ଭୟର ବାତାବରଣ ସୃଷ୍ଟି କରିଛି। ଏହି ବିରାଟକାୟ ଉଇ ହୁଙ୍କା ଗତ ପ୍ରାୟ ୧୫ ବର୍ଷ ଧରି ସେହିଠାରେ ଥିବା ବେଳେ ଦିନକୁ ଦିନ ଏହାର ଆକାର ବଢୁଥିବା ଜଣାଯାଇଛି। ଏହି ହୁଙ୍କାରେ ଅନେକ ବଡ଼ ବଡ଼ ଗାତ ଥିବା ବେଳେ ହୁଙ୍କା ମଧ୍ୟର ବିଷଧର ସାପ ରହିଥିବା ସନ୍ଦେହ ସୃଷ୍ଟି କରିଛି। ପ୍ରତିଦିନ ବିଭିନ୍ନ ଗ୍ରାମାଞ୍ଚଳରୁ ଶତାଧିକ ଜନସାଧାରଣ ବିଭିନ୍ନ କାର୍ଯ୍ୟରେ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ବେଳେ ବ୍ଲକର ମୁଖ୍ୟ ଫାଟକ ସମ୍ମୁଖରେ ଏହି ଉଇ ହୁଙ୍କା ରହିଥିବାରୁ ଏହା ବିପଦର କାରଣ ହୋଇଛି। ତେବେ ଆଜି ବ୍ଲକ ସମ୍ମୁଖରେ ଏକ ଗଣଧାରଣା ଚାଲିଥିବା ବେଳେ ରୁଣ୍ଡିଭୁତ ଲୋକେ ହୁଙ୍କାରୁ ଶବ୍ଦ ବାହାରୁଥିବା ଯୋଗୁ ଭୟଭୀତ ହୋଇପଡିଥିଲେ।

## ଆନନ୍ଦପୁରରେ ୯୪.୭୦ ମିମି ବର୍ଷା

# ବୈତରଣୀରେ ବନ୍ୟାଜଳ ପ୍ରବାହିତ




**ଆନନ୍ଦପୁର,୨୨।୭ (ସମିସ)**

ରାଜ୍ୟରେ ଗତ ସପ୍ତାହେ ଧରି ତୁହାକୁ ତୁହା ବର୍ଷା ଯୋଗୁ ବୈତରଣୀ ନଦୀରେ ପ୍ରଥମ ଜଳସ୍ତର ବୃଦ୍ଧି ପାଇ ଆଜି ଆନନ୍ଦପୁରଠାରେ ୩୨.୩୦୦ ମିଟରରେ ପହଞ୍ଚିଥିବା କେନ୍ଦ୍ରୀୟ ଜଳ ଆୟୋଗ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ଗତ ୭ ତାରିଖଠାରୁ ଝିପିଝିପି ବର୍ଷା ଯୋଗୁ ଆନନ୍ଦପୁରରେ ସର୍ବମୋଟ ୯୪.୭୦ ମିମି ବର୍ଷା ହୋଇଥିବାରୁ ବୈତରଣୀ ନଦୀରେ ବନ୍ୟାଜଳ ପ୍ରବେଶ କରିଥିବା ରେକର୍ଡ ହୋଇଛି। କେନ୍ଦୁଝର ଜିଲ୍ଲାର ଚମ୍ପୁଆ, ପାଟଣା, ଆନନ୍ଦପୁର ଓ ଠାକୁରମୁଣ୍ଡା ଅଞ୍ଚଳରେ ଏବେବି ତୁହାକୁ ତୁହା ବର୍ଷା ହେଉଥିବାରୁ ବୈତରଣୀରେ ବନ୍ୟା ଜଳ ଅଧିକ ମାତ୍ରାରେ ଆସିବାର ଆଶଙ୍କା ପ୍ରକାଶ ପାଇଛି। ହେଲେ ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ପକ୍ଷରୁ ବନ୍ୟା ମୁକାବିଲା ପାଇଁ ପ୍ରଶାସନିକ ପ୍ରସ୍ତୁତି ହୋଇନଥିବା ଜଣାଯାଇଛି। ବୈତରଣୀ ନଦୀରେ ହାଇଡ୍ରୋ ପାୱାର ପ୍ରୋଜେକ୍ଟ ଓ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଥିବା ବେଳେ ଉଦ୍‌ବୃତ ଜଳକୁ ନିୟନ୍ତ୍ରଣ କରିବା ପରିବର୍ତ୍ତେ ବିନା ସୂଚନାରେ ଗେଟ୍ ଟେକି ପାଣି ଛାଡି ଦେଉଥିବାରୁ ଏହା କେନ୍ଦ୍ରୀୟ ଜଳ ଆୟୋଗର ଆକଳନରେ ବାଧା ସୃଷ୍ଟି କରିଛି। ଉଭୟଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଦିଗରେ ପ୍ରଶାସନ ତତ୍ପର ହେଉନଥିବାରୁ ଆଗକୁ ହେବାକୁ ଥିବା ବୈତରଣୀର ବନ୍ୟା କିପରି ମୁକାବିଲା ହେବ ସେନେଇ ସନ୍ଦେହ ପ୍ରକଟ ହୋଇଛି। ଆନନ୍ଦପୁରଠାରେ ବୈତରଣୀ ନଦୀର ସତର୍କ ସୂଚନା ୩୭.୪୪୫ ମିଟର ଥିବା ବେଳେ ୩୮.୩୭୦ ମିଟର ବିପଦସଙ୍କେତ ସୂଚନା ରହିଛି। ଚଳିତ ବର୍ଷ ବର୍ଷା ଋତୁ ଆରମ୍ଭ ହୋଇ ବୈତରଣୀ ନଦୀରେ ବନ୍ୟାଜଳ ସ୍ୱତଃ ପ୍ରବେଶ କରିଥିବା ବେଳେ ଆନନ୍ଦପୁର ଉପଖଣ୍ଡରେ ବନ୍ୟା ମୁକାବିଲା ପ୍ରସ୍ତୁତି ଓ ବିପର୍ଯ୍ୟୟର ସହାୟତା ସମ୍ପର୍କିତ ବୈଠକ ଏଯାଏ ହୋଇନଥିବା ଜଣାଯାଇଛି। ବନ୍ୟାବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରିଥିବା ବେଳେ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ଭାବେ ଜଣାଶୁଣା ଆନନ୍ଦପୁର ଅଞ୍ଚଳରେ ଏହାର ପ୍ରସ୍ତୁତି ଆରମ୍ଭ ହୋଇନାହିଁ। ବନ୍ୟା ଦୁର୍ଗତଙ୍କ ନିକଟରେ ରିଲିଫ୍ ସହାୟତା ପହଞ୍ଚାଇବା ପାଇଁ ସରକାର ଯୋଗାଇ ଦେଇଥିବା ରିଲିଫ୍ ବୋଟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଳିଆଗଦାରେ ପଡିଥିବା ବେଳେ ଅନ୍ୟ ଏକ ରିଲିଫ ବୋଟ୍ ଡଙ୍ଗାଘାଟର ରାସ୍ତା କଡରେ ଅସୁରକ୍ଷିତ ଅବସ୍ଥାରେ ପଡିରହିଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କଠାରୁ ମିଳିଥିବା ବୋଟ ରାସ୍ତା କଡରେ ପଡିରହିଛି। ବୈତରଣୀ ବନ୍ୟାରେ ପ୍ରତିବର୍ଷ ନଦୀର ନିମ୍ନଭାଗରେ ରହୁଥିବା ହାଟଡିହି ଓ ଘସିପୁରା ବ୍ଲକର ନଦୀକୂଳିଆ ଲୋକଙ୍କୁ ବନ୍ୟା ପାଣି ଘେରିଯାଇଥାଏ। ବନ୍ୟାଜଳ ଘେରରେ ଥାଇ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ରିଲିଫ କମିଶନରଙ୍କ ପକ୍ଷରୁ ୩ଟି ବୋଟ ଦିଆଯାଇଥିଲା। ରାସ୍ତାକଡ ଓ ଅଳିଆଗଦାରେ ୨ଟି ବୋଟ ପଡିଥିବା ବେଳେ ଅନ୍ୟ ଏକ ବୋଟର ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନି। ଏଣୁ ଆନନ୍ଦପୁର ଉପଜିଲ୍ଲାପାଳ ଏଦିଗରେ ଆବଶ୍ୟକ ପଦକ୍ଷେପ ନେବା ଜରୁରି ହୋଇପଡିଛି।

## ପାଟଣା ବ୍ଲକରେ ଜନ ଅଭିଯୋଗ ଶୁଣାଣି



**ତୁରୁମୁଙ୍ଗା/ପାଟଣା,୨୨।୭ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ସଭାଗୃହରେ ସୋମବାର ଜିଲ୍ଲାପାଳ ବିଶାଲ ସିଂ ଏବଂ ଏସ୍‌ପି ନୀତିନ କୁଶଲକର ଦାଗଡୁ ମିଳିତ ଜନ ଅଭିଯୋଗ ଶୁଣାଣି କରିଛନ୍ତି। ଏଥିରେ ମୋଟ ୧୩୦ ଅଭିଯୋଗର ଶୁଣାଣି କରି ଏଗୁଡିକର ତୁରନ୍ତ ସମାଧାନ ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଥିମଧ୍ୟରୁ ୪୪ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୮ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବା ବେଳେ ୧୨୨ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ଗୋଟିଏ ଆବେଦନପତ୍ର ପ୍ରାପ୍ତ ହୋଇଥିଲା। ବିଶେଷ କରି ପାନୀୟ ଜଳ, ଆବାସ ଯୋଜନା, ବିଧବା, ବାର୍ଦ୍ଧକ୍ୟ ଭତ୍ତା, ରାସନ କାର୍ଡ, ରାସ୍ତା ଓ ଗମନାଗମନ ଆଦି ସମସ୍ୟା ପଞ୍ଜିକୃତ ହୋଇଥିଲା। ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ବିଶାଲ ସିଂଙ୍କ ସହ ଡିଏଫ୍‌ଓ ଏଚ୍‌ଡି ଧନରାଜ, ଏଡିଏମ୍‌ଓ ଯଦୁମଣି ମହାଲା, ସିଡିଏମଓ କିଶୋର ପୃଷ୍ଟି, ଏପିଡି ରବୀନ୍ଦ୍ର କୁମାର ମଲ୍ଲିକ, ଡିଡବ୍ଲୁଓ ପ୍ରବୀର ଦେଓ, ପାଟଣା ବିଡିଓ ଶିବଶଙ୍କର ମୁର୍ମୁ, ତହସିଲଦାର ଲୀଳାବତୀ ନାୟକ, ଏବିଡିଓ ଚିତ୍ତରଞ୍ଜନ ନାୟକ, ରେଞ୍ଜର ବନବିହାରୀ ସର୍ଦ୍ଦାର, ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନ, ଡବ୍ଲୁଇଓ ଶୁଭେନ୍ଦୁ ବଳ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଓ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ଜିଲ୍ଲାପାଳ ଜିଲ୍ଲା ଖଣିଜ ପାଣ୍ଠିରୁ ୭ଜଣ ଭିନ୍ନକ୍ଷମଙ୍କୁ ସ୍ୱୟଂଚାଳିତ ଟ୍ରାୟ ସାଇକଲ ବଣ୍ଟନ କରିଥିଲେ।

## ନାବାଳକର ସନ୍ଦେହଜନକ ମୃତ୍ୟୁ

**ଯୋଡ଼ା,୨୨।୭ (ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ସ୍ଥିତ ବାଂଶପାଣି ଟୋଲଗେଟ୍ ବସ୍ତିରେ ସୋମବାର ଜଣେ ନାବାଳକର ସନ୍ଦେହ ଜନକ ମୃତ୍ୟୁ ଘଟିଛି। ନାବାଳକର ନାମ ସୁନିଲ ମୁଣ୍ଡା (୮)। ମିଳିଥିବା ସୂଚନା ଅନୁଯାୟୀ, ଘରେ କେହି ନ ଥିବା ବେଳେ ଏକ ଗାମୁଛାରେ ବେକରେ ଫାଶୀ ଲଗାଇଥିବା ସମୟରେ ତାଙ୍କୁ ଉଦ୍ଧାର କରି ତାଙ୍କ ସମ୍ପର୍କୀୟ ମାନେ କମାରଯୋଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଖବର ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଏ ନେଇ ଯୋଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ନଂ ୩୫/୨୦୨୪ ରୁଜୁ ହୋଇଛି। ଏହି ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ବ୍ୟବଚ୍ଛେଦ ପରେ ଏହା ଜଣାପଡିବ ବୋଲି ପୁଲିସ ପ୍ରକାଶ କରିଛି। ମୃତ ନାବାଳକ ବାପା ମା'ଛେଉଣ୍ଡ ହୋଇଥିବା ବେଳେ ସେ ତାଙ୍କ ମାଉସୀଙ୍କ ନିକଟରେ ରହୁଥିଲେ।

● ନାବାଳିକା ଦୁଷ୍କର୍ମ ଘଟଣା

## ପୀଡ଼ିତାଙ୍କ ପରିବାରକୁ ଭେଟିଲେ ବିଧାୟକ



**ତେଲକୋଇ,୨୨।୭ (ସମିସ):** କେନ୍ଦୁଝର ଜିଲ୍ଲା କାଞ୍ଜିପାଣି ଥାନା ଅଞ୍ଚଳରେ ଗତ ସୋମବାର ଜଣେ ୧୩ ବର୍ଷ ଆଦିବାସୀ ନାବାଳିକାଙ୍କୁ ଅପହରଣ କରି ଦୁଷ୍କର୍ମ କରାଯାଇଥିଲା। ତେବେ ସୂଚନା ମୁତାବକ, ସମ୍ପୃକ୍ତ ନାବାଳିକା ଅନ୍ୟ ଜଣେ ନାବାଳିକା ସହିତ ଘରୁ ନିକଟସ୍ଥ ବାରହା ଦେବତା ସାପ୍ତାହିକ ହାଟକୁ କୌଣସି କାର୍ଯ୍ୟରେ ଆସୁଥିବା ବେଳେ ସ୍ଥାନୀୟ ନୂଆଡିହି ସାହି ଛକରେ ଚା' ଦୋକାନ କରିଥିବା ଅଭିଯୁକ୍ତ ଏସ୍‌କେ କୁର୍ବାନ ଏକ ବାଇକ୍ ଯୋଗେ ଆସି ସଂପୃକ୍ତ ନାବାଳିକାକୁ ଜୋର୍ ଜବରଦସ୍ତ ଉଠାଇ ବାଇକ୍‌ରେ ବସାଇ ନିଛାଟିଆ ସ୍ଥାନକୁ ନେଇ ଯାଇଥିଲା। ସେଠାରେ ସେ ନିଜେ ମଦ୍ୟପାନ କରିବା ସହିତ ନାବାଳିକାକୁ ମଧ ମଦ ପିଆଇ ଦୁଷ୍କର୍ମ କରିଥିଲା। ରବିବାର ସ୍ଥାନୀୟ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ତାଙ୍କ ବାସଗୃହରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ସିରିଆ ବାହାଳରେ ଦନ୍ତା ଆତଙ୍କ



**ତେଲକୋଇ,୨୨।୭ (ସମିସ):** ତେଲକୋଇ ବନାଞ୍ଚଳ ସିରିଆ ବାହାଳ ଗ୍ରାମ ସନ୍ନିକଟ ଜଙ୍ଗଲରେ ଦୁଇଟି ଦାନ୍ତ ହାତୀ ଡେରା ପକାଇଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଛନକା ସୃଷ୍ଟି ହୋଇଛି। ଦନ୍ତାଙ୍କ ଉପସ୍ଥିତି ଯୋଗୁଁ ଲୋକେ ରାତିରେ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ଦିନବେଳା ଚାଷ କାର୍ଯ୍ୟ ପାଇଁ ଲୋକେ ଭୟରେ ଉକ୍ତ ଅଞ୍ଚଳକୁ ଯିବାକୁ ଅମଙ୍ଗ ହେଉଛନ୍ତି। ବନ ବିଭାଗ ତୁରନ୍ତ ଦନ୍ତା ଦ୍ୱୟଙ୍କୁ ଘଉଡାଇ ବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଓଲଟା ଚାଲୁଛି ଲକ୍ଷ୍ମୀ ବସ୍

## ସକାଳୁ ଗ୍ରାମାଞ୍ଚଳରୁ ବାହାରିବାକୁ ଦାବି

**ଆନନ୍ଦପୁର,୨୨।୭ (ସମିସ):** ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ସହାୟକ ଭଡ଼ାରେ ବ୍ଲକ ସଦର ମହକୁମାକୁ ଓ ଜିଲ୍ଲା ସଦର ମହକୁମାକୁ ଯାତାୟାତ କରିବା ପାଇଁ ଚାଲୁଥିବା ଲକ୍ଷ୍ମୀ ବସ୍ ସେବା ଅଞ୍ଚଳବାସୀଙ୍କ ପାଇଁ ସହାୟକ ହୋଇପାରୁନଥିବା ଅଭିଯୋଗ ହୋଇଛି। ଏହି ବସ୍ ଗୁଡିକ ଗ୍ରାମାଞ୍ଚଳରେ ରାତ୍ରୀରହଣି କରିବା ସହିତ ସକାଳୁ ବ୍ଲକ ସଦର ମହକୁମାକୁ ଆସିବା ପାଇଁ ନିର୍ଦ୍ଦେଶ ଥିବାବେଳେ ବର୍ତ୍ତମାନକୁ ଏହା ଓଲଟା ଭାବେ ଯାତାୟାତ କରୁଥିବାରୁ ଅଞ୍ଚଳବାସୀ ଉପକୃତ ହୋଇପାରୁନଥିବା ଜଣାଯାଇଛି। ଆନନ୍ଦପୁର ଓ ଘସିପୁରା ବ୍ଲକ ପାଇଁ ଦିଆଯାଇଥିବା ଲକ୍ଷ୍ମୀ ବସ୍‌ଗୁଡିକ ବସଷ୍ଟାଣ୍ଡରେ ରାତିରେ ରହୁଥିବା ଜଣାଯାଇଛି। ତେବେ ଆନନ୍ଦପୁର ବ୍ଲକର ଜଳସୁଆଁ, ବୁଢ଼ୀକୁଦ, କାଠକଟା, କଣ୍ଟିପାଳ, ଘସିପୁରା ବ୍ଲକର ଗଡ଼ବାନ୍ଧଗୋଡା, ଶାଳଦେଇ ଓ କେଶଦୁରାପାଳ ଅଞ୍ଚଳରୁ ପ୍ରତିଦିନ ସକାଳେ ବ୍ଲକ ସଦର ମହକୁମା ବସ୍‌ଷ୍ଟାଣ୍ଡକୁ ଆସିଲେ ଗ୍ରାମାଞ୍ଚଳର ଜନସାଧାରଣ ଉପକୃତ ହୋଇପାରନ୍ତେ। ଅନ୍ୟପକ୍ଷରେ ପ୍ରତିଦିନ ଏହି ଗାଡିଗୁଡିକର ଡିଜେଲ ଖର୍ଚ୍ଚ ୫୦ ପ୍ରତିଶତ କମ୍ ହୋଇପାରନ୍ତା ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ଆନନ୍ଦପୁର ଓ ଘସିପୁରା ବସ୍‌ଷ୍ଟାଣ୍ଡରେ ରହୁଥିବା ଲକ୍ଷ୍ମୀ ବସ୍ ରାତିରେ ଆନନ୍ଦପୁର ବ୍ଲକର ଜଳସୁଆଁ, ବୁଢୀକୁଦ, କାଠକଟା, କଣ୍ଟିପାଳ, ଘସିପୁରା ବ୍ଲକର, ଗଡ଼ବାନ୍ଧଗୋଡା, ଶାଳଦେଇ ଓ କେଶଦୁରାପାଳରେ ରହିବା ପାଇଁ ଅଞ୍ଚଳବାସୀମାନେ ଦାଦି ଜଣାଇଛନ୍ତି।



## ଆବାସ ଓ ଉନ୍ନୟନ ଯୋଜନାର ସମୀକ୍ଷା

**ତୁରୁମୁଙ୍ଗା,୨୨।୭ (ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସମ୍ମିଳନୀ କକ୍ଷରେ କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂ ଜନଅଭିଯୋଗ ଶୁଣାଣି ପୂର୍ବରୁ ବ୍ଲକ୍‌ରେ ସୋମବାର ଗ୍ରାମୀଣ ଆବାସ ଓ ଉନ୍ନୟନ ଯୋଜନାର କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ନିମ୍ନମାନର ପ୍ରଦର୍ଶନ କରିଥିବା ଅଧିକାରୀଙ୍କ ଉପରେ ବର୍ଷିବା ସହ ଦୁର୍ବଳ ପ୍ରଦର୍ଶନ କରିଥିବା ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଆଗାମୀ ଏକ ସପ୍ତାହ ମଧ୍ୟରେ ଉନ୍ନତ ପ୍ରଦର୍ଶନ ନହେଲେ ନିଲମ୍ବନ କରିବାକୁ ଚେତାବନୀ ଦେଇଥିବା ଜଣାପଡିଛି। ପଲାଶଘାଟି, ଚିନାମାଳିପଶି, ମୂଷାଖୋରି, ବାଉଁଶୁଳି, କେନ୍ଦେଇପଶି ଓ ଯମୁନାପଶି ଗ୍ରାମପଞ୍ଚାୟତ ଗୁଡିକରେ ନିମ୍ନମାନର ପ୍ରଦର୍ଶନ ପାଇଁ ଜିଲ୍ଲାପାଳ ବିଶାଳ ସିଂ ପ୍ରାଧିକୃତ ଅଧିକାରୀ ଡିଏମ୍‌ଏଫ୍ ପ୍ରକଳ୍ପ ଅଧିକାରୀ ମନୋରଞ୍ଜନ ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ସୀତାକାନ୍ତ ବେଉରିଆ, ସସ୍ମିତା ହେମ୍ବ୍ରମ, ରାମେଶ୍ୱର ମହନ୍ତ, ଲୋପାମୁଦ୍ରା ମହାନ୍ତ, ପିଇଓ ଅଭିଲାଷ ରାଜ୍, ଦେବାଶିଷ ରାଉତ ଓ ଜୟନ୍ତୀ ମହାନ୍ତଙ୍କୁ କଡ଼ା ତାଗିଦ କରିବା ସହ ପ୍ରଦର୍ଶନରେ ଉନ୍ନତି ନହେଲେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଚେତାବନୀ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ଏପିଡି ରବୀନ୍ଦ୍ର ମଲ୍ଲିକ, ବିଡିଓ ଶିବଶଙ୍କର ମୁର୍ମୁ, ଏବିଡିଓ ଚିତ୍ତରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତି ଥିଲେ।

# ଚମ୍ପୁଆ ରେଞ୍ଜରେ ଆତଙ୍କ କରୁଛନ୍ତି ଝାଡ଼ଖଣ୍ଡୀ ହାତୀ

## ଗଦଗଦି ପୋଖରୀରେ ହାତୀପଲଙ୍କ ଜଳକ୍ରୀଡ଼ା



**ତୁରୁମୁଙ୍ଗା/ଚମ୍ପୁଆ,୨୨।୭ (ସମିସ)**

କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ଜ୍ୟୋତିପୁର ବିଟ୍ ଅଞ୍ଚଳରେ ହାତୀପଲଙ୍କ ଉପଦ୍ରବ ସହ ଜଳକ୍ରୀଡ଼ା କରିବାର ଦୃଶ୍ୟ ଦେଖିବାକୁ ମିଳିଛି। ଏକ ୨୨ ଟିକିଆ ଝାରଖଣ୍ଡୀ ହାତୀପଲ କରଞ୍ଜିଆ ରେଞ୍ଜରୁ ଆସି ଚମ୍ପୁଆ ରେଞ୍ଜକୁ ପ୍ରବେଶ କରି ଏକ ସପ୍ତାହ ହେଲାଣି ଆତଙ୍କ ଖେଳାଇଛନ୍ତି। ହାତୀପଲ ସୋମବାର ଅପରାହ୍ନରେ ବରପଦା ଜଙ୍ଗଲ ଭିତରେ ଥିବା ଗଦଗଦି ପୋଖରୀରେ ଆଜି ପାଣି ପିଇବା ପରେ ଦୀର୍ଘ ସମୟ ଧରି ଜଳକ୍ରୀଡ଼ା କରିଥିଲେ। ହାତୀପଲଙ୍କ ଉପଦ୍ରବରେ ଲୋକେ ଭୟଭୀତ ଥିବା ବେଳେ ହାତୀପଲଙ୍କ ଜଳକ୍ରୀଡ଼ାର ମନୋରମ ଦୃଶ୍ୟ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ଏହି ୨୭ ଟିକିଆ ହାତୀପଲ ଅଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗି ନଷ୍ଟ କରିଦେଇଥିବା ବେଳେ ବିଳମ୍ବିତ ରାତିରେ ହାତୀପଲ ନିଶାଗଡିଆ ଓ ବାଲିପଶି ଗ୍ରାମରେ ୬ଟି ଘର ଭାଙ୍ଗି ଦେଇଛନ୍ତି। ଗତକାଲି ଏହି ହାତୀପଲ ତିନି ଭାଗରେ ବିଭକ୍ତ ହୋଇ ଜ୍ୟୋତିପୁର ବିଟ୍ ଅଞ୍ଚଳର ବାଲିପଶି, ନିଶାଗଡ଼ିଆ, ବଙ୍କିଆ ଅଞ୍ଚଳରେ ଏକର ଏକର ଧାନ ଫସଲ ନଷ୍ଟ କରିବା ସହ ବାଲିପଶି ଗ୍ରାମରେ ୩ ଜଣ ଲକ୍ଷ୍ମୀଧର ଲୋହାର, ସତୀଶ ବାରିକ, ଦେବେନ୍ଦ୍ର ବାରିକଙ୍କ ଘର ଭାଙ୍ଗିଛନ୍ତି। ସେହିପରି ନିଶାଗଡ଼ିଆ ଗ୍ରାମରେ ୩ଟି ଘର ଉର୍ମିଳା ନାଏକ, ରେଖା ନାଏକ, ଶ୍ୟାମସୁନ୍ଦର ନାଏକ ଓ ବାଙ୍କିଆ ଗ୍ରାମରେ ଗୋଟିଏ ଘର କ୍ଷୀରୋଦ ମହାନ୍ତଙ୍କ ଭାଙ୍ଗିଛନ୍ତି। ଏବେ ଏହି ହାତୀ ପଲ ୨ ଭାଗରେ ବିଭକ୍ତ ହୋଇ ୨୪ଟି ହାତୀ ବର୍ଦ୍ଧନା ଜଙ୍ଗଲରେ ରହିଥିବା ବେଳେ ୩ଟି ବୈତରଣୀ ନଦୀ ପାର ହୋଇ ମୟୂରଭଞ୍ଜ ପଟକୁ ଚାଲିଯାଇଛନ୍ତି। ବର୍ଦ୍ଧନା ଜଙ୍ଗଲରେ ଥିବା ହାତୀ ପଲଙ୍କୁ ନେଇ ଆଖପାଖ ଅଞ୍ଚଳରେ ଲୋକେ ଆତଙ୍କିତ ଅବସ୍ଥାରେ ଥିବା ଜଣା ପଡିଛି। ଅନ୍ୟ ପଟେ ବନ ବିଭାଗ ହାତୀ ପଲ ଉପରେ ନଜର ରଖିଥିବା ଜଣାପଡିଛି।

## ରାସ୍ତାରେ ଜମିଛି ପାଇଖାନା ମଳଯୁକ୍ତ ବର୍ଜ୍ୟଜଳ

**ଯୋଡ଼ା,୨୨।୭ (ସମିସ):** ସରକାର ଜନବସତି ଗୁଡ଼ିକର ପରିବେଶ ସ୍ୱଚ୍ଛତା ରଖିବା ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ବାସ୍ତବ କ୍ଷେତ୍ରରେ ଫଳ ଶୂନ ଥିଲା ପରି ମନେ ହୁଏ। ଯାହାର ଏକ ନଗ୍ନ ଉଦାହରଣ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୧୧ ନମ୍ବର ୱାର୍ଡର କମାରଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଖରେ ଥିବା ଜନତା ଶୌଚାଳୟ ଠାରେ। ଶୌଚାଳୟର ସେପଟି ଟାଙ୍କି ଭାଙ୍ଗିଯାଇ ପାଇଖାନାର ମଳଯୁକ୍ତ ବର୍ଜ୍ୟଜଳ ଦୀର୍ଘଦିନ ଧରି ଜମାଟ ହୋଇ ରହିଥିବା ଯୋଗୁଁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଜନତା ଶୌଚାଳୟର ପଛପାଖ ଓ ଡାକ୍ତରଖାନା ପରିସର ମଧ୍ୟରେ ଥିବା ଆହାର କେନ୍ଦ୍ର ସମେତ ସେ ଅଞ୍ଚଳରେ ଥିବା ବିଭିନ୍ନ ଦୋକାନ ଗୃହ ଲାଗି ରହିଥିବା ବେଳେ ପରିବେଶକୁ ଦୁର୍ଗନ୍ଧମୟ କରିଛି। ସାଧାରଣ ଜନତାଙ୍କୁ ସେବା ଯୋଗାଇବା ଲକ୍ଷ୍ୟରେ ନିର୍ମାଣ ହୋଇଥିବା ଜନତା ଶୌଚାଳୟର ସ୍ଥିତି ଆଖିରେ ନ ଦେଖିଲେ ବିଶ୍ୱାସ କରିବା କଷ୍ଟ। ପାଇଖାନାର ଗନ୍ଧଯୁକ୍ତ ଜଳ ବେଶ କିଛି ଦିନ ଜମି ରହିଥିବା ବେଳେ ତାକୁ ବନ୍ଦ କରିବା ନିମନ୍ତେ ଦାବି କରି ଆସୁଥିଲେ ଆଖପାଖ ଅଞ୍ଚଳର ସ୍ଥାନୀୟ ଅଧିବାସୀ। ବାରମ୍ବାର ଅଭିଯୋଗ ହେବା ପରେ ସୋମବାର ଜନୈକ ଠିକାଦାର ଶୌଚାଳୟ ମରାମତି ଉଦ୍ଦେଶ୍ୟରେ ସେଠାରେ ପହଞ୍ଚି ମନ୍ଦ ଉଦେଶ୍ୟ ପ୍ରଣୋଦିତ ଭାବେ ପାଇଖାନା ଜଳକୁ ସହରର ମୁଖ୍ୟ ଡ୍ରେନରେ ମିଶାଇବା ଉଦ୍ୟମକୁ ଦେଖି ସ୍ଥାନୀୟ ଅଧିବାସୀ ପ୍ରବଳ ବିରୋଧ କରିଥିଲେ। ଅଧିବାସୀମାନଙ୍କ ବିରୋଧର ସମ୍ମୁଖୀନ ହୋଇ ଠିକାଦାର ଘଟଣାସ୍ଥଳରୁ ଚମ୍ପଟ ମରିଥିଲା। ଏଠାରେ ସୂଚନଯୋଗ୍ୟ ଯେ, ଯୋଡ଼ା ସହରର ଲାଇଫ୍ ଲାଇନ କୁହା ଯାଉଥିବା ସୁନାନଦୀ ସହିତ ମୁଖ୍ୟ ଡ୍ରେନଟି ସଂଯୋଗ ଥିବାରୁ ପାଇଖାନା ଜଳ ଡ୍ରେନରେ ପକାଇବା ଉଚିତ୍ ନୁହଁ ବୋଲି ସ୍ଥାନୀୟ ଅଧିବାସୀମାନେ ତାକୁ ନେଇ ପ୍ରସ୍ତାବ ଦେଇଥିଲେ। ଅନ୍ୟ କୌଣସି ଉପାୟ ନପାଇ ସେ ପାଇଖାନା ବର୍ଜ୍ୟଜଳ ଉପରେ ଅଳ୍ପ କିଛି ମାଟି ପକାଇ ଦେଇ କାର୍ଯ୍ୟ ବନ୍ଦ କରି ଦେଇଥିଲେ।



## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

କୁଆମରା, ୨୨।୭ (ସମିସ): ଖୁଣ୍ଟା ଥାନା ତଥା ବାସିପିଠା ପଞ୍ଚାୟତ ଅନ୍ତର୍ଗତ ସନାତନପୁର ଗ୍ରାମର ଗୋକୁଳ ମହାନ୍ତଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା (୪୫)ଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ଶନିବାର ରାତିରେ ପରିବାର ସହ ଶୋଇଥିବା ବେଳେ ଲକ୍ଷ୍ମୀପ୍ରିୟାଙ୍କୁ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ତେବେ କିଛି ସମୟ ପରେ ଯନ୍ତ୍ରଣା ଅନୁଭବ ହେବାରୁ ତାଙ୍କୁ ଡୁକୁରା ଡାକ୍ତରଖାନା କୁ ନେଇଥିଲେ ମଧ୍ଯ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବାସିପିଠା ଗ୍ରାମରୁ ସୁନା ଅଳଙ୍କାର ଚୋରି

କୁଆମରା, ୨୨।୭ (ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ବାସିପିଠା ଗ୍ରାମର ଆଦିବାସୀ ସାହିରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ଗ୍ରାମର ଚନ୍ଦନ ମୁର୍ମୁ କୌଣସି କାମରେ ପରିବାରସହ ବାହାରକୁ ଯାଇଥିବା ବେଳେ ଅପରାହ୍ଣରେ ଘର ପଛପଟୁ ଦୁର୍ବୃତ୍ତମାନେ ପଶି ଘର ମଧ୍ୟରେ ଥିବା ସୁନା ଓ ରୂପା ଅଳଙ୍କାର ଲୁଟି ନେଇଛନ୍ତି। ତେବେ ଘରକୁ ଫେରିବା ପରେ ଚୋରି ହୋଇଥିବା ଜାଣି ଥାନାରେ ଅଭିଯୋଗ କରିଛନ୍ତି ଚନ୍ଦନ। ପୁଲିସ ଅଭିଯୋଗ ପାଇ ତଦନ୍ତ କରୁଛି।

### ଅବ୍ୟବସ୍ଥାରେ କଚେରୀ ପରିବା ମାର୍କେଟ

# ଦୁର୍ଗନ୍ଧମୟ ପରିବେଶ ଯୋଗୁ ନାକ ଟେକୁଛନ୍ତି ଗ୍ରାହକ



ରାଇରଙ୍ଗପୁର, ୨୨।୭ (ସମିସ): ରାଇରଙ୍ଗପୁର ପୌର ପରିଷଦରେ ଥିବା କଚେରୀ ପରିବା ମାର୍କେଟ ସମ୍ପ୍ରତି ବିଭିନ୍ନ ଅବ୍ୟବସ୍ଥା ଦେଇ ଗତି କରୁଛି। ବଜାର ପରିସରରେ ମାଛ ଓ ମାଂସ ଦୋକାନ ରହିଛି। ପୌର କର୍ତ୍ତୃପକ୍ଷ ପ୍ରତିବର୍ଷ ପରିବା ମାର୍କେଟ ନିଲାମ କରି ରାଜସ୍ୱ ଆଦାୟ କରିଥାଏ; କିନ୍ତୁ ପ୍ରାୟ ତିନି ବର୍ଷ ହେଲା ପରିବା ମାର୍କେଟ ଅବହେଳିତ ଅବସ୍ଥାରେ ରହିଥିବାରୁ ଅନ୍ୟ ଲୋକ ନିଲାମ ନେଇ ନ ଥିଲେ। ତେଣୁ ଏବେ ପୌର କର୍ତ୍ତୃପକ୍ଷ ନିଜେ ମହାସୁଲ ଆଦାୟ କରୁଛି। କିନ୍ତୁ ପୌର ପ୍ରଶାସନ ପରିବା ମାର୍କେଟ ଉନ୍ନତିକରଣ କ୍ଷେତ୍ରରେ ଆଖି ବୁଜି ଦେଇଛି। ଗତ ଦୁଇ ବର୍ଷ ପୂର୍ବରୁ ପୌର ପରିଷଦ ପକ୍ଷରୁ କଚେରୀ ପରିବା ମାର୍କେଟରେ ପରିବା ବିକାଳିମାନଙ୍କ ପାଇଁ ପିଣ୍ଡି ନିର୍ମାଣ କରାଯାଇଥିଲା; ହେଲେ ଏ ଯାଏ ପିଣ୍ଡିଗୁଡିକ ଛାଉଣି ହୋଇପାରିନାହିଁ। ଯଦ୍ଦ୍ୱାରା ବିକ୍ରେତାମାନେ ଖରା ଓ ବର୍ଷାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ମାର୍କେଟ ପରିସରରେ ବିଦ୍ୟୁତ ଆଲୋକ କି ପାନୀୟ ଜଳ ବ୍ୟବସ୍ଥା କରାଯାଇନାହିଁ। ପୌର ପରିଷଦ ପକ୍ଷରୁ ଶୌଚାଳୟ ନିର୍ମାଣ କରାଯାଇଥିଲା; ହେଲେ ପାଣି ଅଭାବରୁ ତାହା ବ୍ୟବହାର ହୋଇ ନ ପାରି ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଫଳରେ ଲୋକେ ବାହାରେ ପରିସ୍ରା କରୁଥିବାରୁ ପରିବା ମାର୍କେଟରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଅଳିଆ ଆବର୍ଜନା ମଧ୍ୟ ଏଣେ ତେଣେ ପଡ଼ିରହିଛି। ତେଣୁ ଗ୍ରାହକମାନେ ପରିବା ମାର୍କେଟକୁ ଯିବାକୁ ନାକ ଟେକୁଛନ୍ତି। ଏହିସବୁ ସମସ୍ୟା ନେଇ ପରିବା ବେପାରୀମାନେ ବହୁବାର ପୌର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ଫଳରେ ଗ୍ରାହକ ଏବଂ ପରିବା ବିକାଳିଙ୍କ ମଧ୍ୟ ଅସନ୍ତୋଷ ପ୍ରକାଶ ପାଉଛି। ପୌର ପ୍ରଶାସନ ଯଥାଶୀଘ୍ର ଉପଯୁକ୍ତ ସମସ୍ୟା ଗୁଡିକର ସମାଧାନ କରିବା ପାଇଁ ସାଧାରଣରେ ଦାବି ହୋଇଛି।



### ସ୍ଥାନୀୟ ଲୋକଙ୍କ ପ୍ରତିକ୍ରିୟା....



କଚେରୀ ପରିବା ମାର୍କେଟରେ ଅବ୍ୟବସ୍ଥା ସହିତ ଦୂଷିତ ପରିବେଶ ରହିଥିବା ଯୋଗୁଁ ଗ୍ରାହକମାନେ ନାକ ଟେକୁଛନ୍ତି। ହେଲେ ବାଧ ହୋଇ ମାଛ ଓ ମାଂସ କିଣିବା ପାଇଁ ଯିବାକୁ ପଡୁଛି। ପୌର ପରିଷଦ ପକ୍ଷରୁ ପରିବା ଦୋକାନୀ ଓ ଗ୍ରାହକଙ୍କ ପାଇଁ ସୁବିଧା ଯୋଗାଇ ଦେଲେ ଭଲ ହୁଅନ୍ତା। ମାର୍କେଟ ପରିସରରେ ସଫେଇ ଓ ଛାଉଣି ସହିତ ଆଲୋକର ବ୍ୟବସ୍ଥା ନିହାତି ଆବଶ୍ୟକ।

ପ୍ରହ୍ଲାଦ ପୂର୍ତ୍ତି, ପୂର୍ବତନ ବିଧାୟକ



ଏବେ ପରିବା ମାର୍କେଟ ଅବ୍ୟବସ୍ଥା ମଧ୍ୟରେ ରହିଛି। ପିଣ୍ଡିଗୁଡିକରେ ଛାଉଣି ହୋଇ ନ ଥିବାରୁ ବେପାରୀମାନେ ଖରା ବର୍ଷାରେ ବାଧହୋଇ ବସୁଛନ୍ତି। ଡ୍ରେନ, ପାନୀୟ ଜଳ ନଥିବା ସହିତ ଶୌଚାଳୟ ଅଚଳ ରହିଛି। ଅଳିଆ ଆବର୍ଜନା ପଚି ଯାଇଥିବାରୁ ମାର୍କେଟ ପରିସରରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ପୌର କର୍ତ୍ତୃପକ୍ଷ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ।

ଭଜହରି ମହାନ୍ତ, କଂଗ୍ରେସ ନେତା, କୁଚେଇବୁଡି



ପରିବା ମାର୍କେଟରେ ପୌର ପରିଷଦ ପକ୍ଷରୁ ପିଣ୍ଡି ନିର୍ମାଣ କରାଯାଇଛି। ହେଲେ ଏ ଯାଏ ଛାଉଣି ହୋଇପାରିଲା ନାହିଁ। ମାର୍କେଟ ପରିସରରେ ସଫେଇ ହେଉ ନ ଥିବାରୁ ଅଳିଆ ଆବର୍ଜନା ଜମା ହୋଇ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ଗ୍ରାହକ ମାର୍କେଟକୁ ଯାଉନାହାନ୍ତି। ତେଣୁ ବାଧ ହୋଇ ରାସ୍ତା ପାର୍ଶ୍ୱରେ ପରିବା ବିକ୍ରୟ କରୁଛି।

ସଚୀନ୍ଦ୍ର ଗିରି, ପରିବା ବିକ୍ରେତା

## ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



ରାଇରଙ୍ଗପୁର, ୨୨।୭ (ସମିସ): ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବାମନଘାଟି ଉପଜିଲ୍ଲାପାଳ ସରୋଜ କୁମାର ଦାଶଙ୍କ ସଭାପତିତ୍ୱରେ ରାଇରଙ୍ଗପୁର ଉପଖଣ୍ଡରେ ଆଗାମୀ ୭୮ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୋକୁଳା ନନ୍ଦ ସାହୁ ଯୋଗ ଦେଇଥିଲେ। ଏହା ପରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଦ୍ୱାରା ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତାବିତ କାର୍ଯ୍ୟସୂଚୀ ଉପସ୍ଥାପନ କରାଯାଇଥିଲା। ବୈଠକରେ ପ୍ରତ୍ୟେକଟି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଜାତୀୟ ଦିବସକୁ ଉପଖଣ୍ଡ ସ୍ତରରେ ସୁନ୍ଦର ତଥା ଆକର୍ଷଣୀୟ ଭାବେ ପାଳନ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ଡାକବାଜି ଯନ୍ତ୍ର ଯୋଗେ ସହରାଞ୍ଚଳରେ ରାମଧୂନ ପରିବେଷଣ, ପରେଡ ପଡ଼ିଆ ସୁସଜ୍ଜିକରଣ, ଅଭିବାଦନ ମଞ୍ଚ ପ୍ରସ୍ତୁତି, ସହରାଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ, ଜଳ ଯୋଗାଣ, ଆନୁଷ୍ଠାନିକ ଉତ୍ସବ କାର୍ଯ୍ୟକ୍ରମ ସମୟରେ ଆକସ୍ମିକ ଦୁର୍ଘଟଣାର ମୁକାବିଲା, ସହରାଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ତଥା ଟ୍ରାଫିକ ନିୟନ୍ତ୍ରଣ, ପରେଡ ପରିଚାଳନା, ଅପାତକାଳୀନ ସ୍ୱାସ୍ଥ୍ୟ ସେବା, ଜାତୀୟ ସଙ୍ଗୀତ ପରିବେଷଣ, ଅତିଥିଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ ଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ, ଉପଖଣ୍ଡ ଚିକିତ୍ସାଳୟର ରୋଗୀ ଏବଂ ଉପକାରାଗାର ଅନ୍ତେବାସୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ଫଳ ଓ ବିସ୍କୁଟ ବଣ୍ଟନ ଆଦି କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ତଥା ବ୍ୟକ୍ତି ବିଶେଷଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଜାତୀୟ ଦିବସ କୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

କୁଆମରା, ୨୨।୭ (ସମିସ): ଗୋପବନ୍ଧୁ ନଗର ବ୍ଲକ ସ୍ତରୀୟ ୭୭ ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଆଜି ବ୍ଲକ ସଭାଗୃହରେ ଉପାଧକ୍ଷା ରଶ୍ମିତା ଚୌଧୁରୀ ଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ବିଡିଓ କରୁଣାକର ଧିନ୍ଦା, ସହକାରୀ ଯନ୍ତ୍ରୀ ବିନୟ ଜ୍ୟୋତି ଲେଙ୍କା ଙ୍କ ସମେତ ଶିକ୍ଷା ବିଭାଗର ବିଭିନ୍ନ ବିଦ୍ୟାଳୟ ରୁ ଶିକ୍ଷକ, ଶିକ୍ଷୟତ୍ରୀ, ଏବିଇଓ, ଯୋଗାଣ ବିଭାଗ ଅଧିକାରୀ, ଜଳ ଓ ପରିମଳ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସମାଜ ସେବୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ବିଭିନ୍ନ ବିଭାଗର ପଦାଧିକାରୀ ଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ରହି ସ୍ୱାଧୀନତା ଦିବସ ପାଳନର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ବ୍ଲକ ସ୍ତରୀୟ ଏହି ଆୟୋଜିତ କାର୍ଯ୍ୟକ୍ରମ ସକାଳ ୯ଟା ରେ ସ୍ଥାନୀୟ ମିନି ଷ୍ଟାଡିୟମ ରେ ଜାତୀୟ ପତାକା ଉତ୍ତୋଳନ ହେବ। ଏଥି ପୂର୍ବରୁ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ କନିଷ୍ଠ ଓ ବରିଷ୍ଠ ଦୁଇ ଭାଗରେ ବିଭକ୍ତ କରାଯାଇ ପ୍ରବନ୍ଧ, ସଙ୍ଗୀତ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଷଷ୍ଠ ରୁ ଅଷ୍ଟମ କନିଷ୍ଠ ଓ ନବମରୁ ଦ୍ୱାଦଶ ବରିଷ୍ଠ ବିଭାଗରେ ରହିବେ। ଚଳିତ ବର୍ଷ ଯୁକ୍ତ ତିନିର ଛାତ୍ର ଛାତ୍ରୀ ମଧ୍ୟ ନୂତନ ଭାବେ ପ୍ରତିଯୋଗିତା ରେ ସାମିଲ ହେବେ ବୋଲି ବୈଠକରେ ନିଷ୍ପତ୍ତି ନିଆ ଯାଇଛି। ପ୍ରତିଯୋଗିତା ରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମ କୁ ସମ୍ପୂର୍ଣ୍ଣ ଭାବେ ଶିକ୍ଷା ବିଭାଗ କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଭିନ୍ନ ବିଦ୍ୟାଳୟରୁ ଆଠ ଶହ ରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଯୋଗ ଦେବାକୁ ବିଡିଓ ଶିକ୍ଷା ବିଭାଗ କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମ କୁ ବିଭିନ୍ନ ସଂଗଠନ ସହଯୋଗ କରିବ। ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଶେଷରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ବେହେରା ଧନ୍ୟବାଦ ଦେଇଥିଲେ।



## ଆଇସିଡିଏସ୍ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

ମହୁଲଡିହା, ୨୨।୭ (ସମିସ): କରଞ୍ଜିଆ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟରେ ବିଧାୟକ ପଦ୍ମଚରଣ ହାଇବ୍ରୁରୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସିଡିପିଓ ପ୍ରେମଲତା ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସୁପରଭାଇଜର ଗୀତାରାଣୀ ମହାପାତ୍ର, ପଙ୍କଜିନୀ ବାରିକ, ସରୋଜିନୀ ନାୟକ, ବିପିସି ରତିକାନ୍ତ ମିଶ୍ର ସମେତ ବହୁ କର୍ମଚାରୀ ଉପସ୍ଥିତ ରହି ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କ ରୋଜଗାର ବୃଦ୍ଧି କ୍ଷେତ୍ରରେ ଠାକୁରମୁଣ୍ଡା ବ୍ଲକକୁ ଆଗୁଆ କରିବା ଦିଗରେ ବିଧାୟକ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ସମସ୍ତେ ପ୍ରସ୍ତାବ ଦେଇଥିଲେ।



## ବେଦବ୍ୟାସ ଜୟନ୍ତୀରେ ଆଲୋଚନାଚକ୍ର ଓ କବିତା ପାଠ

କରଞ୍ଜିଆ, ୨୨।୭ (ସମିସ): ଇଟର୍ନିଟୀ ଆନ୍ତରାଷ୍ଟ୍ରୀୟ ସଙ୍ଗଠନ ଓ ଚେତନା ଅନୁଷ୍ଠାନର ମିଳିତ ଉଦ୍ୟମରେ ମଧୁ ବାରିଷ୍ଟର ମାର୍ଗରେ ଆଧ୍ୟାତ୍ମିକତାର ଆଦି ସ୍ରଷ୍ଟା ମହର୍ଷି ବେଦବ୍ୟାସ ଜୟନ୍ତୀ ଅନୁଷ୍ଠାନର ସମ୍ପାଦକ ହରେକୃଷ୍ଣ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସେ ଆଜିର ବସ୍ତୁବାଦୀ ଜଗତରେ ଆଧ୍ୟାତ୍ମିକତା ଓ ମୁନି ଋଷିଙ୍କ ଦର୍ଶନକୁ ମନେପକାଇ ଜୀବନ ପଥରେ ଅଗ୍ରସର ହେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଡି.ଏମ୍ ପବ୍ଲିକ ସ୍କୁଲର ବରିଷ୍ଠ ଶିକ୍ଷକ ଜିତେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ଇଞ୍ଜିନିୟର ତ୍ରିଲୋଚନ ସେଠୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମହର୍ଷି ବ୍ୟାସ ବେଦ, ଉପନିଷଦ ଓ ଆଧ୍ୟାତ୍ମିକତାର ଆଦି ପ୍ରବର୍ତ୍ତକ ଥିଲେ ବୋଲି ମତ ଦେଇଥିଲେ। ଚେତନା ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି, ଆଇନଜୀବୀ ସଞ୍ଜୟ କୁମାର ସାହୁ, ଅଧ୍ୟାପକ ଜନ୍ମେଜୟ ଶତପଥୀ, ସମାଜସେବୀ ସିଦ୍ଧାର୍ଥ ରାୟ ଓ ପ୍ରଦୀପକୁମାର ଶତପଥୀ ପ୍ରମୁଖ ଯୋଗ ଦେଇ ଋଷି ମୁନିଙ୍କ ଦେଶ ଭାରତବର୍ଷର ମହାନ୍ ଆଦର୍ଶ ଓ ଗୁରୁ ପରମ୍ପରା ଯୁଗେ ଯୁଗେ ମାନବ ଜଗତକୁ ଦିଗ୍‌ଦର୍ଶନ ଦେଇଛି ବୋଲି ମନେ ପକାଇ ଦେଇଥିଲେ। ହରେକୃଷ୍ଣ ମହାନ୍ତ ଓ ସଞ୍ଜୟ କୁମାର ସାହୁ ସ୍ୱରଚିତ କବିତା ପାଠ କରିଥିଲେ।



## ଶ୍ରୀ ଶନିଶ୍ଚର ମନ୍ଦିର ଟ୍ରଷ୍ଟର ବୈଠକ

କରଞ୍ଜିଆ, ୨୨।୭ (ସମିସ): କରଞ୍ଜିଆ ପୌର ପରିଷଦ ୧୩ ନମ୍ବର ୱାର୍ଡରେ ଥିବା ଶ୍ରୀଶ୍ରୀ ଶନିଶ୍ଚର ମହାଗ୍ରହ ପରିଚାଳନା ନିମନ୍ତେ ଏକ ନୂତନ ଟ୍ରଷ୍ଟ ବର୍ଡ ଗଠନ କରାଯାଇଛି। ଆଜି ଟ୍ରଷ୍ଟ ବୋର୍ଡର ଏକ ସାଧାରଣ ସଭା ସଭାପତି ଆଇନଜୀବି ତ୍ରିଲୋଚନ ପତିଙ୍କ ଅନୁପସ୍ଥିତିରେ ସମ୍ପାଦକ ସାମ୍ବାଦିକ କର୍ଣ୍ଣାର୍ଜୁନ ସାହାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମନ୍ଦିରର ଉନ୍ନତି, ରକ୍ଷଣା ବେକ୍ଷଣ, ଦୈନିକ ନିତିକାନ୍ତି, ପ୍ରସାଦ ବିତରଣ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ମନ୍ଦିରର ସଭ୍ୟ ବୃଦ୍ଧି ନିମନ୍ତେ ସମସ୍ତଙ୍କୁ ଅନୁରୋଧ କରାଗଲା। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ସାହା, ଟ୍ରଷ୍ଟି ଅଖିଳ ଚନ୍ଦ୍ର ଗ୍ରହଚାର୍ଯ୍ୟ, ଅନାଦି ଚରଣ ମହାନ୍ତି, ଡାକ୍ତର ଯତୀନ ମହାନ୍ତି, ସୁମନ୍ତ ମହାପାତ୍ର, ପ୍ରତିଭା ଦାସ, ସରୋଜିନୀ ଦାସ, ଶାନ୍ତିଲତା ଦାସ ଓ ରଞ୍ଜିତା ଦାସ ପ୍ରମୁଖ ଆଲେଚନାରେ ଭାଗ ନେଇଥିଲେ। ଶେଷରେ ସମ୍ପାଦକ ଧନ୍ୟବାଦ୍ ଦେଇଥିଲେ।



## ଦୁଇ ମଦ୍ୟପ ଚାଳକ ଗିରଫ

ବାରିପଦା, ୨୨।୭ (ସମିସ): ପୁଲିସ ପକ୍ଷରୁ ବାରିପଦା ସହରରେ ଗାଡି ମଟର ଯାଞ୍ଚ ପ୍ରକ୍ରିୟା କଡାକଡି କରାଯାଇଛି। ଉକ୍ତ ଯାଞ୍ଚ ସମୟରେ ଭଞ୍ଜପୁର ଥାନା ପୁଲିସ ଦ୍ୱାରା ଦୁଇ ଜଣ ମଦ୍ୟପ ଗାଡି ଚାଳକ ବିରୋଧରେ ଡ୍ରିଙ୍କ ଆଣ୍ଡ ଡ୍ରାଇଭ ନେଇ ମାମଲା ରୁଜୁ କରାଯାଇଛି। ସେମାନେ ହେଲା ଲକ୍ଷ୍ମୀପୋଷି ଅଞ୍ଚଳର ଯୋଗେନ୍ଦ୍ର ମୁର୍ମୁ ଓ ବଡ଼ବ୍ରାହ୍ମଣମରା ଅଞ୍ଚଳର ବିଶ୍ୱକର୍ମା ମହାନ୍ତ। ସ୍ଥାନୀୟ ମୁର୍ଗାବାଡ଼ି ଗୋଲେଇ ଓ ଦାରୋଗାଡାହି ଗୋଲେଇରେ ପୁଲିସ ପକ୍ଷରୁ ଯାନବାହନ ଯାଞ୍ଚ ପ୍ରକ୍ରିୟା ଜାରି ରହିଥିଲା। ଉକ୍ତ ସମୟରେ ଦୁଇ ଜଣ ପୃଥକ ସମୟରେ ମଦ୍ୟପ ଅବସ୍ଥାରେ ନିୟମ ଅବମାନନା କରି ଦ୍ରୁତବେଗରେ ବାଇକ ଚାଳନା କରୁଥିଲେ। ଯାଞ୍ଚ ନିମନ୍ତେ ପୁଲିସ ତାଙ୍କୁ ଅଟକାଇବାକୁ ଯାଞ୍ଚ କରିବାରୁ ସେ ପ୍ରଚୁର ପରିମାଣରେ ମଦପିଇ ଗାଡି ଚଳାଉଥିବା ଜଣାପଡ଼ିଥିଲା। ଏନେଇ ପୁଲିସ ପକ୍ଷରୁ ଗାଡି ମୋଟର ଚାଳନା ଆଇନ ଅନୁଯାୟୀ ମାମଲା ରୁଜୁ କରି ବାଇକ ଜବତ କରି ଉଭୟଙ୍କୁ ଗିରଫ କରିଛି। ଏଥି ସହିତ ତାଙ୍କ ବିରୋଧରେ ଭଞ୍ଜପୁର ଥାନାରେ ଡ୍ରିଙ୍କ ଆଣ୍ଡ ଡ୍ରାଇଭ ନେଇ ମାମଲା ରୁଜୁ କରାଯାଇଛି।

## ଫାର୍ମ ହାଉସ୍‌ରୁ ପାଣି ପମ୍ପ ଚୋରି

ବାରିପଦା, ୨୨।୭ (ସମିସ): ଫାର୍ମ ହାଉସରୁ ପାଣି ପମ୍ପ ଚୋରି ନେଇ ଅଭିଯୋଗ ହୋଇଛି। ଏ ନେଇ ତକତପୁର ଅଞ୍ଚଳର ରାମଦୁ ହାଁସଦା ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଚାଷ ପାଇଁ ଥିବା ଉକ୍ତ ପାଣି ପମ୍ପକୁ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଚୋରି କରିଛନ୍ତି।

## ମହିଳାଙ୍କୁ ମାଡ଼ଧର ସହ ଜୀବନରୁ ମାରିଦେବାକୁ ଧମକ

ବାରିପଦା, ୨୨।୭ (ସମିସ): ଜଣେ ମହିଳାଙ୍କୁ ସଂଘବଦ୍ଧ ଭାବେ ପିଟାମରା କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି। ଏନେଇ ତକତପୁର ଅଞ୍ଚଳର ବେଳ ବୈଠା ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ମହିଳା ଜଣକ ତାଙ୍କ ପରିବାର ଲୋକଙ୍କୁ ପୂର୍ବରୁ ଗାଳିଗୁଲଜ କରି ଆସୁଥିଲେ। ତେବେ ସେ ରାତିରେ ଘରେ ଶୋଇଥିବା ବେଳେ ତାଙ୍କ ପରିବାର ଲୋକଙ୍କ ସହିତ ସଙ୍ଗବଦ୍ଧ ଭାବେ ଆସି ଅତର୍କିତ ଆକ୍ରମଣ କରି କ୍ଷତାକ୍ତ କରିଥିଲେ। ଏଥି ସହିତ ତାଙ୍କ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ସେ ଥାନାରେ ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

## ସହରରେ ବଢୁଛି ଚୋରି; ଦୁର୍ବୃତ୍ତଙ୍କ ଟେର୍ ପାଉନି ପୁଲିସ

ରାଇରଙ୍ଗପୁର, ୨୨।୭ (ସମିସ): ରାଇରଙ୍ଗପୁର ପୌର ପରିଷଦ ଅଞ୍ଚଳରେ ବଢୁଥିବା ଚୋରି ଘଟଣାକୁ ନେଇ ସହରବାସୀଙ୍କ ଚିନ୍ତା ବଢ଼ିଯାଇଛି; ଦୁର୍ବୃତ୍ତମାନଙ୍କୁ ଧରିବାରେ ପୁଲିସ ବିଫଳ ହୋଇଛି। ସୂଚନା ଅନୁସାରେ, ଶନିବାର ବିଳମ୍ବିତ ରାତିରେ ମହୁଲଡିହା ଜାତୀୟ ରାଜପଥ କନରେ ଥିବା ଏକ ତେଜରାତି ଦୋକାନରୁ ଦୁଇ ଜଣ ଦୁର୍ବୃତ୍ତ ସଟର ଭାଙ୍ଗି ଦୋକାନରୁ ୨୦ ହଜାର ଟଙ୍କା ଚୋରି କରି ନେଇଥିଲେ। ଏହି ଚୋରି ଘଟଣା ଦୋକାନରେ ଲାଗିଥିବା ସିସି କ୍ୟାମେରାରୁ ଜଣାପଡ଼ିଥିଲା। ଟାଉନ ଥାନା ପୁଲିସ ଭିଡିଓ ଫୁଟେଜକୁ ସଂଗ୍ରହ କରି ଚୋରଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରଖିଛି। ସେହିପରି କିଛି ଦିନ ପୂର୍ବରୁ ସ୍ଥାନୀୟ ଠାକୁରାଣୀ ବେଡା ଗାଁଠାରୁ ଦୁର୍ବୃତ୍ତମାନେ ଏକ ବୋଲେରୋ ଚୋରିକରି ନେଇ ପଳାଇଥିଲେ। ଏହା ପରେ ମନ୍ଦିର ସାହିରୁ ଅନ୍ୟ ଏକ ବୋଲେରୋ ଗାଡିକୁ ମଧ୍ୟ ଚୋରି କରି ନେଇଥିଲେ। ଠାକୁରାଣିବେଡାରେ ସକାଳେ ମଧ୍ୟ ଜଣକ ଘରୁ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି କରି ନେଇଥିଲେ। ବଜାରରେ ଥିବା ଏକ ମଦ ଦୋକାନରେ ଚୋରି ଉଦ୍ୟମ ଭିଡିଓ ଫୁଟେଜ ଟାଉନ ପୁଲିସକୁ ହସ୍ତଗତ ହୋଇଥିଲା। ସମ୍ପୃକ୍ତ ଫୁଟେଜରେ ଦୁର୍ବୃତ୍ତମାନଙ୍କ ଚେହେରା ସ୍ପଷ୍ଟ ଦେଖାଯାଉଥିଲା। ଅନେକ ଚୋରି ଘଟଣା ସିସି କ୍ୟାମେରାରେ କଏଦ ହୋଇଥିଲେ ବି ଦୁର୍ବୃତ୍ତଙ୍କ ଟେର୍ ପାଉନି ପୁଲିସ। ତେଣୁ ସହରରେ ରାତ୍ରିକାଳୀନ ପାଟ୍ରୋଲିଂ କଡାକଡି କରିବାକୁ ଦାବି ହେଉଛି।



## ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



କରଞ୍ଜିଆ, ୨୨।୭ (ସମିସ): କରଞ୍ଜିଆ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଗ୍ରାମାଞ୍ଚଳ ନକ୍‌ଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆସୋସିଏସନର ଉପସଭାପତି ଡା. ଜନାର୍ଦ୍ଦନ ଚୌଧୁରୀ ଓ ସମ୍ମାନିତ ଅତିଥି ଭାବେ କରଞ୍ଜିଆ ବାର ଆସୋସିଏସନର ପୂର୍ବତନ ସମ୍ପାଦକ କୁମାର ଦେବାଶିଷ ବେହେରା ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ଉଦ୍‌ଘାଟନ ଦିବସରେ ୩ଟି ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମ ରାଉଣ୍ଡ ଖେଳରେ ଜରକିବେଡା ବନାମ ଚଉଠିଆ ଦଳ ୧-୧ ଗୋଲରେ ଅମୀମାଂସିତ ହେବାରୁ ଟାଇବ୍ରେକରରେ ୫-୪ ଗୋଲରେ ପରାସ୍ତ କରିଥିଲେ।କ୍ଷ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଘୋଡାଘାଗୁରି ଓ ମର୍ଣ୍ଣିଂ ଷ୍ଟାର କରଞ୍ଜିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମର୍ଣ୍ଣିଂ ଷ୍ଟାର ୨-୦ ଗୋଲରେ ବିଜୟଲାଭ କରିଥିଲା। ତୃତୀୟ ରାଉଣ୍ଡରେ ଜରକିବେଡା ଓ ମର୍ଣ୍ଣିଂ ଷ୍ଟାର ପରସ୍ପରକୁ ଭେଟିଥିଲେ। ଜରକିବେଡା ୨-୦ ଗୋଲରେ ପ୍ରଥମାର୍ଦ୍ଧରେ ଆଗୁଆ ଥିବାବେଳେ ଦ୍ୱିତୀୟାର୍ଦ୍ଧରେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମର୍ଣ୍ଣିଂଷ୍ଟାର ଗୋଟିଏ ଗୋଲ କରିବାରେ ସକ୍ଷମ ହୋଇଥିଲା। ଶେଷରେ ଜରକିବେଡା ୨-୧ ଗୋଲରେ ବିଜୟୀ ହୋଇଥିଲା। ଖେଳକୁ ବାଲକ୍ ମୁର୍ମୁ, ବିଜୁ ମୁର୍ମୁ, ହାରିଆଲ ଚାଉର ଓ ଚତୁର୍ଥ ରେଫରୀ ସନ୍ତୋଷ କୁମାର ଦାସ ପରିଚାଳନା କରିଥିଲେ। ଅତିଥିମାନଙ୍କ ମଧ୍ୟରେ ମନମୋହନ ସାମଲ, ଇଂ. ଜୟନ୍ତ ମହାନ୍ତ, ଗୌରୀ ଶଙ୍କର ସିହ୍ନା, ଅଭିମନ୍ୟୁ ତ୍ରିପାଠୀ, କଲ୍ୟାଣ କୁମାର ନାୟକ, ରବୀନ୍ଦ୍ର ନାଥ ମହାନ୍ତ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୋମବାର ୬ଟି ଟିମ ଖେଳ ହେବ ବୋଲି ସମ୍ପାଦକ ପ୍ରଭାକର ବାଗସିଂ ଜଣାଇଛନ୍ତି।

### ପ୍ରତିଭା ପୂଜନ ଅନୁଷ୍ଠାନର ସମ୍ବର୍ଦ୍ଧନା ଜ୍ଞାପନ ଉତ୍ସବ

## ସମ୍ବର୍ଦ୍ଧିତ ହେଲେ ୨୧ ପ୍ରତିଭାଧାରୀ



ବେତନଟୀ, ୨୨।୭ (ସମିସ): ବେତନଟୀର ମହାରାଜା ପ୍ରତାପଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ପ୍ରତିଭା ପୂଜନ ଅନୁଷ୍ଠାନର ୩ୟ ପ୍ରତିଭା ସମ୍ବର୍ଦ୍ଧନା ଜ୍ଞାପନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ୨୧ଜଣ ପ୍ରତିଭାଧାରୀଙ୍କୁ ମାନପତ୍ର, ଉପଢୌକନ, ମେଡାଲ, ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ସନ୍ଥମୂର୍ତ୍ତି ମାନବଧର୍ମ ପ୍ରଚାରକ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସଦସ୍ୟ ତଥା ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ଓତା ଅତିଥି ପରିଚୟ ଦେଇଥିଲେ। ମୁଖ୍ୟ ଟ୍ରଷ୍ଟି ସଚ୍ଚିଦାନନ୍ଦ ମହାନ୍ତି ଅତିଥିଙ୍କୁ ସ୍ୱାଗତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ରାଜ୍ୟସଭା ସଦସ୍ୟ ବୀରଭଦ୍ର ସିଂହ, ଡିକେ କଲେଜର ପୂର୍ବତନ ଅଧ୍ୟକ୍ଷ ବିପିନ ବିହାରୀ ବିଶ୍ୱାଳ ସମ୍ମାନିତ ଅତିଥି ଏବଂ ମୁଖ୍ୟବକ୍ତା ଡଃ ରମାକାନ୍ତ ସିଂହ ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାଙ୍କୁ ମୁଖ୍ୟ ସ୍ରୋତକୁ ଆଣିବାରେ ପ୍ରତିଭା ପୂଜନ ଅନୁଷ୍ଠାନର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ଦୈନିକ 'ସମାଜ'ର ପ୍ରକାଶକ, ମୁଦ୍ରାକାର ଓ ସମ୍ପାଦକ ଡଃ ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ ସମ୍ବର୍ଦ୍ଧିତ ପ୍ରତିଭାଙ୍କୁ ଆହୁରି ଆଗକୁ ବଢ଼ିବାକୁ ଏଭଳି ସମ୍ବର୍ଦ୍ଧନା ପ୍ରେରଣା ଯୋଗାଇଥାଏ ବୋଲି ପ୍ରକାଶ କରିଥିଲେ। ଝୁମରରାଣୀ ବିନ୍ଦୁମତୀ ମହାନ୍ତ ଝୁମର ସଙ୍ଗୀତ ଓ କୁମାରୀ ସୁହାନୀ ସାଇ ଜେନା ଜଗନ୍ନାଥ ଜଣାଣ ଗାନ କରିଥିଲେ। ବରିଷ୍ଠ ସାମ୍ବାଦିକ ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୬୭ ● ପାଉଣ୍ଡ ୧୦୮.୬୧
- ୟୁରୋ ୯୧.୮୫ ● ୟେନ୍ ୦.୫୩

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୭,୭୯୦ (ନୂଆଦିଲ୍ଲୀ)
- ରୁପା : ୯୧,୪୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୫୦୨.୦୦
- ନିଫ୍ଟି ୨୪,୫୦୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



**ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପିତ**

# ଯୋଗାଣ ସମସ୍ୟା ଦର ବୃଦ୍ଧିର କାରଣ

**ନୂଆଦିଲ୍ଲୀ,୨୨।୭ (ଏଜେନ୍ସି)**

୨୦୨୪-୨୫ରେ ଭାରତର ବାସ୍ତବ ଜିଡିପି ୬.୫ ରୁ ୭ ପ୍ରତିଶତ ମଧ୍ୟରେ ରହିବ ବୋଲି ଆକଳନ କରାଯାଇଛି। ଭାରତୀୟ ଅର୍ଥବ୍ୟବସ୍ଥା ମହାମାରୀରୁ ଦ୍ରୁତ ଗତିରେ ପୁନରୁଦ୍ଧାର କରିଛି। ଆର୍ଥିକ ବର୍ଷ ୨୦୨୩-୨୪ରେ ଏହାର ବାସ୍ତବ ଜିଡିପି କୋଭିଡ୍ ପୂର୍ବ, ଆର୍ଥିକବର୍ଷ ୨୦୨୦ ସ୍ତର ତୁଳନାରେ ୨୦ ପ୍ରତିଶତ ଅଧିକ ଥିଲା। କେନ୍ଦ୍ର ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂସଦରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଆର୍ଥିକ ସର୍ଭେ ରିପୋର୍ଟ ଉପସ୍ଥାପନ କରି ଏହା କହିଛନ୍ତି। ସର୍ଭେରେ ଦର୍ଶାଯାଇଛି ଯେ ଅନିଶ୍ଚିତ ବିଶ୍ୱ ଆର୍ଥିକ ପ୍ରଦର୍ଶନ ସତ୍ତ୍ୱେ ଘରୋଇ ଅଭିବୃଦ୍ଧି ବାହକମାନେ ଆର୍ଥିକ ବର୍ଷ ୨୦୨୩-୨୪ରେ ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରିଛନ୍ତି। ଏଥିରେ ଆହୁରି ମଧ୍ୟ କୁହାଯାଇଛି ଯେ ଆର୍ଥିକବର୍ଷ ୨୦୨୦ରେ ଶେଷ ହୋଇଥିବା ଦଶନ୍ଧିରେ ଭାରତ ହାରାହାରି ବାର୍ଷିକ ୬.୬ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରିଛି, ଯାହା ଅର୍ଥବ୍ୟବସ୍ଥାର ଦୀର୍ଘକାଳୀନ ଅଭିବୃଦ୍ଧି ସମ୍ଭାବନାକୁ ପ୍ରତିଫଳିତ କରୁଛି। ୨୦୨୪ରେ ବିଶ୍ୱରେ ଭୂ-ରାଜନୈତିକ ସଂଘର୍ଷ ବୃଦ୍ଧି ପାଇବା କାରଣରୁ ଯୋଗାଣରେ ଅବ୍ୟବସ୍ଥା ସୃଷ୍ଟି ହୋଇଛି। ଏହି ଯୋଗାଣ ଜନିତ ସମସ୍ୟା ଘରୋଇ ବଜାରରେ ବିଭିନ୍ନ ସାମଗ୍ରୀର ଦର ବୃଦ୍ଧି ଘଟାଇଛି। ଏଥିଯୋଗୁ ଆଗାମୀ ଦିନରେ ମୁଦ୍ରାସ୍ଫୀତି ଜନିତ ଚାପ ବୃଦ୍ଧି ପାଇବ। ଫଳରେ ମୁଦ୍ରା ନୀତିକୁ କୋହଳ କରିବା ଭଳି ସ୍ଥିତି ଦେଖାଦେଇପାରେ ଏବଂ ଦେଶକୁ ପୁଞ୍ଜି ପ୍ରବାହ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିପାରେ ବୋଲି ସର୍ଭେରେ ଏ ନେଇ ଚେତାଇ ଦିଆଯାଇଛି। ୨୦୨୪ ପାଇଁ ବିଶ୍ୱ ବାଣିଜ୍ୟ ଦୃଷ୍ଟିକୋଣ ସକାରାତ୍ମକ ରହିଛି। ୨୦୨୩ରେ ପରିମାଣ ହ୍ରାସ ପାଇବା ପରେ ସାମଗ୍ରୀ ବାଣିଜ୍ୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ସର୍ଭେରେ ଦର୍ଶାଯାଇଛି ଯେ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପର ଉପଯୋଗ କରିବା ଏବଂ ଉଦୀୟମାନ ବଜାରରେ ଅବ୍ୟବହୃତ ସମ୍ଭାବନାକୁ ଧରିବା ଦ୍ୱାରା ବ୍ୟବସାୟ, ପରାମର୍ଶ ଓ ଆଇଟି ସମର୍ଥିତ ସେବାର ରପ୍ତାନି ବୃଦ୍ଧି କରାଯାଇପାରିବ। ମୂଳ ମୁଦ୍ରାସ୍ଫୀତି ହାର ପ୍ରାୟ ୩ ପ୍ରତିଶତ ଥିବା ସତ୍ତ୍ୱେ ଆରବିଆଇ ସୁବିଧା ପ୍ରତ୍ୟାହାର ଏବଂ ୟୁଏସ୍ ଫେଡ୍ ଉପରେ ଏକ ସଙ୍ଗେ ନଜର ରଖି ସୁଧ ହାରକୁ କିଛି ଦିନ ଧରି ଅପରିବର୍ତ୍ତିତ ରଖିଛି। ଫଳରେ ଆଶାନୁରୂପ କୋହଳ ହେବାରେ ବିଳମ୍ବ ହୋଇଛି। ସର୍ଭେରେ କୁହାଯାଇଛି ଯେ ଭାରତର ଅର୍ଥବ୍ୟବସ୍ଥା ଅନେକ ବୈଶ୍ୱିକ ଏବଂ ବାହ୍ୟ ଆହ୍ୱାନର ମୁକାବିଲା କ୍ଷେତ୍ରରେ ସ୍ଥିରତା ପ୍ରଦର୍ଶନ କରି କାରଣ ଆର୍ଥିକ ବର୍ଷ ୨୪ରେ ବାସ୍ତବ ଜିଡିପି ୮.୨ ପ୍ରତିଶତ ବୃଦ୍ଧି ପାଇଛି। ଏହା ଆର୍ଥିକ ବର୍ଷ ୨୦୨୩-୨୪ର ଚାରି ତ୍ରୈମାସରୁ ୩ଟି ତ୍ରୈମାସରେ ୮ ପ୍ରତିଶତରୁ ଅଧିକ ରହିଛି। ସ୍ଥିର ଉପଭୋକ୍ତା ଚାହିଦା ଏବଂ ନିବେଶ ଚାହିଦାରେ କ୍ରମାଗତ ଉନ୍ନତି ଯୋଗୁଁ ଏପରି ସ୍ଥିତି ଦେଖିବାକୁ ମିଳିଛି। କୃଷି କ୍ଷେତ୍ରରେ ଜିଭିଏ ଧୀର ଗତିରେ ବୃଦ୍ଧି ପାଇବାରେ ଲାଗିଥିଲା, କାରଣ ବର୍ଷରେ ଅନିୟମିତ ପାଣିପାଗ ଢାଞ୍ଚା ଏବଂ ୨୦୨୩ରେ ମୌସୁମୀର ଅସମାନ ସ୍ଥାନୀୟ ବିତରଣ ସାମଗ୍ରିକ ଉତ୍ପାଦନକୁ ପ୍ରଭାବିତ କରିଥିଲା। ଶିଳ୍ପ କ୍ଷେତ୍ରରେ ମାନୁଫାକ୍ଚରିଂ ବା ଉତ୍ପାଦନ ଜିଭିଏ ଆର୍ଥିକ ବର୍ଷ ୨୩ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛି ଏବଂ ଆର୍ଥିକ ବର୍ଷ ୨୪ରେ ୯.୯ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ସେହିଭଳି ଭିତ୍ତିଭୂମି ନିର୍ମାଣ ଏବଂ ବାଣିଜ୍ୟିକ ଓ ଆବାସିକ ରିଅଲ ଇଷ୍ଟେଟ୍ ଚାହିଦା ବୃଦ୍ଧି ଯୋଗୁଁ ୨୦୨୪ ଆର୍ଥିକ ବର୍ଷରେ ନିର୍ମାଣ କାର୍ଯ୍ୟ ବୃଦ୍ଧି ପାଇ ୯.୯ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି।

ସର୍ବେକ୍ଷଣରେ କୁହାଯାଇଛି ଯେ ବିଶ୍ୱ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହେବା ଏବଂ ପ୍ରତିକୂଳ ପାଣିପାଗ ପରିସ୍ଥିତି ସତ୍ତ୍ୱେ ଆର୍ଥିକ ବର୍ଷ ୨୪ରେ ଘରୋଇ ମୁଦ୍ରାସ୍ଫୀତି ଚାପ ହ୍ରାସ ପାଇଛି। ୨୦୨୩ ଆର୍ଥିକ ବର୍ଷରେ ହାରାହାରି ୬.୭ ପ୍ରତିଶତ ଥିବା ଖୁଚୁରା ମୁଦ୍ରାସ୍ଫୀତି ଆର୍ଥିକ ବର୍ଷ ୨୪ରେ ୫.୪ ପ୍ରତିଶତକୁ ଖସି ଆସିଛି। ସର୍ବେକ୍ଷଣରେ କୁହାଯାଇଛି ଯେ, ବିତ୍ତୀୟ ନିଅଣ୍ଟ ବୃଦ୍ଧି ଏବଂ ଋଣ ବୋଝ ବୃଦ୍ଧିର ବିଶ୍ୱସ୍ତରୀୟ ଧାରା ସତ୍ତ୍ୱେ ଭାରତ ବିତ୍ତୀୟ ସୁଦୃଢ଼ୀକରଣ ପଥରେ ରହିଛି। କଣ୍ଟ୍ରୋଲର୍ ଜେନେରାଲ୍ ଅଫ୍ ଆକାଉଣ୍ଟସ୍ (ସିଜିଏ) କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ଅସ୍ଥାୟୀ ବାସ୍ତବତା (ପିଏ) ତଥ୍ୟ ଅନୁଯାୟୀ କେନ୍ଦ୍ର ସରକାରଙ୍କ ବିତ୍ତୀୟ ନିଅଣ୍ଟକୁ ଆର୍ଥିକ ବର୍ଷ ୨୨-୨୩ରେ ଜିଡିପିର ୬.୪ ପ୍ରତିଶତରୁ ୨୩-୨୪ ଆର୍ଥିକ ବର୍ଷରେ ଜିଡିପିର ୫.୬ ପ୍ରତିଶତକୁ ହ୍ରାସ କରାଯାଇଛି। ସର୍ଭେରେ ଦର୍ଶାଯାଇଛି ଯେ ମୁଖ୍ୟତଃ ଦୁର୍ବଳ ବିଶ୍ୱ ଚାହିଦା ଏବଂ କ୍ରମାଗତ ଭୂ-ରାଜନୈତିକ ଉତ୍ତେଜନା କାରଣରୁ ବାହ୍ୟ କ୍ଷେତ୍ରରେ ଆର୍ଥିକ ବର୍ଷ ୨୦୨୩-୨୪ ରେ ସାମଗ୍ରୀ ରପ୍ତାନିରେ ହ୍ରାସ ଜାରି ରହିଥିଲା। ସର୍ବେକ୍ଷଣରେ ଦର୍ଶାଯାଇଛି ଯେ ଆର୍ଥିକ ବର୍ଷ ୨୦୨୩-୨୪ରେ ଭାରତୀୟ ଟଙ୍କା ମଧ୍ୟ ଏହାର ପ୍ରଗତିଶୀଳ ବଜାର ସହଯୋଗୀଙ୍କ ମଧ୍ୟରେ ସର୍ବନିମ୍ନ ଅସ୍ଥିର ମୁଦ୍ରା ମଧ୍ୟରୁ ଅନ୍ୟତମ ରହିଥିଲା। ଭାରତର ବୈଦେଶିକ ଋଣ ଦୁର୍ବଳତା ସୂଚକାଙ୍କ ମଧ୍ୟ ସ୍ଥିର ରହିଛି। ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ଜିଡିପି ଅନୁପାତରେ ବୈଦେଶିକ ଋଣ ୧୮.୭ ପ୍ରତିଶତର ସର୍ବନିମ୍ନ ସ୍ତରରେ ରହିଥିଲା। ଆର୍ଥିକ ସର୍ବେକ୍ଷଣ ୨୦୨୩-୨୪ ଅନୁଯାୟୀ ୨୦୨୪ ମାର୍ଚ୍ଚ ସୁଦ୍ଧା ମୋଟ ଋଣ ସହିତ ବିଦେଶୀ ମୁଦ୍ରା ଭଣ୍ଡାରର ଅନୁପାତ ୯୭.୪ ପ୍ରତିଶତ ରହିଛି।









- କୃଷି ଉପରେ ଗୁରୁତ୍ୱ
- ଘରୋଇ ନିବେଶରୁ ବଢ଼ିବ ଚାକିରି
- କୃଷି ନୀତିରେ ପରିବର୍ତ୍ତନ ଜରୁରୀ
- ଅତ୍ୟାବଶ୍ୟକୀୟ ସାମଗ୍ରୀ ମୂଲ୍ୟ ନିୟନ୍ତ୍ରଣରେ
- ବିଶ୍ୱ ତୁଳନାରେ ଭାରତରେ ଖୁଚୁରା ମୁଦ୍ରାସ୍ଫୀତି କମ୍

## ସର୍ଭେ ମୁଖ୍ୟାଂଶ

- ୨୦୨୪-୨୫ରେ ବାସ୍ତବ ଜିଡିପି ୬.୫-୭% ରହିବ
- ଅର୍ଥ ବ୍ୟବସ୍ଥା ମହାମାରୀରୁ ଦ୍ରୁତ ଗତିରେ ପୁନରୁଦ୍ଧାର
- କୃଷି କ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶ ବୃଦ୍ଧି ପାଇଁ ଆହ୍ୱାନ
- ବିତ୍ତୀୟ ନିଅଣ୍ଟ ୨୦୨୩-୨୪ରେ ୫.୬%କୁ ହ୍ରାସ
- ୨୦୨୪ ଆର୍ଥିକବର୍ଷ ପାଇଁ ପୁଞ୍ଜି ବ୍ୟୟ ଲକ୍ଷ୍ୟ ୯.୫ ଲକ୍ଷ କୋଟି
- ୨୦୫୦ ବେଳକୁ ଶିଶୁ କମିବେ, ବୟସ୍କ ବଢ଼ିବେ
- ମୋଟ ଅଚଳ ସମ୍ପତ୍ତି ଅନୁପାତ ୨.୮%କୁ ଖସିଛି
- ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ମାଧ୍ୟମରେ ୩୬.୯ ଲକ୍ଷ କୋଟି ଦିଆଯାଇଛି
- ବିତ୍ତୀୟ ସୁଦୃଢ଼ୀକରଣ ପଥରେ ଭାରତ
- ପ୍ରତିବର୍ଷ ୭୮.୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ଜରୁରୀ
- ସାମଗ୍ରୀ ରପ୍ତାନିରେ ହ୍ରାସ

# କୃଷି କ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶ ବୃଦ୍ଧି ପାଇଁ ଆହ୍ୱାନ

**ନୂଆଦିଲ୍ଲୀ,୨୨।୭ (ଏଜେନ୍ସି)**

ଆଜି ସଂସଦରେ ଉପସ୍ଥାପିତ ୨୦୨୩-୨୪ ଅର୍ଥନୈତିକ ସର୍ଭେ ଉପସ୍ଥାପନ କରିଛନ୍ତି। ସର୍ଭେରେ କୁହାଯାଇଛି ଯେ କ୍ଷୁଦ୍ର ଚାଷୀମାନେ ଉଚ୍ଚ ମୂଲ୍ୟର କୃଷି ଆଡକୁ ଯିବା ଆବଶ୍ୟକ। କ୍ଷୁଦ୍ର ଚାଷୀଙ୍କ ଆୟ ବଢ଼ିବା ପରେ ସେମାନେ ଉତ୍ପାଦିତ ସାମଗ୍ରୀ ଆବଶ୍ୟକ କରିବେ, ଯାହା ଉତ୍ପାଦନ ବିପ୍ଳବକୁ ପ୍ରୋତ୍ସାହିତ କରିବ। ଭାରତୀୟ କୃଷି କ୍ଷେତ୍ର ପ୍ରାୟ ୪୨.୩ ପ୍ରତିଶତ ଜନସଂଖ୍ୟାକୁ ଜୀବିକା ସହାୟତା ପ୍ରଦାନ କରିଥାଏ ଏବଂ ବର୍ତ୍ତମାନର ମୂଲ୍ୟରେ ଦେଶର ଜିଡିପିରେ ଏହାର ଅଂଶ ୧୮.୨ ପ୍ରତିଶତ ରହିଛି। ଏହି କ୍ଷେତ୍ର ଉତ୍ସାହିତ ରହିଛି, ଯାହା କି ଗତ ପାଞ୍ଚ ବର୍ଷ ମଧ୍ୟରେ ସ୍ଥିର ମୂଲ୍ୟରେ ହାରାହାରି ବାର୍ଷିକ ଅଭିବୃଦ୍ଧି ହାର ୪.୧୮ ପ୍ରତିଶତ ରେକର୍ଡ କରିଛି ଏବଂ ୨୦୨୩-୨୪ ପାଇଁ ଅସ୍ଥାୟୀ ଆକଳନ ଅନୁଯାୟୀ, କୃଷି କ୍ଷେତ୍ରର ଅଭିବୃଦ୍ଧି ହାର ୧.୪ ପ୍ରତିଶତ ରହିଛି। କୃଷି ଗବେଷଣାରେ ପୁଞ୍ଜିନିବେଶ ଏବଂ ସକ୍ଷମ ନୀତିର ସମର୍ଥନ ଖାଦ୍ୟ ସୁରକ୍ଷାରେ ଯଥେଷ୍ଟ ଅବଦାନ ଦେଇଛି। ଏକ ଆକଳନ ଅନୁଯାୟୀ କୃଷି ଗବେଷଣାରେ ବିନିଯୋଗ ହେଉଥିବା ପ୍ରତି ଟଙ୍କା (ଶିକ୍ଷାକୁ ମିଶାଇ) ପାଇଁ ୧୩.୮୫ ଟଙ୍କା ଫେରସ୍ତ ମିଳୁଛି। ୨୦୨୨-୨୩ରେ କୃଷି ଗବେଷଣା ପାଇଁ ୧୯.୬୫ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଅର୍ଥନୈତିକ ସର୍ବେକ୍ଷଣରେ କୃଷି କ୍ଷେତ୍ରରେ ଘରୋଇ କ୍ଷେତ୍ରର ପୁଞ୍ଜିନିବେଶ ବୃଦ୍ଧି ପାଇଁ ଆହ୍ୱାନ ଦିଆଯାଇଛି। ଏତାଛଡା କୃଷି କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ଜରୁରୀ ବୋଲି କୁହାଯାଇଛି। ବୈଷୟିକ ଜ୍ଞାନକୌଶଳ, ଉତ୍ପାଦନ ପଦ୍ଧତି, ବଜାର ଭିତ୍ତିଭୂମି ଏବଂ ଅମଳ ପରବର୍ତ୍ତୀ କ୍ଷତି ହ୍ରାସ କ୍ଷେତ୍ରରେ ପୁଞ୍ଜିନିବେଶକୁ ବୃଦ୍ଧି କରିବାର ଆବଶ୍ୟକତା ରହିଛି। ଅମଳ ପରବର୍ତ୍ତୀ ଭିତ୍ତିଭୂମି ଏବଂ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରର ବିକାଶ ଉପରେ ଅଧିକ ଧ୍ୟାନ ଦେଲେ ଅପଚୟ/କ୍ଷତି ହ୍ରାସ ପାଇପାରିବ ଏବଂ ସଂରକ୍ଷଣର ପରିମାଣ ବୃଦ୍ଧି କରାଯାଇପାରିବ, ଯାହା କୃଷକମାନଙ୍କ ପାଇଁ ସଠିକ୍ ମୂଲ୍ୟ ସୁନିଶ୍ଚିତ କରିବ।

ଅର୍ଥନୈତିକ ସର୍ବେକ୍ଷଣ ଅନୁଯାୟୀ ୨୦୨୨-୨୩ରେ ଖାଦ୍ୟଶସ୍ୟ ଉତ୍ପାଦନ ସର୍ବକାଳୀନ ସର୍ବୋଚ୍ଚ ସ୍ତର ୩୨୯.୭ ନିୟୁତ ଟନ୍ ଏବଂ ତୈଳବୀଜ ଉତ୍ପାଦନ ୪୧.୪ ନିୟୁତ ଟନରେ ପହଞ୍ଚିଛି। ମୁଖ୍ୟତଃ ଦୁର୍ବଳ ଓ ବିଳମ୍ବିତ ମୌସୁମୀ କାରଣରୁ ୨୦୨୩-୨୪ରେ ଖାଦ୍ୟଶସ୍ୟ ଉତ୍ପାଦନ ସାମାନ୍ୟ କମ୍ ହୋଇ ୩୨୮.୮ ନିୟୁତ ଟନ୍ ରହିଛି। ଖାଇବା ତେଲର ଘରୋଇ ଉପଲବ୍ଧତା ୨୦୧୫-୧୬ରେ ୮୬.୩୦ ଲକ୍ଷ ଟନ୍ ଥିବା ବେଳେ ୨୦୨୩-୨୪ରେ ଏହା ୧୨୧.୩୩ ଲକ୍ଷ ଟନକୁ ବୃଦ୍ଧି ପାଇଛି। ୨୦୧୪-୧୫ରେ ସମସ୍ତ ତୈଳବୀଜ ଚାଷର ସମୁଦାୟ କ୍ଷେତ୍ରଫଳ ୨୫.୬୦ ନିୟୁତ ହେକ୍ଟର ଥିବାବେଳେ ୨୦୨୩-୨୪ରେ ଏହା ୩୦.୦୮ ନିୟୁତ ହେକ୍ଟରକୁ ବୃଦ୍ଧି ପାଇଛି (୧୭.୫ ପ୍ରତିଶତ ଅଭିବୃଦ୍ଧି)। ଘରୋଇ ଚାହିଦା ଓ ବ୍ୟବହାର ଧାରା ବୃଦ୍ଧି ସତ୍ତ୍ୱେ ଆମଦାନୀ ହେଉଥିବା ଖାଇବା ତେଲର ପ୍ରତିଶତ ଅଂଶ ୨୦୧୫-୧୬ରେ ୬୩.୨ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ଏହା ୫୭.୩ ପ୍ରତିଶତକୁ ହ୍ରାସ ପାଇଛି।



**୫ ବର୍ଷରେ ହାରାହାରି ବାର୍ଷିକ ଅଭିବୃଦ୍ଧି ହାର ୪.୧୮%**

## ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ସର୍ଭେରେ ପରାମର୍ଶ

**ଭାରତ ପାଇଁ ସ୍ୱଳ୍ପକାଳୀନ ମୁଦ୍ରାସ୍ଫୀତି ଦୃଷ୍ଟିକୋଣ ଉତ୍ତମ। ତେବେ ଦୀର୍ଘମିଆଦୀ ମୂଲ୍ୟ ସ୍ଥିରତା ଦୃଷ୍ଟିକୋଣରୁ ଅର୍ଥନୈତିକ ସର୍ବେକ୍ଷଣରେ ନିମ୍ନଲିଖିତ ବିକଳ୍ପଗୁଡ଼ିକୁ ଆଗକୁ ବଢିବାର ବାଟ ଖୋଜିବାକୁ ପରାମର୍ଶ ଦିଆଯାଇଛି।**

- ପ୍ରମୁଖ ତୈଳବୀଜର ଘରୋଇ ଉତ୍ପାଦନ ବୃଦ୍ଧି କରି ଖାଇବା ତେଲ ପାଇଁ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା, ରାଇସ୍ ବ୍ରାନ୍ ତେଲ ଏବଂ ମକା ତେଲ ଭଳି ଅଣପାରମ୍ପରିକ ତେଲର ସମ୍ଭାବନା ଅନୁସନ୍ଧାନ କରିବା ଏବଂ ଖାଇବା ତେଲ ଉପରେ ଜାତୀୟ ଅଭିଯାନର ପରିସର କୁ ବିସ୍ତାର କରିବା
- ଡାଲି, ବିଶେଷ କରି ଡାଲି, ଓ ହରଡ଼ ଚାଷ ଜମିକୁ ଅଧିକ ଜିଲ୍ଲା ଓ ଚାଉଳ ଫସଲ ଅଞ୍ଚଳରେ ବିସ୍ତାର କରନ୍ତୁ। ନିଶ୍ଚିତ ଜଳସେଚନ ସୁବିଧା ଥିବା ଅଞ୍ଚଳରେ ହରଡ଼ ଓ ମୁଗ ଚାଷକୁ ପ୍ରୋତ୍ସାହିତ କରିବା।
- ପନିପରିବା, ବିଶେଷକରି ଟମାଟୋ ଓ ପିଆଜ ପାଇଁ ଆଧୁନିକ ସଂରକ୍ଷଣ ଓ ପ୍ରକ୍ରିୟାକରଣ ସୁବିଧାରେ ଉନ୍ନତି ଓ ବିକାଶ।
- ଫାର୍ମ ଗେଟ୍ ଠାରୁ ଆରମ୍ଭ କରି ଚୂଡ଼ାନ୍ତ ଉପଭୋକ୍ତାଙ୍କ ପର୍ଯ୍ୟନ୍ତ ଉଚ୍ଚ ଫ୍ରିକ୍ୱେନ୍ସି ମୂଲ୍ୟ ମନିଟରିଂ ଡାଟାକୁ ଏକ ମାତ୍ରାତ୍ମକ ଉପାୟରେ ସଂଗ୍ରହ କରି ନିର୍ଦ୍ଦିଷ୍ଟ ଦ୍ରବ୍ୟର ମୂଲ୍ୟ ବୃଦ୍ଧିର ମୁକାବିଲା ପାଇଁ ସରକାରଙ୍କ ଦ୍ୱାରା ପ୍ରଶାସନିକ ପଦକ୍ଷେପର ତ୍ୱରାନ୍ୱିତତା ଏବଂ ଫଳପ୍ରଦତା ରେ ଉନ୍ନତି ଆଣିବା। ମୂଲ୍ୟ ବୃଦ୍ଧି ମୁଦ୍ରାସ୍ଫୀତିର ଏପିସୋଡ୍ ଗୁଡ଼ିକୁ ଭଲ ଭାବରେ ବୁଝିବା ପାଇଁ ଦ୍ରବ୍ୟ ଏବଂ ସେବା ପାଇଁ ଉତ୍ପାଦକ ମୂଲ୍ୟ ସୂଚକାଙ୍କକୁ ତ୍ୱରାନ୍ୱିତ କରିବା ଏବଂ
- ଘରୋଇ ଉପଭୋକ୍ତା ବ୍ୟୟ ସର୍ବେକ୍ଷଣ, ୨୦୨୨-୨୩ ବ୍ୟବହାର କରି ନୂତନ ଓଜନ ଏବଂ ଆଇଟମ୍ ବାସ୍କେଟ ସହିତ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ସଂଶୋଧନ।

**କେୟାର ଇକୋନୋମି**

# ୨୦୫୦ ବେଳକୁ ଶିଶୁ କମିବେ, ବୟସ୍କ ବଢ଼ିବେ

**ନୂଆଦିଲ୍ଲୀ,୨୨।୭ (ଏଜେନ୍ସି):** କେୟାର ଇକୋନୋମି ଭାରତ ଭଳି ଏକ ଯୁବ ଦେଶ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ, ଯାହାର ଉଭୟ ଜନସଂଖ୍ୟା ଏବଂ ଲିଙ୍ଗଗତ ଲାଭ ରହିଛି। ବୟସ୍କ ଜନସଂଖ୍ୟାର ଭବିଷ୍ୟତ ଯତ୍ନ ଆବଶ୍ୟକତା ପାଇଁ ପ୍ରସ୍ତୁତି ର ଆବଶ୍ୟକତା ଉପରେ ଆଲୋକପାତ କରି ଅର୍ଥନୈତିକ ସର୍ଭେ ୨୦୨୩-୨୪ ରେ କୁହାଯାଇଛି ଯେ ଯତ୍ନ 'କାର୍ଯ୍ୟ' ଭାବରେ ସ୍ୱୀକୃତି ଦେବା ଦିଗରେ ପ୍ରଥମ ପଦକ୍ଷେପ। ଏଥିରେ ଉଲ୍ଲେଖ କରାଯାଇଛି ଯେ ଆଗାମୀ ୨୫ ବର୍ଷ ମଧ୍ୟରେ ଭାରତର ଯତ୍ନ ଆବଶ୍ୟକତା ଯଥେଷ୍ଟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି, କାରଣ ଏକ ବୟସ୍କ ଜନସଂଖ୍ୟା ଚାଲିଥିବା ଜନସଂଖ୍ୟା ପରିବର୍ତ୍ତନକୁ ଅନୁସରଣ କରେ ଏବଂ ପିଲାଙ୍କ ସଂଖ୍ୟା ଅପେକ୍ଷାକୃତ ଅଧିକ ରହେ। ୨୦୫୦ ବେଳକୁ ଶିଶୁଙ୍କ ଭାଗ ୧୮ ପ୍ରତିଶତ (ଅର୍ଥାତ୍ ୩୦ କୋଟି ବ୍ୟକ୍ତି) କୁ ହ୍ରାସ ପାଇବ ବୋଲି ଆକଳନ କରାଯାଇଥିବା ବେଳେ ବୟସ୍କ ବ୍ୟକ୍ତିଙ୍କ ଅନୁପାତ ୨୦.୮ ପ୍ରତିଶତ (ଅର୍ଥାତ୍ ୩୪.୭ କୋଟି ବ୍ୟକ୍ତି) କୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଅର୍ଥାତ୍ ୨୦୨୨ରେ ୫୦.୭ କୋଟି ଲୋକ ଥିବା ବେଳେ ୨୦୫୦ରେ ଦେଶକୁ ୬୪.୭ କୋଟି ଲୋକଙ୍କ ଯତ୍ନ ନେବାକୁ ପଡ଼ିବ।

### ଭାରତରେ ବରିଷ୍ଠ ଯତ୍ନ ସଂସ୍କାର

ବଢୁଥିବା ବୟସ୍କ ଜନସଂଖ୍ୟା ସହିତ ଜଡିତ ଯତ୍ନ ଦାୟିତ୍ୱ ଭବିଷ୍ୟତରେ ପ୍ରସ୍ତୁତ ଏକ ସୁସ୍ଥ ବୟସ୍କ ଯତ୍ନ ନୀତିପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି ଏବଂ ସର୍ଭେରେ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ରେ ପରିଣତ ହେବା ପାଇଁ ଭାରତର କାର୍ଯ୍ୟ ସୂଚୀରେ କେୟାର ଅର୍ଥନୀତିକୁ ଏକ ଶୀର୍ଷ ସ୍ତରୀୟ ପ୍ରବେଶ ଭାବରେ ଉଲ୍ଲେଖ କରାଯାଇଛି। ଏସୀୟ ବିକାଶ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ, ୬୦-୬୯ ବର୍ଷ ବୟସର ଜନସଂଖ୍ୟାର ଅବ୍ୟବହୃତ କାର୍ଯ୍ୟ କ୍ଷମତାର ଏହି 'ରୌପ୍ୟ ଲାଭାଂଶ'କୁ ବ୍ୟବହାର କଲେ ଏସୀୟ ଅର୍ଥନୀତିଗୁଡ଼ିକ ପାଇଁ ଜିଡିପି ହାରାହାରି ୧.୫ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି।



# ବାର୍ଷିକ ୭୮.୫ ଲକ୍ଷ ନିଯୁକ୍ତି ସୃଷ୍ଟି ଜରୁରୀ

**ନୂଆଦିଲ୍ଲୀ,୨୨।୭ (ଏଜେନ୍ସି)**

ବିଶ୍ୱ ଶ୍ରମ ବଜାର ଏକ 'ଅବ୍ୟବସ୍ଥା' ଭିତରେ ରହିଛି। ଚତୁର୍ଥ ଶିଳ୍ପ ବିପ୍ଳବ ଦ୍ୱାରା କ୍ରମାଗତ ଭାବରେ ପୁନର୍ଗଠନ ହେଉଥିବାବେଳେ ସଂସଦରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେ ରେ ୨୦୨୩-୨୪ ସ୍ୱୀକାର କରିଛି ଯେ ଏହା ଦ୍ୱାରା ସୃଷ୍ଟି ହୋଇଥିବା ପରିବର୍ତ୍ତନରୁ ଭାରତ ମଧ୍ୟ ମୁକ୍ତି ପାଇବନାହିଁ। ଅର୍ଥନୈତିକ ସର୍ଭେ ୨୦୨୩-୨୪ ରେ ଦର୍ଶାଯାଇଛି ଯେ ବଢୁଥିବା ଶ୍ରମଶକ୍ତିକୁ କାମ ଦେବା ପାଇଁ ଭାରତୀୟ ଅର୍ଥନୀତିକୁ ୨୦୩୦ ପର୍ଯ୍ୟନ୍ତ ଅଣକୃଷି କ୍ଷେତ୍ରରେ ବାର୍ଷିକ ହାରାହାରି ପ୍ରାୟ ୭୮.୫ ଲକ୍ଷ ନିଯୁକ୍ତି ସୃଷ୍ଟି କରିବାର ଆବଶ୍ୟକତା ରହିଛି। ଏହି ସର୍ବେକ୍ଷଣରେ ଉଲ୍ଲେଖ କରାଯାଇଛି ଯେ ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ (ପିଏଲ୍ଆଇ) (୫ ବର୍ଷରେ ୬୦ ଲକ୍ଷ ନିଯୁକ୍ତି ସୃଷ୍ଟି), ମିତ୍ର ଟେକ୍ସଟାଇଲ୍ ସ୍କିମ୍ (୨୦ ଲକ୍ଷ ନିଯୁକ୍ତି ସୃଷ୍ଟି), ମୁଦ୍ରା ଇତ୍ୟାଦି ପ୍ରଚଳିତ ଯୋଜନାଗୁଡ଼ିକର କାର୍ଯ୍ୟକାରିତାକୁ ପ୍ରୋତ୍ସାହିତ କରିବା ସହିତ ଏହାକୁ ପୂରଣ କରିବାର ସୁଯୋଗ ରହିଛି। ଏଆଇର ଦ୍ରୁତ ଅଭିବୃଦ୍ଧି ପାଇଁ କାର୍ଯ୍ୟର ଭବିଷ୍ୟତରେ ସବୁଠାରୁ ବଡ଼ ବାଧା ସୃଷ୍ଟି ହୋଇଥିବା ଦର୍ଶାଇ ଅର୍ଥନୈତିକ ସର୍ବେକ୍ଷଣ ୨୦୨୩-୨୪ ରେ କୁହାଯାଇଛି ଯେ ଭାରତ ଏହାର ବିଶାଳ ଜନସଂଖ୍ୟାଗତ ଲାଭ ଏବଂ ଅତ୍ୟନ୍ତ ଯୁବ ଜନସଂଖ୍ୟା ସହିତ ଅନନ୍ୟ ଭାବରେ ଅବସ୍ଥିତ କାରଣ ଏଆଇ ଉଭୟ ବିପଦ ଏବଂ ସୁଯୋଗ ସୃଷ୍ଟି କରିଥାଏ। ଏକ ବିଶେଷ ବିପଦ ହେଉଛି ବିପିଓ କ୍ଷେତ୍ର, ଯେଉଁଠାରେ ଜେନଏଆଇ ଚାଟବଟ୍ ମାଧ୍ୟମରେ ନିୟମିତ ଜ୍ଞାନାତ୍ମକ କାର୍ଯ୍ୟଗୁଡ଼ିକର ପ୍ରଦର୍ଶନରେ ବିପ୍ଳବ ଆଣିଛି ଏବଂ ଆଗାମୀ ଦଶ ବର୍ଷ ମଧ୍ୟରେ ଏହି କ୍ଷେତ୍ରରେ ନିଯୁକ୍ତି ଯଥେଷ୍ଟ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। ତେବେ ପରବର୍ତ୍ତୀ ଦଶନ୍ଧିରେ ଏଆଇର ଧୀରେ ଧୀରେ ପ୍ରସାର ଉତ୍ପାଦକତା ବୃଦ୍ଧି କରିବ ବୋଲି ଆଶା କରାଯାଉଛି। କିନ୍ତୁ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି ଭଳି ପ୍ରଯୁକ୍ତି ବିଦ୍ୟା ସହିତ କାମ କରିବା ପାଇଁ ଭାରତର ଜନସଂଖ୍ୟାର ଆକର୍ଷଣକୁ ଦୃଷ୍ଟିରେ ରଖି ସରକାର ଏବଂ ଶିଳ୍ପର ସକ୍ରିୟ ହସ୍ତକ୍ଷେପ ଭାରତକୁ ଏଆଇ ଯୁଗରେ ଏକ ପ୍ରମୁଖ ଖେଳାଳି ଭାବରେ ଅବସ୍ଥାପିତ କରିପାରିବ।



**୨୦୩୬ ପର୍ଯ୍ୟନ୍ତ ଚାକିରି ସୃଷ୍ଟିର ଆବଶ୍ୟକତା**

## ଭାରତ ଏଆଇର ସର୍ବାଧିକ ଫାଇଦା ଉଠାଇବ

ଅର୍ଥନୈତିକ ସର୍ବେକ୍ଷଣ ୨୦୨୩-୨୪ରେ ଏହି କ୍ଷେତ୍ରରେ ଗବେଷଣା ଓ ବିକାଶର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଛି, ଯେଉଁଥିରେ ଏଆଇ ପାଇଁ ଏକ ଆନ୍ତଃ-ଏଜେନ୍ସି ସମନ୍ୱୟ ପ୍ରାଧିକରଣର ଆବଶ୍ୟକତା ରହିଛି ଯାହା ଗବେଷଣା, ନିଷ୍ପତ୍ତି ନେବା, ଏଆଇ ଉପରେ ନୀତି ଯୋଜନା ଏବଂ ନିଯୁକ୍ତି ସୃଷ୍ଟିକୁ ମାର୍ଗଦର୍ଶନ କରୁଥିବା ଏକ କେନ୍ଦ୍ରୀୟ ଅନୁଷ୍ଠାନ ଭାବରେ କାର୍ଯ୍ୟ କରିବ। ଏଆଇ ସକ୍ଷମ ଇକୋସିଷ୍ଟମ ସୁନିଶ୍ଚିତ କରିବା ଏବଂ ଏଆଇକୁ ଦେଶର ଯୁବବର୍ଗଙ୍କ ସହ ଯୋଡ଼ିବା ପାଇଁ ସରକାର ଅନେକ ପଦକ୍ଷେପ ଆରମ୍ଭ କରିଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି 'ଫ୍ୟୁଚର ସ୍କିଲସ୍ ପ୍ରାଇମ୍', 'ୟୁଭିଏଆଇ: ୟୁଥ୍ ଫର୍ ଉନ୍ନତି ଏବଂ ବିକାଶ ୱିଥ୍ ଏଆଇ' ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଜାତୀୟ କାର୍ଯ୍ୟକ୍ରମ ଏବଂ 'ଦାୟିତ୍ୱସମ୍ପନ୍ନ'। ଯୁବ ୨୦୨୨ ପାଇଁ ଏଆଇ'। ଏଆଇ ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାରତ ଏଆଇ ମିଶନ ପାଇଁ ୨୦୨୪ରେ ୧୦,୩୦୦ କୋଟି ଟଙ୍କାର ବଜେଟ୍ ପ୍ରଦାନ କରାଯାଇଛି।

# ଆମେରିକା ଜିତିଛି ସର୍ବାଧିକ ପଦକ

**ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି):** ବହୁ ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି। ଆସନ୍ତା ଶୁକ୍ରବାରଠାରୁ ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ଆରମ୍ଭ ହେବାକୁ ଯାଉଛି ବିଶ୍ୱ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସର ୩୩ତମ ସଂସ୍କରଣ। ଏହି ମେଗା ଇଭେଣ୍ଟର ଚଳିତ ସଂସ୍କରଣରେ ୨୦୬ ରାଷ୍ଟ୍ରର ୧୦,୭୧୪ ଜଣ କ୍ରୀଡ଼ାବିତ୍ ପଦକ ପାଇଁ ପ୍ରତିଯୋଗିତାକୁ ଅବତୀର୍ଣ୍ଣ ହେବେ। ଏଥର ଅଲିମ୍ପିକ୍ସରେ ୩୨ କ୍ରୀଡ଼ାର ୩୨୯ ଇଭେଣ୍ଟରେ ପଦକ ପାଇଁ ଲଢ଼େଇ ହେବ। ଯେଉଁଥିରେ ପୁରୁଷବର୍ଗରେ ୧୫୭ ଓ ମହିଳାବର୍ଗରେ ୧୫୨ ଇଭେଣ୍ଟ ରହିଥିବାବେଳେ ୨୦ଟି ଇଭେଣ୍ଟରେ ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଫଳରେ ଏଥର ଅଲିମ୍ପିକ୍ସରେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକକୁ ମିଶାଇ ପାଖାପାଖି ୧୦୦୦ ପ୍ରଦକ ପ୍ରଦାନ କରାଯିବ।

ସମର ବା ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଉପରେ ନଜର ପକାଇଲେ ଆମେରିକା ବିଶ୍ୱର ସର୍ବଶ୍ରେଷ୍ଠ ଦଳ ବିବେଚିତ ହେଉଛି। ଗତ ୩୨ଟି ଅଲିମ୍ପିକ୍ସ ମଧ୍ୟରୁ ଆମେରିକା ୧୮ଟି ସଂସ୍କରଣରେ ପଦକ ତାଲିକାର ଶୀର୍ଷ ସ୍ଥାନରେ ରହିବାର ସୌଭାଗ୍ୟ ଲାଭ କରିଛି। ୧୮୯୬ରେ ପ୍ରଥମଥର ଲାଗି ଅଲିମ୍ପିକ୍ସରେ ଭାଗନେଇଥିବା ଆମେରିକା ବର୍ତ୍ତମାନ ସୁଦ୍ଧା ମୋଟ୍ ୨୬୩୮ ପଦକ ଜିତିଛି। ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଇତିହାସରେ ସର୍ବକାଳୀନ ସର୍ବାଧିକ ପଦକ ଜିତିଥିବା ଦେଶ ତାଲିକାରେ ଆମେରିକା ଶୀର୍ଷରେ ରହିଛି। ୧୦୧୦ ପଦକ ସହ ସୋଭିଏତ୍ ୟୁନିୟନ ୨ୟ ତାଲିକାରେ ଏହି ତାଲିକାରେ ରହିଛି। ସେହିଭଳି ଗ୍ରେଟ୍ ବ୍ରିଟେନ (୯୧୮ ପଦକ), ଚାଇନା (୬୩୪), ଫ୍ରାନ୍ସ (୭୫୧) ଯଥାକ୍ରମେ ୩ୟ, ୪ର୍ଥ ଓ ୫ମ ସ୍ଥାନରେ ରହିଛନ୍ତି।

### ୩ ଥର ଅଲିମ୍ପିକ ଆୟୋଜକ
## ଲଣ୍ଡନ ପରେ ପ୍ୟାରିସ ଦ୍ୱିତୀୟ ସହର

ଫ୍ରାନ୍ସ ରାଜଧାନୀ ପ୍ୟାରିସ ଇତିହାସରେ ୩ୟ ଥର ଲାଗି ବିଶ୍ୱର ସର୍ବବୃହତ୍ କ୍ରୀଡ଼ା ପ୍ରତିଯୋଗିତା ଅଲିମ୍ପିକ୍ସ ଆୟୋଜନ କରିବାର ସୌଭାଗ୍ୟ ଲାଭ କରିଛି। ପ୍ରତି ୪ ବର୍ଷରେ ଥରେ ଆୟୋଜିତ ହେଉଥିବା ଏହି ମେଗା ପ୍ରତିଯୋଗିତା ପ୍ୟାରିସରେ ପ୍ରଥମଥର ଲାଗି ୧୯୦୦ ମସିହାରେ ଆୟୋଜିତ ହୋଇଥିଲା। ଏହାପରେ ଦ୍ୱିତୀୟଥର ଲାଗି ପ୍ୟାରିସ ୧୯୨୪ରେ ଅଲିମ୍ପିକ୍ସ ଆୟୋଜନ କରିଥିଲା। ଏହାର ଠିକ୍ ୧୦୦ ବର୍ଷ ପରେ ପ୍ୟାରିସରେ ୩ୟଥର ପାଇଁ ଏହି ସମ୍ମାନଜନକ ପ୍ରତିଯୋଗିତା ଆୟୋଜନ କରିବାକୁ ଯାଉଛି। ଲଣ୍ଡନ (୧୯୦୮, ୧୯୪୮ ଓ ୨୦୧୨) ପରେ ବିଶ୍ୱର ୨ୟ ସହର ଭାବେ ପ୍ୟାରିସ ୩ୟ ଥର ଅଲିମ୍ପିକ୍ସ ଆୟୋଜନ କରିବ।

ପ୍ୟାରିସ ଅଲିମ୍ପିକ୍ସ
ଆଉ ୨ ଦିନ

## ଫେଲପ୍ସଙ୍କ ନାମରେ ୨୩ ସ୍ୱର୍ଣ୍ଣ

ଆମେରିକାର କିମ୍ବଦନ୍ତୀ ସନ୍ତରଣକାରୀ ମାଇକେଲ ଫେଲପ୍ସଙ୍କୁ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଇତିହାସର ସର୍ବଶ୍ରେଷ୍ଠ କ୍ରୀଡ଼ାବିତ୍ ଭାବେ ବିବେଚନା କରାଯାଏ। ମାତ୍ର ୧୫ ବର୍ଷ ବୟସରେ ୨୦୦୦ରେ ସିଡ୍ନୀ ଅଲିମ୍ପିକ୍ସରେ ଭାଗନେଇଥିବା ଫେଲପ୍ସ ତାଙ୍କ କ୍ୟାରିୟରରେ ୫ ଅଲିମ୍ପିକ୍ସ କ୍ରୀଡ଼ାରେ ମୋଟ୍ ୨୮ ପଦକ ଜିତିଛନ୍ତି। ଯେଉଁଥିରେ ୨୩ଟି ସ୍ୱର୍ଣ୍ଣ ପଦକ ରହିଛି। ଗୋଟିଏ ଗୋଟିଏ ଦେଶ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକରେ ଦୁଇଅଙ୍କ ଛୁଇଁପାରି ନ ଥିବାବେଳେ ମାଇକେଲ ଏକାକୀ ୨୩ ସ୍ୱର୍ଣ୍ଣ ପଦକ ଜିତି ଏକ ବିରଳ ସଫଳତା ପାଇଛନ୍ତି। ତାଙ୍କୁ ଏହି କ୍ରୀଡ଼ାର ସର୍ବକାଳୀନ ଶ୍ରେଷ୍ଠ ଆଥ୍ଲେଟ୍‌ର ମାନ୍ୟତା ମିଳିଛି। ଫେଲପ୍ସଙ୍କ କ୍ୟାରିୟରର ସବୁଠାରୁ ଶ୍ରେଷ୍ଠ ସଫଳତା ସେ ୨୦୦୮ ବେଜିଂ ଅଲିମ୍ପିକ୍ସରେ ହାସଲ କରିଥିଲେ। ଏଥିରେ ସେ ୫ଟି ବ୍ୟକ୍ତିଗତ ଓ ୩ଟି ଦଳଗତ ଇଭେଣ୍ଟରେ ଅଂଶଗ୍ରହଣ କରି ସବୁଥିରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅଲିମ୍ପିକ୍ସର ଗୋଟିଏ ସଂସ୍କରଣରେ ୮ଟି ସ୍ୱର୍ଣ୍ଣ ପଦକ ଜିତିବାର ସୌଭାଗ୍ୟ ବିଶ୍ୱର ଅନ୍ୟକୌଣସି କ୍ରୀଡ଼ାବିତ୍‌ଙ୍କୁ ଆଜି ପର୍ଯ୍ୟନ୍ତ ମିଳିନାହିଁ।



## ଭାରତ ପାଇଛି ୩୫ ପଦକ

ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଇତିହାସରେ ଭାରତ ମୋଟ୍ ୩୫ଟି ପଦକ ଜିତିଛି। ଯେଉଁଥିରେ ୧୦ଟି ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୧୬ କାଂସ୍ୟ ପଦକ ସାମିଲ ରହିଛି। ପୁରୁଷ ହକିରେ ଭାରତ ସର୍ବାଧିକ ୮ଟି ସ୍ୱର୍ଣ୍ଣ ବିଜୟୀ ହୋଇଛି। ସେହିଭଳି ବ୍ୟକ୍ତିଗତ ଇଭେଣ୍ଟରେ ଭାରତ ୨ଟି ସ୍ୱର୍ଣ୍ଣ ପଦକ ଅର୍ଜନ କରିଛି। ଯେଉଁଥିରେ ୨୦୦୮ ବେଜିଂ ଅଲିମ୍ପିକ୍ସରେ ସୁଟର୍ ଅଭିନବ ବିନ୍ଦ୍ରା ସ୍ୱର୍ଣ୍ଣ ପଦକ ଜିତିଥିଲେ। ଦେଶର ପ୍ରଥମ କ୍ରୀଡ଼ାବିତ୍ ଭାବେ ସେ ଅଲିମ୍ପିକ୍ସରେ ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏହାର ଠିକ୍ ୧୩ ବର୍ଷ ପରେ ୨୦୨୧ ଟୋକିଓ ଅଲିମ୍ପିକ୍ସରେ ଜାଭେଲିନ ଥ୍ରୋ'ରେ ନୀରଜ ଚୋପ୍ରା ପୋଡିୟମ ଶୀର୍ଷରେ ରହି ତ୍ରିରଙ୍ଗାକୁ ଗୌରବାନ୍ୱିତ କରିଥିଲେ। ନୀରଜ ଦେଶର ପ୍ରଥମ ଓ ଏକମାତ୍ର କ୍ରୀଡ଼ାବିତ୍ ଭାବେ ଦୌଡ଼କୁଦ ଇଭେଣ୍ଟରେ ଦେଶ ପାଇଁ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ।


ନୀରଜ ଚୋପ୍ରା


ଅଭିନବ ବିନ୍ଦ୍ରା

## ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ପଦକ ତାଲିକା

| କ୍ରମ | ଦେଶ | ସ୍ୱର୍ଣ୍ଣ | ରୌପ୍ୟ | କାଂସ୍ୟ | ମୋଟ୍ | ଅଂଶଗ୍ରହଣ |
|---|---|---|---|---|---|---|
| ୧ | ଆମେରିକା | ୧୦୬୫ | ୮୩୫ | ୭୩୮ | ୨୬୩୮ | ୨୮ଥର |
| ୨ | ସୋଭିଏତ୍ ରୁଷ | ୩୯୫ | ୩୧୯ | ୨୯୬ | ୧୦୧୦ | ୯ଥର |
| ୩ | ଗ୍ରେଟ୍ ବ୍ରିଟେନ | ୨୮୫ | ୩୧୯ | ୩୧୪ | ୯୧୮ | ୨୯ଥର |
| ୪ | ଚାଇନା | ୨୬୨ | ୧୯୯ | ୧୭୩ | ୬୩୪ | ୧୧ଥର |
| ୫ | ଫ୍ରାନ୍ସ | ୨୨୩ | ୨୫୧ | ୨୭୭ | ୭୫୧ | ୨୯ଥର |
| ୬ | ଇଟାଲୀ | ୨୧୭ | ୧୮୮ | ୨୧୩ | ୬୧୮ | ୨୮ଥର |
| ୭ | ଜର୍ମାନୀ | ୨୦୧ | ୨୦୭ | ୨୪୭ | ୬୫୫ | ୧୭ଥର |
| ୮ | ହଙ୍ଗେରୀ | ୧୮୧ | ୧୫୪ | ୧୭୬ | ୫୧୧ | ୨୭ଥର |
| ୯ | ଜାପାନ | ୧୬୯ | ୧୫୦ | ୧୭୮ | ୪୯୭ | ୨୩ଥର |
| ୧୦ | ଅଷ୍ଟ୍ରେଲିଆ | ୧୬୪ | ୧୭୩ | ୨୧୦ | ୫୪୭ | ୨୭ଥର |
| ୧୧ | ଇଷ୍ଟ ଜର୍ମାନୀ | ୧୫୩ | ୧୨୯ | ୧୨୭ | ୪୦୯ | ୫ଥର |
| ୧୨ | ରୁଷିଆ | ୧୪୯ | ୧୨୬ | ୧୫୧ | ୪୨୬ | ୬ଥର |
| ୧୩ | ସ୍ୱିଡେନ | ୧୪୮ | ୧୭୬ | ୧୭୯ | ୫୦୩ | ୨୮ଥର |
| ୧୪ | ଫିନଲାଣ୍ଡ | ୧୦୧ | ୮୫ | ୧୧୯ | ୩୦୫ | ୨୬ଥର |
| ୧୫ | ଦକ୍ଷିଣ କୋରିଆ | ୯୬ | ୯୧ | ୧୦୦ | ୨୮୭ | ୧୮ଥର |
| ୫୭ | ଭାରତ | ୧୦ | ୯ | ୧୬ | ୩୫ | ୨୫ଥର |

## ୨୦୨୪ ଅଲିମ୍ପିକ୍ସ ପରେ ଅବସର ନେବି: ଶ୍ରୀଜେସ୍



**ପ୍ୟାରିସ, ୨୨।୭ (ଏଜେନ୍ସି):** ଭାରତୀୟ ପୁରୁଷ ହକି ଦଳର ଅଭିଜ୍ଞ ଗୋଲ୍‌ରକ୍ଷକ ପିଆର୍ ଶ୍ରୀଜେସ ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ପରେ ଅନ୍ତର୍ଜାତୀୟ ହକିରୁ ଅବସର ନେବେ। କ୍ୟାରିୟରର ୪ର୍ଥ ଅଲିମ୍ପିକ୍ସ ଖେଳିବା ଲାଗି ପ୍ୟାରିସରେ ଜୋର୍‌ଦାର ପ୍ରସ୍ତୁତି ଚଳାଇଥିବା ୩୬ ବର୍ଷୀୟ ଶ୍ରୀଜେଶ ସୋମବାର ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମରେ ଅବସର ନେଇ ସୂଚନା ଦେଇଛନ୍ତି। ୨୦୦୬ରେ ଭାରତୀୟ ଦଳରୁ ପଦାର୍ପଣ କରିଥିବା ଏହି ବରିଷ୍ଠ ଗୋଲ୍‌ରକ୍ଷକ ୨୦୨୦ ଟୋକିଓ ଅଲିମ୍ପିକ୍ସରେ କାଂସ୍ୟ ବିଜୟୀ ଭାରତୀୟ ଦଳର ପ୍ରମୁଖ ସଦସ୍ୟ ରହିଥିଲେ। ପ୍ୟାରିସ ଅଲିମ୍ପିକ୍ସ ହିଁ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ଶେଷ ଟୁର୍ଣ୍ଣାମେଣ୍ଟ ହେବ ବୋଲି ସେ ଘୋଷଣା କରିଛନ୍ତି।

'ଅନ୍ତର୍ଜାତୀୟ ହକିରେ ମୋର ଅନ୍ତିମ ଅଧ୍ୟାୟରେ ଠିଆ ହୋଇଛି। ମୋର ହୃଦୟ କୃତଜ୍ଞତା ଓ ଆତ୍ମଚିନ୍ତନରେ ଭରିଯାଇଛି। ଏହି ଲମ୍ବା ଯାତ୍ରା ଅସାଧାରଣରୁ କମ୍ ନ ଥିଲା। ମୋ ପରିବାର, ସାଥୀ ଖେଳାଳି, ପ୍ରଶିକ୍ଷକ, ପ୍ରଶଂସକଙ୍କଠାରୁ ମିଳିଥିବା ଭଲପାଇବା ଲାଗି ଋଣି ରହିବି। ଅଲିମ୍ପିକ୍ସରେ ଭାରତୀୟ ଦଳର ନେତୃତ୍ୱ ନେବା ଓ ବିଶ୍ୱର ଶ୍ରେଷ୍ଠ ଗୋଲ୍‌ରକ୍ଷକ ଆଖ୍ୟା ମିଳିବା ମୋ ପାଇଁ ଚିରସ୍ମରଣୀୟ ହୋଇରହିବ' ବୋଲି ଶ୍ରୀଜେସ ତାଙ୍କ ଅବସର ବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ଆଗାମୀ ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ଦଳର ନେତୃତ୍ୱ ନେଉଥିବା ହରମନପ୍ରୀତ୍ ସିଂହ କହିଛନ୍ତି, 'ଏହି ଅଲିମ୍ପିକ୍ସ ଶ୍ରୀଜେସଙ୍କୁ ସମର୍ପିତ କରାଯିବ'।

କେରଳ ଜନ୍ମିତ ଶ୍ରୀଜେସ ୨୦୦୬ରେ ଭାରତ ପକ୍ଷରୁ ଖେଳି ଅନ୍ତର୍ଜାତୀୟ ହକିରେ ପାଦ ଥାପିଥିଲେ। କ୍ୟାରିୟର ବର୍ତ୍ତମାନ ସୁଦ୍ଧା ସେ ମୋଟ୍ ୩୨୮ ମ୍ୟାଚ୍ ଖେଳିଛନ୍ତି। ଟୋକିଓ ଅଲିମ୍ପିକ୍ସରେ କାଂସ୍ୟ ପଦକ ବ୍ୟତୀତ ଶ୍ରୀଜେସ ଦୁଇଥର ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ, ୨ଥର ଏସିଆ କପ୍‌ରେ ସ୍ୱର୍ଣ୍ଣ ଏବଂ ଏସିଆନ ଚାମ୍ପିଅନ୍ସ ଟ୍ରଫି ୪ଥର ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି। ଭାରତୀୟ ହକିକୁ ଅତୁଳନୀୟ ଅବଦାନ ଲାଗି ୨୦୨୧ରେ ତାଙ୍କୁ ଦେଶର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର 'ଖେଳରତ୍ନ'ରେ ସମ୍ମାନିତ କରାଯାଇଥିଲା।

## ଟୋକିଓ ରୌପ୍ୟ ବିଜୟିନୀ ଭୋନ୍ଦ୍ରୋଉସୋଭା ଓହରିଲେ

**ପ୍ୟାରିସ, ୨୨।୭ (ଏଜେନ୍ସି):** ପ୍ୟାରିସ ଅଲିମ୍ପିକ୍ସ ଆରମ୍ଭ ହେବାକୁ ଆଉ ୨ ଦିନ ରହିଥିବାବେଳେ ଚେକ୍ ଗଣରାଜ୍ୟର ମହିଳା ଟେନିସ ଖେଳାଳି ମାର୍କେଟା ଭୋନ୍ଦ୍ରୋଉସୋଭା ସୋମବାର ଏହି ମେଗା ଇଭେଣ୍ଟରୁ ଓହରିଯାଇଛନ୍ତି। ୨୫ ବର୍ଷୀୟା ଭୋନ୍ଦ୍ରୋଉସୋଭା ହାତରେ ଆଘାତ କାରଣରୁ ପ୍ୟାରିସ ଅଲିମ୍ପିକ୍ସ ନ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ୟାରିସରେ ତାଙ୍କୁ ମହିଳା ଟେନିସ ଏକକରେ ୧୨ତମ ସିଡ୍ ମାନ୍ୟତା ମିଳିଥିଲା। ଗତ ଟୋକିଓ ଅଲିମ୍ପିକ୍ସର ମହିଳା ଏକକରେ ଭୋନ୍ଦ୍ରୋଉସୋଭା ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଫାଇନାଲରେ ସେ ସୁଇଜରଲାଣ୍ଡର ବେଲିଣ୍ଡା ବେନିକଙ୍କ ନିକଟରୁ ପରାସ୍ତ ହୋଇ ଅଲିମ୍ପିକ୍ସରେ ସ୍ୱର୍ଣ୍ଣିମ ସଫଳତା ପାଇବାରୁ ବଞ୍ଚିତ ହୋଇଥିଲେ।



## ୪ ରଗ୍‌ବୀ ଖେଳାଳିଙ୍କୁ ସମ୍ବର୍ଦ୍ଧନା




**ଭୁବନେଶ୍ୱର,୨୨।୭ (ସମିସ):** ଓଡ଼ିଶା ରଗ୍‌ବୀ ଫୁଟ୍‌ବଲ ସଂଘ (ଓର୍‌ଫା) ପକ୍ଷରୁ ରାଜ୍ୟର ୪ଜଣ ବରିଷ୍ଠ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରବିବାର ଅନୁଷ୍ଠିତ ଓର୍‌ଫାର ବାର୍ଷିକ ସାଧାରଣ ପରିଷଦ ବୈଠକ (ଏଜିଏମ୍)ରେ ଓଡ଼ିଶାର ଗଣେଶ ମାଝୀ, ଅଜିତ ହାଁସଦା, ଆଶିଷ ଶବର ଓ ଶନୱାଜ ଅହମ୍ମଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନଭେମ୍ବର ୩ ଓ ୪ରେ ଦୋହାରେ ଅନୁଷ୍ଠିତ ହେବାକୁ ଥିବା ଏସିଆ ରଗ୍‌ବୀ ଟ୍ରଫି ଓ ନଭେମ୍ବର ୧୮-୨୦ରେ ଜାପାନରେ ଖେଳାଯିବାକୁ ଥିବା ଏସିଆ ରଗ୍‌ବୀ ରିଜିଓନାଲ କ୍ୱାଲିଫାୟର୍ସ ରାଜ୍ୟର ଏହି ୪ଜଣ ଖେଳାଳି ଜାତୀୟ ଶିବିରରେ ସ୍ଥାନ ପାଇଛନ୍ତି। ଭାରତୀୟ ରଗ୍‌ବୀ ଦଳର ଜାତୀୟ ଶିବିର ଦୁଇଟି ଫେଜ୍‌ରେ ଅନୁଷ୍ଠିତ ହେବ। ଅଗଷ୍ଟ ୧ରୁ ୨୦ ତାରିଖ ପର୍ଯ୍ୟନ୍ତ କୋଲକାତାରେ ପ୍ରଥମ ଫେଜ୍ ଓ ସେପ୍ଟେମ୍ବର ୨୪ରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ୨ୟ ଫେଜ୍ ଶିବିର ଆୟୋଜିତ ହେବ।

ରବିବାର ଅନୁଷ୍ଠିତ ଓର୍‌ଫାର ଏଜିଏମ୍‌ର ରାଜ୍ୟର ୧୭ ଜିଲ୍ଲା ସଂଘର ସଦସ୍ୟ ଉପସ୍ଥିତ ରହିଥିଲେ। ଏଥିରେ ରାଜ୍ୟ ସଂଘର ସମ୍ପାଦକ ଉପେନ୍ଦ୍ର ମହାନ୍ତି, ସଭାପତି ପ୍ରିୟଦର୍ଶୀ ମିଶ୍ର, କୋଷାଧ୍ୟକ୍ଷ ଶକ୍ତିରଞ୍ଜନ ମହାନ୍ତି, ଯୁଗ୍ମ ସମ୍ପାଦକ ସୁଶାନ୍ତ ସାହୁ, ପ୍ରଶିକ୍ଷକ ମାନସ ଜେନା, ଧୀରେନ ରାଉତ ପ୍ରମୁଖ ଉପସ୍ଥିତ ରହିଥିଲେ। ଚଳିତ ବର୍ଷ ଶେଷ ଭାଗରେ ଓଡ଼ିଶାରେ ଖେଲୋ ଇଣ୍ଡିଆ ବିଦ୍ୟାଳୟ ରଗ୍‌ବୀ ଆୟୋଜନ ହେବ ବୋଲି ଏଜିଏମ୍‌ରେ ନିଷ୍ପତ୍ତି ହୋଇଥିଲା।

## ଓଡ଼ିଶା କପ୍ ପେନଚାକ୍ ସିଲଟ୍‌ରେ ଝାରସୁଗୁଡ଼ା ଚାମ୍ପିଅନ

**ଭୁବନେଶ୍ୱର, ୨୨।୭ (ସମିସ):** କେନ୍ଦୁଝର ଜିଲ୍ଲା ପେନଚାକ୍ ସିଲଟ୍ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ବଡ଼ବିଲଠାରେ ଚାଲିଥିବା 'ଓଡ଼ିଶା କପ୍ ପେନଚାକ୍ ସିଲଟ୍ ଚାମ୍ପିଅନସିପ୍' ଉଦ୍‌ଯାପିତ ହୋଇଯାଇଛି। ଏହି ଦୁଇଦିନିଆ ପ୍ରତିଯୋଗିତାରେ ୩୩ ସ୍ୱର୍ଣ୍ଣ ପଦକ ଜିତି ଝାରସୁଗୁଡ଼ା ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସେହିଭଳି କେନ୍ଦୁଝର ପ୍ରଥମ ଓ ଖୋର୍ଦ୍ଧା ଜିଲ୍ଲା ୨ୟ ରନର୍ସଅପ୍ ହୋଇଛି। କେନ୍ଦୁଝର ୧୭ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୬ କାଂସ୍ୟ ସହ ମୋଟ୍ ୨୮ ପଦକ ଓ ଖୋର୍ଦ୍ଧା ୧୦ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୫ କାଂସ୍ୟ ସହ ୨୩ ପଦକ ବିଜୟୀ ହୋଇଛି।

### କେନ୍ଦୁଝର ପ୍ରଥମ ଓ ଖୋର୍ଦ୍ଧା ୨ୟ ରନର୍ସଅପ୍

ନବକିଶୋର ପାଇକରାୟ ଓ ପ୍ରକାଶ ବେହେରାଙ୍କ ପ୍ରଶିକ୍ଷଣରେ ଏବଂ ସୁମିତ୍ ନାୟକଙ୍କ ତତ୍ତ୍ୱାବଧାନରେ ଖୋର୍ଦ୍ଧା ଜିଲ୍ଲାର ୨୫ଜଣ ଖେଳାଳି ଏହି ପ୍ରତିଯୋଗିତାରେ ଭାଗନେଇଥିଲେ। ସେହିଭଳି ଜିତେନ୍ଦ୍ର ରାଉତ ରେଫରି ଭାବେ ପ୍ରତିଯୋଗିତାରେ ପରିଚାଳନା କରିଥିଲେ। ଖୋର୍ଦ୍ଧା ଜିଲ୍ଲା ସଭାପତି ସାରଦା ପ୍ରସନ୍ନ ଦାସ, ଅଧ୍ୟକ୍ଷ ସଚିନ ମହାପାତ୍ର, ନବକିଶୋର ପାଇକରାୟ, ଦେବାଶିଷ ସୁନ୍ଦରାୟ ପ୍ରମୁଖ ପଦକ ବିଜୟୀ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




## ପୁରୀରେ ହେବ ଜାତୀୟ ସାଇକ୍ଲିଂ ରୋଡ୍ ରେସ୍

**କଟକ,୨୨।୭ (ସମିସ):** ଓଡ଼ିଶା ସାଇକ୍ଲିଂ ସଂଘର ବାର୍ଷିକ ଅଧିବେଶନ ଓସିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ତୃଣମୂଳସ୍ତରରୁ ସାଇକ୍ଲିଂ ଖେଳର ପ୍ରଚାର, ପ୍ରସାର ଦିଗରେ ସମ୍ମିଳନୀରେ ଗୁରୁତ୍ୱାରୋପ କରାଯାଇଥିଲା। ତେବେ ୪୫ବର୍ଷର ବ୍ୟବଧାନ ପରେ ଓଡ଼ିଶାରେ ଜାତୀୟ ସାଇକ୍ଲିଂ ରୋଡ୍ ରେସ୍ ଆୟୋଜନ ହେବ ବୋଲି ଏହି ଅବସରରେ ଘୋଷଣା କରାଯାଇଛି। ଆସନ୍ତା ନଭେମ୍ବରରେ ପୁରୀରେ ଏହି ପ୍ରତିଯୋଗିତା ହେବ। ଜାତୀୟ ପ୍ରତିଯୋଗିତା ଆୟୋଜନ ନିମନ୍ତେ ରାଜ୍ୟ ସଂଘ ପକ୍ଷରୁ ଖୁବଶୀଘ୍ର ଏକ ପ୍ରସ୍ତୁତି ବୈଠକ ଡକାଯିବ ବୋଲି ସଂଘ ସମ୍ପାଦକ ପ୍ରସନ୍ନ କୁମାର ରାଉତ ସୂଚନା ଦେଇଛନ୍ତି।

ଅର୍ଜୁନ ପୁରସ୍କାରପ୍ରାପ୍ତ ମିନତୀ ମହାପାତ୍ର ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ। ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଯୋଗ ଦେଇ ରାଜ୍ୟରେ ସାଇକ୍ଲିଂ ଭଳି ଏକ ଅଲିମ୍ପିକ କ୍ରୀଡ଼ାର ଅଧିକ ପ୍ରଚାର, ପ୍ରସାର ଆବଶ୍ୟକତା ଥିବା କହିଥିଲେ। ରାଜ୍ୟ ସଂଘ କର୍ମକର୍ତ୍ତା ଏ ଦିଗରେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ ଯୋଗ ଦେଇ ଓଡ଼ିଶାରେ ସାଇକ୍ଲିଂ ଖେଳର ବିକାଶ ନିମନ୍ତେ ଅଲିମ୍ପିକ ସଂଘ ପକ୍ଷରୁ ପୂର୍ଣ୍ଣ ସହଯୋଗ ଯୋଗାଇ ଦିଆଯିବ ବୋଲି ମତ ଦେଇଥିଲେ। ଏହି ଅବସରରେ ଚଳିତ ଆର୍ଥିକ ବର୍ଷ ନିମନ୍ତେ ବଜେଟ ଉପସ୍ଥାପନ କରାଯାଇଥିଲା। ଉପସ୍ଥିତ ସମସ୍ତ ସଦସ୍ୟଙ୍କ ସ୍ୱୀକୃତିକ୍ରମେ ଏହା ଗୃହୀତ ହୋଇଥିଲା। ଓଡ଼ିଶା ସାଇକ୍ଲିଂ ସଂଘ ସମ୍ପାଦକ ପ୍ରସନ୍ନ କୁମାର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହାଛଡ଼ା ରାଜ୍ୟ କ୍ରୀଡ଼ା ବିଭାଗ ସମସ୍ତ ପ୍ରକାର ସାହାଯ୍ୟ, ସହଯୋଗ ଯୋଗାଇ ଦେଉଥିବାରୁ ଏହି ଅବସରରେ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଯାଇଥିଲା। ବୈଠକରେ ରାଜ୍ୟ ସଂଘର ବରିଷ୍ଠ ଉପସଭାପତି ନୃସିଂହ ଚରଣ ସାହୁ, ନଳିନୀ କୁମାର ଦାସ, କୋଷାଧ୍ୟକ୍ଷ ସୁଜିତ କୁମାର ରାଉତ, ଯୁଗ୍ମ ସମ୍ପାଦକ ଗୋପୀନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟ ସଂଘର ବାର୍ଷିକ ଅଧିବେଶନରେ ଘୋଷଣା










# ଅମଳ ବୃଦ୍ଧି କରେ ଜିଆ ଜଳ

**ଜୈବିକ ଚାଷ ପାଇଁ ଚାଷୀମାନେ ଜିଆଠାରୁ ଜୈବ ହର୍‌ମୋନ ପ୍ରସ୍ତୁତି କରି ଫସଲରେ ପ୍ରୟୋଗ କରିପାରିବେ । ଏଥିରେ ଯବକ୍ଷାରଜାନ, ଫସ୍‌ଫରସ୍, ପଟାସିୟମ୍, ମାଗ୍ନେସିୟମ, ଜିଙ୍କ୍, କପର, କ୍ୟାଲ୍‌ସିୟମ, ଲୌହ, ସଲ୍‌ଫର, ସୋଡିୟମ୍ ଆଦି ରହିଥିବାରୁ ଏହା ଫସଲର ଅଭିବୃଦ୍ଧି କରାଏ ।**

ଜିଆ ଶରୀରର ଅସଂଖ୍ୟ କ୍ଷୁଦ୍ର ରନ୍ଧ୍ରରୁ ଲାଳୁଆ ପଦାର୍ଥ ନିର୍ଗତ ହୁଏ । ସେଥିରେ ବିଭିନ୍ନ ହର୍‌ମୋନ୍, ଅଣୁସାର ଏବଂ ଫସଲର ରୋଗ ନିରୋଧକ ଆଣ୍ଟିବାୟୋଟିକ୍ ରହିଥାଏ । ଜିଆଠାରୁ ଏହି ପଦାର୍ଥକୁ ସଂଗ୍ରହ କରି ଏହାକୁ ପାଣି ସହ ବିଭିନ୍ନ ଫସଲରେ ପ୍ରୟୋଗ କରାଯାଏ । ଏହାକୁ ଜିଆଜଳ ବା ଭର୍ମିୱାଶ କୁହାଯାଏ ।

**ପ୍ରସ୍ତୁତି:** ୧୦୦ ଲିଟର ପାଣି ଧରୁଥିବା ଏକ ପ୍ଲାଷ୍ଟିକ୍ ବାଲ୍‌ଟି ନେଇ ଏହାର ତଳ ପାର୍ଶ୍ୱରେ ପାଇପ୍ ଲଗାନ୍ତୁ । ବାଲ୍‌ଟି ଭିତରେ ଅର୍ଦ୍ଧଗୋଲାକାର ଏକ ପ୍ଲାଷ୍ଟିକ୍ ଝୁଡ଼ିକୁ ଓଲଟାଇ ରଖନ୍ତୁ । ବାଲ୍ଟିରେ ୭୫ ଭାଗକୁ ଗୋବର ଏବଂ ବାଲିର ମିଶ୍ରଣ ରଖି ଏହା ଉପରେ ୩୦୦ରୁ ୬୦୦ ପୂର୍ଣ୍ଣାଙ୍ଗ ଜିଆ ଛାଡ଼ନ୍ତୁ । ଜିଆ ବାଲିମିଶା ଗୋବର ଭିତରେ ପ୍ରବେଶ କରିବେ । ଏହା ଉପରେ ସଦ୍ୟ ପରିବା ଚୋପାକୁ ବିଛାଇ ଦିଅନ୍ତୁ । ବାଲ୍ଟିକୁ ଛାଇରେ ରଖନ୍ତୁ । ପ୍ରତିଦିନ ୫୦ ଗ୍ରାମ୍ ଗୋବରକୁ ୨ ଲିଟର ପାଣିରେ ଗୋଳାଇ ଏଥିରେ ଛିଞ୍ଚିବାକୁ ପଡ଼ିବ । ଜିଆ ଏହାକୁ ଖାଦ୍ୟ ରୂପେ ଗ୍ରହଣ କରି ବଢ଼ି ବଂଶ ବିସ୍ତାର କରିବେ । ଜିଆର ରନ୍ଧ୍ରରୁ ତରଳ ପଦାର୍ଥ ନିର୍ଗତ ହୋଇ ଗୋବର ମିଶା ପାଣିରେ ମିଶିବ । ଏହି ପାଣିକୁ ବାଲ୍ଟି ଟ୍ୟାପ୍ ଦ୍ୱାରା ଅନ୍ୟ ଏକ ପାତ୍ରରେ ସଂଗ୍ରହ କରିପାରିବେ । ବାଲ୍ଟି ବ୍ୟତୀତ ବଡ଼ ମାଟି ମାଠିଆ ମଧ୍ୟ ଜିଆ ଜଳ ପାଇଁ ବ୍ୟବହାର କରିପାରିବେ । ଜିଆ ଜଳ ପ୍ରସ୍ତୁତି ପାଇଁ ସାମଗ୍ରୀ ସହିତ ପ୍ଲାଷ୍ଟିକ୍, ଲୁହା ଓ ଟିଣ ଭଳି ପଦାର୍ଥ ନ ମିଶିବା ଦରକାର । ଜିଆଜଳ ସଂଗ୍ରହ ପାଇଁ କେବଳ ମାଟି ବା ପ୍ଲାଷ୍ଟିକ ପାତ୍ର ବ୍ୟବହାର କରିବା ଲାଭପ୍ରଦ ।

**ଅମଳ ବୃଦ୍ଧିରେ ସହାୟକ:** ଜିଆଜଳରେ ହର୍‌ମୋନ୍ ଏନ୍‌ଜାଇମ୍ ଓ ଅଣୁସାର ସବୁ ଅମଳ ବୃଦ୍ଧି କରେ । ରୋଗପ୍ରତିରୋଧଶକ୍ତି ବୃଦ୍ଧି ସହ ଉପକାରୀ ଅଣୁଜୀବ ସଂଖ୍ୟା ବଢ଼ାଏ । ଫସଲରେ ଆଲୋକ ସଂଶ୍ଳେଷଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ । କେବଳ ସେତିକି ନୁହେଁ, ଜିଆ ଜଳ ସଂଗ୍ରହ ପରେ ପାତ୍ରରେ ଥିବା ପଦାର୍ଥକୁ ଖତ ରୂପେ ବ୍ୟବହାର କରାଯାଇପାରିବ । ଏହି ହରମୋନ୍‌କୁ ଫୁଲ ଗଛ ଏବଂ ପରିବା ମୂଳରେ ପ୍ରୟୋଗ କରାଯାଇପାରିବ । ଏଥିରେ ଗୋମୂତ୍ର ସହ ମିଶାଇ ପ୍ରୟୋଗ କଲେ ଏହା କୀଟନାଶକ ରୂପେ କାମ କରିଥାଏ ।

# ଧାନ ରୁଆର ବିଭିନ୍ନ ପଦ୍ଧତି





**ବର୍ଷା ପରେ ଏବେ ଆମ ରାଜ୍ୟରେ ଚାଷକାର୍ଯ୍ୟ ଖୁବ୍‌ଜୋର ଚାଲିଛି । କେଉଁଠି ଧାନତଳି ଉପୁଡ଼ା ତ କେଉଁଠି ତଳିରୁଆ ଚାଲୁଅଛି । ସାଧାରଣତଃ କାଦୁଆ ତଳି ପ୍ରସ୍ତୁତ ହେବାର ୨୦ରୁ ୨୫ଦିନ ପରେ ଧାନ ତଳି ରୋଇବା ଉପଯୋଗୀ । ଏହି ତଳିକୁ ଉପାଡ଼ି ଚାଷୀଭାଇ ବିଲରେ ଅଳ୍ପ ପାଣିରେ ଧାନ ରୋଇ ଥାଆନ୍ତି । ତେବେ ଧାନତଳି ରୋଇବାର ବିଭିନ୍ନ ପଦ୍ଧତି ବିଷୟରେ ଜାଣନ୍ତୁ ।**

**ଧାଡ଼ି ରୁଆ :** କାଦୁଅ କରି କ୍ଷେତରେ ଧାନ ରୁଅନ୍ତୁ । ଧାନରୁଆ ସାଧାରଣତଃ ବୁଦା ପ୍ରତି ୨ରୁ ୩ଟି ତଳି, ୨ରୁ ଅଢ଼େଇ ସେଣ୍ଟିମିଟର ଗଭୀରରେ ସିଧା କରି ପୋତନ୍ତୁ । ଧାନର ଧାଡ଼ିରୁଆ କଲେ, ଧାଡ଼ିକୁ ଧାଡ଼ି ୨୫ ସେମି ଏବଂ ବୁଦାକୁ ବୁଦା ୨୦ ସେମି ପ୍ରତି ରୁଅନ୍ତୁ । ମାଟିଆଗୁଣ୍ଡି ପୋକଉପଦ୍ରୁତ ଅଞ୍ଚଳରେ ପ୍ରତି ୧୦ ଧାଡ଼ି ଧାନ ରୋଇବା ପରେ ଏକ ଧାଡ଼ି ଛାଡ଼ି ଦିଅନ୍ତୁ । ଧାନର ଧାଡ଼ି ପୂର୍ବରୁ ପଶ୍ଚିମ ଭାବରେ ରହିଲେ ଭଲ । ଏହାଦ୍ୱାରା ଗଛ ଉପରେ ଭଲ ଭାବେ ସୂର୍ଯ୍ୟକିରଣ ପଡ଼ିପାରେ । ଗଛ ମଧ୍ୟରେ ଆଲୋକ ପଡୁଥିବାରୁ ରୋଗପୋକ ମାତ୍ରା କମିଯାଏ ।

**ହାତରେ ଧାନ ରୁଆ:** ହାତରେ ଧାନ ରୋଇବାକୁ ଜଣେ ବ୍ୟକ୍ତିଙ୍କୁ ଏକର ପ୍ରତି ୧ ଲକ୍ଷ ୨୦,୦୦୦ଥର ମାଟିରେ ହାତ ବୁଡ଼ାଇବାକୁ ପଡ଼େ । ଗୋଟିଏ ଦିନରେ ୦.୧୬ ହେକ୍ଟର ଜମିରେ ଧାନ ରୁଆ ହୋଇଥାଏ । ଧାନ ରୋଇବା ସମୟରେ ଶ୍ରମିକଙ୍କ ଘୋର ଅଭାବ ଯୋଗୁଁ ଚାଷୀଭାଇ ଠିକ୍ ସମୟରେ ଚାଷକାମ ସମ୍ପାଦନ କରିପାରନ୍ତି ନାହିଁ । ପୂରାଖର୍ଚ୍ଚର ଶତକଡ଼ା ୨୫ ଭାଗ ଖର୍ଚ୍ଚ କେବଳ ଧାନ ରୋଇବା ପାଇଁ ଦରକାର ହୋଇଥାଏ । ଏଥିପାଇଁ ଧାଡ଼ିରୁଆ ଯନ୍ତ୍ରରେ ଧାନ ରୋଇବା ଭଲ ।

**ଯାନ୍ତ୍ରିକ ପ୍ରଣାଳୀରେ ଧାନ ରୁଆ:** କୃଷକ ଶ୍ରମିକଙ୍କ ଅଭାବ ଥିବା ସ୍ଥାନରେ ଚାଷୀ ଯନ୍ତ୍ର ବ୍ୟବହାର କରି ଧାନ ରୋଇପାରିବେ । ୩ ଧାଡ଼ିଆ, ଚାରି ଧାଡ଼ିଆ ଓ ଛଅ ଧାଡ଼ିଆ ଧାନ ରୁଆ ଯନ୍ତ୍ରରେ ଅଳ୍ପ ସମୟରେ ଦୁଇଗୁଣ ଧାନ ରୁଆ ଯାଇପାରେ । ଧାଡ଼ିକୁ ଧାଡ଼ି ଧାନ ୨୦ରୁ ୨୨ ସେମି ବ୍ୟବଧାନରେ ଧାନ ରୁଆ ହୋଇଥାଏ । ଏହି ରୁଆ ଯନ୍ତ୍ର, ଧାଡ଼ିରୁଆ ଧାନ ମଧ୍ୟରୁ ଅନାବନା ଘାସକୁ ମଧ୍ୟ ଦମନ କରିଥାଏ । କମ୍ ସମୟରେ ଅଧିକ ଅଞ୍ଚଳରେ ରୁଆ ହୋଇପାରେ ।

**ପାରମ୍ପରିକ ଧାନ ରୁଆ:** ପାରମ୍ପରିକ ପଦ୍ଧତିରେ ଧାଡ଼ି ନ କରି ଧାନ ରୁଆଯାଏ । ଏହାକୁ ଛନ୍ଦାରୁଆ କୁହାଯାଏ । ଏହିପ୍ରଣାଳୀରେ ଗଛ ସଂଖ୍ୟା ଠିକ୍ ହେଉନଥିବାରୁ ଓ ଗଛ ସମାନ ଭାବେ ଖାଦ୍ୟ ପାଉନଥିବାରୁ ଧାଡ଼ି ରୁଆ ଅପେକ୍ଷା କମ୍ ଅମଳ ମିଳିଥାଏ । ଅନ୍ତଃଚାଷ ଓ ଘାସବଛା ସୁବିଧା ହୁଏନାହିଁ । ଏଥିପାଇଁ ଚାଷୀମାନେ ଆଧୁନିକ ପ୍ରଣାଳୀରେ ଧାନ ରୋଇ ଲାଭ ପାଇପାରିବେ ।

# ଜୈବିକ ଚାଷ ସହ ବିଲୁପ୍ତ ମଞ୍ଜିକୁ ସାଇତିଛନ୍ତି



ଚାଷକାର୍ଯ୍ୟରେ ଦେଶୀ ପନିପରିବା ମଞ୍ଜିର ଚାହିଦା ଅଧିକ ଥିବାରୁ ଅନେକ ଜଣ ଏହାକୁ ସାଇତି ରଖିଥାନ୍ତି । ଏହି କ୍ରମରେ ତାମିଲନାଡୁ ତ୍ରିଚି ଜିଲ୍ଲା, ମଙ୍ଗଲମର ଚାଷୀ ସଲାଇ ଅରୁଣ ନିଜ ଜୀବନକାଳର ସମସ୍ତ ପୁଞ୍ଜି ଲଗାଇ ପ୍ରାୟ ୩୦୦ରୁ ଅଧିକ ଦେଶୀ ପନିପରିବାର 'ମଞ୍ଜିବ୍ୟାଙ୍କ' କରିଛନ୍ତି । ଦେଶୀ କିସମକୁ ଏକାଠି କରିବାକୁ ସେ ୮୦,୦୦୦କିମିରୁ ଅଧିକ ଯାତ୍ରା କରି ସମଗ୍ର ଦେଶର ଚାଷୀଙ୍କୁ ଭେଟି ସାରିଛନ୍ତି । ମଞ୍ଜିକୁ ସଂଗ୍ର ସହ ବାଣ୍ଟୁଥିବା ମଞ୍ଜିକୁ କାର୍ପାଗଥାରୁ ବ୍ରାଣ୍ଡ ନାଁ ଦେଇଛନ୍ତି । ସେ କେବଳ ଦୁର୍ଲଭ ବିହନ ସଂରକ୍ଷଣ ପାଇଁ ପ୍ରୟାସ କରୁଛନ୍ତି ତାହା ନୁହେଁ, ବରଂ ଜୈବିକ ଚାଷ ଏବଂ ଚାଷ କାର୍ଯ୍ୟ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ଚାଷୀଙ୍କୁ ବୁଝାଉଛନ୍ତି ।

୨୦୧୧ ମସିହାରେ ଜଣାଶୁଣା ଜୈବିକ କୃଷି ବୈଜ୍ଞାନିକ ଜି ନମ୍ମାଲବରଙ୍କୁ ଭେଟି ତାଙ୍କ ଠାରୁ ତାଲିମ ନେଇଥିଲେ । ପରେ ସେ ନିଜେ ଜୈବିକ ଚାଷରେ ପାରଙ୍ଗମ ହୋଇ ଅନ୍ୟମାନଙ୍କୁ ଏ ସମ୍ପର୍କରେ ଶିଖାଇଥିଲେ । ଚାଷୀଙ୍କ ପାଖେ ଦେଶୀ କିସମ ବିହନ ଅଭାବ ଥିବା ଜାଣି ୨୦୨୧ରେ ସେ ସାରାଦେଶ ବୁଲି ୩୦୦ରୁ ଅଧିକ ଦୁର୍ଲଭ ଦେଶୀ ଫଳ ଏବଂ ପନିପରିବା ମଞ୍ଜି ଜମା କରିଥିଲେ । ଭିଟାମାଟିରେ ଲୁପ୍ତପ୍ରାୟ ଦେଶୀ ଫଳ ଏବଂ ପନିପରିବା, ଶାଗ, ଫୁଲ, ଜଡ଼ିବୁଟି ଆଦି ଗଛ ଲଗାଇଛନ୍ତି । 'କାର୍ପାଗଥାରୁ' ନାମକ ଛୋଟ ବିହନ ବ୍ୟାଙ୍କ ଜରିଆରେ ୫୦୦ଜଣ ଚାଷୀଙ୍କୁ ମାଗଣାରେ ଦୁର୍ଲଭ ମଞ୍ଜି ବାଣ୍ଟି ସାରିଛନ୍ତି । ତାଙ୍କ ବିହନ ବ୍ୟାଙ୍କ୍‌ରେ ଦୁର୍ଲଭ ୧୫ କିମସ ଲାଉ, ୨୦ କିସମ ବିନ୍‌ସ ଏବଂ ଟମାଟୋ, ଲଙ୍କା, ଜହ୍ନି, ୧୦ କିମସ ଅନ୍ୟାନ୍ୟ ପରିବା ମଞ୍ଜି ରହିଛି । ସେ କେବଳ ବିଲୁପ୍ତ ମଞ୍ଜିକୁ ସଂରକ୍ଷଣ କରୁଛନ୍ତି ତାହା ନୁହେଁ, ବରଂ ଜୈବ ବିବିଧତା ସଂରକ୍ଷଣ ପ୍ରତି ସଚେତନତା ସୃଷ୍ଟି କରିବା ତାଙ୍କର ମୂଳ ଉଦ୍ଦେଶ୍ୟ ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ଖାଲୁଆ ଜମିରେ ଧାନ ତଳି ୨୧ ଦିନର ହୋଇଥିଲେ, ଜମିରେ ରୋଇ ଦିଅନ୍ତୁ ।
- ଧାନ ଜମିରେ କାଦୁଅ ଓ ତଳିରୋପଣ ପାଇଁ ହିଡ଼ କରି ବର୍ଷା ପାଣି ବାନ୍ଧି ରଖନ୍ତୁ ।
- ଅତ୍ୟଧିକ ବର୍ଷା ହେଉଥିବା ଅଞ୍ଚଳରେ ଧାନବୁଣା ଓ ଶୀର୍ଷ ସାର କିମ୍ବା ଘାସମରା ଔଷଧ ପ୍ରୟୋଗ କିଛିଦିନ ପାଇଁ ସ୍ଥଗିତ ରଖନ୍ତୁ ।
- ଜୁଲାଇ ମାସ ଶେଷ ସୁଦ୍ଧା ତଳିଘେରାରେ ତଳି ପକାଇବା କାମ ସମ୍ପୂର୍ଣ୍ଣ କରିଦେବା ଦରକାର ।
- ଆଖୁ ଫସଲରେ ଦହିଆ କୀଟର ପରିଚାଳନା ପାଇଁ ଏକର ପ୍ରତି ୬୦ ମିଲି ଇମିଡାକ୍ଲୋପ୍ରିଡ ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ଜୁଲାଇ ମାସ କାଜୁ ଲଗାଇବାର ଉପଯୁକ୍ତ ସମୟ ।
- ପ୍ରାଣୀମାନଙ୍କର ଟିକାକରଣ ନିଶ୍ଚିତ କରାନ୍ତୁ । କୃମି ନ ହେବା ପାଇଁ ଔଷଧ ଖୁଆଇବାର ବ୍ୟବସ୍ଥା କରନ୍ତୁ ।

# ଖଜୁରି ତୋଳିବ ମେସିନ୍



ଦେଶର କିଛି ଚାଷୀ ଖଜୁରି ଚାଷରୁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରନ୍ତି । ଖଜୁରି ଗଛର ସରୁପତ୍ର, କାଣ୍ଡ ବୋଦାଳିଆ ଓ ତେଢ଼ା ହୋଇଥିବାରୁ ଖଜୁରି ତୋଳିବା ସମୟଟି ଚାଷୀଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ଏମିତି ବି ଅନେକଜଣ ଗଛଚଢ଼ି ଖଜୁରି ତୋଳି ପାରନ୍ତିନି । ତୋଳିବା ସମୟରେ ଖଜୁରି ତଳେ ପଡ଼ି ଏହାର ଗୁଣବତ୍ତା ଉପରେ ପ୍ରଭାବ ପଡ଼ିଥାଏ । ତେଣୁ ଚାଷୀଙ୍କ ଏହି ସମସ୍ୟା ଦୂର ପାଇଁ ଆଇସିଏଆର୍ ଏକ ମେସିନ୍ ବିକଶିତ କରିଛନ୍ତି । ଏହି ମେସିନ୍‌ଟି ଖଜୁରି ଅମଳ ବେଳେ ସାହାଯ୍ୟ କରିବ । ମେସିନ୍‌ର ବିଶେଷତ୍ୱ, ଏହା ଇଞ୍ଜିନ୍ ଚାଳିତ ଓ ହାଲୁକା । ବହନଯୋଗ୍ୟ ହୋଇଥିବାରୁ ଏହାକୁ ନେବା ବହୁତ ସହଜ ହୁଏ । ଏପରିକି ଜଣେ ପିଠିରେ ସହଜରେ ବୋହିପାରେ । ଏହି ମେସିନ୍‌ଟିରେ କାଟିବା ଏବଂ ବିନ୍ଧ କରିବାକୁ ଦୁଇଟି ଯନ୍ତ୍ର ରହିଛି । ଏହାକୁ ବ୍ୟବହାର କରି ଚାଷୀମାନେ ଅଢ଼େଇ ମିଟର ଉଚ୍ଚତା ପର୍ଯ୍ୟନ୍ତ ତାଳ ଗଛ କିମ୍ବା ୬ ମିଟର ମଧ୍ୟମ ଉଚ୍ଚତା ବିଶିଷ୍ଟ ଖଜୁରି ଗଛରୁ ଦିନକୁ ୮୦ରୁ ୯୦ ପେଣ୍ଡା ସହଜରେ ତୋଳି ପାରିବ । ଯଦିଓ ପାରମ୍ପରିକ ପ୍ରଣାଳୀରେ ଖଜୁରି ତୋଳାଳି 'ଗଛ ଉପରେ ଚଢ଼ି ତାକୁ ଭାଙ୍ଗିଦିଅନ୍ତି । ଏହା ଚାଷୀଙ୍କ ପାଇଁ ସୁରକ୍ଷିତ ନୁହେଁ, ହେଲେ ନୂଆ ମେସିନ୍‌ଟି ଚାଷୀଙ୍କ ସମସ୍ୟାକୁ ଦୂର କରିବା ସହ ଲାଭ ଦେବ ।

## କୃଷି ବ୍ୟବସାୟ

# ଶୀତଳୀକୃତ ଭ୍ରାମ୍ୟମାଣ ମାଛ ବିକ୍ରୟ ଯନ୍ତ୍ର



## ୫ଦିନ ଯାଏଁ ସତେଜ ରହିବ କୁଇଣ୍ଟାଲେ ମାଛ

ବିଶ୍ୱର ଅନ୍ୟାନ୍ୟ ଦେଶ ତୁଳନାରେ ଭାରତର ବହୁ ସଂଖ୍ୟକ ଲୋକ ମାଛ ଖାଇବାକୁ ପସନ୍ଦ କରନ୍ତି । ବର୍ଦ୍ଧିତ ଖାଉଟିଙ୍କୁ ଦୃଷ୍ଟିରେ ରଖି ଏବେ ଆମ ଦେଶରେ ମାଛ ଉତ୍ପାଦନ ମଧ୍ୟ ବୃଦ୍ଧି ପାଉଛି । ହେଲେ ମାଛ ଚାଷରେ ଧୂଳି, କୀଟପତଙ୍ଗ ଇତ୍ୟାଦି ସମସ୍ୟା ସୃଷ୍ଟି କରନ୍ତି । ଏହାଦ୍ୱାରା ମାଛ ଦୂଷିତ ହୋଇ ସତେଜତା ରୁହେନାହିଁ । ସ୍ୱାଦ ମଧ୍ୟ ହ୍ରାସ ଘଟିଥାଏ । ଫଳରେ ମତ୍ସ୍ୟଚାଷୀ ମାଛକୁ ଅଧିକ ସମୟ ପର୍ଯ୍ୟନ୍ତ ସତେଜ ଓ ସାଇତି ରଖିନପାରି କ୍ଷତି ସହିଥାନ୍ତି । ତେଣୁ ଏହି ସମସ୍ୟାର ସମାଧାନ ପାଇଁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର୍) ନିଆରା ପ୍ରୟାସ କରିଛନ୍ତି । ଆଇସିଏଆର-ସିଆଇଏଫଟି, କୋଚିନ ସ୍ୱଳ୍ପ ମୂଲ୍ୟଯୁକ୍ତ ଭ୍ରାମ୍ୟମାଣ ମାଛ ବିକ୍ରି ଯନ୍ତ୍ର କିଓସ୍କ ବିକଶିତ କରିଛି । ଏହି ମେସିନ୍ ଜରିଆରେ ମତ୍ସ୍ୟଜୀବୀମାନେ ମାଛକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସତେଜ ରଖିପାରିବେ । ସ୍ୱଚ୍ଛ ପଲିକାର୍ବୋନେଟ୍/ରିଇନ୍‌ଫୋର୍ସ୍ଡ଼ ଗ୍ଲାସ୍ ସିଟ୍ ସହିତ ଖାଦ୍ୟ ଗ୍ରେଡ୍ ସାମଗ୍ରୀ ଷ୍ଟେନଲେସ୍ ଷ୍ଟିଲ୍ ବ୍ୟବହାର କରି ମେସିନ୍‌ଟିକୁ ଡିଜାଇନ୍ କରାଯାଇଛି । କିଓସ୍କରେ ୧ କୁଇଣ୍ଟାଲ ମାଛ ୪ରୁ ୫ଦିନ ପର୍ଯ୍ୟନ୍ତ ସତେଜ ରଖାଯାଇପାରିବ । ୨୦ କିଲୋଗ୍ରାମ ଶୀତଳଭଣ୍ଡାର ଏବଂ ଏକ ଇନସୁଲେଟେଡ୍ ଆଇସ୍ ବକ୍ସ ସହିତ, ଏହି ମେସିନ୍‌ଟି ପୋର୍ଟେବଲ ମଧ୍ୟ । ଯାହାକୁ ରିକ୍ସା ଉପରେ ଜଣେ ବ୍ୟକ୍ତି ସହଜରେ ଯେ କୌଣସି ସ୍ଥାନକୁ ନେଇପାରିବେ । ଏହି ମେସିନ୍ ଦ୍ୱାରା ମାଛ ଦୂଷିତ ହୋଇନଥାଏ । ଫଳରେ ଭଲ ମାର୍କେଟିଂ ହୋଇପାରେ ।

# ବର୍ଷାଦିନେ ଆଳୁ ଚାଷ

**ଆମ ରାଜ୍ୟର ସମୁଦ୍ରପତ୍ତନ ଠାରୁ ଅଧିକ ଉଚ୍ଚରେ ଥିବା ସ୍ଥାନରେ କେତେକ ଚାଷୀ ବର୍ଷାଦିନିଆ ଆଳୁଚାଷ କରିଥାନ୍ତି । ତେବେ ଆଳୁ ଚାଷୀମାନେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବା ଉଚିତ ।**



ସାଧାରଣତଃ ଚାଷୀମାନେ ଆଳୁ ଚାଷ ପାଇଁ କୁଫ୍ରିଜ୍ୟୋତି, କୁଫ୍ରି ହିମାଲିନ୍ କିସମ ବ୍ୟବହାର କରନ୍ତି । ବର୍ଷାଦିନେ ମଧ୍ୟ ଏହି ଦୁଇଟି କିସମକୁ ବ୍ୟବହାର କରି ଚାଷୀ ଚାଷ କରିପାରିବେ । ପ୍ରାମାଣିକ ବିହନ ଦ୍ୱାରା ଚାଷରୁ ଅଧିକ ଅମଳ ମିଳିଥାଏ । ତେଣୁ ଚାଷପାଇଁ ସର୍ବଦା ଛାଇ ଓ ବାୟୁ ଚଳାଚଳ ହେଉଥିବା ଖୋଲା ସ୍ଥାନରେ ଆଳୁକୁ ରଖିବା ଉଚିତ ।

ବର୍ଷାଦିନେ ବିହନକୁ ଡିଥେନ୍‌ଏମ୍ ୪୫ରେ ବିଶୋଧନ କରି ଏକର ପିଛା ୮ରୁ ୧୦ କ୍ୱିଣ୍ଟାଲ ଗୋଟା ହିସାବରେ ଲଗାନ୍ତୁ । ଏହା ପୂର୍ବରୁ ଜମିକୁ ଅତି କମ୍‌ରେ ୩ ରୁ ୪ ଓଡ଼ ଗଭୀର ଚାଷ କରି ମାଟିକୁ ଗୁଣ୍ଡ ଅବସ୍ଥାରେ ରଖିବା ଦରକାର । ଏହିଦିନେ ଆଳୁ ଚାଷ ପାଇଁ ଗଡ଼ାଣିଆ ଉଚ୍ଚ ଜମି ଚୟନ କରିପାରିବେ । ଖାଲୁଆ ବା ପାଣି ଜମୁଥିବା ସ୍ଥାନରେ ଆଳୁ ଲଗାନ୍ତୁ ନାହିଁ । ଆଳୁ ଲଗାଇବା ସମୟରେ ଏକର ପ୍ରତି ଶହେ କେଜି ଡିଏପି ଓ ୭୫ କେଜି ପଟାସ ସାର ପ୍ରୟୋଗ କରନ୍ତୁ । ଲଗାଇବାର ୨୦ ଦିନ ପରେ ଏକର ପ୍ରତି ୪୫ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରି ହୁଡ଼ା ଟେକନ୍ତୁ । ଏହା ଗଛ ବଢ଼ିବାକୁ ସାହାଯ୍ୟ କରିଥାଏ । ସେହିପରି ବର୍ଷାଦିନେ ଆର୍ଦ୍ରତା ଅଧିକ ରହୁଥିବାରୁ ଗଛରେ ଫିମ୍ପିନାଶକ ରୋଗରୁ ବଞ୍ଚିବା ପାଇଁ ସମୟ ଅନୁସାରେ ଫିମ୍ପିନାଶକ ଔଷଧ ସିଞ୍ଚନ କରନ୍ତୁ ।

## ଶ୍ରୀଲଙ୍କା ଅଭିମୁଖେ ଭାରତୀୟ କ୍ରିକେଟ ଦଳ: ୨୭ରୁ ଟି-୨୦ ସିରିଜ୍, ଅଗଷ୍ଟ ୨ରୁ ଦିନିକିଆ

# ‘ଦେଶକୁ ଗର୍ବିତ କରିବା ଲାଗି କାମ କରିବୁ’

**ମୁମ୍ବାଇ,୨୨।୭ (ଏଜେନ୍ସି):** ଶ୍ରୀଲଙ୍କା ସହ ଏକ ସୀମିତ ଓଭର କ୍ରିକେଟ ସିରିଜ୍ ଖେଳିବାକୁ ସୋମବାର ଭାରତୀୟ ଦଳ କଲମ୍ବୋ ଅଭିମୁଖେ ଯାତ୍ରା କରିଛି। ଏହି ସିରିଜ୍‌ରେ ୬ଟି ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରେ ପ୍ରଥମେ ବା ଜୁଲାଇ ୨୭ରୁ ଖେଳାଯିବାକୁ ଥିବା ଟି-୨୦ ଫର୍ମାଟରେ ସୂର୍ଯ୍ୟକୁମାର ଯାଦବ ଓ ଅଗଷ୍ଟ ୨ରୁ ଖେଳାଯିବାକୁ ଥିବା ଦିନିକିଆ ଫର୍ମାଟରେ ରୋହିତ ଶର୍ମା ଭାରତୀୟ ଦଳର ନେତୃତ୍ୱ ନେବେ। ଟି-୨୦ ସିରିଜ୍‌ର ସମସ୍ତ ୩ଟି ଯାକ ମ୍ୟାଚ୍ ପାଲିକଲ ଓ ଦିନିକିଆ ସିରିଜ୍‌ର ମ୍ୟାଚ୍ ଗୁଡିକ କଲମ୍ବୋର ରଣସିଂହେ ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯିବ। ଏହି ସିରିଜ୍ ପୂର୍ବରୁ ଭାରତୀୟ କ୍ରିକେଟ ଦଳର ପୂର୍ବତନ ସୁପରଷ୍ଟାର ଗୌତମ ଗମ୍ଭୀର ଏବେ ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ନେଇଛନ୍ତି। ଶ୍ରୀଲଙ୍କା ସିରିଜ୍ ତାଙ୍କର ପ୍ରଥମ ପରୀକ୍ଷା ହେବ। ସେହିପରି ଅଜିତ ଅଗରକର ଜାତୀୟ ବରିଷ୍ଠ ଚୟନ କମିଟିର ଅଧ୍ୟକ୍ଷ ରହିଛନ୍ତି। ଭାରତୀୟ କ୍ରିକେଟ ଦଳ ମୁମ୍ବାଇ ଛାଡ଼ିବା ପୂର୍ବରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଦଳର ଯୋଜନା, ସେମାନଙ୍କ ମନୋଭାବ, ପାଣ୍ଡ୍ୟାଙ୍କୁ ଅଧିନାୟକ ଦାୟିତ୍ୱ ନ ଦେବା, ଖେଳାଳିଙ୍କ ୱାର୍କଲୋଡ ମ୍ୟାନେଜମେଣ୍ଟ ଓ ଚୟନକୁ ନେଇ ମତାମତ ଦେଇଛନ୍ତି।


ଗୌତମ ଗମ୍ଭୀର


ଅଜିତ ଅଗରକର

### କୋହଲିଙ୍କ ସହ ସମ୍ପର୍କ ବାହାରେ ପ୍ରକାଶ କରିହେବ ନାହିଁ

ଗୌତମ ଗମ୍ଭୀରଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯିବା ପରେ ତାଙ୍କର ଷ୍ଟାର ଖେଳାଳି ବିରାଟ କୋହଲିଙ୍କ ସହ କି ପ୍ରକାର ସମ୍ପର୍କ ରହିବ ତାହାକୁ ନେଇ ଅନେକ ଆଶା ଓ ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ ଗମ୍ଭୀର ସାମ୍ବାଦିକ ସମ୍ମିଳନୀରେ ସ୍ୱଷ୍ଟ ମତ ରଖିଛନ୍ତି। ସେ କହନ୍ତି, କୋହଲି ଓ ମୋ ମଧ୍ୟରେ ଅତ୍ୟନ୍ତ ଭଲ ସମ୍ପର୍କ ରହିଛି। ଆମେ ଦୁଇ ଜଣ ପରିପକ୍ୱ ବ୍ୟକ୍ତିତ୍ୱ। ଗତ କିଛିବର୍ଷରେ ଆଇପିଏଲ୍‌ରେ ହୁଏତ ମତାନ୍ତର ହୋଇଥାଇପାରେ। ତାହାର ଅର୍ଥ ନୁହେଁ ଯେ ଆମ ସମ୍ପର୍କକୁ ବାହାରେ ପ୍ରକାଶ କରିବୁ। ହୁଏତ ଏହା କେତେକଙ୍କୁ ଟିଆରପି ବଢ଼ାଇବାରେ ସହାୟତା କରୁଛି, କିନ୍ତୁ ଏହା ଆମ ଉପରେ କିଛି ପ୍ରଭାବ ପକାଉ ନାହିଁ। ଭାରତକୁ ଗର୍ବିତ କରିବା ଲାଗି ଆମେ ଗୋଟିଏ ମଞ୍ଚରେ କାମ କରୁଛୁ। ଏଣୁ ଏହାକୁ ନେଇ କେହି ଅନ୍ୟ କିଛି ଭାବିଲେ ଆମର କିଛି ଯାଏ ଆସେ ନାହିଁ। ପଡ଼ିଆରେ ଖେଳାଳିମାନେ ନିଜ ଜର୍ସିକୁ ବିଜୟୀ କରିବା ଲାଗି ଯେପରି ଲଢ଼େଇ କରିଥାନ୍ତି ଆମେ ମଧ୍ୟ ଭାରତକୁ ବିଜୟୀ କରିବା ଲାଗି ଏକତ୍ର ହୋଇ କାମ କରିବୁ ବୋଲି ଗମ୍ଭୀର ସ୍ପଷ୍ଟ କରିଥିଲେ।

କ୍ରିକେଟ ଦଳ ଓ ଖେଳାଳି ଚୟନ ସମ୍ପର୍କରେ ସେ କହନ୍ତି, ଗୋଟିଏ ଦଳ (ଟି-୨୦ ଫର୍ମାଟ)ରୁ ଏକାଥରକେ ୩ଜଣ ବିଶ୍ୱସ୍ତରୀୟ ଖେଳାଳି ରୋହିତ ଶର୍ମା, ବିରାଟ କୋହଲି ଓ ରବୀନ୍ଦ୍ର ଜାଡେଜା ଅବସର ନେଇଗଲେ ସେମାନଙ୍କ ସ୍ଥାନ ପୂରଣ କରିବା କଷ୍ଟକର। କିନ୍ତୁ ଦିନିକିଆ ଓ ଟେଷ୍ଟ କ୍ରିକେଟ ଫର୍ମାଟରେ ନିୟମିତ ଭଲ ପ୍ରଦର୍ଶନ କରୁଥିବା ଖେଳାଳିମାନଙ୍କୁ ଗୁରୁତ୍ୱ ଦିଆଯିବ। ଏହି ଫର୍ମାଟରେ ସଫଳତା ସାମୟିକ ଭାବେ ମିଳେ ନାହିଁ। ଏଣୁ କ୍ରମାଗତ ଉନ୍ନତ ଖେଳ ପ୍ରଦର୍ଶନ କରୁଥିବା ଖେଳାଳି ହିଁ ଏହି ଫର୍ମାଟରେ ସ୍ଥାନ ପାଇବେ।

### ସୂର୍ଯ୍ୟକୁମାରଙ୍କୁ ଟି-୨୦ ନେତୃତ୍ୱ

ଜାତୀୟ ଚୟନ କମିଟି ମୁଖ୍ୟ ଅଜିତ ଅଗରକରଙ୍କ ମତରେ ଯେଉଁ ଖେଳାଳି ସର୍ବଦା ଖେଳିବାକୁ ଉପଲବ୍ଧ ହେଉଥିବେ ବା ଅନ୍ୟ ପକ୍ଷରେ କହିବାକୁ ଗଲେ ଶାରୀରିକ ଫିଟ୍ ରହିବେ ସେପରି ଜଣେ ଦକ୍ଷ ଖେଳାଳିଙ୍କୁ ଆମେ ଟି-୨୦ ଦଳର ନେତୃତ୍ୱ ଦେବାକୁ ପସନ୍ଦ କରିଛୁ। ଗତ ମାର୍ଚ୍ଚ ଓ ଏପ୍ରିଲରେ ହାର୍ଦ୍ଦିକ ପାଣ୍ଡ୍ୟା ଆଦୌ କ୍ରିକେଟ ଖେଳି ନ ଥିଲେ। ଏଣୁ ତାଙ୍କ ଫିଟନେସ ନେଇ ସନ୍ଦେହ ରହିଛି। ସୂର୍ଯ୍ୟକୁମାର ଫିଟ୍ ଥିବାରୁ ଓ ସେ କେବଳ ଟି-୨୦ ଖେଳୁଥିବାରୁ ତାଙ୍କୁ ନେତୃତ୍ୱ ଦିଆଯାଇଛି। ଶୁବମାନ ଗିଲ୍‌ଙ୍କୁ ଉଭୟ ଟି-୨୦ ଓ ଦିନିକିଆ ଦଳର ଉପଅଧିନାୟକ ପଦକୁ ଉନ୍ନିତ କରାଯିବା ପରେ ରଷଭ ପନ୍ତ ଓ ଲୋକେଶ ରାହୁଲଙ୍କ ଭବିଷ୍ୟତ କ’ଣ ହେବ? ସେ ସମ୍ପର୍କରେ ଅଗରକରଙ୍କ କହିବା ହେଲା, ଜଣେ ଖେଳାଳି ଆହତ ସମସ୍ୟାକୁ ଏକ ବର୍ଷକାଳ ମୁକାବିଲା କରି ଅନ୍ତର୍ଜାତୀୟ କ୍ରିକେଟ ଖେଳିବାକୁ ସକ୍ଷମ ହୋଇଛନ୍ତି। ସେ କିଭଳି ଖେଳାଳି ତାହା ଆମେ ସମସ୍ତେ ଜାଣିଛନ୍ତି। ଏଣୁ ତାଙ୍କୁ ଆମେ ଜଣେ ଫିଟ ଖେଳାଳିଭାବେ ପ୍ରଥମେ ଖେଳିବାକୁ ସୁଯୋଗ ଦେଉଛୁ। ଏହା ପରେ ଅନ୍ୟ କ’ଥା ଚିନ୍ତା କରାଯିବ। ଗିଲ୍‌ଙ୍କ ଉପଅଧିନାୟକ କରାଯିବା ଅର୍ଥ ସେ ଜଣେ ୩ ଫର୍ମାଟର ଖେଳାଳି। ସେ ମଧ୍ୟ ବରିଷ୍ଠଙ୍କଠାରୁ ଅନେକ କିଛି ଶିକ୍ଷା ଲାଭ କରିବେ। ଦୁଇ ଦଳର ଅଧିନାୟକ ବରିଷ୍ଠ ଓ ଅଭିଜ୍ଞ। ଏମାନେ ଯଦି ଆହତ ହୁଅନ୍ତି ତେବେ ଗିଲ ଦଳର ନେତୃତ୍ୱ ନେଇପାରିବ। ତାଙ୍କ ନିକଟରେ ଦକ୍ଷତା ରହିଛି ଓ ଆମେ ତାଙ୍କୁ କିଛି ଶିଖିବା ଲାଗି ଉପଅଧିନାୟକ ଦାୟିତ୍ୱ ଦେଇଛୁ। ରାହୁଲ ଏବେ ଟି-୨୦ ଫର୍ମାଟରେ ଖେଳୁନାହାନ୍ତି। ଅଧିକ କିଛି ଖେଳିବା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ।

### ଜାଡେଜା ବାଦ୍ ପଡ଼ି ନାହାନ୍ତି, ସାମି ଫେରିବେ

ଶ୍ରୀଲଙ୍କା ଗସ୍ତ ଲାଗି ରବୀନ୍ଦ୍ର ଜାଡେଜାଙ୍କୁ ଦଳରେ ସ୍ଥାନ ମିଳିନାହିଁ। ଫଳରେ ତାଙ୍କୁ ବାଦ୍ ଦିଆଯାଇଛି ବୋଲି ଆଲୋଚନା ହେଉଥିଲା। ଏହାକୁ ଅସ୍ୱୀକାର କରିଛନ୍ତି ଅଗରକର। ଜାଡେଜା ଟି-୨୦ରୁ ଅବସର ନେଇଛନ୍ତି ଓ ସମସ୍ତ ଦିନିକିଆରେ ଖେଳିବା ସମ୍ଭବ ନୁହେଁ। ଗୋଟିଏ କିମ୍ବା ଦୁଇଟି ମ୍ୟାଚ୍ ଲାଗି ଏହି ଖେଳାଳିଙ୍କୁ ସାମିଲ କରିବା ଅପେକ୍ଷା ଟେଷ୍ଟ ସିରିଜ୍ ଲାଗି ବିଶ୍ରାମ ଦେବାକୁ ଉଚିତ ମନେ କରିଛୁ।

ସେହିପରି ଗତ ଦିନିକିଆ ବିଶ୍ୱକପ୍ ପରେ ସାମି ଆଉ କୌଣସି କ୍ରିକେଟ ଖେଳିନାହାନ୍ତି। ସେ କେବେ ଖେଳିବେ ତାହା ଉପରେ ଆମେ ଗୁରୁତ୍ୱ ଦେଉଛୁ। ଏବେ ସେ ନ୍ୟାସନାଲ କ୍ରିକେଟ ଏକାଡେମୀରେ ବୋଲିଂ କରିବା ଆରମ୍ଭ କରିଛନ୍ତି। ଆମେ ଆଶା କରୁଛୁ ବାଂଲାଦେଶ ଟେଷ୍ଟ ସିରିଜ୍‌ରେ ସେ ଅନ୍ତର୍ଜାତୀୟ କ୍ରିକେଟକୁ ଫେରିବେ। ସେପ୍ଟେମ୍ବର ୧୯ରୁ ବାଂଲାଦେଶ ଟେଷ୍ଟ ସିରିଜ୍ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି।

### ନାୟାର, ର୍ୟାନ ସହକାରୀ ପ୍ରଶିକ୍ଷକ

ମୁମ୍ବାଇର ଅଭିଷେକ ନାୟାର ଓ ନେଦରଲାଣ୍ଡସର ର୍ୟାନ ଟେନ୍ ଡୋଶ୍ଚେଟ ଭାରତୀୟ କ୍ରିକେଟ ଦଳର ସହକାରୀ ପ୍ରଶିକ୍ଷକ ନିଯୁକ୍ତ ହୋଇଥିବା କଥା ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ପ୍ରକାଶ କରିଛନ୍ତି। ଉଭୟ ଦଳର ସହ ଶ୍ରୀଲଙ୍କାରେ ଯୋଗଦେଇପାରନ୍ତି। ଟି. ଦିଲୀପଙ୍କୁ ବିସିସିଆଇ ପୂର୍ବପରି ଫିଲ୍ଡିଂ ପ୍ରଶିକ୍ଷକ ଭାବେ ନିଯୁକ୍ତି କରିଛି। କିନ୍ତୁ ବୋଲିଂ ପ୍ରଶିକ୍ଷକ ଭାବେ ଏଯାଏ କାହାରି ନାମ ସ୍ଥିର ହୋଇନାହିଁ। ଦକ୍ଷିଣ ଆଫ୍ରିକାର ମୋର୍ଣ୍ଣି ମୋର୍କେଲ ଏହି ପଦ ଲାଗି ଦୌଡ଼ରେ ଆଗରେ ଅଛନ୍ତି। କିନ୍ତୁ ଶ୍ରୀଲଙ୍କା ସିରିଜ୍ ଲାଗି ସାଇରାଜ ବାହୁତୁଲେଙ୍କୁ କାମଚଳା ବୋଲିଂ ପ୍ରଶିକ୍ଷକ ଭାବେ ନିଯୁକ୍ତି ମିଳିଛି। ସୋମବାର ଭାରତୀୟ କ୍ରିକେଟ ଦଳ ଶ୍ରୀଲଙ୍କା ଗସ୍ତରେ ଯାଇଛି।

## ପ୍ରଥମ ଭାରତୀୟ ଭାବେ ଏସିଆ ଅଲିମ୍ପିକ ସଭାପତି ହେବେ ରଣଧୀର

**ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି):** ଅନୁଭବୀ କ୍ରୀଡ଼ା ପ୍ରଶାସକ ରଣଧୀର ସିଂହ ପ୍ରଥମ ଭାରତୀୟ ଭାବେ ଏସିଆ ଅଲିମ୍ପିକ ପରିଷଦ (ଓସିଏ)ର ସଭାପତି ପଦ ଅଳଙ୍କୃତ କରିବାକୁ ଯାଉଛନ୍ତି। ସେପ୍ଟେମ୍ବର ୮ରେ ହେବାକୁ ଥିବା ଓସିଏ ନିର୍ବାଚନ ଲାଗି ୭୭ ବର୍ଷୀୟ ରଣଧୀର ଏକମାତ୍ର ଆଶାୟୀ ରହିଛନ୍ତି। ଅନ୍ତର୍ଜାତୀୟ ଅଲିମ୍ପିକ ପରିଷଦ (ଆଇଓସି)ର ପୂର୍ବ ସଦସ୍ୟ ତଥା ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ)ର ପ୍ରାକ୍ତନ ସାଧାରଣ ସମ୍ପାଦକ ରଣଧୀର ବର୍ତ୍ତମାନ ଓସିଏର କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ତୁଲାଉଛନ୍ତି। ଓସିଏ ପକ୍ଷରୁ ସୋମବାର ଜାରି ଏକ ବିବୃତିରେ କୁହାଯାଇଛି, ‘ଓସିଏ ନିର୍ବାଧିନ କମିସନ ନିଶ୍ଚିତ କରିପାରନ୍ତି ଯେ, ଓସିଏର କାର୍ଯ୍ୟକାରୀ ସଭାପତି ରଣବୀର ସିଂହ ୮ ସେପ୍ଟେମ୍ବରରେ ହେବାକୁ ଥିବା ନିର୍ବାଚନ ଲାଗି ଏକମାତ୍ର ଆଶାୟୀ ଭାବେ ନାମିତ ହୋଇପାରନ୍ତି’।

### ଏନଓସି ଦେଲା ଓସିଏ

## ଏମ୍‌ପିରୁ ଖେଳିବେ ଶୁଭ୍ରାଂଶୁ ସେନାପତି



**କଟକ,୨୨।୭ (ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ପକ୍ଷରୁ ତାରକା ଖେଳାଳି ତଥା ପୂର୍ବତନ ରଣଜୀ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କୁ ଏନଓସି ପ୍ରଦାନ କରାଯାଇଛି। ଶୁଭ୍ରାଂଶୁଙ୍କ ନିବେଦନକୁ ରକ୍ଷା କରି ଓସିଏ ଏଭଳି ନିଷ୍ପତ୍ତି ନେଇଛି। ନିଜସ୍ୱ ଇଚ୍ଛାରେ ଏବେ ଯେ କୌଣସି ରାଜ୍ୟରୁ ସେ ପ୍ରତିନିଧିତ୍ୱ କଲେ ବି ଆପତ୍ତି ନାହିଁ ବୋଲି ଓସିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ ରାଜ୍ୟ କ୍ରିକେଟ ସହ ୮ବର୍ଷର ସମ୍ପର୍କ ତୁଟାଇ ଶୁଭ୍ରାଂଶୁ ମଧ୍ୟପ୍ରଦେଶ ଯାତ୍ରା କରିବେ। ୧୦ ଦିନ ଭିତରେ ସେ ମଧ୍ୟପ୍ରଦେଶ ଦଳ ସହ ଯୋଗ ଦେବେ। ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ଓଡ଼ିଶା କ୍ରିକେଟ କିମ୍ବା ଓସିଏ ସହ ସମ୍ପର୍କ ତୁଟିବ ନାହିଁ। ଅନ୍ୟ ରାଜ୍ୟରୁ ଖେଳିବାର ସୁଯୋଗ ଦେଇଥିବାରୁ ଓସିଏକୁ ଧନ୍ୟବାଦ ଜଣାଇବି। ମଧ୍ୟପ୍ରଦେଶ ପ୍ରଶିକ୍ଷକ ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ନିମନ୍ତ୍ରଣ ରକ୍ଷା କରି ଓଡ଼ିଶା ଛାଡୁଛି। ଏକ ସୁଯୋଗ ମିଳିଛି, ଯାହାର ସଦୁପଯୋଗ କରିବାକୁ ଚେଷ୍ଟା କରିବି। ଓଡ଼ିଶାରେ ଭିତ୍ତିଭୂମିର କୌଣସି ଅଭାବ ନାହିଁ। ଅଭିଜ୍ଞତା ନେଇ ଭବିଷ୍ୟତରେ ପୁଣି ଥରେ ଓଡ଼ିଶା ଫେରିବା ମୋର ଲକ୍ଷ୍ୟ ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି। ତେବେ ଓଡ଼ିଶା କ୍ରିକେଟରେ କୌଣସି ସମସ୍ୟା ନାହିଁ, ଏହା ମୋର ବ୍ୟକ୍ତିଗତ ନିଷ୍ପତ୍ତି ବୋଲି ଶୁଭ୍ରାଂଶୁ କହିଛନ୍ତି। ପ୍ରକାଶଥାଉକି, ରାଜ୍ୟ କ୍ରିକେଟ ଜଗତର ଉଜ୍ଜଳମୟ ତାରକା ଶୁଭ୍ରାଂଶୁ ଶେଖର ସେନାପତି ଓଡ଼ିଶା ଛାଡୁଛନ୍ତି। ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏସନ (ଏମପିସିଏ)ରୁ ତାଙ୍କୁ ନିମନ୍ତ୍ରଣ ଆସିଥିଲା। ବିସିସିଆଇର ଆଗାମୀ ଘରୋଇ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ସେ ମଧ୍ୟପ୍ରଦେଶ ଦଳ ସହ ଯୋଗ ଦେବେ। ଶୁଭ୍ରାଂଶୁଙ୍କ ଭଳି ଜଣେ ଦକ୍ଷ, ଅଭିଜ୍ଞ ଓ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ଛାଡିବାକୁ ଓସିଏ ଆଦୌ ପ୍ରସ୍ତୁତ ନଥିଲା। ଶୁଭ୍ରାଂଶୁଙ୍କୁ ଡାକି ବୁଝାସୁଝା କରାଯାଇଥିଲେ ସୁଦ୍ଧା ଶେଷରେ ତାଙ୍କୁ ଏନଓସି ପ୍ରଦାନ କରାଯାଇଛି। ପୂର୍ବରୁ ରଶ୍ମିରଞ୍ଜନ ପରିଡ଼ା, ଶିବସୁନ୍ଦର ଦାସ, ସଞ୍ଜୟ ରାଉଳ, ରଶ୍ମିରଞ୍ଜନ ଦାସଙ୍କ ଭଳି ପ୍ରତିଭାବାନ ଖେଳାଳି ଅନ୍ୟ ରାଜ୍ୟରୁ ଖେଳିବାର ନଜିର ରହିଛି। ଏପରିକି ରଶ୍ମିରଞ୍ଜନ ପରିଡ଼ା ରାଜସ୍ଥାନ ପକ୍ଷରୁ ଖେଳି ଦୁଇଥର ରଣଜୀ ଚାମ୍ପିଅନ ହେବାର ମଧ୍ୟ ଗୌରବ ଲାଭ କରିଛନ୍ତି।


ପ୍ରୋଚେଷ୍ଟାର ପ୍ରତିଷ୍ଠା ଦିବସରେ ଅନୁଷ୍ଠିତ ଚେସ୍ ପ୍ରତିଯୋଗିତାରେ ପ୍ରଥମ ଚାମ୍ପିଅନ ସାତ୍ତ୍ୱିକ ସ୍ୱାଇଁଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

### ● ପୂର୍ବାଞ୍ଚଳ ଉପକନିଷ୍ଠ ହକି ୨୪ରୁ

## ଓଡ଼ିଶା ବାଳକ ଓ ବାଳିକା ଦଳ ଘୋଷିତ

**ଭୁବନେଶ୍ୱର, ୨୨।୭ (ସମିସ):** ଆସାମର ଗୁଆହାଟୀଠାରେ ଚଳିତମାସ ୨୪ରୁ ୩୧ ତାରିଖଯାଏ ପୂର୍ବାଞ୍ଚଳ ଉପକନିଷ୍ଠ ହକି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଉଭୟ ବାଳକ ଓ ବାଳିକା ବିଭାଗରେ ଏହି ଅଞ୍ଚଳର ଶ୍ରେଷ୍ଠ ଦଳଗୁଡିକ ଅଂଶଗ୍ରହଣ କରୁଛନ୍ତି। ବାଳକ ବିଭାଗରେ ବେଙ୍ଗଲ, ଆସାମ, ମଣିପୁର, ଝାଡଖଣ୍ଡ ଓ ବିହାର ଦଳ ସ୍ଥାନ ପାଇଛନ୍ତି। ବେଙ୍ଗଲ ସହ ମୁକାବିଲାରୁ ଓଡ଼ିଶା ତାହାର ଅଭିଯାନ ଆରମ୍ଭ କରିବ। ପ୍ରଫୁଲ୍ଲ ତିର୍କିଙ୍କ ପ୍ରଶିକ୍ଷଣରେ ଏହି ଦଳ ଭଲ କରିବ ବୋଲି ଆଶା କରାଯାଉଛି। ସେହିପରି ବାଳିକା ବିଭାଗରେ ମଧ୍ୟ ଦଳ ଭଲ ପ୍ରସ୍ତୁତି କରିଛି। ବିହାର, ବେଙ୍ଗଲ ଆମର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହେବେ ବୋଲି ମୁଖ୍ୟ ପ୍ରଶିକ୍ଷକ ସୁଜିତ ଲାକ୍ରା ପ୍ରକାଶ କରିଛନ୍ତି।



**ଓଡ଼ିଶା ବାଳକ ଦଳ-** ଶୁଭମ ନାଏକ ଓ ଜଗଦୀପ ବାର୍ଲା (ଗୋଲରକ୍ଷକ), ଦିଲୀପ ହେମ୍ବ୍ରମ୍, ସେଲେଷ୍ଟିନ ଏକ୍‌କା, ଅମନଦୀପ ଡାଙ୍ଗ୍, ଲେଲସନ ମିଞ୍ଜ, ରୋହିତ ଏକ୍କା, ନିଶାନ୍ତ କୁଜୁର (ସମସ୍ତେ ରକ୍ଷଣଭାଗ), ଅସିତ ମାଝୀ, ମିଥିଳେଶ କେରକେଟ୍ଟା, ଦିବିତ ମାଡକି, ରଞ୍ଜିତ କେରକେଟା, ଅର୍ମାନ ସୋରେଙ୍ଗ (ସମସ୍ତେ ମଧ୍ୟଭାଗ), ସୁବୋଧ ଲାକ୍ରା, ଅକଲେଶ ଲାକ୍ରା, ମନଦୀପ କେରକେଟା, ସଞ୍ଜିତରାଜ ଲାକ୍ରା ଓ ସଲମାନ ଲାକ୍ରା (ସମସ୍ତେ ଅଗ୍ରଭାଗ)।

**ଓଡ଼ିଶା ବାଳିକା ଦଳ-** ପ୍ରିୟାଂଶି ମିଞ୍ଜ୍, କରିଶ୍ମା ଓରାମ (ଉଭୟେ ଗୋଲରକ୍ଷକ), ଆଶିକା ସମଦ, ସୁଦୀପା ବା, ନିକିତା ବାର୍ଲା, ଅମ୍ରିତା ତିର୍କି, ସଞ୍ଜନା କୁଜୁର, କିରଣ ଏକ୍କା (ସମସ୍ତେ ରକ୍ଷଣଭାଗ), ଆନନ୍ଦିନୀ କେରକେଟା, ରୁବିନା ବାଖଲା, ସୋନିମା ଗୌଡ, ଖୁସ୍‌ବୁ କୁଜୁର, ଗୀତା ଲାକ୍ରା (ସମସ୍ତେ ମଧ୍ୟଭାଗ), ସଞ୍ଜନା କିରୋ, ପ୍ରିୟଙ୍କା ମିଞ୍ଜ୍, ଏଲୀନା ବୁର, ରଶ୍ମି କୁଜୁର, ସ୍ୱିଟି କୁଜୁର।



### ଚାମରୀ ଆଟାପାଟ୍ଟୁଙ୍କ ଅପରାଜିତ ଶତକ

## ଶ୍ରୀଲଙ୍କା ୧୪୪ ରନ୍‌ରେ ବିଜୟୀ

**ଦାମ୍ବୁଲା, ୨୨।୭ (ଏଜେନ୍ସି):** ଅଧିନାୟିକା ଚାମରି ଆଟାପାଟ୍ଟୁଙ୍କ ଅପରାଜିତ ଶତକ ଓ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଏଠାରେ ସୋମବାର ଅନୁଷ୍ଠିତ ମହିଳା ଏସିଆ କପ୍ ଗ୍ରୁପ୍-ବି’ର ଏକ ମ୍ୟାଚ୍‌ରେ ଶ୍ରୀଲଙ୍କା ୧୪୪ ରନ୍‌ରେ ମାଲେସିଆକୁ ପରାସ୍ତ କରିଛି। ଏହା ଫଳରେ ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ପରାସ୍ତ କରିଥିବା ଆୟୋଜକ ଶ୍ରୀଲଙ୍କା ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଗ୍ରୁପ୍-ଏ’ରେ ଭାରତ କ୍ରମାଗତ ୨ଟି ମ୍ୟାଚ୍‌ରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ଭାରତ ତାହାର ଶେଷ ଗ୍ରୁପ୍ ଲିଗ୍ ମ୍ୟାଚ୍‌ରେ ମଙ୍ଗଳବାର ନେପାଳ ସହ ମୁକାବିଲା କରିବ। ପାକିସ୍ତାନ ଓ ୟୁଏଇ ମଧ୍ୟରେ ଦ୍ୱିତୀୟ ଗ୍ରୁପ୍-ଏ’ ମ୍ୟାଚ୍ ଖେଳାଯିବ।

ସୋମବାର ଖେଳାଯାଇଥିବା ମ୍ୟାଚ୍‌ରେ ଆଟାପାଟ୍ଟୁ ୬୩ ବଲ୍‌ରେ ଶତକ ଓ ୬୯ ବଲ୍‌ରେ ଅପରାଜିତ ୧୧୯ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୪ ୱିକେଟରେ ୧୮୪ ରନ୍ କରିଥିଲା। ଆଟାପାଟ୍ଟୁଙ୍କ ପାଳିରେ ୧୪ ଚୌକା ଓ ୭ ଛକା ସାମିଲ ଥିଲା। ପ୍ରତିପକ୍ଷ ଦଳର ଭାରତୀୟ ବଂଶୋଦ୍ଭବ ଖେଳାଳି ୱିନିଫ୍ରେଡ୍ ଦୁରାଇ ସିଂଗମ ୨ଟି ୱିକେଟ ପାଇଥିଲେ। ଜବାବରେ ମାଲେସିଆ ୧୯.୫ ଓଭର ଖେଳି ମାତ୍ର ୪୦ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କେବଳ ମାତ୍ର ଜଣେ ବ୍ୟାଟର ଏଲସା ହଣ୍ଟର ୧୦ ରନ୍ କରି ଦୁଇ ଅଙ୍କ ଛୁଇଁଥିଲେ। ଶ୍ରୀଲଙ୍କା ପକ୍ଷରୁ ୧୫ ବର୍ଷୀୟା ସ୍ପିନର ଶାସିନି ଗିମହାନି ୪ ଓଭରରେ ମାତ୍ର ୯ ରନ୍ ଦେଇ ୩ଟି ୱିକେଟ ପାଇଥିଲେ। କାୱା କାଭିଣ୍ଡି ଓ କଭିଶା ଦିଲହାରୀଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା। ବୁଧବାର ଖେଳାଯିବାକୁ ଥିବା ଶେଷ ଲିଗ୍ ମ୍ୟାଚ୍‌ରେ ଶ୍ରୀଲଙ୍କା ସହ ଥାଇଲାଣ୍ଡ ଓ ବାଂଲାଦେଶ ସହ ମାଲେସିଆର ମୁକାବିଲା ହେବ। ଏହି ମୁକାବିଲା ପରେ ସେମିଫାଇନାଲରେ କିଏ କାହା ସହ ଖେଳିବ ତାହା ସ୍ଥିର ହେବ। କିନ୍ତୁ ଗ୍ରୁପ୍‌ରେ ଶୀର୍ଷସ୍ଥାନ ହାସଲ କରିଥିବା ଭାରତ ଓ ଶ୍ରୀଲଙ୍କା ସେମିଫାଇନାଲରେ ପରସ୍ପରକୁ ଭେଟିବେ ନାହିଁ।


ଚାମରୀ ଆଟାପାଟ୍ଟୁ

**ମହିଳା ଏସିଆ କପ୍ ଟି-୨୦**
**ଭାରତ-ନେପାଳ ମୁକାବିଲା ଆଜି**

### ● ଆନ୍ତଃଜିଲ୍ଲା ମହିଳା ଏକଦିବସୀୟ କ୍ରିକେଟ ଆରମ୍ଭ

## ଶୁଭ୍ର ନିର୍ଝରିଣୀଙ୍କୁ ୫ ୱିକେଟ; କଟକ ବିଜୟୀ

**କଟକ,୨୨।୭ (ସମିସ):** ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଆନୁକୂଲ୍ୟରେ ଆନ୍ତଃଜିଲ୍ଲା ମହିଳା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାରଠାରୁ ଆରମ୍ଭ ହୋଇଛି। ବିଡ଼ାନାସୀ ଗ୍ରାଉଣ୍ଡରେ କଟକ ୧୦ ୱିକେଟରେ ସୁନ୍ଦରଗଡ଼କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସୁନ୍ଦରଗଡ଼ ମାତ୍ର ୪୧ ରନରେ ଅଲଆଉଟ ହୋଇଥିଲା। ମୁସ୍କାନ ବିଶ୍ୱକର୍ମା ଦଳ ନିମନ୍ତେ ସର୍ବାଧିକ ୨୩ ରନ କରିଥିଲେ। କଟକ ପକ୍ଷରୁ ଶୁଭ୍ର ନିର୍ଝରିଣୀ ସ୍ୱାଇଁ ୪ ରନ ବ୍ୟୟ କରି ୫ଟି ୱିକେଟ ଦଖଲ କରିଥିଲେ। ଜବାବରେ ୭.୫ ଓଭରରେ କୌଣସି ୱିକେଟ ନହରାଇ କଟକ ବିଜୟ ଲାଭ କରିଛି। ସୋମବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ଗୁଡିକରେ ଭୁବନେଶ୍ୱର ୭୮ ରନରେ ଝାରସୁଗୁଡାକୁ, କିଟ ୩୧୯ ରନରେ ବାଲେଶ୍ୱରକୁ, ସମ୍ବଲପୁର ୭ ୱିକେଟରେ ବୌଦ୍ଧକୁ, ଗଞ୍ଜାମ ୫୦ ରନରେ ପୁରୀକୁ, ଜଗତସିଂହପୁର ୧୨ ରନରେ ଜଗତସିଂହପୁରକୁ ପରାସ୍ତ କରିଛି।



### ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ

## ଅବଶିଷ୍ଟ ଓଡ଼ିଶା-ଏ ଚାମ୍ପିଅନ

**କଟକ,୨୨।୭ (ସମିସ):** କଟକରେ ଚାଲିଥିବା ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଖୋର୍ଦ୍ଧା ଏବଂ ଅବଶିଷ୍ଟ ଓଡ଼ିଶା-ଏ ମଧ୍ୟରେ ଫାଇନାଲ ମୁକାବିଲା ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିଲା। ଏଥିରେ ଅବଶିଷ୍ଟ ଓଡ଼ିଶା-ଏ’ ୭ ୱିକେଟରେ ବିଜୟୀ ହୋଇ ଚଳିତ ସଂସ୍କରଣର ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଓସିଏ ସଦସ୍ୟ ସୁଶାନ୍ତ କୁମାର ମହାନ୍ତି, ଅମିତ ବେହେରା, ରାଜ୍ୟ ଜୁନିୟର ଦଳର କୋଚ୍ ପ୍ରଭଞ୍ଜନ ମଲ୍ଲିକ, ଜୁନିୟର ଦଳ ଚୟନ କମିଟି ଅଧ୍ୟକ୍ଷ ନଟରାଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ମୁକାବିଲାରେ ଖୋର୍ଦ୍ଧା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ୩୧.୪ ଓଭରରେ ସମସ୍ତ ୱିକେଟ ହରାଇ ୯୭ରନ ସଂଗ୍ରହ କରିଥିଲା। ସ୍ୱର୍ଣ୍ଣଭ ଦାସ ସର୍ବାଧିକ ୨୯ରନ କରିଥିଲେ। ରୁଦ୍ର ପ୍ରସାଦ ୨୦ରନର ଅପରାଜିତ ପାଳି ଖେଳିଥିଲେ। ଧରଣୀଧର ସ୍ୱାଇଁ ୧୫ରନ କରିଥିବା ବେଳେ ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରିନଥିଲେ। ଅବଶିଷ୍ଟ ଓଡ଼ିଶା-ଏ ପକ୍ଷରୁ ଅମିତାଂଶୁ ମଲ୍ଲିକ ୧୮ରନ ବିନିମୟରେ ୫ଟି ୱିକେଟ ଦଖଲ କରିଥିଲେ। ଯୋଗେଶ୍ୱର ବାଗ ଏବଂ ଉଦିତ ଜଟ ଯଥାକ୍ରମେ ୩ଟି ଓ ୨ଟି ୱିକେଟ ହାସଲ କରିଥିଲେ। ଅବଶିଷ୍ଟ ଓଡ଼ିଶା-ଏ ୨୭.୨ ଓଭର ସୁଦ୍ଧା ୩ ୱିକେଟ ହରାଇ ୯୯ରନ କରିଥିବା ବେଳେ ବର୍ଷା ଯୋଗୁଁ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିଲା। ଓପନର ପ୍ରଯାନ ସାମଲ ୩୬ରନରେ ଆଉଟ ହୋଇଥିଲେ। ପାନକଳ ମୋକ୍ଷିତ ୨୬ରନ ଏବଂ ଅଧିନାୟକ ଆୟୁଷ ସୂତାର ୧୬ରନରେ ଅପରାଜିତ ଥିଲେ। ଓଦା ଆଉଟଫିଲ୍ଡ ଯୋଗୁଁ ପୁର୍ନବାର ମ୍ୟାଚ୍ ଆରମ୍ଭ ହୋଇ ପାରିନଥିଲା। ଫଳରେ ଡିଏଲଏସ୍ ପଦ୍ଧତିରେ ଅବଶିଷ୍ଟ ଓଡ଼ିଶା-ଏ’କୁ ବିଜୟୀ ଘୋଷିତ କରାଯାଇଥିଲା।



ଚାମ୍ପିଅନ



ରନର୍ସଅପ୍

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS